# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁୟାରୀ ୨୧/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 21/2023 Page 16 ₹ 7.00

୪୯ଶ ଭାଗ ୫୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 59 ମୂଲ୍ୟ ₹୭/-




ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୧ ଜାନୁୟାରୀ, ୨୦୨୩



ଚଳିତ ବର୍ଷ ଭାରତ ଅଧକ୍ଷତା କରୁଥିବା ଜି୨୦ ସମ୍ମିଳନୀରେ ଯୋଗଦେବା ପାଇଁ ବିଦେଶୀ ପ୍ରତିନିଧିମାନେ ଆସିବେ। ଫେବୃୟାରୀ ୧୩ ଓ ୧୪ରେ ସେମାନଙ୍କୁ ସ୍ୱାଗତ କରିବା ଲାଗି ଉତ୍ତର ପ୍ରଦେଶର ଲକ୍ଷ୍ନୌ ବିମାନବନ୍ଦରରେ ଏକ ବିଶାଳ ଲକ୍ଷ୍ମଣ ମୂର୍ତ୍ତି ପ୍ରତିଷ୍ଠା କରାଯାଉଛି। ରାମାୟଣର ଲକ୍ଷ୍ମଣଙ୍କ ନାମାନୁସାରେ ରାଜଧାନୀର ନାମକରଣ ହୋଇଥିବାରୁ ତାଙ୍କ ମୂର୍ତ୍ତି ସ୍ଥାପନ କରାଯାଉଥିବା ବିଷୟ ସହରାଞ୍ଚଳ ବିକାଶ ମନ୍ତ୍ରୀ ଏ.କେ. ଶର୍ମା ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ମମତାଙ୍କ କାର୍ଟୁନ୍: ୧୧ ବର୍ଷ ପରେ ପ୍ରଫେସର ଦୋଷମୁକ୍ତ



ଅମ୍ବିକେଶ ମହାପାତ୍ର

**କୋଲକାତା,୨୦।୧:** ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ ଏବଂ ଦଳୀୟ ନେତା ମୁକୁଲ ରାୟଙ୍କ ବ୍ୟଙ୍ଗଚିତ୍ର ଶେୟାର କରିଥିବା ଯାଦବପୁର ୟୁନିଭର୍ସିଟି ପ୍ରଫେସର ଅମ୍ବିକେଶ ମହାପାତ୍ର ୧୧ ବର୍ଷର ଆଇନଗତ ଲଢ଼େଇ ପରେ ଦୋଷମୁକ୍ତ ହୋଇଛନ୍ତି। କାର୍ଟୁନ ଶେୟାର କରି ମର୍ଯ୍ୟାଦା ହାନି କରିଥିବା ଅଭିଯୋଗରେ ମହାପାତ୍ରଙ୍କ ବିରୋଧରେ ୨୦୧୨ ଏପ୍ରିଲ ୧୨ରେ ଇଷ୍ଟ ଯାଦବପୁର ଥାନାରେ ମାମଲା ରୁଜୁ ହେବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଫୌଜଦାରି ମାମଲାରୁ ତାଙ୍କୁ ମୁକ୍ତ କରିବାକୁ ଆଲିପୁର ଜିଲା କୋର୍ଟ ତଳକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିରୋଧୀ ସ୍ୱରକୁ ଚାପିଦେବା ପାଇଁ ପଶ୍ଚିମବଙ୍ଗ ସରକାର, ପୋଲିସ ପ୍ରଶାସନ ଏବଂ ଶାସକ ଦଳର ଗୁଣ୍ଡାମାନେ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରିଥିଲେ ବୋଲି ପ୍ରଫେସର କହିଛନ୍ତି। ପ୍ରଫେସରଙ୍କ ବିରୋଧରେ ରାଜ୍ୟ ସରକାରଙ୍କ ସୂଚନା ପ୍ରଯୁକ୍ତି ଆଇନର ଧାରା ୬୬ଏ ଏବଂ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିଲା।

### କାର୍ ବନେଟ୍‌ରେ ୧ କି.ମି. ଘୋଷାଡ଼ିଲେ ମହିଳା

**ନୂଆଦିଲ୍ଲୀ,୨୦।୧:** ଦୁର୍ଘଟଣା ପରେ ଯାତ୍ରୀଙ୍କୁ ଗାଡ଼ିରେ ଘୋଷାଡ଼ିନେବା ଘଟଣା ଗତ କିଛିଦିନ ହେଲା ବାରମ୍ବାର ଘଟିଚାଲିଛି। ବେଙ୍ଗାଲୁରୁରେ ଶୁକ୍ରବାର ଜଣେ ମହିଳା ତାଙ୍କ କାର୍ ବନେଟରେ ଜଣେ ବ୍ୟକ୍ତିଙ୍କୁ ଝୁଲାଇ ୧ କିଲୋମିଟର ପର୍ଯ୍ୟନ୍ତ ନେଇଯିବା ଘଟଣାରେ ଉତ୍ତେଜନା ପ୍ରକାଶ ପାଇଛି। ଅଭିଯୋଗ ଅନୁଯାୟୀ ପ୍ରିୟଙ୍କା ନାମ୍ନୀ ମହିଳା ବେଙ୍ଗାଲୁରୁର ଜ୍ଞାନଭାରତୀ ନଗରରେ ତାଙ୍କ ଟାଟା ନେକ୍ସନ ନେଇ ଯାଉଥିବାବେଳେ ଦର୍ଶନ ନାମକ ବ୍ୟକ୍ତିଙ୍କ ମାରୁତି ସୁଜୁକି ସ୍ୱିଫ୍ଟକୁ ଧକ୍କା ଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଦର୍ଶନ ମହିଳାଙ୍କୁ ଅଟକାଇବାକୁ ଉଦ୍ୟମ କରୁଥିବାବେଳେ ସେ ଗାଡ଼ି ଷ୍ଟାର୍ଟ କରି ପଳାଇଯାଇଥିଲେ। ଫଳରେ ଦର୍ଶନ କାର୍ ବନେଟରେ ଝୁଲି ରହିଥିଲେ। ଏହି ଘଟଣାରେ ପୋଲିସ ଉଭୟ ପ୍ରିୟଙ୍କା, ଦର୍ଶନଙ୍କ ସମେତ ୫ ଜଣଙ୍କୁ ଗିରଫ କରିଛି। ପ୍ରିୟଙ୍କାଙ୍କ ନାମରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଛି।

### ୭୧ ହଜାର ନିଯୁକ୍ତିପତ୍ର ବାଣ୍ଟିଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୨୦।୧:** ରୋଜଗାର ମେଳା ଅଭିଯାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଯୁବତୀଯୁବକମାନଙ୍କୁ ୭୧,୪୨୬ ନିଯୁକ୍ତିପତ୍ର ଭର୍ଚୁଆଲି ବଣ୍ଟନ କରିଛନ୍ତି। କ୍ରମାଗତ ରୋଜଗାର ମେଳା କାର୍ଯ୍ୟକ୍ରମ ସରକାରଙ୍କ ପରିଚୟ ପାଲଟିଛି ଏବଂ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରାଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ତେବେ ବିଭିନ୍ନ ସରକାରୀ ବିଭାଗରେ ୩୦ ଲକ୍ଷ ପଦବୀ ଖାଲି ପଡ଼ିଥିବାବେଳେ ୭୧ ହଜାର ନିଯୁକ୍ତିପତ୍ର ବଣ୍ଟନ ବହୁତ କମ୍ ବୋଲି କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ବର୍ଷକୁ ୨ କୋଟି ନିଯୁକ୍ତି ପ୍ରଦନା କରାଯିବ ବୋଲି ମୋଦି ୮ ବର୍ଷ ପୂର୍ବେ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲେ। ସରକାର ତାଙ୍କ ପ୍ରତିଶ୍ରୁତି ରକ୍ଷା କରି ୮ ବର୍ଷରେ ୧୬ କୋଟି ନିଯୁକ୍ତି ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି।

### ଇଜିପ୍ଟ ରାଷ୍ଟ୍ରପତିଙ୍କ ଗସ୍ତ ବେଳେ ୬ ଚୁକ୍ତି ସ୍ୱାକ୍ଷର ହେବ

**ନୂଆଦିଲ୍ଲୀ,୨୦।୧:** ଆସନ୍ତା ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ରୂପେ ଇଜିପ୍ଟ ରାଷ୍ଟ୍ରପତି ଅବ୍‌ଦେଲ ଫତ୍ତାହ ଏଲ୍-ସିସି ଯୋଗଦେବେ। ସେ ଜାନୁୟାରୀ ୨୪ରେ ନୂଆଦିଲ୍ଲୀରେ ପହଞ୍ଚିବେ। ଭାରତର ସାଧାରଣତନ୍ତ୍ର ଦିବସରେ ଯୋଗଦେବାରେ ଅଲ୍-ସିସି ହେଉଛନ୍ତି ଇଜିପ୍ଟର ପ୍ରଥମ ରାଷ୍ଟ୍ରପତି ତଥା ମଧ୍ୟପ୍ରାଚ୍ୟର ପଞ୍ଚମ ନେତା। ଆରବ ଦୁନିଆରେ ପ୍ରମୁଖ ଭୂମିକା ନେଉଥିବା ଇଜିପ୍ଟ ସହ ନୂଆଦିଲ୍ଲୀ ସମ୍ପର୍କ ସୁଦୃଢ଼ କରିବାକୁ ଚାହୁଁଛି। ତେଣୁ ତାଙ୍କ ଗସ୍ତ ବେଳେ ଭାରତ ଓ ଇଜିପ୍ଟ ମଧ୍ୟରେ ପ୍ରତିରକ୍ଷା ଓ ସୁରକ୍ଷା ସହଯୋଗ, କୃଷି, ଆଇଟି ସମେତ ୬ଟି କ୍ଷେତ୍ରରେ ଚୁକ୍ତି ସ୍ୱାକ୍ଷର ହେବା ନେଇ ଆଶା କରାଯାଉଛି। ଅଲ୍-ସିସି ୨୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିବା କାର୍ଯ୍ୟକ୍ରମ ରହିଛି।



# ୨୯ ଫୁଟ୍ ମୋବାଇଲ ଟାୱାର ଚୋରି

ପାଟନା,୨୦।୧



ବିହାରର ପାଟନାରେ ଏକ ଡକାୟତ ଗ୍ୟାଙ୍ଗ୍ ନିଜକୁ ଟେଲିକମ୍ କମ୍ପାନୀର କର୍ମଚାରୀ ପରିଚୟ ଦେଇ ୨୯ ଫୁଟ୍ ଉଚ୍ଚତାର ଏକ ମୋବାଇଲ ଟାୱାରକୁ ଚୋରିକରି ନେଇଯାଇଛି। ଚୋରି ସମ୍ପର୍କରେ କେହି କୌଣସି ଆଭାସ ପାଇ ନ ଥିଲେ। ୫ଜି ସେବା ଆରମ୍ଭ କରିବା ଲାଗି ଟେଲିକମ୍ କମ୍ପାନୀର ଟେକ୍‌ନିସିଆନମାନେ ସର୍ଭେ କରୁଥିବାବେଳେ ଏକ ମୋବାଇଲ ଟାୱାର ଏବଂ ଏଥିରେ ଲାଗିଥିବା ଉପକରଣ ଗାଏବ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଟାୱାରରେ ଲାଗିଥିବା ଟ୍ରାନ୍ସମିଶନ ସିଗ୍‌ନାଲ ଉପକରଣଗୁଡ଼ିକର ମୂଲ୍ୟ ଲକ୍ଷ ଲକ୍ଷ ଟଙ୍କା। ଶାହିନ କାୟୁମ୍ ନାମକ ବ୍ୟକ୍ତିଙ୍କ ଚାରିମହଲା ବିଲ୍ଡିଂ ଉପରେ ଏହି ଟାୱାର ସ୍ଥାପନ କରାଯାଇଥିଲା। ଟାୱାର କେବେ ଚୋରିହେଲା ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ଗୁରୁବାର ଏହି ଖବର ଭାଇରାଲ ହୋଇଛି। ସେବା ପ୍ରଦାନକାରୀ କମ୍ପାନୀ ଗତବର୍ଷ ଅଗଷ୍ଟରେ ସର୍ଭେ କରିଥିବାବେଳେ ସବୁ ଠିକ୍‌ଠାକ୍ ଥିଲା। ଗତ ୧୬ ତାରଖରେ ଜିଟିଏଲ୍ କମ୍ପାନୀର ଏରିଆ ମ୍ୟାନେଜର ମହମ୍ମଦ ଶାହନୱାଜ ଅନୱର ଟାୱାର ଚୋରି ସମ୍ପର୍କରେ ପୋଲିସରେ ଅଭିଯୋଗ କରିଥିଲେ। ଏହି ଘଟଣାରେ କେତେଜଣ ଅଜ୍ଞାତ ବ୍ୟକ୍ତିଙ୍କ ନାମରେ ଆଇପିସିର ଧାରା ୩୭୯ରେ ମାମଲା ରୁଜୁ ହୋଇଛି।

ଏୟାରସେଲ୍ ୨୦୦୬ରେ ଉକ୍ତ ମୋବାଇଲ ଟାୱାର ବସାଇଥିଲା। ୨୦୧୭ରେ ଏୟାରସେଲ୍ ଏହାକୁ ଜିଟିଏଲ୍ କମ୍ପାନୀକୁ ବିକ୍ରି କରିଦେଇଥିଲା। ଟାୱାରଟି ଅକାମୀ ହୋଇଯାଇଥିବାରୁ କମ୍ପାନୀ ଘର ମାଲିକଙ୍କୁ କିଛି ମାସ ହେଲା ଭଡ଼ା ଦେଉ ନ ଥିଲା। ସେଥିପାଇଁ ଘର ମାଲିକ ଟାୱାରକୁ ଛାତ ଉପରୁ ହଟାଇନେବାକୁ କମ୍ପାନୀକୁ କହିଥିଲେ। ଘର ମାଲିକ କାୟୁମ୍‌ଙ୍କୁ ପୋଲିସ ପଚାରିବାରୁ ସେ କହିଥିଲେ, କିଛିଦିନ ପୂର୍ବରୁ ଟାୱାର ଖୋଲିବା ପାଇଁ କେତେଜଣ ଆସିଥିଲେ। ସେମାନେ ନିଜକୁ ଏୟାରସେଲ୍ କମ୍ପାନୀ କର୍ମଚାରୀ ପରିଚୟ ଦେଇଥିଲେ। ଟାୱାରରେ ବୈଷୟିକ ତ୍ରୁଟି ଥିବାରୁ ଏହାକୁ ଖୋଲି ଆଉ ଏକ ଟାୱାର ଲଗାଇବେ ବୋଲି ସେମାନେ କହିଥିଲେ। ତେବେ କମ୍ପାନୀ କର୍ମଚାରୀ ଏହାକୁ ଖୋଲି ନ ଥିବା ଜିଟିଏଲ୍ କହୁଥିବାରୁ ଏହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ପୋଲିସ ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ଗତବର୍ଷ ବିହାରର ରୋହତକରେ ଚୋରମାନେ ଏକ ଲୁହାବ୍ରିଜ୍ ସମ୍ପୂର୍ଣ୍ଣ କାଟି ଚୋରିକରି ନେଇଯାଇଥିଲେ। ଏହାର କିଛିଦିନ ପରେ ବେଗୁସରାଇରେ ଏକ ରେଳ ଇଞ୍ଜିନକୁ ଅନୁରୂପ ଭାବେ ଚୋରି କରିଥିଲେ। ଏଭଳି ଅଦ୍ଭୁତ ଚୋରି ଧରିବାରେ ପୋଲିସର ବିଫଳତାକୁ ସାଧାରଣରେ ସମାଲୋଚନା କରାଯାଇଛି।

# ‘ପୁଟିନ୍ ଜୀବିତ ଥିବା ସନ୍ଦେହ’

ଡାଭୋସ୍,୨୦।୧

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଜୀବିତ କି ମୃତ ଜଣାନାହିଁ ବୋଲି ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କି ପ୍ରକାଶ କରିଛନ୍ତି। ରୁଷିଆ ଓ ପୁଟିନ୍ ନ ରହନ୍ତୁ ବୋଲି ୟୁକ୍ରେନୀୟ ରାଷ୍ଟ୍ରପତି ଚାହୁଁଥିବା ଏହାର ଜବାବରେ ରୁଷୀୟ ନେତାମାନେ କହିଛନ୍ତି। ସୁଇଜରଲାଣ୍ଡର ଡାଭୋସ୍‌ରେ ଚାଲିଥିବା ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ (ଡବ୍ଲ୍ୟୁଇଏଫ୍)ର ୫୩ତମ ସମ୍ମିଳନୀକୁ ଗୁରୁବାର ଭର୍ଚୁଆଲି ସମ୍ବୋଧନ କରି ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କି କହିଛନ୍ତି, ବୁଝିହେଉ ନାହିଁ କାହା ସାଙ୍ଗରେ ଓ କେଉଁ ବିଷୟରେ ଆଲୋଚନା କରାଯିବ। ବେଳେବେଳେ ଟିଭି ପରଦାରେ ମୁହଁ ଦେଖାଉଥିବା ଏବେ ପୁଟିନ୍ ଜୀବିତ ଥିବା ସମ୍ପର୍କରେ ସେ ଜାଣିନାହାନ୍ତି। ରୁଷିଆରେ କିଏ ନିଷ୍ପତ୍ତି ନେଉଛନ୍ତି ତାହା ମଧ୍ୟ ଜଣାନାହିଁ। କାରଣ ମସ୍କୋ ୟୁରୋପୀୟ ନେତାମାନଙ୍କୁ ଯୁଦ୍ଧ ବନ୍ଦର ପ୍ରତିଶ୍ରୁତି ଦେବାର ପରଦିନ ପୁଣି ଆକ୍ରମଣ କରୁଛି। ଏସବୁ କିଏ କରାଉଛି। କାହା ସାଙ୍ଗରେ ଶାନ୍ତି ଆଲୋଚନା କରିବେ ବୋଲି ଜେଲେନ୍‌ସ୍କି ପ୍ରଶ୍ନ କରିଛନ୍ତି। ଜେଲେନ୍‌ସ୍କିଙ୍କ ଭାଷଣର କିଛି ସମୟ ପରେ କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ ଏକ ନ୍ୟୁଜ୍ ଚ୍ୟାନେଲକୁ କହିଛନ୍ତି, ଉଭୟ ରୁଷିଆ ଓ ପୁଟିନ୍ ୟୁକ୍ରେନ୍ ତଥା ଜେଲେନ୍‌ସ୍କିଙ୍କ ପାଇଁ ବଡ଼ ସମସ୍ୟା ବୋଲି ଏଥିରୁ ସ୍ପଷ୍ଟ ହୋଇଛି। ରୁଷିଆ ତିଷ୍ଠି ନ ରହୁ ଏବଂ ପୁଟିନ୍ ଜୀବିତ ନ ରୁହନ୍ତୁ ବୋଲି ଜେଲେନ୍‌ସ୍କି ଚାହୁଁଛନ୍ତି।



ଭୋଲୋଡିମିର ଜେଲେନ୍‌ସ୍କି

## ବହୁବିବାହ, ନିକା ହଲାଲାକୁ ଚ୍ୟାଲେଞ୍ଜ

# ସାମ୍ବିଧାନିକ ପୀଠରେ ଶୁଣାଣି ହେବ

ନୂଆଦିଲ୍ଲୀ,୨୦।୧(ପି.ଟି.)



ମୁସଲମାନଙ୍କ ବହୁବିବାହ ଏବଂ ନିକା ହଲାଲା ପ୍ରଥାର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନଗୁଡ଼ିକର ଶୁଣାଣି ପାଇଁ ସୁପ୍ରିମକୋର୍ଟ ୫ ଜଣିଆ ସାମ୍ବିଧାନିକ ପୀଠ ଗଠନ କରିବେ ବୋଲି ଶୁକ୍ରବାର କହିଛନ୍ତି। ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟଙ୍କ ପକ୍ଷରୁ ଦାଏର ପିଟିଶନରେ ବହୁବିବାହ ଏବଂ ନିକା ହଲାଲାକୁ ଅସାମ୍ବିଧାନିକ ଓ ବେଆଇନ ଘୋଷଣା କରିବାକୁ ନିବେଦନ କରାଯାଇଥିଲା। ପୂର୍ବରୁ ଥିବା ସାମ୍ବିଧାନିକ ବେଞ୍ଚର ଦୁଇ ବିଚାରପତି ଇନ୍ଦିରା ବାନାର୍ଜୀ ଏବଂ ହେମନ୍ତ ଗୁପ୍ତା ଅବସର ନେଇଥିବାରୁ ନୂଆ ୫ ଜଣିଆ ବେଞ୍ଚ ଗଠନ କରିବାକୁ ପଡ଼ିବ ବୋଲି ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ପି.ଏସ୍. ନରସିଂହଙ୍କ ଖଣ୍ଡପୀଠ କହିଛନ୍ତି। ଜଷ୍ଟିସ ଇନ୍ଦିରା ବାନାର୍ଜୀ, ହେମନ୍ତ ଗୁପ୍ତା, ସୂର୍ଯ୍ୟ କାନ୍ତ, ଏମ୍.ଏମ୍. ସୁନ୍ଦ୍ରେଶ ଏବଂ ସୁଧାଂଶୁ ଧୁଲିଆଙ୍କୁ ନେଇ ଗଠିତ ୫ ଜଣିଆ ପୀଠ ଗତବର୍ଷ ଅଗଷ୍ଟ ୩୦ରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି), ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଏବଂ ଜାତୀୟ ସଂଖ୍ୟାଲଘୁ କମିଶନ (ଏନ୍‌ସିଏମ୍)କୁ ପକ୍ଷଭୁକ୍ତ କରିବା ସହ ସେମାନଙ୍କୁ ଜବାବ ମାଗିଥିଲେ। ଜଷ୍ଟିସ୍ ବାନାର୍ଜୀ ଏବଂ ଜଷ୍ଟିସ୍ ଗୁପ୍ତା ଗତ ସେପ୍ଟେମ୍ବର ୨୩ ଏବଂ ଅକ୍ଟୋବର ୧୬ରେ ଅବସର ନେଇଥିଲେ। ବହୁବିବାହ ଏବଂ ନିକା ହଲାଲା ବିରୋଧରେ ୮ଟି ପିଟିଶନ୍‌ର ଶୁଣାଣି ହେବାକୁ ଥିବାବେଳେ ଏଥିପାଇଁ ସାମ୍ବିଧାନିକ ପୀଠ ପୁନର୍ଗଠନ କରିବାକୁ ପଡ଼ିବ ବୋଲି ସିଜେଆଇ କହିଛନ୍ତି।

## ବିହାର ଜାତିଗତ ଜନଗଣନା: ହସ୍ତକ୍ଷେପ କରିବେନି ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୦।୧(ପି.ଟି.)

ବିହାରରେ ଜାତିଭିତ୍ତିକ ଜନଗଣନା ଲାଗି ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନଗୁଡ଼ିକରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ଆବେଦନଗୁଡ଼ିକ ଶୁଣାଣି ଯୋଗ୍ୟ ନୁହେଁ କହି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ବିକ୍ରମ ନାଥଙ୍କ ଖଣ୍ଡପୀଠ ସେଗୁଡ଼ିକ ଖାରଜ କରିଦେଇଛନ୍ତି। ଆବେଦନକାରୀ ସମ୍ପୃକ୍ତ ହାଇକୋର୍ଟରେ ଆବେଦନ କରିପାରିବେ ବୋଲି ଖଣ୍ଡପୀଠ କହିଛନ୍ତି। ଏଗୁଡ଼ିକ ପ୍ରଚାର ସ୍ୱାର୍ଥ ମାମଲା। କେଉଁ ଜାତିଙ୍କ ଲାଗି କେତେ ପରିମାଣର ସଂରକ୍ଷଣ ଦିଆଯିବା ଆବଶ୍ୟକ ବୋଲି କିପରି ନିର୍ଦ୍ଦେଶନାମା ଦିଆଯିବ ଏବଂ ଏହା ରାଜ୍ୟ କିପରି ନିର୍ଦ୍ଧାରଣ କରିବେ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ।

## ୟୁକ୍ରେନ୍‌କୁ ୨୭.୫ ବିଲିୟନ୍ ଡଲାର ସାମରିକ ସହାୟତା ଦେଲାଣି ଆମେରିକା

ୱାଶିଂଟନ୍,୨୦।୧

୨୦୨୨ ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆ ପ୍ରଥମ ଆକ୍ରମଣ କରିଥିଲା। ଏହି ଯୁଦ୍ଧକୁ ଶୁକ୍ରବାର ୩୩୧ ଦିନ ପୂରିଥିବାବେଳେ ଆମେରିକା ଆଉ ୨.୫ ବିଲିୟନ୍ ଡଲାର ସାମରିକ ସହାୟତା ଘୋଷଣା କରିଛି। ଏହାକୁ ମିଶାଇ କିଭ୍‌କୁ ଆମେରିକାର ମୋଟ ସହାୟତା ମୂଲ୍ୟ ୨୭.୫ ବିଲିୟନ୍ ଡଲାରରେ ପହଞ୍ଚିଛି। ୱାଶିଂଟନ୍‌ର ସଦ୍ୟ ପ୍ୟାକେଜ୍‌ରେ ୟୁକ୍ରେନ୍‌କୁ ଅତିରିକ୍ତ ଏୟାର ଡିଫେନ୍ସ ସପୋର୍ଟ ମିଳିବ। ଆଭେଞ୍ଜର ଏୟାର ଡିଫେନ୍ସ ସିଷ୍ଟମ୍, ଭୂପୃଷ୍ଠରୁ ଭୂପୃଷ୍ଠକୁ ଲକ୍ଷ୍ୟଭେଦୀ କ୍ଷେପଣାସ୍ତ୍ର ଆଦି ପ୍ରଦାନ କରାଯିବ ବୋଲି ପେଣ୍ଟାଗନ୍ ସୂଚନା ଦେଇଛି।

## ଛଟେଇ ହେବେ ଗୁଗଲର ୧୨ ହଜାର କର୍ମଚାରୀ

**ୱାଶିଂଟନ,୨୦।୧ :** ଗୁଗଲର ମୂଳ କମ୍ପାନୀ ଆଲ୍‌ଫାବେଟ୍ ୧୨,୦୦୦ କର୍ମଚାରୀ ବା ଏହାର ଶ୍ରମଶକ୍ତିର ୬ ପ୍ରତିଶତଙ୍କୁ ଛଟେଇ କରିବାକୁ ଘୋଷଣା କରିଛି। ଆଲ୍‌ଫାବେଟ୍ ସିଇଓ ସୁନ୍ଦର ପିଚାଇ ଏକ ଷ୍ଟାଫ୍ ମେମୋ ଶେୟାର କରି ଏହା ଜଣାଇଛନ୍ତି। କମ୍ପାନୀ ଭିନ୍ନ ଅର୍ଥନୈତିକ ବାସ୍ତବତାକୁ ଲକ୍ଷ୍ୟ କରି ନିକଟ ଅତୀତରେ ବହୁସଂଖ୍ୟାରେ କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିଲା। ଏବେ ଏହା ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଥିବା ପିଚାଇ କହିଛନ୍ତି। କର୍ମଚାରୀ ଛଟେଇ ନିଷ୍ପତ୍ତି ଲାଗି ସେ ନିଜକୁ ଦାୟୀ କରିଛନ୍ତି। ଗୁଗଲ୍‌ର ପ୍ରତିଦ୍ୱନ୍ଦ୍ୱୀ ମାଇକ୍ରୋସଫ୍ଟ ମଧ୍ୟ ୧୦ ହଜାର କର୍ମଚାରୀ ଛଟେଇ କରିବ ବୋଲି ପୂର୍ବରୁ ଘୋଷଣା କରିଥିଲା।



ବିହାରର ବୋଧଗୟାସ୍ଥିତ ମହାବୋଧି ମନ୍ଦିରରେ ଶୁକ୍ରବାର ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କ ପ୍ରାର୍ଥନା ବେଳେ ଉପସ୍ଥିତ ଭକ୍ତବୃନ୍ଦ।

# ଲିନାଙ୍କୁ ସୁପ୍ରିମକୋର୍ଟ ସୁରକ୍ଷା

ନୂଆଦିଲ୍ଲୀ,୨୦।୧







‘କାଳୀ’ ଫିଲ୍ମର ପ୍ରଯୋଜିକା ଲିନା ମନିମେକାଲାଇଙ୍କୁ ଶୁକ୍ରବାର ସୁପ୍ରିମକୋର୍ଟ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ଏହି ଡକ୍ୟୁମେଣ୍ଟାରି ଫିଲ୍ମ ପୋଷ୍ଟରରେ ଦେବୀ କାଳୀଙ୍କ ଭୂମିକାରେ ଲିନା ସିଗାରେଟ ଟାଣୁଥିବା ଓ ସମଲିଙ୍ଗୀ ସମ୍ପର୍କକୁ ସମର୍ଥନ ପ୍ରଦାନକାରୀ ଏକ ବ୍ୟାନର ଧରିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ବିବାଦ ସୃଷ୍ଟି ହେବା ପରେ ଦେଶର ବିଭିନ୍ନ ଭାଗରେ ଲିନାଙ୍କ ବିରୋଧରେ ଏକାଧିକ ମାମଲା ରୁଜୁ ହୋଇଛି। ଏପରି କି ତାଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର ମଧ୍ୟ ଜାରି କରାଯାଇଛି। ଗିରଫଦାରିରୁ ବର୍ତ୍ତିବା ପାଇଁ ଲିନା ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଥିସହ ନିଜ ବିରୋଧରେ ଥିବା ଆପରାଧିକ ମାମଲାଗୁଡ଼ିକରେ ଏକତରଫା ରାୟ ଦେବା ପାଇଁ ସେ ସୁପ୍ରିମକୋର୍ଟଙ୍କୁ ନିବେଦନ କରିଛନ୍ତି। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ତଥା ଜଷ୍ଟିସ୍ ପି.ଏସ୍. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଲିନାଙ୍କ ଆବେଦନ ଉପରେ କେନ୍ଦ୍ର, ଦିଲ୍ଲୀ, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ ଓ ଉତ୍ତରାଖଣ୍ଡ ସରକାରଙ୍କୁ ନୋଟିସ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଏଫ୍‌ଆଇଆର୍‌ଗୁଡ଼ିକୁ ନେଇ ଆବେଦନକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ। ଆଇନାନୁସାରେ ସବୁ ଏଫ୍‌ଆଇଆର୍‌କୁ ଏକାଠି କରାଯିବା ପାଇଁ ନୋଟିସ ଜାରି କରାଯାଉଛି। ଶୁଣାଣି ବେଳେ ଲିନା ନିଜ ବୟାନ ରେକର୍ଡ କରାଇଥିଲେ। କାହାର ଧର୍ମୀୟ ଭାବାବେଗକୁ ଆଘାତ ଦେବା ତାଙ୍କ ଉଦ୍ଦେଶ୍ୟ ନୁହେଁ ବୋଲି ଲିନା ଅଦାଲତଙ୍କୁ ଜଣାଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଫେବୃୟରୀ ୨୦ରେ କରିବାକୁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି। ସେତେବେଳ ଯାଏ କୌଣସି ରାଜ୍ୟର ପୋଲିସ କାନାଡାରେ ରହୁଥିବା ଲିନାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେଇପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

# ୧୦ ବର୍ଷ ଧରି ଗୋପନରେ ସହାୟତା

ୱାଶିଂଟନ,୨୦।୧

## କୃଷକଙ୍କ ମୃତ୍ୟୁ ପରେ ଜଣାପଡ଼ିଲା ବଦାନ୍ୟତା

ଆମେରିକାର ଆଲବାମାସ୍ଥିତ ଛୋଟ ସହର ଗେରାଲ୍ଡାଇନ୍‌ରେ ଜଣେ କୃଷକ ବର୍ଷ ବର୍ଷ ଧରି ଗୋପନରେ ଲୋକଙ୍କ ବିଲ୍ ପଇଠ କରିଚାଲିଥିଲେ। ଅସହାୟ ଲୋକଙ୍କୁ ଔଷଧ କିଣିବା ପାଇଁ କୃଷକ ହୋଡି ବୁଫୋର୍ଡ ଚିଲ୍‌ଡ୍ରେସ୍ ଅନେକ ହଜାର ଡଲାର ଦାନ କରିଥିଲେ। ନୂଆବର୍ଷରେ ତାଙ୍କ ମୃତ୍ୟୁ ପରେ ସହରବାସୀ ଏହି ବିଷୟ ଜାଣି ଆଶ୍ଚର୍ଯ୍ୟ ଚକିତ ହୋଇଯାଇଛନ୍ତି।

ପ୍ରାୟ ୧୦ ବର୍ଷ ତଳେ ହୋଡି ଚିଲ୍‌ଡ୍ରେସ୍ ଗେରାଲ୍‌ଡାଇନ୍‌ର ଏକ ଔଷଧ ଦୋକାନକୁ ଯାଇଥିଲେ। ଔଷଧ ଦୋକାନୀ ବ୍ରୁକ୍ ୱାକରଙ୍କୁ ସେ ପଚାରିଥିଲେ, ଏପରି କୌଣସି ପରିବାର ଅଛନ୍ତି କି, ଯେଉଁମାନେ ନିଜ ଔଷଧ କିଣିବା ପାଇଁ ସକ୍ଷମ ନୁହନ୍ତି। ୩୮ ବର୍ଷୀୟା ୱାକର କହିଥିଲେ, ହଁ, ଦୁର୍ଭାଗ୍ୟବଶତଃ ଏପରି ହୋଇଥାଏ। ହୋଡି ସେତେବେଳେ ୱାକରଙ୍କୁ ୧୦୦ ଡଲାର ଦେଇ କହିଥିଲେ, ଔଷଧ କିଣିପାରୁ ନ ଥିବା ଲୋକଙ୍କ କାମରେ ଏହାକୁ ଲଗାଇବ। କିନ୍ତୁ ଏହି ବିଷୟ କାହାକୁ ଜଣାଇବ ନାହିଁ। ଯଦି କେହି ପଚାରନ୍ତି ଏହା ଭଗବାନଙ୍କ ଆଶୀର୍ବାଦ ବୋଲି ତାଙ୍କୁ କହିଦେବ। ମାସକ ପରେ ହୋଡି ପୁଣି ୱାକରଙ୍କ ପାଖକୁ ଆସି ୧୦୦ ଡଲାର ଦେଇଥିଲେ। ଏହିପରି ଭାବେ ସେ ପ୍ରତି ମାସ ସେହି ଔଷଧ ଦୋକାନକୁ ଯାଇ ୱାକରଙ୍କୁ ଅର୍ଥ ଦେଉଥିଲେ। ବର୍ଷ ବର୍ଷ ଧରି ଲୋକଙ୍କୁ ସହାୟତା ପ୍ରଦାନ ବେଳେ ସେ ୱାକରଙ୍କ ଆଗରେ ଦୋହରାଉଥିଲେ, ଅର୍ଥର ସ୍ରୋତ କାହାକୁ ଜଣାଇବ ନାହିଁ। ଗତବର୍ଷ ଶେଷ ଆଡ଼କୁ ହୋଡି ହଠାତ୍ ଫୁସ୍‌ଫୁସ୍‌ଜନିତ ରୋଗରେ ପଡ଼ି ଦୁର୍ବଳ ହୋଇଯାଇଥିଲେ। ଫଳରେ ସେ ଆଉ ଔଷଧ ଦୋକାନୀଙ୍କ ପାଖକୁ ଯାଇପାରି ନ ଥିଲେ।

**୨୦୨୩ ଜାନୁୟାରୀ ୧ରେ ୮୦ ବର୍ଷ ବୟସରେ ହୋଡିଙ୍କ ପରଲୋକ ହୋଇଯାଇଛି। ଗତ ୫ ତାରିଖ ଅପରାହ୍ନ ୨ଟାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ହୋଡିଙ୍କ ସ୍ତ୍ରୀ ମାର୍ଥା ଜୋ ଚିଲ୍‌ଡ୍ରେସ୍, ଝିଅ ଟାନିଆ ଲିନ୍ନ ନିକ୍ସ, ପୁଅ ଡୋଗ୍‌ଲାସ୍ ରେୟ ଚିଲ୍‌ଡ୍ରେସ୍‌ଙ୍କ ସମେତ ନାତୁଣୀନାତିମାନେ ଏବେ ତାଙ୍କୁ ଝୁରୁଛନ୍ତି।**

ଗତ ଜାନୁୟାରୀ ୧ରେ ୮୦ ବର୍ଷୀୟ ହୋଡିଙ୍କ ମୃତ୍ୟୁ ଘଟିବା ପରେ ୱାକର ତାଙ୍କ ପରିବାରକୁ ଏହି ଦାନ ସମ୍ପର୍କରେ ଜଣାଇବାକୁ ନିଷ୍ପତ୍ତି ନେଲେ। ହଣ୍ଟ୍‌ସ୍‌ଭିଲେରୁ ୬୦ ମାଇଲ ଦୂରରେ ବସବାସ କରୁଥିବା କୃଷକମାନଙ୍କୁ ହୋଡି କିପରି ଆର୍ଥିକ ସହାୟତା ଯୋଗାଇଆସିଥିଲେ ତାହା କହିବା ପାଇଁ ସେ ମନସ୍ଥ କଲେ। ହୋଡିଙ୍କ ପରିବାରକୁ ୱାକର ଫୋନ୍ କରିବା ପାଇଁ ଯାଉଥିବାବେଳେ ଜାନୁୟାରୀ ୫ରେ ତାଙ୍କ ଝିଅ ଟାନିଆ ନିକ୍ସ ସ୍ୱର୍ଗତ ପିତାଙ୍କ ବଦାନ୍ୟତା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଲାଗି ପ୍ରସ୍ତୁତ ହେଉଥିଲେ। ବାପା ନିଜ ମୃତ୍ୟୁ ପୂର୍ବରୁ ଏହି ଦାନ ସମ୍ପର୍କରେ କେବଳ ମୋତେ ଜଣାଇଥିଲେ ବୋଲି ୫୮ ବର୍ଷୀୟା ହେୟାରଷ୍ଟାଇଲିଷ୍ଟ ଟାନିଆ ନିକ୍ସ ଗଣମାଧ୍ୟମକୁ କହିଛନ୍ତି। ନିକ୍ସଙ୍କ ସାବତ ମା’ ମାର୍ଥା ଜୋ ଚିଲ୍‌ଡ୍ରେସ୍ ମଧ୍ୟ ଏହି ବିଷୟରେ ଜାଣି ନ ଥିଲେ। ସବୁ କଥା ପ୍ରଘଟ ହେବା ପରେ ହୋଡିଙ୍କ ବନ୍ଧୁ ସମ୍ପର୍କୀୟ ଓ ତାଙ୍କୁ ଜାଣିଥିବା ଲୋକେ ତାଙ୍କ ଘରକୁ ଯାଇ ଧନ୍ୟବାଦ ଜଣାଉଛନ୍ତି। ଔଷଧ ଦୋକାନୀ ତାଙ୍କ ଦାନ ପାଣ୍ଠିକୁ ଜୀବିତ ରଖିବା ପାଇଁ ବଳକା ଅର୍ଥରେ ‘ହୋଡି ଚିଲ୍‌ଡ୍ରେସ୍ ଫଣ୍ଡ’ ଗଠନ କରିଛନ୍ତି।



ସ୍ୱର୍ଗତ ହୋଡି ଚିଲ୍‌ଡ୍ରେସ୍‌ଙ୍କ ସହ ଝିଅ ଟାନିଆ ନିକ୍ସ।



## କୋର୍ଡା ଚତୁର୍ଥ ରାଉଣ୍ଡରେ

ଆମେରିକାର ଯୁବ ଟେନିସ ଖେଳାଳି ସେବାଷ୍ଟିଆନ୍ କୋର୍ଡା ଅଷ୍ଟ୍ରେଲିଆନ ଓପନ ପୁରୁଷ ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

୧୪ ୦୨

## ଏଲ୍ଏସିରେ ଯୁଦ୍ଧ ପ୍ରସ୍ତୁତି ଦେଖିଲେ ଜିନ୍‌ପିଙ୍ଗ୍

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଭିଡିଓ କନ୍‌ଫରେନ୍ସ ଜରିଆରେ ପୂର୍ବ ଲଦାଖ ସଂଲଗ୍ନ ଏଲ୍ଏସିରେ ନିଜ ସୈନ୍ୟଙ୍କ ଯୁଦ୍ଧ ପ୍ରସ୍ତୁତି ସମୀକ୍ଷା କରିଛନ୍ତି।






ମହିଳା କୁସ୍ତିବିତ୍‌ଙ୍କୁ ଯୌନ ଶୋଷଣ ଅଭିଯୋଗରେ ଡବ୍ଲ୍ୟୁଏଫ୍ଆଇ ମୁଖ୍ୟ ବ୍ରିଜ୍ ଭୂଷଣ ଶରଣ ସିଂଙ୍କୁ ପଦବୀରୁ ବହିଷ୍କାର ଦାବିରେ ଶୁକ୍ରବାର ନୂଆଦିଲ୍ଲୀର ଯନ୍ତରମନ୍ତରରେ ଧାରଣା ଦେଇଥିବା ବିଶିଷ୍ଟ ରେସ୍‌ଲର ଓ ଅନ୍ୟମାନେ।

# କଲେଜିୟମ-କେନ୍ଦ୍ର ମୁହାଁମୁହିଁ

**▪ କିର୍ପାଲଙ୍କ ନିଯୁକ୍ତି ଉପରେ କେନ୍ଦ୍ର ଆପତ୍ତିକୁ କଲେଜିୟମର ପ୍ରତ୍ୟାଖ୍ୟାନ**

**▪ ମାଡ୍ରାସ, ବମ୍ବେ ହାଇକୋର୍ଟ ପାଇଁ ୨ ବିଚାରପତିଙ୍କ ନାମ ପୁନଃ ସୁପାରିସ**

ନୂଆଦିଲ୍ଲୀ,୨୦।୧

ବିଚାରପତି ନିଯୁକ୍ତିକୁ ନେଇ କିଛି ମାସ ହେଲା କେନ୍ଦ୍ର ସରକାର ଏବଂ ସୁପ୍ରିମକୋର୍ଟ କଲେଜିୟମ ମଧ୍ୟରେ ଟଣାଓଟରା ଲାଗିରହିଛି। ବିଚାରପତି ନିଯୁକ୍ତି ଲାଗି କଲେଜିୟମଙ୍କ ସୁପାରିସକୁ ସରକାର ଅନେକ ସମୟରେ କାର୍ଯ୍ୟକାରୀ ନ କରି ଫାଇଲ ଫେରାଇ ଦେଉଛନ୍ତି। କଲେଜିୟମରେ ସରକାରଙ୍କ ପ୍ରତିନିଧିଙ୍କୁ ସାମିଲ କରିବା ଲାଗି ୪ ଦିନ ପୂର୍ବରୁ କେନ୍ଦ୍ର ଆଇନ ମନ୍ତ୍ରୀ କିରେନ ରିଜିଜୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ପତ୍ର ଲେଖି ପ୍ରସ୍ତାବ ଦେଇଥିଲେ। ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ବିଚାରପତି ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଓ ନିରପେକ୍ଷତା ବଜାୟ ରଖିବା ପାଇଁ ରହିଥିବା କଲେଜିୟମ ବ୍ୟବସ୍ଥା ଉପରେ କେନ୍ଦ୍ରର ହସ୍ତକ୍ଷେପକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି।

ବରିଷ୍ଠ ଆଇନଜୀବୀ ସୌରଭ କିର୍ପାଲଙ୍କୁ ଦିଲ୍ଲୀ ହାଇକୋର୍ଟ ବିଚାରପତି ଭାବେ ନିଯୁକ୍ତି ଦେବା ଲାଗି ସୁପ୍ରିମକୋର୍ଟ କଲେଜିୟମ ୫ ବର୍ଷ ମଧ୍ୟରେ ୨ ଥର ସୁପାରିସ କରିଥିଲେ। ତେବେ କିର୍ପାଲ ଜଣେ ସମଲିଙ୍ଗୀ ଏବଂ ତାଙ୍କ ପାର୍ଟନର ଜଣେ ବିଦେଶୀ ହୋଇଥିବା କହି କେନ୍ଦ୍ର ସରକାର ଏହାକୁ ଗ୍ରହଣ କରିନାହାନ୍ତି। କଲେଜିୟମ ତୃତୀୟ ଥର ପାଇଁ କିର୍ପାଲଙ୍କ ନାମ ସୁପାରିସ କରିଛନ୍ତି। ଫଳରେ ଏହାକୁ ନେଇ କେନ୍ଦ୍ର ଓ କଲେଜିୟମ ପୁଣିଥରେ ମୁହାଁମୁହିଁ ହୋଇଛନ୍ତି। କିର୍ପାଲଙ୍କୁ ବିଚାରପତି ନିଯୁକ୍ତି ଦେବା ପ୍ରସ୍ତାବ ଉପରେ କେନ୍ଦ୍ରର ପ୍ରତିବାଦକୁ କଲେଜିୟମ ଖାରଜ କରିଦେଇଛନ୍ତି। ଏହା ବ୍ୟତୀତ କଲେଜିୟମ ଆଉ ୪ ଜଣଙ୍କ ନାଁ ବିଚାରପତି ନିଯୁକ୍ତି ଲାଗି ସୁପାରିସ କରିଛନ୍ତି। କାଲକାଟା ହାଇକୋର୍ଟ ପାଇଁ ୨ ପ୍ରାର୍ଥୀଙ୍କ ନାମ ପୁନର୍ବାର ସୁପାରିସ କରାଯାଇଛି। କିର୍ପାଲଙ୍କ ନିଯୁକ୍ତି ଫଳରେ ବେଞ୍ଚ୍ ସମ୍ମାନ ବଢ଼ିବା ସହ ଏଥିରେ ବିବିଧତାର ସମାବେଶ ହୋଇପାରିବ ବୋଲି ଦର୍ଶାଇ ୨୦୨୧ ନଭେମ୍ବର ୧୧ରେ କଲେଜିୟମ କହିଥିବା ବିଷୟକୁ ଏବେ ନାମ ସୁପାରିସ ବେଳେ ପୁନର୍ବାର ଦୋହରାଇଛନ୍ତି। ସମଲିଙ୍ଗୀ ହେବା ଜଣକ ବ୍ୟକ୍ତିଗତ ଅଭିରୁଚି। ବିଚାରପତି ପାଇଁ ସମ୍ଭାବ୍ୟ ପ୍ରାର୍ଥୀ ହୋଇ ମଧ୍ୟ ସେ ତାଙ୍କ ଅଭିରୁଚିକୁ ଗୋପନ ରଖିନାହାନ୍ତି। ପ୍ରାର୍ଥୀଙ୍କ ବିବାହ ଅଧିକାରକୁ ସମ୍ବିଧାନ ସ୍ୱୀକୃତି ଦେଇଛି। ତେଣୁ ତାଙ୍କୁ ସମଲିଙ୍ଗୀ ଦର୍ଶାଇ ପ୍ରାର୍ଥିତ୍ୱକୁ ଖାରଜ କରିଦେବା ସାମ୍ବିଧାନିକ ନୀତିର ବିରୁଦ୍ଧାଚରଣ କରୁଛି ବୋଲି ସିଜେଆଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଏସ୍.କେ. କୌଲ ଏବଂ କେ.ଏମ୍. ଜୋସେଫ୍‌ଙ୍କୁ ନେଇ ଗଠିତ ୩ ଜଣିଆ କଲେଜିୟମ କହିଛନ୍ତି।

ଏତଦ୍‌ବ୍ୟତୀତ ଗୋଇନ୍ଦା ବ୍ୟୁରୋ ରିପୋର୍ଟକୁ ଅଗ୍ରାହ୍ୟ କରି କଲେଜିୟମ ମାଡ୍ରାସ ହାଇକୋର୍ଟ ବିଚାରପତି ଭାବେ ଆଇନଜୀବୀ ଆର୍ ଜନ୍ ସଥ୍ୟନ ଏବଂ ବମ୍ବେ ହାଇକୋର୍ଟ ବିଚାରପତି ଭାବେ ଆଡଭୋକେଟ ସୋମଶେଖର ସୁନ୍ଦେରେସାନଙ୍କ ନାମକୁ ପୁନଃ ସୁପାରିସ କରିଛନ୍ତି। ପୂର୍ବରୁ ସଥ୍ୟନ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରି ସୋସିଆଲ ମିଡିଆରେ କେତେକ ପୋଷ୍ଟ କରିଥିଲେ। ସେହିପରି ସୁନ୍ଦରେସନ କେତେକ ଗୁରୁତ୍ୱପୂର୍ଣ୍ଣ ନୀତି, ପଦକ୍ଷେପ ଓ ସରକାରଙ୍କ ନିର୍ଦ୍ଦେଶନାମାକୁ ସୋସିଆଲ ମିଡିଆ ଜରିଆରେ ବିରୋଧ କରିଥିଲେ। ଜଣେ ପ୍ରାର୍ଥୀଙ୍କ ଦକ୍ଷତା, ମେଧା ଏବଂ ସାଧୁତାକୁ ଆଧାର କରି ତାଙ୍କୁ ବିଚାରପତି ନିଯୁକ୍ତି ଲାଗି ପ୍ରସ୍ତାବ ଦିଆଯାଇଥିବାବେଳେ ☞ପୃଷ୍ଠା-୨

## ଡବ୍ଲ୍ୟୁଏଫ୍ଆଇ ମୁଖ୍ୟଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୦।୧



ବ୍ରିଜ୍ ଭୂଷଣ ଶରଣ ସିଂ

ଭାଜପା ଏମ୍‌ପି ତଥା ରେସଲିଂ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍ଆଇ) ଅଧ୍ୟକ୍ଷ ବ୍ରିଜ୍ ଭୂଷଣ ଶରଣ ସିଂଙ୍କ ବିରୋଧରେ ଆଗତ ଯୌନ ଉତ୍ପୀଡ଼ନ ଓ ହତ୍ୟା ଧମକ ମାମଲାର ତଦନ୍ତ ପାଇଁ ଶୁକ୍ରବାର ଏକ କମିଟି ଗଠନ କରାଯାଇଛି। ଭାରତୀୟ ଅଲିମ୍ପିକ୍ ସଂଘ (ଆଇଏଲ୍ଓ) ପକ୍ଷରୁ ଗଠିତ ଏହି ୭ ଜଣିଆ କମିଟିରେ ମେରି କମ୍, ଡୋଲା ବାନାର୍ଜୀ, ଅଳକାନନ୍ଦା ଅଶୋକ, ଯୋଗେଶ୍ୱର ଦତ୍ତ, ସହଦେବ ଯାଦବ ଏବଂ ଦୁଇଜଣ ଓକିଲଙ୍କୁ ରଖାଯାଇଛି। ପ୍ରକାଶ ଯେ କୁସ୍ତି ଯୋଦ୍ଧାମାନେ ବ୍ରିଜ୍ ଭୂଷଣଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣି ନୂଆଦିଲ୍ଲୀର ଯନ୍ତରମନ୍ତରରେ ☞ପୃଷ୍ଠା-୨

## ଘାଟିରେ ବସ୍ ଓଲଟି ୨ ମହିଳା ମୃତ, ୧୩ ଆହତ

ପାତ୍ରପୁର, ୨୦।୧(ଡି.ଏନ.ଏ.)

ଗଞ୍ଜାମ ଜିଲା ଜରଡ଼ା ଥାନା ଖାରିଆଗୁଡ଼ା ଫାଣ୍ଡି ଝଗଡ଼ାପଲ୍ଲୀ ନିକଟସ୍ଥ ମାଙ୍କଡ଼ଡିଆଁ ଘାଟିରେ ଶୁକ୍ରବାର ଏକ ମିନିବସ୍ ଓଲଟି ୨ ଜଣ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩ ଯାତ୍ରୀ ଆହତ ହୋଇଛନ୍ତି। ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟା ସମୟରେ 'ରଘୁନାଥ' (ଓଆର୍ ୦୨ ବିବି ୯୭୭୭) ନାମକ ଏକ ଘରୋଇ ବସ୍ ଗଜପତି ଜିଲା ରାଇଗଡ଼ରୁ ପ୍ରାୟ ୩୦ଜଣ ଯାତ୍ରୀଙ୍କୁ ନେଇ ଗଞ୍ଜାମ ଜିଲାର ବୁରାଡାଲକୁ ଫେରୁଥିଲା। ଝଗଡ଼ାପଲ୍ଲୀ ନିକଟ ମାଙ୍କଡ଼ଡିଆଁ ଘାଟି ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ମୋହନା ବ୍ଲକ ଶିକୁଲିପଦର ଗ୍ରାମର ସରସ୍ୱତୀ ଶବର (୧୬) ଏବଂ ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ଅରଖପଦା ଗ୍ରାମର ସୁମତି ରଇତ (୨୮)ଙ୍କ ମୃତ୍ୟୁ ଘଟିଥିବା ବେଳେ ୧୩ଜଣ ଆହତ ହୋଇଛନ୍ତି। ☞ପୃଷ୍ଠା-୨

## ହକି ବିଶ୍ୱକପ୍

ଶୁକ୍ରବାର ମ୍ୟାଚ ଫଳାଫଳ



ଅଷ୍ଟ୍ରେଲିଆ-୯
ଦକ୍ଷିଣ ଆଫ୍ରିକା-୨

ଫ୍ରାନ୍ସ-୫
ଆର୍ଜେଣ୍ଟିନା-୫

ବେଲଜିୟମ-୭
ଜାପାନ-୧

ଜର୍ମାନୀ-୭
ଦକ୍ଷିଣ କୋରିଆ-୨

## ଏୟାର ଇଣ୍ଡିଆକୁ ୩୦ ଲକ୍ଷ ଜରିମାନା

**ପାଇଲଟଙ୍କ ଲାଇସେନ୍ସ ୩ ମାସ ରଦ୍ଦ**

ନୂଆଦିଲ୍ଲୀ,୨୦।୧

**ବିମାନରେ ପରିସ୍ରା କରିବା ଘଟଣା**

ନ୍ୟୁୟର୍କରୁ ଦିଲ୍ଲୀ ଆସୁଥିବା ବିମାନରେ ଜଣେ ମଦ୍ୟପ ଯାତ୍ରୀ ମହିଳା ସହଯାତ୍ରୀଙ୍କ ଉପରେ ପରିସ୍ରା କରିବା ଘଟଣାରେ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଶୁକ୍ରବାର ଏୟାର ଇଣ୍ଡିଆ ଉପରେ ୩୦ ଲକ୍ଷ ଟଙ୍କା ଜରିମାନା ଲଗାଇଛି। ବିମାନରେ ବିଶୃଙ୍ଖଳିତ ଯାତ୍ରୀଙ୍କ ଆଚରଣକୁ ନିୟନ୍ତ୍ରଣ କରିବା ଲାଗି ଥିବା ନିୟମକୁ ଏୟାରଲାଇନ୍ସ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

କର୍ପୋରେଟ ପ୍ରୋତ୍ସାହନ



**ଆଜିର ମନ୍ତବ୍ୟ**

ଭାରତରେ ଦ୍ରୁତ ଅଭିବୃଦ୍ଧି ଯୋଗୁ ଭିତ୍ତିଭୂମି ବିକାଶ ସହ କର୍ମନିଯୁକ୍ତି ଓ ଆତ୍ମନିଯୁକ୍ତିର ଅଧିକ ସୁଯୋଗ ସୃଷ୍ଟି ହେଉଛି।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଉ ଯିବିନାହିଁ ଘଇତା ଘର**
**ତେନ୍ତୁଳି ଛାଟକୁ ଶହେ ଜୁହାର**
**ପାଣି ଯୋଡ଼ ଯୋଡ଼ା ବୋହିବି ନାହିଁ**
**ଘର ଘର କାଞ୍ଜି ଖାଇବି ନାହିଁ।**

ଯେଉଁଘରେ ବ୍ୟକ୍ତିଙ୍କୁ ସ୍ନେହ ଆଦର ମିଳି ନ ଥାଏ, ସେ ଘର ପ୍ରତି ବ୍ୟକ୍ତିର ମୋହମାୟା ତୁଟିଯାଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ରହିଥିବା ସମ୍ପର୍କ ମଧ୍ୟ କ୍ରମଶଃ ଫିକା ପଡ଼ିଯାଇଥାଏ। ଏପରି ସ୍ଥିତିରେ ଶାଶୁଘର ସଦସ୍ୟଙ୍କଠାରୁ କଥାକଥାକେ ମାଡ଼ଗାଳି ଶୁଣୁଥିବା ବୋହୂ ସେଠାରେ ଚଳିବାକୁ ଇଚ୍ଛା ପ୍ରକାଶ ନ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଉ ସବୁ କଥା କର ଠୁଳ**
**ଟଙ୍କା ଟି ଅଟେ ସବୁରି ମୂଳ।**

ଆଜିର ଅର୍ଥସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ଅର୍ଥ ହେଉଛି ଚଳନ୍ତି ପ୍ରତିମା। ପ୍ରତ୍ୟେକ କାର୍ଯ୍ୟ ପାଇଁ ଅର୍ଥର ଆବଶ୍ୟକତା ପଡ଼ିଥାଏ। ବିନା ଅର୍ଥରେ କିଛି ବି ସମ୍ଭବ ହୋଇ ନ ଥାଏ। ଅର୍ଥ ହିଁ ସବୁର କାରଣ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଏଲ୍ଏସିରେ ଯୁଦ୍ଧ ପ୍ରସ୍ତୁତି ଦେଖିଲେ ଜିନ୍‌ପିଙ୍ଗ୍



**ବେଜିଂ,୨୦।୧**

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ଜରିଆରେ ପୂର୍ବ ଲଦାଖ ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି)ରେ ନିଜ ସୈନ୍ୟଙ୍କ ଯୁଦ୍ଧ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍ଏ)ର ବେଜିଂ ମୁଖ୍ୟାଳୟରୁ ସେ ଭାରତ-ଚାଇନା ସୀମାରେ ଥିବା ଶିଞ୍ଜିଆନ୍ ମିଲିଟାରି କମାଣ୍ଡ ସୈନ୍ୟମାନଙ୍କ ସହ ଭିଡିଓ ଲିଙ୍କ୍‌ରେ ଆଲୋଚନା କରିଛନ୍ତି। କିଛି ବର୍ଷ ହେଲା ଏହି ଅଞ୍ଚଳରେ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଏହା ଆମ ସେନାକୁ ପ୍ରଭାବିତ କରିଛି ବୋଲି ସେ କହିବା ସହ ଯୁଦ୍ଧ ପ୍ରସ୍ତୁତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଜଣେ ସୈନ୍ୟ ତାଙ୍କୁ ଉତ୍ତର ଦେଇଥିଲେ, ସୀମା ଉପରେ ଆମେ ୨୪ ଘଣ୍ଟା ନଜର ରଖିଛୁ। ପ୍ରକାଶ ଯେ ସୀମା ବିବାଦକୁ ନେଇ ଭାରତ ଓ ଚାଇନା ମଧ୍ୟରେ ୧୭ଟି ପର୍ଯ୍ୟାୟରେ ଉଚ୍ଚସ୍ତରୀୟ ବୈଠକ ହେଲାଣି। କିନ୍ତୁ ଏହି ବୈଠକଗୁଡ଼ିକରୁ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍କର୍ଷ ବାହାରିପାରି ନାହିଁ। ଏଲ୍ଏସିରେ ଶାନ୍ତି ବଜାୟ ରଖିବା ଉପରେ ଭାରତ ଜୋର୍ ଦେଇଆସୁଛି।

**ପ୍ରଥମ ପୃଷ୍ଠାରୁ...**

## କଲେଜିୟମ-କେନ୍ଦ୍ର ...

ତାଙ୍କର ଅଭିବ୍ୟକ୍ତିକୁ ନେଇ ନିଯୁକ୍ତିରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି କଲେଜିୟମ କହିଛନ୍ତି। ସେହିପରି କାଲକାଟା ହାଇକୋର୍ଟ ବିଚାରପତି ଭାବେ ଆଇନଜୀବୀ ଅମିତେଶ ବାନାର୍ଜୀ ଏବଂ ସାକ୍ୟ ସେନ୍‌ଙ୍କ ପଦୋନ୍ନତିକୁ କଲେଜିୟମ ଦ୍ୱିତୀୟ ଥର ସୁପାରିସ କରିଛନ୍ତି। ୨୦୨୧ ସେପ୍ଟେମ୍ବର୧ରେ କଲେଜିୟମ ଉପରୋକ୍ତ ନାମକୁ ପୁନଃ ସୁପାରିସ କରିଥିଲେ। ସରକାରଙ୍କ ଆପତ୍ତିକୁ ବିଚାରକୁ ନେବା ପରେ ପ୍ରାର୍ଥୀମାନଙ୍କ ନାମକୁ ପୁନର୍ବାର ସୁପାରିସ କରାଯାଉଥିବା କଲେଜିୟମ ସ୍ପଷ୍ଟ କରିଛନ୍ତି।

ପୂର୍ବତନ ସିଜେଆଇ ବି.ଏନ୍. କିର୍ପାଲଙ୍କ ପୁଅ ସୌରଭ କିର୍ପାଲଙ୍କୁ ବିଚାରପତି ଭାବେ ନିଯୁକ୍ତି ଦେବା ନିମନ୍ତେ ୨୦୧୭ ଅକ୍ଟୋବର ୧୩ରେ ଦିଲ୍ଲୀ ହାଇକୋର୍ଟ କଲେଜିୟମ ସର୍ବସମ୍ମତିକ୍ରମେ ସୁପାରିସ କରିଥିଲେ, ଯାହାକୁ ସୁପ୍ରିମକୋର୍ଟ କଲେଜିୟମ ୨୦୨୧ ନଭେମ୍ବର ୧୧ରେ ଅନୁମୋଦନ କରିଥିଲେ। ତେବେ କିର୍ପାଲ ଜଣେ ସମଲିଙ୍ଗୀ ଏବଂ ତାଙ୍କ ପାର୍ଟନର ସୁଇଜରଲାଣ୍ଡ ନାଗରିକ ହୋଇଥିବା ଦର୍ଶାଇ ଉକ୍ତ ସୁପାରିସକୁ ଆଇନ ମନ୍ତ୍ରଣାଳୟ ୨୦୨୨ ନଭେମ୍ବର ୨୫ରେ ଫେରାଇ ଦେଇଥିଲା।

## ଏୟାର ଇଣ୍ଡିଆକୁ ...

ଉଲ୍ଲଂଘନ କରିଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିସହିତ ବିମାନ ପାଇଲଟ୍‌ଙ୍କ ଲାଇସେନ୍ସକୁ ୩ ମାସ ପାଇଁ ରଦ୍ଦ କରିଦିଆଯାଇଛି। ଗତବର୍ଷ ନଭେମ୍ବର ୨୬ରେ ଶଙ୍କର ମିଶ୍ରା ଏୟାର ଇଣ୍ଡିଆ ବିମାନରେ ନ୍ୟୁୟର୍କରୁ ଆସୁଥିବାବେଳେ ଜଣେ ବୟସ୍କା ମହିଳା ସହଯାତ୍ରୀଙ୍କ ଉପରେ ପରିସ୍ରା କରିଥିଲେ। ବିମାନ ଅବତରଣ ପରେ ଅଭିଯୁକ୍ତ ଯାତ୍ରୀଙ୍କୁ ନ ଅଟକାଇ ଛାଡ଼ିଦିଆଯାଇଥିଲା। ଏପରିକି ପରିସ୍ରା କରିବା ସମ୍ପର୍କରେ ପାଇଲଟ ବିମାନ ବନ୍ଦରର ସୁରକ୍ଷା କର୍ମୀଙ୍କୁ ଜଣାଇ ନ ଥିଲେ କି ପୋଲିସରେ ଅଭିଯୋଗ କରି ନ ଥିଲେ। ଏୟାରଲାଇନ୍ସ ମଧ୍ୟ ଏହି ଘଟଣା ସମ୍ପର୍କରେ ଡିଜିସିଏକୁ ଅବଗତ କରାଇ ନ ଥିଲା। ୪ ମାସ ପାଇଁ ଶଙ୍କର ମିଶ୍ରାଙ୍କ ବିମାନ ଯାତ୍ରା ଉପରେ ଏୟାର ଇଣ୍ଡିଆ ନିଷେଧାଦେଶ ଲଗାଇଛି। ମିଶ୍ରାଙ୍କ ଜାମିନ ଆବେଦନକୁ କୋର୍ଟ ଖାରଜ କରିଦେବା ପରେ ସେ ଜେଲରେ ରହିଛନ୍ତି। ପରିସ୍ରା କରିବା ଅଭିଯୋଗ ପରେ ମିଶ୍ରାଙ୍କୁ ଆମେରିକା ଫାଇନାନ୍ସ ସର୍ଭିସ କମ୍ପାନୀ ୱେଲ୍ସ ଫାର୍ଗୋ ଚାକିରିରୁ ବହିଷ୍କାର କରିଥିଲା।

## ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟଙ୍କ ...

ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ସେମାନେ ବ୍ରିଜ୍ ଭୂଷଣଙ୍କ ଇସ୍ତଫା ଦାବିରେ ଅଡ଼ିବସିଥିବାବେଳେ ସେ ଡବ୍ଲ୍ୟୁଏଫ୍‌ଆଇ ଅଧ୍ୟକ୍ଷ ପଦ ଛାଡ଼ିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏଥିସହ ସେ ମୁହଁ ଖୋଲିଲେ ସୁନାମି ଆସିବ ବୋଲି ଓଲଟା ଧମକ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ସହ ଚାଲିଥିବା ଆଲୋଚନାରୁ ଏଯାଏ କୌଣସି ନିଷ୍କର୍ଷ ବାହାରିପାରି ନାହିଁ।

## ଘାଟିରେ ବସ୍ ଓଲଟି ୨ ...

ଜରଡ଼ା ଥାନା ଅଧିକାରୀ, ଖାରିଆଗୁଡ଼ା ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ ଶତପଥୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଆହତମାନଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଥିବା ଅନିତା ଶବର, ଇପ୍ସିତା ବଳିଆରସିଂ, ପାର୍ବତୀ ନାୟକ, ବାବୁଲା ଶବର, ନମିତା ପାଣିଗ୍ରାହୀ, ଟୁନା ବିଷୋୟୀ, ଜାନକୀ ଦଳାଇଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଛି। ପାତ୍ରପୁର ବିଡିଓ ପ୍ରକାଶ ଦାସ ଦୁର୍ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ପାତ୍ରପୁର ମେଡିକାଲ ଯାଇ ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ବସ୍‌ଟିକୁ ପୋଲିସ ଜବତ କରି ଦୁଇ ମହିଳାଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ମେଡିକାଲ ପଠାଇଛି।

# ଓଡ଼ିଶା କଳା, ହସ୍ତଶିଳ୍ପର ଚମତ୍କାର ରାଜ୍ୟ: ମୁଖ୍ୟମନ୍ତ୍ରୀ

### ବ୍ୟାସନଗରରେ ଅନ୍ତର୍ଜାତୀୟ ହସ୍ତଶିଳ୍ପ ସମ୍ମିଳନୀ ଉଦ୍‌ଘାଟିତ




**ଯାଜପୁର ଅଫିସ/ଯାଜପୁର ରୋଡ୍,୨୦।୧**

ଯାଜପୁର ଜିଲା ବ୍ୟାସନଗରର ଚାନ୍ଦମା ପଡ଼ିଆରେ ଶୁକ୍ରବାର ଅନ୍ତର୍ଜାତୀୟ ହସ୍ତଶିଳ୍ପ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଭର୍ଚୁଆଲ ପ୍ଲାଟ୍‌ଫର୍ମରେ ଉଦ୍‌ଘାଟନ କରି ଏହି ଅବସରକୁ ଏକ ଐତିହାସିକ ଘଟଣା ବୋଲି ଅଭିହିତ କରିଛନ୍ତି। ଜାତିସଂଘର ପରିବେଶ ଗୁଡ୍‌ୱିଲ୍ ଆମ୍ବାସାଡର ତଥା ଜଣାଶୁଣା ବଲିଉଡ୍ ଅଭିନେତ୍ରୀ ଦିୟା ମିର୍ଜା ଉପସ୍ଥିତ ରହି ଓଡ଼ିଶାର ହସ୍ତଶିଳ୍ପର ବିକାଶ ଯେପରି ସାରା ବିଶ୍ୱରେ ପରିଚିତ ହୋଇପାରିବ ସେ ନେଇ ପଦକ୍ଷେପ ଆରମ୍ଭ ହୋଇଛି ବୋଲି କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଯାଜପୁର ଓଡ଼ିଶାର ପ୍ରାଚୀନ ରାଜଧାନୀ। ଏଠାକାର ପୌରାଣିକ ଓ ଐତିହାସିକ ପର୍ଯ୍ୟଟନସ୍ଥଳୀ ସମେତ ବୌଦ୍ଧ କୀର୍ତ୍ତିରାଜି ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ହେବାର ସମ୍ଭାବନା ସୃଷ୍ଟି କରିଛି। ରାଜ୍ୟର ସାଂସ୍କୃତିକ ଗୌରବ ବିଷୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ଏକ ଅମୂଲ୍ୟ କଳା ଏବଂ ହସ୍ତଶିଳ୍ପର ଏକ ଚମତ୍କାର ରାଜ୍ୟ। ଆମର ସଭ୍ୟତା, ଯାତ୍ରା, କଳା ସଂସ୍କୃତି, କାରିଗରମାନଙ୍କ କଳାକୃତି ଅନେକ ଉପାୟରେ ପ୍ରତିଫଳିତ ହୋଇଛି। ରାଜ୍ୟର ବିଭିନ୍ନ ମନ୍ଦିରର ଭାସ୍କର୍ଯ୍ୟ, ମୂର୍ତ୍ତି କାରିଗରି, ହାତରେ ବୁଣା ପୋଷାକ, ପାଟଶାଢ଼ି, କାଠ କାର୍ଯ୍ୟ, ଧାତୁ କାର୍ଯ୍ୟ ଆଦି ସର୍ବଜନ ବିଦିତ। ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛି। ଜୀବିକା ତଥା ନିଯୁକ୍ତି ସୁଯୋଗ ଯୋଗାଇବା ଏବଂ ନିବେଶକଙ୍କୁ ଆକର୍ଷିତ କରିବା ପାଇଁ ଓଡ଼ିଶା ସରକାର ପ୍ରୟାସ କରୁଛନ୍ତି। ପର୍ଯ୍ୟଟନ, ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଷେତ୍ରରେ ସାମଗ୍ରିକ ବିକାଶ ପାଇଁ ଅନେକ ଯୋଜନା ପ୍ରଣୟନ କରାଯାଇଛି। ରାଜ୍ୟ ପର୍ଯ୍ୟଟନ ନୀତି, ହସ୍ତତନ୍ତ ନୀତି, ପୋଷାକ ଏବଂ ବୈଷୟିକ ବୟନ ନୀତି ଭଳି ଯୋଜନା ହାତକୁ ନିଆଯାଇଛି। ବିଭିନ୍ନ ସ୍ଥାନରେ କଳା ଗ୍ୟାଲେରି ଖୋଲିବା, ଐତିହ୍ୟ ପଦଯାତ୍ରା ଆୟୋଜନ କରାଯିବା ଏବଂ ପର୍ଯ୍ୟଟନ ଓ ସଂସ୍କୃତିର ପ୍ରଚାର ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ କହିଛନ୍ତି। ଏହି ଅବସରରେ ଯାଜପୁର ଜିଲାର ପର୍ଯ୍ୟଟନ ଲୋଗୋ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଜାତିସଂଘର ୪ଟି ଏଜେନ୍ସି ଏବଂ ୫ଟି ୟୁନେସ୍କୋ କ୍ରିଏଟିଭ ସିଟିର ସହଭାଗିତାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଏହି ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ପ୍ରଥମ କରି ଆୟୋଜନ ହୋଇଛି। ଏଥିରେ ଅଗ୍ରଗାମୀ କାରିଗର, ସଂସ୍କୃତି ଏବଂ କଳା ଉତ୍ସାହୀଙ୍କ ମିଳନ ଘଟିଛି। ୧୫ ଦେଶର ପ୍ରତିନିଧି ଏଥିରେ ଯୋଗଦେଇଛନ୍ତି।

ସମ୍ମିଳନୀରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ପଣ୍ଡା, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ, ହସ୍ତତନ୍ତ, ବୟନଶିଳ୍ପ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ ଅଂଶଗ୍ରହଣ କରି ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଏବଂ ଆଧୁନିକ ଯୁଗରେ ଏହାର ମହତ୍ତ୍ୱ ଉପରେ ଆଲୋକପାତ କରିଛନ୍ତି। ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ସ୍ୱାଗତ ଭାଷଣ ଏବଂ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେରିହା ଧନ୍ୟବାଦ ଦେଇଛନ୍ତି। ୟୁନେସ୍କୋ ସାଂସ୍କୃତିକ ମୁଖ୍ୟ କାର୍ଯ୍ୟକ୍ରମ ବିଶାରଦ ଜୁହ୍ନି ହାନ୍ ଯୋଗଦେଇ ଓଡ଼ିଶାର ହସ୍ତଶିଳ୍ପ ଓ କୁଟୀର ଶିଳ୍ପ, ଭାସ୍କର୍ଯ୍ୟକୁ ଅନ୍ତର୍ଜାତୀୟ ସ୍ତରରେ ପ୍ରୋତ୍ସାହିତ କରିବ ବୋଲି ବକ୍ତବ୍ୟ ରଖିଛନ୍ତି। ସମ୍ମିଳନୀରେ ମୋଟ ୧୦ଟି ଅଧିବେଶନ ହେବ। ମହିଳାଙ୍କ ହସ୍ତଶିଳ୍ପ, ହସ୍ତଶିଳ୍ପର ଭବିଷ୍ୟତ, ସଂସ୍କୃତି, ବର୍ଜ୍ୟବସ୍ତୁ ପରିଚାଳନା, ହସ୍ତଶିଳ୍ପର ସୁରକ୍ଷା, ପର୍ଯ୍ୟଟନ, ଲୁପ୍ତପ୍ରାୟ ହସ୍ତଶିଳ୍ପ ଇତ୍ୟାଦି ବିଷୟରେ ଆଲୋଚନା କରାଯାଉଛି। ଯାଜପୁର ଜିଲାର ପଥର ଶିଳ୍ପୀ, ବାଉଁଶ, ହସ୍ତକଳା, ଟେରାକୋଟା, ଝୋଟ ହସ୍ତକଳା, କଂସା ପିତ୍ତଳ, ବସ୍ତ୍ର, କାଇଁଚ ହସ୍ତଶିଳ୍ପୀ ଆଦି ୪୦ ଜଣ ପ୍ରତିଷ୍ଠିତ କାରିଗର ଭାଗନେବାର ସୁଯୋଗ ପାଇଛନ୍ତି।

# ୧୦ ଜିଲାରେ ପ୍ରବଳ କୁହୁଡ଼ି ସମ୍ଭାବନା

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

ଗୁରୁଚାପ ବଳୟ ପ୍ରଭାବରେ ରାଜ୍ୟରେ ଗତ କିଛିଦିନ ହେବ ଘନକୁହୁଡ଼ି ଜାରି ରହିଛି। ଆହୁରି ଦୁଇଦିନ ପ୍ରବଳ କୁହୁଡ଼ି ସମ୍ଭାବନା ରହିଛି। କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, କଟକ, ନୟାଗଡ଼, କନ୍ଧମାଳ, ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା ଓ କୋରାପୁଟ ଆଦି ୧୦ ଜିଲାର କେତେକ ସ୍ଥାନରେ ଘନ କୁହୁଡ଼ି ହେବା ସମ୍ଭାବନା ରହିଛି। ଏହି ସବୁ ଜିଲାରେ ୫୦ରୁ ୨୦୦ ମିଟର ଦୂରତା ପର୍ଯ୍ୟନ୍ତ ଦେଖାଯିବ ନାହିଁ। ସେହିପରି ୨୨ ତାରିଖ ସକାଳେ ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା ଓ କୋରାପୁଟ ଜିଲାର କେତେକ ସ୍ଥାନରେ ଘନକୁହୁଡ଼ି ହୋଇପାରେ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆଗାମୀ ୫ ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ। ଗୁରୁଚାପ ଯୋଗୁ ରାଜ୍ୟରେ ଶୀତ ଉଭେଇ ଯାଇଛି। ରାଜ୍ୟରେ ଶୁକ୍ରବାର ସର୍ବନିମ୍ନ ତାପମାତ୍ରା ୧୩ରୁ ୨୧ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିଛି।

# ରୋଜଗାର ମେଳାରେ ୧୨୮ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

ଭୁବନେଶ୍ୱରସ୍ଥିତ ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ଠାରେ ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରୋଜଗାର ମେଳାର ତୃତୀୟ ସଂସ୍କରଣର ଶୁଭାରମ୍ଭ କରିବା ସହ ଭାରତ ସରକାରଙ୍କ ବିଭିନ୍ନ ବିଭାଗରେ ୧୨୮ ଜଣ ନବନିଯୁକ୍ତ ଯୁବତୀଯୁବକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତବର୍ଷ ୧୦ ଲକ୍ଷ ଯୁବତୀଯୁବକଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସମଗ୍ର ଦେଶରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୭୧ ହଜାର ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଭୁବନେଶ୍ୱରରେ ରୋଜଗାର ମେଳା ମାଧ୍ୟମରେ ରେଳ ବିଭାଗ ସହ ଆସାମ ରାଇଫଲ୍ସ, ଇନ୍‌କମ ଟ୍ୟାକ୍ସ, ଷ୍ଟାଟିଷ୍ଟିକ୍ସ, ଆଇଆଇଟି ଭୁବନେଶ୍ୱର, ଇପିଏଫ୍‌ଓ, ଭାରତୀୟ ଡାକ, ନାଲ୍‌କୋ, ଇଏସ୍ଆଇସି, ବିଏସ୍ଏଫ୍, ସେଲ୍, ଏସ୍ଏଲ୍‌ବିସି ଏବଂ ଜିଏସ୍‌ଟି ଓ ଇନ୍‌ଡାଇରେକ୍ଟ ଟାକ୍ସ ବିଭାଗରେ ୧୨୮ ଜଣ ନିଯୁକ୍ତି ପାଇଛନ୍ତି। ଏହି ପଦକ୍ଷେପ ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସ୍ତ୍ରୀ ପ୍ରେମିକଙ୍କ ଆକ୍ରମଣରେ ସ୍ୱାମୀ ଗୁରୁତର

**ପଦ୍ମପୁର,୨୦।୧(ଡି.ଏନ.ଏ.)**

ଭଦ୍ରକ ସଦର ବ୍ଲକ୍ ଅଧୀନ ଏରଡ଼ା ଗ୍ରାମରେ ପରକିୟା ପ୍ରୀତିର କରୁଣ ପରିଣତି ଦେଖିବାକୁ ମିଳିଛି। ସ୍ତ୍ରୀର ପ୍ରେମିକଙ୍କ ଆକ୍ରମଣରେ ସ୍ୱାମୀ ଗୁରୁତର ହୋଇଛନ୍ତି। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଗୁରୁତର ଜଣକ ବାସୁଦେବପୁର ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ତାଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

ପୋଲିସ ସୂଚନା ମୁତାବକ, ବ୍ୟକ୍ତି ଜଣକ ଗୁରୁବାର ଏରଡ଼ାସ୍ଥିତ ତାଙ୍କ ଶ୍ୱଶୁର ଘରକୁ ଯାଇଥିଲେ। ରାତିରେ ଖାଇ ସ୍ତ୍ରୀ-ସ୍ୱାମୀ ଶୋଇଥିବା ବେଳେ ରାତି ୧୨.୩୦ରେ ତାଙ୍କ ସ୍ତ୍ରୀ ପରିସ୍ରା କରିବା ପାଇଁ ବାହାରକୁ ଯାଇଥିଲେ। ଏହି ସମୟରେ ଭଦ୍ରକ ବ୍ଲକ୍ ବଣିଆଁ ଗ୍ରାମର ରବି ନାରାୟଣ ଦାସ ଘରେ ପଶି ଏକ କଟୁରୀ ସାହାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପାଟି ଶୁଣି ପରିବାରର ଅନ୍ୟ ସଦସ୍ୟ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଥିଲା। ରବି ନାରାୟଣଙ୍କ ସହିତ ଉକ୍ତ ବ୍ୟକ୍ତିଙ୍କ ସ୍ତ୍ରୀଙ୍କ ଅନୈତିକ ସମ୍ପର୍କ ଥିବାରୁ ସେ ଆକ୍ରମଣ କରିଥିବା ସାବରଙ୍ଗ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୮/୨୩) ରୁଜୁ କରି ତଦନ୍ତ ଚଳାଇଥିବା ତଦନ୍ତକାରୀ ଅଧିକାରୀ ଜୟଶ୍ରୀ ଦାସ କହିଛନ୍ତି। ଅନ୍ୟପକ୍ଷେ ଆକ୍ରମଣ ପରେ ଅଭିଯୁକ୍ତ ଫେରାର ହେବାକୁ ଉଦ୍ୟମ କରୁଥିଲେ। ସାବରଙ୍ଗ ପୋଲିସ ସୂଚନା ପାଇ ଭୁବନେଶ୍ୱର ଏୟାରପୋର୍ଟ ପୋଲିସ ସହଯୋଗରେ ତାଙ୍କୁ ଗିରଫ କରିଥିବା ଥାନାଧିକାରୀ ଶୋଭେନ ସ୍ୱାଇଁ ସୂଚନା ଦେଇଛନ୍ତି।

# ୧୦୦୨ ହିତାଧିକାରୀଙ୍କୁ ଦିଆଗଲାଣି ପ୍ରାପ୍ୟ

**ଓଟିଏମ୍ ପୁନରୁଦ୍ଧାର ମାମଲା**

■ **ଆହୁରି ୩ ସପ୍ତାହ ସମୟ ନେଲେ ଅଫିସିଆଲ ଲିକ୍ୟୁଡେଟର**

**କଟକ ଅଫିସ,୨୦।୧**

କଟକ ଜିଲା ଚୌଦ୍ୱାରସ୍ଥିତ ଓଡ଼ିଶା ଟେକ୍ସଟାଇଲ୍ ମିଲ୍ସ (ଓଟିଏମ୍) ପୁନରୁଦ୍ଧାର ମାମଲାରେ ଅଦ୍ୟାବଧି ୧୦୦୨ ହିତାଧିକାରୀଙ୍କୁ ବକେୟା ଅର୍ଥ ପ୍ରଦାନ କରାଯାଇଥିବା ନେଇ ଅଫିସିଆଲ ଲିକ୍ୟୁଡେଟର ଶୁକ୍ରବାର ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ବିଚାରପତି ବିଶ୍ୱନାଥ ରଥଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ଆସନ୍ତା ଫେବୃୟାରୀ ୧୭ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଓଟିଏମ୍ ଶ୍ରମିକମାନଙ୍କୁ ବକେୟା ପ୍ରାପ୍ୟ ପ୍ରଦାନ ପ୍ରକ୍ରିୟା ଗତ ଡିସେମ୍ବର ୧୫ ତାରିଖରୁ ଆରମ୍ଭ ହୋଇଛି। ୨ ସପ୍ତାହ ମଧ୍ୟରେ ପ୍ରାପ୍ୟ ପ୍ରଦାନ ଶେଷ କରାଯିବ ବୋଲି ଅଫିସିଆଲ ଲିକ୍ୟୁଡେଟର ହିମାଂଶୁ ଶେଖର ହାଇକୋର୍ଟଙ୍କୁ ପୂର୍ବରୁ ଅବଗତ କରାଇଥିବାବେଳେ ଏପର୍ଯ୍ୟନ୍ତ ତାହା ଶେଷ ହୋଇନାହିଁ। ଏନେଇ ଶୁକ୍ରବାର ଶୁଣାଣି ସମୟରେ ଅଫିସିଆଲ ଲିକ୍ୟୁଡେଟର ଅଦାଲତଙ୍କୁ ଜଣାଇଛନ୍ତି ଯେ, ପ୍ରାପ୍ୟ ପ୍ରଦାନ ପାଇଁ ମୋଟ ୩୦୨୩ ହିତାଧିକାରୀଙ୍କୁ ନୋଟିସ ଦେବା କାର୍ଯ୍ୟ ଚାଲିଛି। ସେମାନଙ୍କ ମଧ୍ୟରୁ ୨୦୦୦ ହିତାଧିକାରୀଙ୍କୁ ନୋଟିସ ଦିଆଯାଇଛି। ୧୬୦୦ ଜଣ ନୋଟିସ ପାଇବା ପରେ ପ୍ରାପ୍ୟ ପାଇବା ପାଇଁ ଅଫିସିଆଲ ଲିକ୍ୟୁଡେଟର ନିକଟରେ ଦାଖଲ କରିସାରିଲେଣି। ୧୦୦୨ ଜଣ ବକେୟା ପ୍ରାପ୍ୟ ପାଇସାରିଲେଣି। ଆଉ ୨୦୦ ଜଣଙ୍କ ପ୍ରାପ୍ୟ ପ୍ରଦାନ ନିମନ୍ତେ ପ୍ରକ୍ରିୟା ଚାଲୁରହିଛି। ହେଲେ ୪୦୦ ହିତାଧିକାରୀଙ୍କ ମୃତ୍ୟୁ ହୋଇଯାଇଛି। ପ୍ରମାଣପତ୍ର ଗ୍ରହଣ କରାଯାଇ ସେମାନଙ୍କ ଉତ୍ତରାଧିକାରୀଙ୍କୁ ପ୍ରାପ୍ୟ ପ୍ରଦାନ ନିମନ୍ତେ ଉଦ୍ୟମ କରାଯାଉଛି। ତେବେ ଅଦାଲତ ୧୦୨୬ ଜଣଙ୍କୁ ଏଯାଏ ନୋଟିସ ଦିଆଯାଇ ନ ଥିବା ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ସେହି ହିତାଧିକାରୀଙ୍କ ଠିକଣାରେ ମିଳୁ ନ ଥିବା କାରଣରୁ ସେମାନଙ୍କୁ ନୋଟିସ ଦିଆଯାଇପାରୁନାହିଁ। ତେବେ ମୃତ ହିତାଧିକାରୀ ବା ଠିକଣାଜନିତ ଅସୁବିଧା ହେତୁ ନୋଟିସ୍ ଦିଆଯାଇପାରୁ ନ ଥିବା ହିତାଧିକାରୀଙ୍କ ସମ୍ପର୍କରେ ୩ ସପ୍ତାହ ମଧ୍ୟରେ ଅଦାଲତଙ୍କୁ ଅବଗତ କରାଯିବ ବୋଲି ଅଫିସିଆଲ ଲିକ୍ୟୁଡେଟର କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ବିଶିଷ୍ଟ ବ୍ୟକ୍ତିମାନଙ୍କ ସଂସ୍ପର୍ଶରେ ଆସିବେ ଓ ସମ୍ମାନ, ପ୍ରତିଷ୍ଠା ମଧ୍ୟ ଲାଭ କରିବେ। ଭଲ କଥା କହିଲେ ମଧ୍ୟ ତାହାକୁ ଅନ୍ୟମାନେ ଭିନ୍ନାର୍ଥରେ ଗ୍ରହଣ କରିପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ। ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ପାରିବାରିକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ।

**ବୃଷ**: ପ୍ରତ୍ୟେକ କାମକୁ ସୁରୁଖୁରୁରେ କରାଇନେବେ କିନ୍ତୁ ସାମାନ୍ୟ ପ୍ରତିବନ୍ଧକ ମଧ୍ୟ ଲାଗି ରହିବ। ପାରିବାରିକ ଅଶାନ୍ତି କାରଣରୁ ମାନସିକ ଉଦ୍‌ବେଗ ବଢ଼ିପାରେ। କଳା ସାହିତ୍ୟ ଓ ସାମ୍ବାଦିକତା, ଚୁକ୍ତିପତ୍ର କ୍ଷେତ୍ରରୁ ସୁଫଳ ମିଳିବ। ପରିବହନ କ୍ଷେତ୍ରରେ, ପ୍ରଶାସନିକ ସ୍ତରରେ ସମସ୍ୟା ଆସିପାରେ।

**ମିଥୁନ**: ଆଜି ଶାରୀରିକ ସ୍ୱାସ୍ଥ୍ୟ ସାଙ୍ଗକୁ ମାନସିକ ସ୍ଥିତି ମଧ୍ୟ ସେତେଟା ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିବ, ତଥାପି କୌଣସି ଅସୁବିଧା ହେବନାହିଁ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ଆଶଙ୍କା ଦେଖାଦେବ। ସରକାରୀ କ୍ଷେତ୍ରରୁ ଋଣସୂତ୍ରରେ ଅର୍ଥଲାଭର ଆଶା ରହିଛି।

**କର୍କଟ**: ଗଜକେଶରୀ ଯୋଗ ପ୍ରଭାବରୁ କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ହେବେ। ପ୍ରତ୍ୟେକ କାମ ସହଜରେ ସମ୍ପନ୍ନ ହେବ। ଭାବପ୍ରବଣତାରେ ଭାସିଯାଇ ଗୁରୁତ୍ୱପୂର୍ଣ୍ଣ କଥାକୁ ପାସୋରି ଦେବାରୁ ପରିବାରରେ ଉଚ୍ଚବାଚ ଘଟିବ। ନିର୍ମାଣ, ଯୋଗାଯୋଗ, ପ୍ରେସ୍, ପବ୍ଲିକେଶନ, ଆଲୋଚନାଦି କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବ।

**ସିଂହ**: ପାରିବାରିକ ଅଶାନ୍ତି ମନ ଭିତରେ ଭରି ରହିଥିଲେ ମଧ୍ୟ କୌଣସି କାର୍ଯ୍ୟ ଅଟକି ରହିବ ନାହିଁ। ଆଜି ହଠାତ୍ କୌଣସି ନୂତନ ଯୋଜନାରମ୍ଭରେ ପ୍ରଥମେ ମୌଖିକ ଆଲୋଚନା କରିବା ଭଲ ହେବ। ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ। ଅବହେଳା କାରଣରୁ କେତେକ ସୁଯୋଗ ହାତଛଡ଼ା ହୋଇପାରେ।

**କନ୍ୟା**: ଶନିଙ୍କ କୁପ୍ରଭାବରୁ ଆଜି ଯାହା କରିବାକୁ ଯୋଜନା କରୁଛନ୍ତି ତାହା ସଫଳ ହେବା କଷ୍ଟକର ହୋଇପାରେ। ସନ୍ଦେହୀ ମନୋଭାବ ହେତୁ କେତେକ ଅନାକାଂକ୍ଷିତ ସମସ୍ୟା ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ଭୁଲ୍ ବୁଝାମଣାବଶତଃ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ।

**ତୁଳା**: କେତେକ ଅପୂରଣୀୟ ଆଶା ମନରେ ଆଲୋଡ଼ନ ସୃଷ୍ଟି କରି ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି କରିବ। ଆଜି ଅଫିସରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ କିନ୍ତୁ ପରିସ୍ଥିତି ସରଗରମ ରହିବ। କୌଣସି ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳିନେବେ। ମାଲିମକଦ୍ଦମା, ବନ୍ଧୁଙ୍କ ସହ ଆଲୋଚନା ମୂଲ୍ୟହୀନ ହୋଇ ନ ପାରେ।

**ବିଛା**: ଯାହାକୁ ନିଜର ଭାବୁଛନ୍ତି, ଆପଣଙ୍କ ପ୍ରତିଷ୍ଠାରେ ସେ ଈର୍ଷାନ୍ୱିତ ହେବେ। ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସରଳ ସମାଧାନ କରିପାରିବେ। କଳା, ସାହିତ୍ୟ, ସାମ୍ବାଦିକତା, ପ୍ରଶାସନରେ ସମସ୍ୟା ସମାଧାନ ହେବାର ଆଶା ରହିଛି। ରୋଗ ଯନ୍ତ୍ରଣା ତୀବ୍ର ହେବ କିନ୍ତୁ କିଛି କ୍ଷଣ ପରେ ଉପଶମ ହେବାର ସୂଚନା ରହିଛି।

**ଧନୁ**: ସବୁ ଭଲ ହେଲେ ମଧ୍ୟ କଥାର କଠୋରତା ସବୁ ବିଷୟକୁ ପିତା କରିଦେବ। ଅର୍ଥନୈତିକ, ସାମାଜିକ ସ୍ଥିତି ମଜଭୁତ ରହିବ। ଯେତେ ପ୍ରକାର ସମସ୍ୟା ଆସିଲେ ମଧ୍ୟ ତାହାର ଠିକ୍ ସାମ୍ନା କରିବା ପାଇଁ ଚେଷ୍ଟା କରି ସଫଳତା ପାଇବେ। ବ୍ୟବସାୟ, ପରିବହନ, ପ୍ରକାଶ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ମକର**: ଏକାଧିକ କାର୍ଯ୍ୟରେ ଅନୁପ୍ରବେଶ କୌଣସିଟାରେ ମଧ୍ୟ ସଫଳତା ଦେବ ନାହିଁ। ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବା ଆଶାରେ ବନ୍ଧୁଙ୍କୁ ବିଭିନ୍ନ ପ୍ରକାର ବିନୟପୂର୍ଣ୍ଣ କଥା କହି ସଫଳତା ହାସଲ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ସାମାଜିକ ସ୍ତରରେ ନୀରବଦ୍ରଷ୍ଟା ଭଳି କାମ କରିବେ।

**କୁମ୍ଭ**: ଅଶାନ୍ତ ମନ ଭିତରୁ ମଧୁର କଥା ବାହାରିବା କଷ୍ଟକର ମନେହେବ। ପରିବାରରେ ଭାବୁଥିବା କଥାକୁ ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ପରିବାରରେ ନିକଟ ସମ୍ପର୍କୀୟଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ। ଜଣେ ସମ୍ପର୍କୀୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଆଶା ପୂରଣ କରିପାରନ୍ତି।

**ମୀନ**: ବିଶେଷ କାରଣ ନ ଥାଇ ମଧ୍ୟ ଆଜି ପରିବାରରେ ଟଣାଓଟରା ଅବଶ୍ୟମ୍ଭାବୀ। ବନ୍ଧୁଙ୍କ ଖାପଛଡ଼ା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିବେ। ଋଣ ପରିଶୋଧ ପାଇଁ ବ୍ୟଗ୍ରତା, ସମ୍ପର୍କୀୟଙ୍କ ଅଭିଯୋଗ ଏବଂ ପଡ଼ୋଶୀଙ୍କ ଚାହିଦାପରା ମନକୁ ବିଭ୍ରାନ୍ତ କରିପାରେ। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ମାଘ ଅମାବସ୍ୟା, ଶନିବାର, ବିରଜାଦେବୀଙ୍କ ଜନ୍ମୋତ୍ସବ, ଠାକୁର ଶ୍ରୀଅଭିରାମ ପରମହଂସଙ୍କ ଜୟନ୍ତୀ, ଅମାବାସ୍ୟାର ନିଶାପାଳନ, ଜାନୁୟାରୀ ୨୧ ତାରିଖ, ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୧୦।୩୫ ଗତେ ଘ.୦୧।୦୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୧୨ ଗତେ ଘ.୧୦।୩୫ ମଧ୍ୟେ ରାହୁକାଳ ॥




# ଇଡିରେ ହାଜର ହେଲେ ତାଳଚେର ବିଧାୟକ

ଭୁବନେଶ୍ୱର,୨୦।୧(ବ୍ୟୁରୋ)



ବ୍ରଜ କିଶୋର ପ୍ରଧାନ

ତାଳଚେରର ବିଜେଡି ବିଧାୟକ ବ୍ରଜ କିଶୋର ପ୍ରଧାନ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାଳୟରେ ହାଜର ହୋଇଥିଲେ। ଅପରାହ୍ଣ ପ୍ରାୟ ସାଢ଼େ ୧ଟାରେ ସେ ନୟାପଲ୍ଲୀସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଅଧିକାରୀମାନେ ତାଙ୍କୁ ଜେରା କରିଥିଲେ। ତେବେ ଏନେଇ ଇଡି ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ବେଆଇନ ଅର୍ଥ କାରବାର ଦିଗରେ ବ୍ରଜଙ୍କୁ ପଚରାଉଚରା କରାଯାଇଥିବା ସୂଚନା ମିଳିଛି। ୭ ଘଣ୍ଟା ପରେ ଅର୍ଥାତ ରାତି ପ୍ରାୟ ୮ଟାବେଳେ ବ୍ରଜ ଇଡି କାର୍ଯ୍ୟାଳୟରୁ ବାହାରିଥିଲେ। ଏହି ସମୟରେ ସେ ଗଣମାଧ୍ୟମକୁ କହିଥିଲେ, ଇଡି ଯାହା ତଥ୍ୟ ମାଗିଲେ, ତାହା ପ୍ରଦାନ କରିଛି। ଅନୁଗୋଳ ଜିଲାରେ ଥିବା ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ଲଜିଷ୍ଟିକ୍ କମ୍ପାନୀରେ ବ୍ରଜ ଓ ନିଜ ସମ୍ପର୍କୀୟ ଦ୍ୱାରା କରାଯାଇଥିବା ଅର୍ଥ ବିନିଯୋଗରେ ଆର୍ଥିକ ଅନିୟମିତତାର ଯାଞ୍ଚ ପାଇଁ ତାଙ୍କୁ ସମନ କରାଯାଇଥିଲା ବୋଲି ସୂଚନା ମିଳିଛି। ବ୍ରଜ ନିଜର ପାନ୍, ଆଧାର ଓ ବିଭିନ୍ନ ବ୍ୟାଙ୍କର ତଥ୍ୟ ଦେଇଛନ୍ତି। ୨-୩ଦିନ ମଧ୍ୟରେ ପୁଣି ଇଡି କାର୍ଯ୍ୟାଳୟରେ ହାଜର ହେବେ ବୋଲି ଜଣେ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ, ଚମ୍ପୂଆ ବିଧାୟକ ତଥା ଖଣି ମାଲିକ ଜିତୁ ପଟ୍ଟନାୟକଙ୍କ ସହ ତାଙ୍କ ବ୍ୟବସାୟିକ ଲିଙ୍କ୍‌କୁ ନେଇ ବ୍ରଜଙ୍କୁ ପଚରାଉଚରା କରାଯାଇଥିବା ମଧ୍ୟ କୁହାଯାଉଛି।

# ଆଜି କ୍ୟାବିନେଟ

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ଶନିବାର ପୂର୍ବାହ୍ନ ୧୧ଟା ୧୫ ମିନିଟରେ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ମୋଟ ୧୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିବା ସମ୍ଭାବନା ରହିଛି। ପଞ୍ଚାୟତିରାଜ, ଉଚ୍ଚଶିକ୍ଷା, ସାଧାରଣ ପ୍ରଶାସନ ବିଭାଗ, କ୍ରୀଡା ଓ ଯୁବ ସେବା, ସ୍ୱାସ୍ଥ୍ୟ, ଜଳ ସମ୍ପଦ, କୃଷି ଆଦି ବିଭାଗର କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ଲାଗିବ। ଏଥିସହିତ ପାନୀୟ ଜଳ ପ୍ରକଳ୍ପ ଟେଣ୍ଡର, କ୍ୟାଡରର ରୁଲ ସଂଶୋଧନ, ନଦୀବନ୍ଧ ଯୋଜନା, ଶିକ୍ଷକଙ୍କୁ ସପ୍ତମ ବେତନ କମିଶନ, ପ୍ରକଳ୍ପ ପାଇଁ ଜମି ଆବଣ୍ଟନ ଆଦି କେତେକ ପ୍ରସ୍ତାବକୁ ମଞ୍ଜୁରୀ ମିଳିବା ସମ୍ଭାବନା ରହିଛି। ତେବେ କ୍ୟାବିନେଟ ଏଜେଣ୍ଡାକୁ ସମ୍ପୂର୍ଣ୍ଣ ଗୁପ୍ତ ରଖାଯାଇଛି।



# ଓଡ଼ିଶା ଗସ୍ତରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ଅପୂର୍ବ ଚନ୍ଦ୍ରା

ଭୁବନେଶ୍ୱର, ୨୦।୧ (ବ୍ୟୁରୋ)

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଅପୂର୍ବ ଚନ୍ଦ୍ରା ଶୁକ୍ରବାର ଭୁବନେଶ୍ୱରସ୍ଥିତ ଦୂରଦର୍ଶନ କେନ୍ଦ୍ର, ନ୍ୟାଶନାଲ ଏକାଡେମୀ ଅଫ୍ ବ୍ରଡ୍‌କାଷ୍ଟିଂ ଆଣ୍ଡ୍ ମଲ୍ଟିମିଡିଆ(ଏନ୍‌ଏବିଏମ୍), ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ ସେଣ୍ଟ୍ରାଲ ବ୍ୟୁରୋ ଅଫ୍ କମ୍ୟୁନିକେଶନ ପରିଦର୍ଶନ କରିଥିଲେ। ଏହି ଅବସରରେ ଅଧିକାରୀଙ୍କ ସହ ସମୀକ୍ଷା ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହାପରେ କଟକସ୍ଥିତ ଆକାଶବାଣୀ କେନ୍ଦ୍ର ପରିଦର୍ଶନ କରି ଏହାର କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ। ଏଥିସହ ଦୂରଦର୍ଶନ, ଏନ୍‌ଏବିଏମ୍ ଏବଂ ଆକାଶବାଣୀ କେନ୍ଦ୍ର ପରିସରରେ ବୃକ୍ଷ ରୋପଣ କରିଥିଲେ।







ଯାହା କିଛି ଘଟୁନା କାହିଁକି, ନିଶ୍ଚଳ ଓ ପ୍ରଶାନ୍ତ ରୁହ। ଏକ ବିଶୁଦ୍ଧ ଶାନ୍ତି ଏବଂ ଈଶ୍ୱରଙ୍କ କରୁଣା ଉପରେ ସଂପୂର୍ଣ୍ଣ ବିଶ୍ୱାସ ଓ ନିର୍ଭରଶୀଳତା ରଖ। ଯଦି ଏହା ରଖିପାର ତେବେ ନିଶ୍ଚିତ ଥାଅ ଯେ, ତୁମର କିଛି ଅନିଷ୍ଟ ଘଟିବ ନାହିଁ। –ଶ୍ରୀମା



# କର୍ପୋରେଟ ପ୍ରୋତ୍ସାହନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସିଭିଲ ସର୍ଭିସ୍‌କୁ ଅଧିକ ପ୍ରଭାବୀ ସୁଶାସନ ଯୋଗାଇଦେବାକୁ ହେଲେ ସେଥିରେ ବ୍ୟାପକ ସୁଧାର ଆଣିବା ଦରକାର ବୋଲି ପ୍ରାୟ ସମସ୍ତେ ଏକମତ ହେବେ। ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାବୁମାନଙ୍କ ପାଇଁ ସୁଧାର, ପ୍ରଦର୍ଶନ ଏବଂ ବଦଳିର ଆବଶ୍ୟକତା ଉପରେ ଲଗାତର କହିଆସିଛନ୍ତି। ଏହି ଦିଗରେ କେତେକ ପଦକ୍ଷେପ ବି ନିଆଯାଇଛି। କିନ୍ତୁ ବର୍ତ୍ତମାନ ମୌସୋରିସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ନ୍ୟାଶନାଲ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେଶନରେ ପ୍ରଶିକ୍ଷଣ ନେଉଥିବା ବାବୁମାନଙ୍କୁ ଆୟତ୍ତକୁ ନେବା ପାଇଁ ଚେଷ୍ଟା କରାଯାଇଛି। କର୍ପୋରେଟ ସେକ୍ଟର ଦ୍ୱାରା ମୋଦି ସରକାର ଏବକାର ସ୍ଥିତିରେ ପରିବର୍ତ୍ତନ ଆଣିବା ଏବଂ ବିଶ୍ୱସ୍ତରୀୟ ବିଶେଷଜ୍ଞମାନଙ୍କ ମାଧ୍ୟମରେ ଯୁବ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ପ୍ରୟାସ କରିଛନ୍ତି। ପ୍ରଶିକ୍ଷଣ ଦେବା ଲାଗି ଉକ୍ତ ଏକାଡେମୀ ବିଶ୍ୱ ବ୍ୟାଙ୍କ, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି, ଲି କୁଆନ ୟୁଉ ସ୍କୁଲ ଅଫ୍ ପବ୍ଲିକ ପଲିସି ଏବଂ କ୍ରାନିଜି ମିଲୋନ ୟୁନିଭର୍ସିଟି ଭଳି ଅନୁଷ୍ଠାନଗୁଡ଼ିକର ବିଭିନ୍ନ କ୍ଷେତ୍ରରେ ଥିବା ବିଶେଷଜ୍ଞମାନଙ୍କୁ ଜଡ଼ିତ କରୁଥିବା ଜାଣିବାକୁ ମିଳିଛି। ଏହାସହ ଅଧିକାରୀମାନଙ୍କ ମନରେ ରାଷ୍ଟ୍ରବାଦ ସୃଷ୍ଟିକରିବା ଲାଗି ଏବକାର ପାଠ୍ୟକ୍ରମଗୁଡ଼ିକର ନବୀକରଣ କରାଯାଇଛି। ଏହା କରିବାର ଲକ୍ଷ୍ୟ ହେଉଛି ଦକ୍ଷତା ଆଣିବା ଏବଂ କାର୍ଯ୍ୟର ଏକ ପ୍ରଦର୍ଶନ କୈନ୍ଦ୍ରିକ ପ୍ରତିଯୋଗୀ ଢାଞ୍ଚା ଗଠନ କରିବା ବୋଲି ଏକାଡେମୀ ନିର୍ଦ୍ଦେଶକ ଶ୍ରୀନିବାସ କାତିକିଥାଲା ବିଶ୍ୱାସ କରନ୍ତି । ତେବେ ନୂଆ ପଦକ୍ଷେପକୁ ସମସ୍ତେ ପସନ୍ଦ କରିନାହାନ୍ତି। ଅନେକ ବରିଷ୍ଠ ଅଧିକାରୀ ବିଶ୍ୱାସ କରନ୍ତି ଯେ ଅଧିକାରୀମାନେ କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ବାସ୍ତବ ଅଭିଜ୍ଞତାରୁ ଶିକ୍ଷା କରିବା ଦରକାର, ଅନ୍ତର୍ଜାତୀୟ ନୀତି ବିଶେଷଜ୍ଞଙ୍କଠାରୁ ନୁହେଁ। କର୍ପୋରେଟ ୱାର୍ଲ୍ଡରୁ ବିଶେଷଜ୍ଞମାନଙ୍କୁ ଆଣିବାକୁ ନେଇ କେତେଜଣ ଅନୁଭବ କରନ୍ତି ଯେ, ଏହାଦ୍ୱାରା କିଛି ବିଶ୍ଳେଷଣାତ୍ମକ କୌଶଳ କିମ୍ବା ବୈଷୟିକ ଜ୍ଞାନ ଅଣାଯାଇପାରିବ; କିନ୍ତୁ ଗ୍ରାମୀଣ ଭାରତରେ ଏବଂ ନିଆରା ଓ ଜଟିଳ ସାମାଜିକ ବ୍ୟବସ୍ଥାରେ କାମ କରି ସେଥିରୁ ଆମ ଅଧିକାରୀମାନେ ଯେଉଁ ଶିକ୍ଷା ଲାଭ କରିଥାନ୍ତି ଏହା ତାହାର ବିକଳ୍ପ ହୋଇପାରିବ ନାହିଁ।

### ପୁନର୍ବାର ବଦଳି

ହରିୟାଣା ଆଇଏଏସ୍ ଅଧିକାରୀ ଅଶୋକ ଖେମ୍‌କା ତାଙ୍କ ଖରାପ କ୍ୟାରିୟର ଲାଗି ଜଣାଶୁଣା। ତାଙ୍କ କ୍ୟାରିୟରରେ ବାରମ୍ବାର ବଦଳି ହେବା ପ୍ରଶାସକମାନଙ୍କ ପାଇଁ ବିଶେଷକରି ଯେଉଁମାନେ ରୁଲ୍‌ବୁକ୍ ଅନୁସାରେ ଅନୁଶାସନପୂର୍ବକ କାମ କରୁଛନ୍ତି ସେମାନଙ୍କ ପାଇଁ ଏକ ସତର୍କ ସୂଚନା। ସିଭିଲ ସର୍ଭିସରେ ଖେମ୍‌କାଙ୍କ ଭଳି ଖୁବ୍ କମ୍ ବାବୁ ଥିବେ ଯେଉଁମାନେ ୩ ଦଶନ୍ଧିର ବାବୁଗିରି ମଧ୍ୟରେ ପ୍ରତ୍ୟେକ ନିଯୁକ୍ତିରେ ହାରାହାରି ୬ମାସ ରହିଥିବେ। ସରକାରଙ୍କ ଅଭିଲେଖାଗାର ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପଦବୀକୁ ଖେମକାଙ୍କୁ ଏବେ ବଦଳି କରାଯାଇଛି। ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ସେ ଅତିରିକ୍ତ ମୁଖ୍ୟ ସଚିବ ଥିଲେ। କିନ୍ତୁ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଏବଂ ଉଚ୍ଚ ଶିକ୍ଷା ବିଭାଗର ସମ୍ମିଶ୍ରଣ ପରେ ତାଙ୍କ ପାଇଁ ଅଧିକ କାମ ନାହିଁ ବୋଲି ସରକାରଙ୍କୁ ଚିଠି ଲେଖି ଜଣାଇବା ଯୋଗୁ ଏଭଳି ବଦଳି କରାଯାଇଛି। ଏହା କ'ଣ ତାଙ୍କର ୫୫ତମ ନା ୫୬ତମ ବଦଳି? ଏହି ବଦଳି ପରେ ସେ ଅଭିଲେଖାଗାରର ଐତିହାସିକ ରେକର୍ଡରେ ସ୍ଥାନ ପାଇଲେ ବୋଲି ଟୁଇଟରରେ ଦର୍ଶାଇଥିଲେ। ପୂର୍ବ ଦଶନ୍ଧିଗୁଡ଼ିକରେ ଖେମ୍‌କା ଅନ୍ୟ ଆଇଏଏସ୍ ଅଧିକାରୀମାନଙ୍କଠାରୁ ସବୁଠୁ ଅଧିକ ଥର ବଦଳି ହୋଇଛନ୍ତି। ଅଭିଲେଖାଗାର ବିଭାଗରେ ଏହା ତାଙ୍କର ତୃତୀୟ ନିଯୁକ୍ତି। ତାଙ୍କୁ ସବୁବେଳେ ଗୌଣ କରିବାରେ ସରକାରଙ୍କ ପ୍ରୟାସକୁ ଖାତିର ନ କରି ସେ ଧୀରେଧୀରେ ଆଗକୁ ବଢୁଛନ୍ତି। ନିକଟରେ ହ୍ୱିସିଲ ବ୍ଲୋୟର ଖେମ୍‌କାଙ୍କର ରୋହତକ ଡିଭିଜନ କମିଶନର ସଞ୍ଜୀବ ବର୍ମାଙ୍କ ସହ ବି ଏକ ଦୁର୍ନୀତି ଅଭିଯୋଗକୁ ନେଇ ବିବାଦ ଉପୁଜିଛି।

### ସିବିଆଇ ନଜରରେ ବାବୁ

ପୂର୍ବତନ ଅର୍ଥ ସଚିବ ଅରବିନ୍ଦ ମାୟାରାମ ଏବଂ ଅର୍ଥ ମନ୍ତ୍ରଣାଳୟର ଆଉ କେତେଜଣ ଅଧିକାରୀଙ୍କ ବିରୋଧରେ ସିବିଆଇ ଏକ ମାମଲ ପଞ୍ଜୀକୃତ କରିଛି। କାଗଜ ମୁଦ୍ରା ବା ନୋଟ୍ ପାଇଁ ସିକ୍ୟୁରିଟି ଥ୍ରେଡ୍ ଯୋଗାଣରେ ଅନିୟମିତତା ଅଭିଯୋଗକୁ କେନ୍ଦ୍ରକରି ହୋଇଥିବା ଉକ୍ତ ମାମଲା ବାବୁ ପରିସରକୁ ଅଶାନ୍ତ କରିଦେଇଛି। ସଂଯୋଗବଶତଃ ଦୁଇଟି ଘଟଣା ଏକାବେଳକେ ଘଟିଛି। ମାୟାରାମ ଏବଂ ତାଙ୍କ ସ୍ତ୍ରୀ କଂଗ୍ରେସର ଭାରତ ଯୋଡୋ ଯାତ୍ରାରେ ଯୋଗ ଦେବାର ଠିକ୍ ଗୋଟିଏ ଦିନ ପରେ ସିବିଆଇ ତାଙ୍କ ବିରୋଧରେ ମାମଲା ଦାୟର କରିଛି। ଜଣାପଡ଼ିଛି, ଏହି ମାମଲା ୫ ବର୍ଷ ପୂର୍ବର। ଏକ ଅଭିଯୋଗକୁ ଆଧାର କରି ମନ୍ତ୍ରଣାଳୟ ଦ୍ୱାରା ୨୦୧୭ରେ ଏହା ଦାୟର କରାଯାଇଥିଲା। କାହିଁକି ଏବେ ତାହା ଉଠୁଛି ବୋଲି ଲୋକେ ଆଲୋଚନା କରୁଛନ୍ତି। କିନ୍ତୁ ସୂତ୍ରରୁ ଜଣାପଡ଼ିଛି, ସେବେଠାରୁ ଏହା ଉପରେ ତଦନ୍ତ ଚାଲିଛି ଓ ଶେଷରେ ମାୟାରାମଙ୍କ ଦିଲ୍ଲୀ ଓ ଜୟପୁରସ୍ଥିତ ଗୃହରେ ଚଢ଼ଉ କରାଯାଇଛି। ଏହି ବାବୁ ଜଣକ ଏବେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ପ୍ରମୁଖ ଆର୍ଥିକ ପରାମର୍ଶଦାତା ଅଛନ୍ତି। କେତେଜଣ ପର୍ଯ୍ୟବେକ୍ଷକ କହନ୍ତି, ପୂର୍ବ ସରକାରରେ ଥିବା ଜଣେ ମନ୍ତ୍ରୀ ସିବିଆଇର ଟାର୍ଗେଟରେ ରହିଛନ୍ତି ଓ ମାୟାରାମଙ୍କୁ ଆକ୍ରମଣ କରିବା ଏକ ବାହାନା। ଜଣେ ଯାହା ଭାବନ୍ତୁ ନା କାହିଁକି ଏହି ମାମଲା ଏକ ଦୀର୍ଘ ନ୍ୟାୟିକ ଯୁଦ୍ଧର ଆରମ୍ଭ ମାତ୍ର।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 1 | | 4 | | |
| | | | | | 3 | 9 | | |
| | | | 2 | | | 7 | 3 | |
| | 7 | 6 | | | | | 2 | 8 |
| 4 | | | | | 8 | 5 | | 1 |
| | | | | | | | | 7 |
| | 4 | 3 | | | 7 | | | |
| | 6 | 7 | | 2 | | | | |
| 2 | | | 8 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 8 | 5 | 6 | 4 | 7 | 2 | 1 |
| 6 | 7 | 5 | 2 | 1 | 8 | 9 | 4 | 3 |
| 4 | 2 | 1 | 7 | 9 | 3 | 6 | 8 | 5 |
| 3 | 6 | 4 | 8 | 7 | 5 | 2 | 1 | 9 |
| 2 | 8 | 7 | 1 | 3 | 9 | 4 | 5 | 6 |
| 5 | 1 | 9 | 4 | 2 | 6 | 3 | 7 | 8 |
| 1 | 5 | 3 | 6 | 4 | 7 | 8 | 9 | 2 |
| 7 | 9 | 2 | 3 | 8 | 1 | 5 | 6 | 4 |
| 8 | 4 | 6 | 9 | 5 | 2 | 1 | 3 | 7 |

ଗତକାଲିର ଉତ୍ତର

# ନିର୍ଦ୍ଦୋଷ ଦଣ୍ଡିତ ନ ହେଉ



ବୈକୁଣ୍ଠନାଥ ମିଶ୍ର

ଭାରତ ସମ୍ବିଧାନର ଧାରା ୨୧ ପ୍ରତ୍ୟେକ ଭାରତୀୟଙ୍କୁ ବଞ୍ଚିବାର ଅଧିକାର (ରାଇଟ୍ ଟୁ ଲାଇଫ୍) ପ୍ରଦାନ କରିଛି। ଯେତେବେଳେ ସେହି ଅଧିକାର ଉପରେ ଆଘାତ ଲାଗେ, ସେତେବେଳେ ବ୍ୟକ୍ତିର ମାନବିକ ଅଧିକାର କ୍ଷୁଣ୍ଣ ହୁଏ ବୋଲି ବିବେଚନା କରାଯାଏ। ମାନବିକ ଅଧିକାର କ'ଣ ଓ ଏହାର ସୁରକ୍ଷା କିପରି ବଳବତ୍ତର ରହିବ, ତାହା ବର୍ତ୍ତମାନ ସମୟର ଏକ ବିତର୍କ। କାରଣ ମାନବିକ ଅଧିକାର ସଂଜ୍ଞା ଅସ୍ପଷ୍ଟ। ଦେଖାଯାଉଛି ଯେ ସମାନ ଅପରାଧ ପାଇଁ ଜଣେ ବିଚାରପତି ଫାଶୀ ଦଣ୍ଡାଦେଶ ପ୍ରଦାନ କରୁଥିବା ସମୟରେ ଅନ୍ୟଜଣେ ବିଚାରପତି ଆଜୀବନ ଜେଲ ଦଣ୍ଡାଦେଶ ପ୍ରଦାନ କରନ୍ତି। ଜଣେ ନ୍ୟାୟାଧୀଶ ଫାଶୀଦଣ୍ଡକୁ ମାନବିକ ଅଧିକାରର ହନନ ରୂପେ ବିବେଚନା କରୁଥିବାବେଳେ ଆଉ ଜଣେ ବିଚାରପତି ବିରଳରୁ ଅତିବିରଳ ଅପରାଧ ପାଇଁ ଫାଶୀଦଣ୍ଡ ଏକ ସମୁଚିତ ବିକଳ୍ପ ରୂପେ ବିବେଚନା କରନ୍ତି। ବିଚାରପତିଙ୍କର ବିଚାରଧାରା ପରସ୍ପରଠାରୁ ଭିନ୍ନ। ଉଦାହରଣ ସ୍ୱରୂପ ବିମୁଦ୍ରୀକରଣ ବିପକ୍ଷରେ ସର୍ବୋଚ୍ଚ ନ୍ୟାୟାଳୟରେ ୫୮ଟି କେସ୍‌କୁ ୫ଜଣିଆ ଖଣ୍ଡପୀଠ ବିଚାର କଲାବେଳେ ୪ଜଣ ଏହାର ସପକ୍ଷରେ ମତ ଦେଉଥିବା ବେଳେ ଖଣ୍ଡପୀଠର ଏକମାତ୍ର ମହିଳା ବିଚାରପତି ଜଷ୍ଟିସ ବି.ଭି. ନାଗରତ୍ନା ଏହା ବିପକ୍ଷରେ ମତ ଦେଇଥିଲେ। ସେ କହିଲେ, ବିମୁଦ୍ରୀକରଣ ପରି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପାର୍ଲାମେଣ୍ଟର ବିନା ସ୍ୱୀକୃତିରେ ଗ୍ରହଣ କରିବା ଆଦୌ ଉଚିତ ହୋଇନାହିଁ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜଣେ ବ୍ୟକ୍ତି ଯେତେ କ୍ଷମତାଶାଳୀ ହୋଇଥାନ୍ତୁ ନା କାହିଁକି ସେ କେବେ ବି ପାର୍ଲାମେଣ୍ଟର ଊର୍ଦ୍ଧ୍ୱରେ ନୁହନ୍ତି।

ମାନବିକ ଅଧିକାରର ହନନକୁ ଏକ ଦଣ୍ଡରୂପେ ବିବେଚନା କରାଯାଇପାରେ। ମାନବିକ ଅଧିକାର ହନନ ସ୍ୱରୂପ ବିନା ଦୋଷରେ ଦୀର୍ଘଦିନ ଧରି କାରାଦଣ୍ଡ ଭୋଗ କରିବା ଆମ ଦେଶରେ ଏକ ପ୍ରଚଳିତ ଧାରାର ରୂପ ନେଇସାରିଲାଣି। ତଦନ୍ତ ଅଧିକାରୀଙ୍କ ଯଥେଚ୍ଛାଚାରିତାରୁ ହେଉ ଅଥବା ଜେଲ କର୍ତ୍ତୃପକ୍ଷଙ୍କ ଅଦୂରଦର୍ଶିତା ଓ ସରକାରଙ୍କ ନିଷ୍ଠାର ଅଭାବରୁ ହେଉ ବିନା ଦୋଷରେ କିଛିବ୍ୟକ୍ତି ଦୀର୍ଘଦିନ ଧରି ଜେଲଦଣ୍ଡ ଭୋଗ କରୁଛନ୍ତି। ଏହା କୌଣସି ସାଧାରଣ ବ୍ୟକ୍ତିର ମତ ନୁହେଁ। ନିକଟରେ ଭାରତର ସମ୍ବିଧାନ ଦିବସ ପାଳନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଲେ ଯେ ଆମ ଦେଶର ଜେଲମାନଙ୍କରେ ଏମିତି ଅନେକ କଏଦୀ ଅଛନ୍ତି ଯେଉଁମାନେ ବିନା ଦୋଷରେ ୧୦ବର୍ଷ, ୨୦ବର୍ଷ, ଏପରି କି ୩୦ବର୍ଷ ଧରି ଜେଲଦଣ୍ଡ ଭୋଗୁଛନ୍ତି। ସେମାନେ ସାଧାରଣତଃ ସେମାନଙ୍କ ଜେଲଦଣ୍ଡର କାରଣ ସମ୍ବନ୍ଧରେ ଅଜ୍ଞ। ସେମାନେ ନିରପରାଧ ଓ କିଂକର୍ତ୍ତବ୍ୟବିମୂଢ଼। ରାଷ୍ଟ୍ରପତିଙ୍କ ମତରେ, ଏହା ମୂଳରେ ଦୁଇଟି କାରଣ ନିହିତ। ପ୍ରଥମତଃ ତଦନ୍ତକାରୀ ସଂସ୍ଥାର ତ୍ରୁଟିପୂର୍ଣ୍ଣ ତଦନ୍ତ ଏବଂ ଦ୍ୱିତୀୟତଃ ଆମ ବିଚାର ବ୍ୟବସ୍ଥାର ନ୍ୟାୟ ପ୍ରଦାନରେ ଅହେତୁକ ବିଳମ୍ବ। ନିଜସ୍ୱ ଅନୁଭୂତିରୁ ରାଷ୍ଟ୍ରପତି କହିଲେ ଯେ ସେ ବିଧାୟିକା ଥିବା ସମୟରେ ହୋମ୍‌ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଥିଲେ ଓ ସେ ଓଡ଼ିଶାର ପ୍ରାୟ ସମସ୍ତ କାରାଗାର ପରିଦର୍ଶନର ସୁଯୋଗ ପାଇଥିଲେ। ସେହି ସମୟରେ ସେ ଏହା ଜ୍ଞାତ ହୋଇଥିଲେ ଯେ କାରାଗାରଗୁଡ଼ିକରେ ଏପରି କେତେକ ନିରୀହ ବ୍ୟକ୍ତି ଅଛନ୍ତି ଯେଉଁମାନେ ବିନା ଦୋଷରେ ଦୀର୍ଘଦିନ ଧରି କାରାଦଣ୍ଡ ଭୋଗୁଛନ୍ତି। କେବଳ ସେମାନେ ନୁହନ୍ତି ତାଙ୍କ ପରିବାର ମଧ୍ୟ ବିନା କାରଣରେ ସମାଜରେ ଲାଞ୍ଛିତ, ଅପମାନିତ ହୋଇ ଘୋର ମାନସିକ ଅବସାଦ ମଧ୍ୟରେ କାଳାତିପାତ କରୁଛନ୍ତି। ବଡକଥା ହେଲା ଏହି ନିରପରାଧ କଏଦୀଙ୍କ ପାଇଁ କୌଣସି ବ୍ୟକ୍ତି ବିଶେଷ, ସାମାଜିକ ସଂଗଠନ, ରାଜନେତା, ବୁଦ୍ଧିଜୀବୀ କେହିହେଲେ ଆଗେଇ ଆସୁନାହାନ୍ତି। ଯେତେବେଳେ ସାଧାରଣ ନିରପରାଧ ବ୍ୟକ୍ତି ତ୍ରୁଟିପୂର୍ଣ୍ଣ ତଦନ୍ତର ଶିକାର ହୋଇ ଦୀର୍ଘଦିନ ଜେଲରେ ରହେ, ସେତେବେଳେ କେବଳ ସମାଜ ନୁହେଁ, ତା' ସ୍ତ୍ରୀ ପିଲା ମଧ୍ୟ ସନ୍ଦେହ ପ୍ରକାଶ କରନ୍ତି ଯେ ତାଙ୍କ ନିଜ ଲୋକ କ'ଣ ସତରେ ଅପରାଧୀ!



ଏ ସମ୍ବନ୍ଧରେ ପ୍ରସିଦ୍ଧ ରୁଷୀୟ ଲେଖକ କାଉଣ୍ଟଲିଓ ଟଲଷ୍ଟୟଙ୍କର ଏକ ହୃଦୟ ବିଦାରକ କାହାଣୀ ଏଠାରେ ପ୍ରାସଙ୍ଗିକ ମନେହୁଏ। ରୁଷର ଭ୍ଲାଦିମିର ସହରରେ ରହୁଥିଲେ ଇଭାନ ଆକ୍ସିନୋଭ ନାମକ ଜଣେ ପ୍ରତିଷ୍ଠିତ ଯୁବ ବଣିକ। ଦିନେ ସେ ବ୍ୟବସାୟିକ କାର୍ଯ୍ୟରେ ଦୂର ସହର ନିଜନୀକୁ ଯାତ୍ରା ଆରମ୍ଭ କଲେ। ମଝିବାଟରେ ତାଙ୍କର ଜଣେ ଦୂର ପରିଚିତ ବଣିକ ସହ ଦେଖାହେଲା ଓ ଦୁହେଁ ସାଥି ହୋଇ ଏକ ପଥପ୍ରାନ୍ତ ଧର୍ମଶାଳାରେ ରାତ୍ରିଯାପନ କଲେ। ପରଦିନ ପ୍ରତ୍ୟୁଷରୁ ଇଭାନ ତାଙ୍କ ଯାତ୍ରା ଆରମ୍ଭ କରିଦେଲେ। କିଛିବାଟ ଗଲା ପରେ ତାଙ୍କୁ ପୋଲିସ ଅଟକାଇଲେ ଓ ତାଙ୍କ ସାଙ୍ଗ ବଣିକଙ୍କୁ ହତ୍ୟା କରି ତାଙ୍କ ଧନରତ୍ନ ଲୁଣ୍ଠନ କରିଥିବା ଅଭିଯୋଗ ବାଢିଲେ। ଇଭାନଙ୍କ ଗଣ୍ଠିଲି ମଧ୍ୟରୁ ପୋଲିସ ଏକ ରକ୍ତଲଗା ଛୁରି ମଧ୍ୟ ପାଇଲେ। ଇଭାନଙ୍କୁ ସେମାନେ ବନ୍ଦୀକରି ସୁଦୂର ସାଇବେରିଆ ଜେଲକୁ ପଠାଇଦେଲେ। ଜେଲରେ ଜଣେ ଜଘନ୍ୟ ହତ୍ୟାକାରୀର ଆଖ୍ୟା ବହନ କରି ଇଭାନଙ୍କୁ ରହିବାକୁ ହେଲା। ଏପରି କି ତାଙ୍କ ପତ୍ନୀ ଜେଲରେ ତାଙ୍କୁ ସାକ୍ଷାତ କରିବା ଅବସରରେ କହିଲେ, ଇଭାନ! ତୁମେ ମୋ ମୁଣ୍ଡ ଛୁଇଁ କୁହ ତୁମେ କ'ଣ ଏ କାମ କରିଛ? ଇଭାନ ଦେଖିଲେ ଶେଷରେ ଧର୍ମପତ୍ନୀ ମଧ୍ୟ ତାଙ୍କୁ ସନ୍ଦେହ କଲେ। ତେଣୁ ସେ ନୀରବ ରହିଲେ। ଇତି ମଧ୍ୟରେ ଜେଲରେ ତାଙ୍କୁ ୨୬ବର୍ଷ ବିତେଇବାକୁ ହେଲା। ନିଜର ଅମାୟିକ ବ୍ୟବହାର, ସତ୍ୟ ଏବଂ ପ୍ରିୟବାଦିତା ଯୋଗୁ ଜେଲ କର୍ତ୍ତୃପକ୍ଷ ଓ ସାଥୀ ବନ୍ଦୀଙ୍କ ନିକଟରେ ସେ ହୋଇ ଉଠିଲେ ଜଣେ ସମ୍ମାନସ୍ପଦ ବ୍ୟକ୍ତି। ପ୍ରତ୍ୟହ ଜେଲ ପ୍ରକୋଷ୍ଠରେ ଈଶ୍ୱର ଆରାଧନା ସମୟରେ ସେ ପ୍ରାର୍ଥନା କରନ୍ତି, ହେ ପରମାତ୍ମା ! ମୋ ପରି ବିନା ଦୋଷରେ କାହାକୁ ଏପରି ଦଣ୍ଡ ଭୋଗିବାକୁ ନ ହେଉ। ଜେଲ କର୍ତ୍ତୃପକ୍ଷ ଏକଥା ମଧ୍ୟ ଶୁଣିପାରିଲେ। ଆଉ ଦିନେ ସନ୍ଧ୍ୟା ସମୟରେ ସମସ୍ତ ବନ୍ଦୀ ଏକତ୍ରିତ ହୋଇ ଇଭାନଙ୍କ ଅଧ୍ୟକ୍ଷତାରେ ଏକ ସଭାକଲେ, ଯେଉଁଥିରେ ସମସ୍ତେ ନିଜ ନିଜର ଦୋଷ ସ୍ୱୀକାର କରିବେ। ଜଣେ ବନ୍ଦୀ କହିଲେ, ଆଜକୁ ପ୍ରାୟ ୨୬ବର୍ଷ ତଳେ ଭ୍ଲାଦିମିର ଓ ନିଜନୀର ସଂଯୋଗ ରାସ୍ତାର ଏକ ଧର୍ମଶାଳାରେ ଜଣେ ବଣିକକୁ ହତ୍ୟାକରି ତା'ର ଧନରତ୍ନ ଲୁଣ୍ଠନ କଲି ଓ ତା' ସାଙ୍ଗ ଗଣ୍ଠିଲିରେ ରକ୍ତଲଗା ଛୁରିଟିକୁ ରଖିଦେଇ ଆସିଲି। ଏହାପରେ ମୁଁ ଅନେକ ଅପରାଧ କରିଥିଲେ ମଧ୍ୟ ପରିଶେଷରେ ଏକ ଛୋଟ ଭୁଲ ପାଇଁ ମୁଁ ବନ୍ଦୀ ହେଲି । ଏହା ଶୁଣି ଇଭାନ କହିଲେ ମୁଁ ସେହି ହତଭାଗ୍ୟ ଯେ ତୁମ ଅପରାଧର ଦଣ୍ଡ ଭୋଗୁଛି।

ଜେଲ କର୍ତ୍ତୃପକ୍ଷ ଏକଥା ଶୁଣିଲେ। ଇଭାନ ଯେ ନିରପରାଧ ଏ ବିଶ୍ୱାସ ତାଙ୍କର ସୁଦୃଢ଼ ହେଲା। ପରଦିନ ଜେଲ ଅଧୀକ୍ଷକ ଇଭାନଙ୍କ ମୁକ୍ତିପତ୍ର ନେଇ ତାଙ୍କ ପ୍ରକୋଷ୍ଠରେ ପହଞ୍ଚିଲା ବେଳକୁ ଇଭାନ ଆଉ ଇହ ଜଗତରେ ନ ଥିଲେ। ପ୍ରାର୍ଥନା କରୁଥିବା ସମୟରେ ହିଁ ତାଙ୍କ ପ୍ରାଣବାୟୁ ଉଡିଗଲା।

ଆଜି ମଧ୍ୟ ଅନେକ ଇଭାନ ମିଥ୍ୟା ଅପରାଧରେ ଆରୋପିତ ହୋଇ ବିଭିନ୍ନ ଜେଲରେ କଏଦୀ ଜୀବନ ଅତିବାହିତ କରୁଛନ୍ତି। ଅନୁସନ୍ଧାନ ଦାୟିତ୍ୱ ନିର୍ବାହ କରୁଥିବା ଅଧିକାରୀ, ସରକାର, କାରାଗାର ଅଧୀକ୍ଷକ କିମ୍ବା ସର୍ବୋପରି ବିଚାର ବ୍ୟବସ୍ଥା ଏଥିପାଇଁ ସମ୍ବେଦନଶୀଳ ଥିବା ପରି ମନେହେଉନି। କୌଣସି ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷଙ୍କୁ ବଞ୍ଚାଇବାକୁ ଯାଇ ଜଣେ ନିରୀହ ବ୍ୟକ୍ତିକୁ ଦଣ୍ଡିତ କରିବା ହୁଏତ ପୃଥିବୀରେ ସମ୍ଭବ, ମାତ୍ର ଈଶ୍ୱରଙ୍କ ଦରବାରରେ ଏହା ସମ୍ଭବ ନୁହେଁ। ତେଣୁ ତଦନ୍ତକାରୀ ଅଧିକାରୀ, ନ୍ୟାୟପାଳିକା ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଦରକାର ଯେ ଶହେ ଦୋଷୀ ପଛେ ଖସିଯାନ୍ତୁ ମାତ୍ର ଜଣେ ହେଲେ ନିର୍ଦ୍ଦୋଷ ଯେପରି ଦଣ୍ଡ ନ ପାଉ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

# ସହମତିରେ ଦୁର୍ଗତି



ଦ୍ୱିତୀ ଚନ୍ଦ୍ର ସାହୁ

ଖରା ଛୁଟି ସରିଲା। ପିଲାଏ ବିଦ୍ୟାଳୟକୁ ଫେରିଲେ। ହଷ୍ଟେଲରେ ରହୁଥିବା ଛୁଆ ରହିବା ଆରମ୍ଭ କଲେ। ବଡ଼ିଲା ଝିଅଙ୍କ ସମସ୍ୟା ଟିକେ ଅଧିକ। କର୍ମଚାରୀଙ୍କୁ ଭାରି ଟେନ୍‌ସନ। ରେଡ୍ ରେକର୍ଡକୁ ତନଖି କରାଗଲା। ମାସିକ ଋତୁସ୍ରାବ ତାରିଖ ଯାଞ୍ଚ କରାଗଲା। ପ୍ରାୟତଃ ସବୁ ଠିକ୍‌ଠାକ୍ ଥିଲା। କିନ୍ତୁ ମାସେ ପରେ ବି ଜଣେ ବଡ଼ିଲା ଛୁଆର ମାସିକ ଧର୍ମ ହେଲାନି। ଭାବିଲେ ରକ୍ତହୀନତା ଅଥବା ଅନିୟମିତତା ହେତୁ ଏମିତି ହୋଇଥାଇପାରେ। ଡାକ୍ତରଙ୍କ ପରାମର୍ଶ ନିଆଗଲା, ତଥାପି କିଛି ସୁଫଳ ମିଳିଲାନି। ତା'ପରେ ଗର୍ଭଧାରଣ କିଟ୍ ପରୀକ୍ଷା କରାଗଲା। ମୁଣ୍ଡରେ ହାତ ଦେଲେ ବିଦ୍ୟାଳୟ କର୍ତ୍ତୃପକ୍ଷ। ଆରମ୍ଭ ହେଲା କାଉନ୍‌ସେଲିଂ। ଶେଷରେ ସ୍ୱୀକାର କଲା ଝିଅ। ଗାଁରେ ସହମତିରେ ନିଜ ପୁଅ ସାଙ୍ଗ ସହ ଯୌନ ସମ୍ପର୍କ ସ୍ଥାପନ କରିଛି। ପୁଅର ନାମ ଓ ଠିକଣା ଲିପିବଦ୍ଧ ହେଲା। ବିଦ୍ୟାଳୟ ପକ୍ଷରୁ ଏକ ରିପୋର୍ଟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଗଲା। ତେଣିକି ଆରମ୍ଭ ହେଲା ତନାଘନା। ଶିଶୁ ସୁରକ୍ଷା କମିଟି, ଶିଶୁ କଲ୍ୟାଣ କମିଟି ପଛକୁ ପଛ ଅଫିସରଙ୍କ ତୁହାକୁ ତୁହା ବିଦ୍ୟାଳୟକୁ ଗସ୍ତ ଚାଲିଲା। ଥାନାରେ ଏତଲା ଦେବାକୁ ପଡ଼ିଲା। ସହମତିରେ ଯୌନ ସମ୍ପର୍କ ସ୍ଥାପନ ହୋଇଥିଲେ ମଧ୍ୟ ନାବାଳକ ହେତୁ ପୋକ୍ସୋ ଆଇନ ମୁତାବକ ତାକୁ ଅପରାଧ ବିବେଚନା କରାଗଲା। ବାଳ ଅପରାଧୀକୁ ପୋଲିସ ଧରି ଆଣିଲା। ଆରମ୍ଭ ହେଲା ତାଡ଼ନା। ଦୁଇ ଜନଜାତି ପରିବାର ଗାଁରେ ବୈଠକ ହେଲା। ଉଭୟ ପକ୍ଷ ସହମତିରେ ବିବାହ ପାଇଁ ସମ୍ମତି ପ୍ରକଟ କଲେ। କିନ୍ତୁ ବିବାହ ବୟସ ହୋଇ ନ ଥିବାରୁ ବାଲ୍ୟ ବିବାହ କରିବାର ସୁଯୋଗ ଦେଲାନି ଆଇନ। ଏଣେ ଗଣମାଧ୍ୟମର ଶିରୋନାମା ପାଲଟିଲା ଖବର। ଘାଣ୍ଟି ହୋଇଗଲେ ବିଦ୍ୟାଳୟର ସମସ୍ତ କର୍ମଚାରୀ। ତିଳେ ମାତ୍ର ଭୁଲ ନ ଥିବା ସତ୍ତ୍ୱେ ଜଣେ ଜଣେ ଅପରାଧୀ ଭଳି ସମସ୍ତଙ୍କୁ ବିବେଚନା କରାଗଲା।

ସୁରକ୍ଷିତ ପ୍ରସବ ଉପରେ ଗୁରୁତ୍ୱଦେଲା ପ୍ରଶାସନ ଓ ଆଇନ। ଅପରପକ୍ଷେ ଝିଅ ଓ ପୁଅ ଗୋଷ୍ଠୀର ଲୋକେ ବିଦ୍ୟାଳୟକୁ ଆସି ତୁହାକୁତୁହା ନିଜ ଇଚ୍ଛା ମୁତାବକ ଭଲମନ୍ଦ କହି ଚାଲିଲେ। ବିଚରା ବିଦ୍ୟାଳୟ କର୍ତ୍ତୃପକ୍ଷ ଚାକିରିର ଦାୟରେ ନୀରବରେ ସବୁ ସହିବାକୁ ବାଧ୍ୟ ହେଲା। ସେମାନଙ୍କ କହିବା କଥା– ଘଟଣା ଜଣାଇବା ପରେ ପୋଲିସରେ ଏତଲା ଦେଲେ କ'ଣ ପାଇଁ? ଉଭୟ ପକ୍ଷକୁ ଜଣେଇ କଥା ପ୍ରଘଟ ନ ହୋଇ ସହମତିରେ ସମାଧାନ ହୋଇପାରନ୍ତା। ଉଭୟଙ୍କର ବାହାଘର ହୋଇପାରନ୍ତା। ଏଭଳି ପ୍ରଶ୍ନର ଉତ୍ତର ଦେବା ଭାରି କଷ୍ଟ। ମୁହଁ ଖୋଲିଲେ ବିସ୍ଫୋରଣ ହେବ, ଅତ୍ୟନ୍ତ ସ୍ପର୍ଶକାତର ପ୍ରସଙ୍ଗ। ସେମାନଙ୍କଠାରୁ ଆକ୍ରମଣ ବି ହୋଇପାରିବ। ବିଚରା ସ୍କୁଲ କର୍ତ୍ତୃପକ୍ଷଙ୍କୁ ତତ୍କାଳ ସୁରକ୍ଷା ଦେବ କିଏ ? ପୁଣି ତାକୁ ନେଇ ଥାନା କଚେରୀ ଝାମେଲାରେ ପଶିବ କିଏ ? ବରଂ ଏଭଳି ସ୍ଥିତିରେ ସବୁ ସହିଯିବା ବୁଦ୍ଧିମାନର କାମ ବୋଲି ସହିଗଲେ ସମସ୍ତେ। ଦିନ ଗଡ଼ିଲା। ଛୁଆ ପ୍ରସବ ହେଲା। ଏଭଳି ଘଟଣା ପରେ ଏଇ ସ୍ପର୍ଶକାତର ଘଟଣାର ପୂର୍ଣ୍ଣଚ୍ଛେଦ ପଡ଼ିନି ଏଇଠି। ବରଂ ବର୍ତ୍ତମାନ ପରିସ୍ଥିତିରେ ସହମତିରେ ଯୌନ ସମ୍ପର୍କ ଓ ଗର୍ଭଧାରଣ ଘଟଣା ସମାଜରେ ହୁ ହୁ ହୋଇ ବଢ଼ିଚାଲିଛି।



ସହମତିରେ ହେଉଛି ଦୁର୍ଗତି। ଅନେକ ଘଟଣା ପଦାକୁ ଆସୁଛି। ବହୁ ଘଟଣା ଚାପି ହୋଇଯାଉଛି। ଲୋକଲଜ୍ଜା ଭୟରେ ଝିଅ ପକ୍ଷ ପରିବାର ଘଟଣାକୁ ରଫାଦଫା କରିବା ଲାଗି ସବୁ ସାଧ୍ୟମତେ ଉଦ୍ୟମ କରୁଛନ୍ତି। ହାଇସ୍କୁଲ ସ୍ତରରୁ ଏଇ ଘଟଣାମାନ ଘଟିବାରେ ଲାଗିଛି। କଲେଜ ସ୍ତରରେ ଏବେ ଏହା ଉତ୍କଟ ପ୍ରସଙ୍ଗ। କିଶୋର ବୟସର ଅନୁସନ୍ଧିତ୍ସୁ ମନ ଏଭଳି ବାଟବଣା କରିବାକୁ ବାଧ୍ୟ କରୁଛି। ବିଶେଷକରି ବହୁଳ ଭାବରେ ମୋବାଇଲ ଓ ଇଣ୍ଟରନେଟର ବ୍ୟବହାର ପିଲାଙ୍କୁ କୁପଥରେ ନେବାକୁ ସହାୟକ ହୋଇଛି। ଏହା ଯେତିକି ସତ୍ୟ ବଦଳୁଥିବା ସାମାଜିକ ପରିସ୍ଥିତି ଓ ଆମ ପାରିବାରିକ ବ୍ୟବସ୍ଥା ବି ସେତିକି ପରିମାଣରେ ଦାୟୀ ବୋଲି ବିଚାର କରିବାକୁ ହେବ।

ନିକଟରେ ସୁପ୍ରିମକୋର୍ଟ ପ୍ରମୁଖ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼ କିଶୋରୀ କିଶୋରଙ୍କ ମଧ୍ୟରେ ସହମତିରେ ହେଉଥିବା ଯୌନ ସମ୍ପର୍କ ଓ ତଜ୍ଜନିତ ସମସ୍ୟାକୁ ନେଇ ଏକ ଚିନ୍ତାଶୀଳ ପ୍ରସ୍ତାବ ଦେଇଛନ୍ତି। ୨୦୧୨ ପୋକ୍ସୋ ଆଇନରେ ନିର୍ଦ୍ଧାରିତ ବୟସ ସୀମା ଉପରେ ପୁନର୍ବିଚାର କରିବା ଲାଗି ବ୍ୟବସ୍ଥାପିକା ସଭାକୁ ପ୍ରସ୍ତାବ ଦେଇଛନ୍ତି। ସହମତିରେ ଯୌନ ସ୍ଥାପନ ପରେ ବି ପୁଅ ସାଙ୍ଗକୁ ଅପରାଧୀ ବିଚାର କରାଯାଇ ଦଣ୍ଡବିଧାନ କରାଯାଉଛି। ଝିଅର ସହମତି ଥାଇ ବି ଅନେକ ବାଳକ କିଶୋରାବସ୍ଥାରୁ ଅପରାଧୀ ହୋଇ ଦଣ୍ଡ ଭୋଗିବାକୁ ବାଧ୍ୟ ହେଉଛନ୍ତି। ଏପରିକି ପୀଡ଼ିତା ନାବାଳିକାର ପରିବାର ନିଜର ସାମାଜିକ ପ୍ରତିଷ୍ଠାକୁ ବଞ୍ଚେଇବାକୁ ଉଦ୍ଦେଶ୍ୟମୂଳକ ଭାବେ ମାମାଲା ରୁଜୁ କରିବାକୁ ଆଗ୍ରହ ପ୍ରକଟ କରୁଥିବା ସେ ଦର୍ଶାଇଛନ୍ତି। ମୁଖ୍ୟ ବିଚାରପତି ସାମ୍ପ୍ରତିକ ସାମାଜିକ ସ୍ଥିତିର ବାସ୍ତବ ଦିଗକୁ ଉନ୍ମୋଚନ କରିଛନ୍ତି। ଶିଶୁମାନଙ୍କ ଉପରେ ଯୌନ ନିର୍ଯାତନାର ପ୍ରଭାବ କମାଇବା ପାଇଁ ବିଦ୍ୟାଳୟସ୍ତରରେ ଜୀବନ କୌଶଳ ଶିକ୍ଷା ପ୍ରଦାନ କରାଯାଉଛି। ଯୌନ ସମ୍ପର୍କ ସ୍ଥାପନର ଭୟାବହ ସ୍ଥିତିକୁ ନେଇ କିଶୋରୀ କିଶୋରଙ୍କୁ ବିଦ୍ୟାଳୟସ୍ତରରୁ ସଚେତନ କରାଯାଉଛି। ଏ ଦିଗରେ କିଛି ଲାଭ ମିଳୁଛି ସତ, କିନ୍ତୁ ବେଳେବେଳେ ଏମିତି ପରିସ୍ଥିତି ଉପୁଜୁଛି ଶିକ୍ଷୟିତ୍ରୀ ଶିକ୍ଷକମାନେ ଏଭଳି ସ୍ପର୍ଶକାତର ଘଟଣାରେ ନିଜକୁ ଯଥାସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରୁଛନ୍ତି। ଅନେକ କ୍ଷେତ୍ରରେ ଉଭୟ ପରିବାରର ମିଳିତ ଆକ୍ରମଣରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଚେପା ହୋଇପଡୁଛନ୍ତି। ହଷ୍ଟେଲରେ ରହି ପଢୁଥିବା କିଶୋରୀ କିଶୋରଙ୍କୁ ନେଇ ବିଦ୍ୟାଳୟ ଓ କଲେଜସ୍ତରରେ ପରିସ୍ଥିତି ଆହୁରି ଭୟଙ୍କର। କଡ଼ା କଟକଣା ସତ୍ତ୍ୱେ କିଛି ଅଘଟଣ ଘଟିଲେ ଅନେକ ସମୟରେ ପୁଅଝିଅ ମିଳିତ ଭାବେ ନିଜକୁ ବଞ୍ଚେଇବା ପାଇଁ ବିଚରା କର୍ମଚାରୀଙ୍କୁ ଟାର୍ଗେଟ କରି ଦୋଷ ଢାଳିବାକୁ ପଛାଉନାହାନ୍ତି। ତେଣିକି ପରିସ୍ଥିତି ଗମ୍ଭୀର। ଏମିତି ବହୁ କାରଣରୁ ଏବେ ସବୁଠି ସମସ୍ତେ ଏଭଳି ପରିସ୍ଥିତି ଉପୁଜିଲେ ଭିତିରି ଭିତିରି ଘଟଣାକୁ ପ୍ରଶମିତ କରିବାକୁ ଉଦ୍ୟମ କରାଯାଉଛି। ସବୁକିଛି ରଫାଦଫା କରାଯାଉଛି, କିନ୍ତୁ ଏହା ସମସ୍ୟାର ସ୍ଥାୟୀ ସମାଧାନ ନୁହେଁ। ବରଂ ପ୍ରଧାନ ବିଚାରପତିଙ୍କ ଭାଷାରେ ବ୍ୟାପକ ସଚେତନତା ଶିକ୍ଷା ଜରୁରୀ। ହୁଏତ ଏଥିରେ କିଛି ଆଶ୍ୱସ୍ତି ମିଳିପାରିବ!

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା
ମୋ: ୯୪୩୭୯୦୯୬୭୧

## ଏଇ ଭାରତରେ

ଯୁବକମାନଙ୍କ ପାଇଁ ପୁଣେର ହର୍ଷବର୍ଦ୍ଧନ ପଟବର୍ଦ୍ଧନ ଏକ ଆଦର୍ଶ। ୩୧ ବର୍ଷୀୟ ହର୍ଷବର୍ଦ୍ଧନ ଏମ୍‌ବିଏରେ ଡିଗ୍ରୀ ହାସଲ କରିଛନ୍ତି। ସେ ତ୍ରୟଦଶ କିମ୍ବା ଚତୁର୍ଦ୍ଦଶ ଶତାବ୍ଦୀ ମଧ୍ୟରେ ଆରମ୍ଭ ହୋଇଥିବା କୋହ୍ଲାପୁରୀ ଚପଲର ଲୋକପ୍ରିୟତା ବଢ଼ାଇବାରେ ସଫଳ ହୋଇଛନ୍ତି। ଚପଲ ତିଆରି କରିବାରେ ସେ ୨୦୧୫ରେ ମାତ୍ର ୫,୦୦୦ ଟଙ୍କା ନିବେଶ କରିଥିଲେ, ଯାହା ଏବେ ୯ କୋଟି ଟଙ୍କାରେ ପହଞ୍ଚିଲାଣି। ସେ ସେଥିରେ ପାରମ୍ପରିକ ପଦ୍ଧତିରେ ନୂଆ ଡିଜାଇନ୍ ଦେଉଛନ୍ତି ଓ ଏଥିପାଇଁ ହର୍ଷବର୍ଦ୍ଧନ କାନପୁର, ଆଗ୍ରା, ଚେନ୍ନାଇ ଯାଇ ସେଠାରୁ ଚପଲ ତିଆରି କୌଶଳ ଶିକ୍ଷା କରିଛନ୍ତି। ପ୍ରଥମେ ସେ ଚପଲ ତିଆରି କରି ସାଙ୍ଗମାନଙ୍କୁ ଦେଇଥିଲେ। ସେ ପୁଣେରେ ଏକ ଷ୍ଟଲ୍ ଖୋଲି ଦିନକରେ ୧୦୦ ଚପଲ ବିକ୍ରି କରିଥିଲେ। ପରେ ତାଙ୍କ ଚପଲର ଆଦର ବଢ଼ିବାରେ ଲାଗିଲା ଓ ଦିନକୁ ଦିନ ସେ ଅଧିକରୁ ଅଧିକ ଅର୍ଡର ପାଇବାକୁ ଲାଗିଲେ। ଏବେ ସେ ଚପଲ ତିଆରିରେ ୨୫ ଜଣ ଲୋକଙ୍କୁ ନିଯୁକ୍ତ କରିଛନ୍ତି ଓ ମାସକୁ ୧,୫୦୦ ଅର୍ଡର ପାଉଛନ୍ତି। ତାଙ୍କ ଚପଲର ମୂଲ୍ୟ ୨,୦୦୦ରୁ ଆରମ୍ଭ ହୋଇ ୫୦,୦୦୦ ଟଙ୍କା ଯାଏ ରହିଛି। କେବଳ ପୁଣେରେ ଏହି ଚପଲର ୩୫,୦୦୦ରୁ ଊର୍ଦ୍ଧ୍ୱ ଉପଭୋକ୍ତା ସୃଷ୍ଟି କରିଛନ୍ତି। ଏହାବ୍ୟତୀତ ଦେଶର ପ୍ରାୟ ସବୁ ବଡ଼ ସହର ସମେତ ୟୁରୋପ ଓ ଆମେରିକା ଭଳି ୨୭ଟି ଦେଶରେ ତାଙ୍କ ଚପଲର ଚାହିଦା ବଢ଼ିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଜାନୁୟାରୀ ୧୯୯୮

- କର୍ଣାଟକରେ କ୍ଷମତାସୀନ କେ.ଏଚ୍. ପଟେଲ ମନ୍ତ୍ରିମଣ୍ଡଳରୁ ୩ ଜଣ ବରିଷ୍ଠ ମନ୍ତ୍ରୀଙ୍କ ଇସ୍ତଫା ପ୍ରଦାନ।
- ନ୍ୟୁ ଦିଲ୍ଲୀ ଟେଲିଭିଜନ (ଏନ୍‌ଡିଟିଭି)ର ମୁଖ୍ୟ ପ୍ରଣୟ ରାୟ, ଷ୍ଟାର୍ ଟିଭି ମୁଖ୍ୟ ଆର୍. ବାସୁ ଏବଂ ଦୂରଦର୍ଶନର ୫ ବରିଷ୍ଠ କର୍ମକର୍ତ୍ତାଙ୍କ ବିରୁଦ୍ଧରେ ସିବିଆଇ ମାମଲା ରୁଜୁ।
- ପୂର୍ବତନ ଏଆଇସିସି ସାଧାରଣ ସମ୍ପାଦକ ବି.ପି. ମୌର୍ଯ୍ୟଙ୍କ ଭାଜପାରେ ଯୋଗଦାନ।

## ଚିରନ୍ତନୀ

କେତେ ରୂପ ହେଲାଣି ଅରୂପ
ଏ ଜୀବନ–ପଥେ ରଖି ଦାଗ
ନିକଟ ଯେ ହୋଇଯାଏ ଦୂର
ଖାଲି କରି ମୋର ସୁଖ ପୁର
ନିଭିଯାଏ କେତେ ଅନୁରାଗ
ଏ ଜୀବନ–ପଥେ ରଖି ଦାଗ।
–(ପୌଷ–ମଳୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କ୍ରୀଡ଼ା ଶିକ୍ଷକ ନିଯୁକ୍ତ କରାଯାଉ

ମହାଶୟ,

ରାଜ୍ୟରେ ୨୦୧୮ରେ ହକି ବିଶ୍ୱକପ୍ ଅନୁଷ୍ଠିତ ହୋଇଥିଲା ଓ ଏବେ ପୁନର୍ବାର ଖେଳ ହେଉଛି। ବର୍ତ୍ତମାନ ସରକାର ଏଥିପାଇଁ ଅନେକ କୋଟି ଟଙ୍କା ବ୍ୟୟ କରୁଛନ୍ତି। କେବଳ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ନିର୍ମାଣ ଓ ଭୁବନେଶର କଳିଙ୍ଗ ଷ୍ଟାଡିୟମର ସୌନ୍ଦର୍ଯ୍ୟକରଣ ପାଇଁ ପ୍ରାୟ ବିପୁଳ ଟଙ୍କା ଖର୍ଚ୍ଚ କରାଯାଇଛି। ହକି ଖେଳ ହେଲେ ଆମର ସମ୍ମାନ ବଢୁଛି ସତ କିନ୍ତୁ ତୃଣମୂଳ ସ୍ତରରେ ଖେଳକୁ ପ୍ରୋତ୍ସାହନ ଦେବା ଦରକାର। ରାଜ୍ୟର ଅନ୍ନଦାତାମାନେ ଅଭାବୀ ଧାନ ଓ ପନିପରିବା ବିକ୍ରିର ଶିକାର ହେଉଛନ୍ତି। ବର୍ତ୍ତମାନ ରାଜ୍ୟର ମୁଣ୍ଡପିଛା ଋଣ ଭାର ହେଉଛି ୩୫ ହଜାର ଟଙ୍କା। ଏପରି ଖର୍ଚ୍ଚ କରିଚାଲିଲେ ରାଜ୍ୟର ଋଣଭାର ଆହୁରି ବଢ଼ିଯିବ। ହକି ବିଶ୍ୱକପ୍‌କୁ ଯେମିତି ଗୁରୁତ୍ୱ ଦିଆଯାଉଛି ରାଜ୍ୟର କ୍ରୀଡ଼ା ସମସ୍ୟା ପ୍ରତି ସରକାର ସେଭଳି ଦୃଷ୍ଟି ଦେବା ଦରକାର। ସବୁ ସ୍କୁଲରେ ଖାଲିଥିବା କ୍ରୀଡ଼ାଶିକ୍ଷକ ପଦବୀ ପୂରଣ କରାଯାଉ। ପ୍ରତି ବ୍ଲକରେ କ୍ରୀଡ଼ା ପ୍ରତିଭା ଚିହ୍ନଟ ପ୍ରକ୍ରିୟା ଜାରି ରହୁ। ଫଳରେ ରାଜ୍ୟରେ ସବୁ କ୍ରୀଡ଼ାରେ ଦକ୍ଷ ପିଲା ବାହାରିବେ ଓ ରାଜ୍ୟ ପାଇଁ ସଫଳତା ଆଣିବେ।

–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପୋଡ଼ପିଠା ବାସ୍ନାରେ ମହକୁଛି ପରିବେଶ

## ୩ୟ ଦିନରେ ଓଳାଶୁଣୀ ଗୁମ୍ଫା ମେଳା



ଓଳାଶୁଣୀ ମେଳାରେ ବିକ୍ରି ହେଉଥିବା ପୋଡପିଠା ।

**ଚଣ୍ଡିଖୋଲ,୨୦।୧(ଡି.ଏନ.ଏ.):**

ଓଡ଼ିଶା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫା ମେଳା ଶୁକ୍ରବାର ୩ୟ ଦିନରେ ପହଞ୍ଚିଛି। ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ମହା ସମାଧି ଦିବସ ଅବସରରେ ଏହି ମେଳା ଆରମ୍ଭ ହୋଇଥାଏ। ମହାପୁରୁଷଙ୍କ ପ୍ରିୟ ଭୋଗ ହେଉଛି ପୋଡ଼ପିଠା। ସେଥି ପାଇଁ ବହୁ ସଂଖ୍ୟାରେ ମାନସିକଧାରୀ ଭକ୍ତ ଏଠାକୁ ପୋଡ଼ପିଠା ଭୋଗ ଅର୍ପଣ କରିବାକୁ ଆସିଥାନ୍ତି। ଏଥିସହିତ ମେଳା ଦେଖିବାକୁ ଆସୁଥିବା ଦର୍ଶକ ଓ ଭକ୍ତମାନେ ମହାପୁରୁଷଙ୍କ ସମାଧି ମନ୍ଦିରରେ ପୋଡ଼ପିଠା ଭୋଗ ଲାଗି କରିଥାଆନ୍ତି। ପୂର୍ବରୁ ଏଠାରେ ମେଳା ସମୟରେ ପୋଡ଼ପିଠା ବିକ୍ରି କରିବାକୁ ୨୦ରୁ ଅଧିକ ବ୍ୟବସାୟୀ ବ୍ୟବସାୟ କରୁଥିବା ବେଳେ ଚଳିତ ବର୍ଷ ମଠ ପକ୍ଷରୁ ପୋଡ଼ପିଠା ତିଆରି କରାଯାଇ ବିକ୍ରି କରାଯାଉଛି। ପାହାଡ଼ ଉପରେ ସମାଧି ମନ୍ଦିର ପରିସରରେ ଏହା ବିକ୍ରି ହେଉ ଥିବାବେଳେ ପାହାଡ ପାଦ ଦେଶରେ ମଧ୍ୟ ଚଳିତ ବର୍ଷ ପୋଡ଼ପିଠା ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଫଳରେ ପୋଡ଼ପିଠା ବାସ୍ନାରେ ପୁରା ପରିବେଶ ମହକି ଉଠିଛି।

### କାଞ୍ଜି ପାଣି

ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ସବୁଠାରୁ ପ୍ରିୟ ମାହୋଷଧି ଥିଲା କାଞ୍ଜିପାଣି। ଚର୍ମ ରୋଗ ହେଉ କିମ୍ବା ପେଟ ରୋଗ ହେଉ ଯିଏ ସେତେବେଳେ ମହାପୁରୁଷଙ୍କ ନିକଟରେ ପହଞ୍ଚୁଥିଲେ ସେ କାଞ୍ଜିପାଣି ଦେଉଥିଲେ ପିଇବାକୁ। ଯେଉଁଥିରେ ପେଟ ରୋଗ ଓ ଚର୍ମ ରୋଗ ଭଲ ହୋଇଯାଏ। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ଏହି ପୀଠର କାଞ୍ଜିପାଣି ବେଶ ଗୁରୁତ୍ୱପୂର୍ଣ୍ଣ। ଏବେବି ବହୁ ଲୋକ କାଞ୍ଜିପାଣି ନେବା ପାଇଁ ଏଠାକୁ ଧାଇଁ ଆସିଥାନ୍ତି। ଏହାକୁ ନେବା ପାଇଁ ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥାଏ।

### ପଲ୍ଲିଶ୍ରୀ ମେଳା ଫେଲ୍ ମାରିଲା

ଓଳାଶୁଣୀ ମେଳାରେ ଜିଲା ପ୍ରଶାସନ ପକ୍ଷରୁ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହୋଇଥାଏ। ଓରମସ ପକ୍ଷରୁ ବଡ଼ଚଣା ବ୍ଲକ ପ୍ରଶାସନ ଏହାର ଆୟୋଜନ କରିଥାଏ। ଏଠାରେ ୩୦ଟି ଷ୍ଟଲ୍ ପଡ଼ିଥାଏ। ଜିଲାର ବିଭିନ୍ନ ବ୍ଲକରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ଏଥିରେ ଯୋଗ ଦେଇଥାନ୍ତି। ମାତ୍ର ଚଳିତ ବର୍ଷ ପଲ୍ଲିଶ୍ରୀ ମେଳାରେ ମାତ୍ର ୩ ଷ୍ଟଲ୍ ପଡ଼ିବା ନେଇ ଆଲୋଚନା ଜୋର ଧରିଛି। କାହିଁକି ବ୍ଲକ ପ୍ରଶାସନ ଫେଲ ମାରିଲା ସେଥିନେଇ ଚର୍ଚ୍ଚା ଜୋର ଧରିଛି। ରାଜ୍ୟ ସରକାର ମହିଳାଙ୍କୁ ଓ ସେମାନଙ୍କ ଗୋଷ୍ଠୀକୁ ଅଧିକ ପ୍ରାଧାନ୍ୟ ଦେଉଥିଲା ବେଳେ ଏଠାରେ ଗୌଣ କରାଯିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସାଧାରଣତଃ ମହିଳାମାନେ ପଲ୍ଲିଶ୍ରୀ ମେଳା ମାଧ୍ୟମରେ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନ କରିବା ସହିତ ବିକ୍ରୟ କରିଥାନ୍ତି। ଏ ସମ୍ପର୍କରେ ବଡ଼ଚଣା ଏବିଡିଓ କୁହନ୍ତି, ପ୍ରତ୍ୟେକ ବର୍ଷ ଓରମାସ ତରଫରୁ ପଲ୍ଲିଶ୍ରୀ ମେଳା ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଥାଏ। ଚଳିତ ବର୍ଷ ପଇସା ନ ଦେବାରୁ ମେଳା ହୋଇ ପାରିନାହିଁ।

**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Ltd.)
Gondwana Place, Kanke Road, Ranchi-834031, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal **https://gem.gov.in**."

**GOVERNMENT OF ODISHA** No.O-1672:
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
email:serwsbd2003@yahoo.com

No. **e-Procurement Notice for Road & Bridge Works** Date:

1. Name of the Work: Construction of Road & Bridges as per Annexure (08 Nos.). 2. Class of Contractor: "A" & Special Class of (Odisha PWD) or relevant class of other licensing authority. 3. Estimated Cost: Varies from Rs.316.61 Lakhs to Rs.1612.33 Lakhs (Approximately). 4. Details projects as per Annexure attached:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construcrtion Engineer, Rural Works Circle, Sunabeda | CCER-WCSBD- On-line-44/2022-23 | 25.01.2023 at 11.00 A.M. | 14.02.2023 upto 5.30 P.M. | 13.02.2023 upto 2.00 P.M. | 15.02.2023 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.

**Sd./- Chief Construction Engineer, Rural Works Circle, Sunabeda**
**OIPR-25182/11/0058/2223**

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କନ୍ଧମାଳ, ଫୁଲବାଣୀ**
(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

ପତ୍ର ସଂଖ୍ୟା: ୨୯ ତାରିଖ: ୨୦।୦୧।୨୦୨୩

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ଶିଶୁକୁ ଉଦ୍ଧାର କରାଯାଇ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ବନବାସୀ ସେବା ସମିତି, ବାଲିଗୁଡ଼ାଠାରେ ସୁରକ୍ଷିତ ଭାବରେ ରଖାଯାଇଅଛି। ଏହି ଶିଶୁଟିର ଯଦି କେହି ପିତାମାତା/ଅଭିଭାବକ ବା ଆଇନ୍‌ସିଦ୍ଧ ଦାବିଦାର ଥାନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ ଦିନ (୩୦) ମଧ୍ୟରେ **ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କନ୍ଧମାଳ, ମିଶନଶକ୍ତି ଭବନ, ଡି.ଆର୍.ଡି.ଏ. ଛକ, ଫୁଲବାଣୀ – ୭୬୨୦୦୧, ଫୋନ୍ ନଂ.: ୦୬୮୪୨-୨୫୪୪୫୩, ମୋ ନଂ.: ୯୪୩୭୪୨୩୪୨୭କୁ** ଯୋଗାଯୋଗ କରନ୍ତୁ। ଏହି ସମୟ ପରେ ନିମ୍ନଲିଖିତ ଶିଶୁ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ୍, ୨୦୧୫ ଧାରା ୩୮ ଅନୁଯାୟୀ ଥଇଥାନ କରାଯିବ।

| କ୍ରମିକ. ନଂ. | ଲିଙ୍ଗ | ବୟସ | ଉଦ୍ଧାର ହୋଇଥିବା ସ୍ଥାନ ଓ ତାରିଖ | ଫଟୋ |
|---|---|---|---|---|
| ୧ | ଝିଅ | ୧ ବର୍ଷ ୬ମାସ ୧୭ଦିନ (ତା୧୭।୧୨।୨୦୨୨ ସୁଦ୍ଧା) | ଗ୍ରାମ: କୁଡ଼ିପୁଞ୍ଜା (ସାମସନ ପ୍ରଧାନଙ୍କ ବାସଗୃହ), ପୋଷ୍ଟ: ସୀମନବାଡ଼ି, ଥାନା: ଦାରିଙ୍ଗବାଡ଼ି, ଜିଲ୍ଲା: କନ୍ଧମାଳ ୦୨।୦୭।୨୦୨୧ |  |

ସ୍ୱା./– ଜିଲ୍ଲାପାଳ, କନ୍ଧମାଳ

**Annexure-1**
**Government of Odisha**
**OFFICE OF THE ASSISTANT DIRECTOR OF SERICULTURE, BHUBANESWAR**
**Near Sikharchandi Temple, PO.-KIIT, Dist. Khordha, PIN-751024**
**mail Id: bhubaneswarads@yahoo.com, Mobile No. 8984338274**
**QUOTATION/ TENDER CALL NOTICE**

**No.L-123:**Sealed quotation/tenders are invited from interested reputed Travel Agencies/ Tour Operators or Private Individuals for providing 01(one) number of AC Petrol Tiago driven vehicle having sitting capacity not more than five including Driver, which shall conform to the Terms & Conditions (Annexure-II) of the **Notification No. 34085/F dated 29.09.12 and subsequent No. 30464/F dated 06.09.19** of the Govt. of Odisha in Finance Department for this office (Assistant Director of Sericulture, Bhubaneswar) on monthly rent basis.

1. The Vehicle must be in Road Worthy Condition, shall not be more than **3 years** old from the date of initial Registration and must have **valid Registration Certificate, Insurance Certificate, Fitness Certificate, valid Contract Carriage Permit, Proof of up-to-date Tax payment etc**. which are mandatory for plying of the vehicle.
2. The Driver of the vehicle must have a **valid Driving License for driving light transport passenger vehicle** and should be sufficiently experienced in driving transport passenger vehicle.
3. The Driver should be **well behaved, gentle and obedient in nature.**
4. A sum of **Rs. 5,000/- (Rupees Five thousand)** only shall be deposited by the intending bidders in shape of Account Payee Bank draft drawn in favour of the Joint Director of Textiles, Central Division, Bhubaneswar and submit along with the Quotation / Tender as Security Deposit. After compliance of Quotation/Tender process, the amount will be refunded to un-successful bidders.
5. The monthly rate of hire charges to be quoted separately in the general bid information (excluding fuel & lubricants).
6. The vehicle must achieve a fuel efficiency of **17 KMs per Litre.**
7. The details of the make and year of manufacture of the vehicle, Registration No., Mileage (KMs covered per litre) and name of the Driver with Driving License No. and period of validity should be specifically provide in the general bid information to the furnished with the Quotation/Tender (Annexure-III).
8. The Quotation completed in all respect should be reach the undersigned **on or before 08.02.2023 by 3.00 PM** and shall be opened on the same day at 4.00 PM in presence of the bidders or their authorized representatives.
9. The application form or Quotation/ Tender containing General Bid information and Terms & Conditions for hiring of vehicle etc. will be available with this office of the Assistant Director of Sericulture, Bhubaneswar office on payment of **Rs. 100/- (Rupees One hundred)** only **from 11 AM to 5 PM** latest by 07.02.2023 or can be down loaded from Odisha Govt. Website www.odisha.gov.in within the schedule date of quotation. In case the Application Form is downloaded from Govt. Website, the applicant shall furnish a Demand Draft for an amount of **Rs. 100/- (Rupees One hundred)** only towards the cost of application along with the application in favour of the **Assistant Director of Sericulture, Bhubaneswar, Khordha**.
10. The undersigned reserve all rights to accept/cancel any / all bid without assigning reason thereof.

**Sd./- (P.C.Padhy)**
**Assistant Director of Sericulture, Bhubaneswar**
OIPR-01440/11/0004/2223 **Seal & Signature of Quotation Tender Calling Authority**

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସମାପିକା



@ ପ୍ରଦିପ୍ତ



@ ଆଦି



@ ପଲିଶ୍ରୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଜି ମା' ବିରଜାଙ୍କ ସ୍ୱନକ୍ଷତ୍ର ଉତ୍ସବ

**ଯାଜପୁର ଟାଉନ,୨୦।୧(ଡି.ଏନ.ଏ.):**

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ସ୍ୱନକ୍ଷତ୍ର ଦିବସ ପାଳିତ ହୁଏ ପ୍ରତ୍ୟେକ ବର୍ଷ ମାଘ ମାସ ଅମାବାସ୍ୟା ତିଥିରେ। ଚଳିତ ବର୍ଷ ଏହି ତିଥି ଜାନୁୟାରୀ ୨୧ (ଶନିବାର) ପଡୁଛି। ତେଣୁ ମା' ଙ୍କର ଜନ୍ମ ଦିନ ପାଳନ ପାଇଁ ରୀତିନୀତି ଅନୁସାରେ କାର୍ଯ୍ୟକ୍ରମ କରାଯିବ ବୋଲି ବିରଜା ମନ୍ଦିର ମୁଖ୍ୟ ପରିଚାଳକ ତଥା ଉପଜିଲାପାଳ ଗୋପୀନାଥ କୁଅଁର ସୂଚନା ପ୍ରଦାନ କରିଛନ୍ତି। ମା'ଙ୍କ ଏହି ପବିତ୍ର ଓ ଦୁର୍ଲଭ ବେଶକୁ ଦର୍ଶନ କରିବା ସହ ଆଶିଷପ୍ରାପ୍ତ ହେବାକୁ ଉପଜିଲାପାଳ କୁଅଁର ଶ୍ରଦ୍ଧାଳୁଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ମା'ଙ୍କ ସ୍ୱନକ୍ଷତ୍ର ଉତ୍ସବରେ ବହୁଜନସମାଗମ ହେବା ଆଶଙ୍କା ଥିବାରୁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।




# ପୋଲିସ ସ୍ତ୍ରୀ, ପ୍ରେମିକଙ୍କୁ କୋର୍ଟ ଚାଲାଣ କଲା

**ବାଲିକୁଦା,୨୦।୧(ସ୍ୱ.ପ୍ର.)**

## ଶ୍ୱଶୁର ଘର ଆଗରେ ଦେହରେ ନିଆଁ ଲଗାଇ ସ୍ୱାମୀଙ୍କ ଆତ୍ମହତ୍ୟା ଘଟଣା

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ତଣ୍ଡିକୂଳ ଗାଁରେ ଗତ ୧୪ ତାରିଖରେ ଶ୍ୱଶୁର ଘର ସାମ୍ନାରେ ଜ୍ୱାଇଁ ନାଉଗାଁ ଥାନା ଚାନ୍ଦପୁର ଗାଁର ଅଜିତ ଗୋଛାୟତ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କ ଗୁରୁବାର କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଉକ୍ତ ଘଟଣାରେ ଅଜିତଙ୍କ ବାପା ବ୍ରହ୍ମାନନ୍ଦଙ୍କ ବାଲିକୁଦା ଥାନାରେ ଅଭିଯୋଗ ଅନୁସାରେ ପୋଲିସ ନଂ.୨୧/୨୩ରେ ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ ତାଙ୍କ ସ୍ତ୍ରୀ ମାମିନା ଗୋଛାୟତ ଓ ପ୍ରେମିକ ଜଗତ୍‌ସିଂହପୁର ଥାନା ଅବିଧିଆନନ୍ଦପୁର ଗାଁର ବିଶ୍ୱନାଥ ସେଠୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି।

ପୋଲିସ ସୂତ୍ରରୁ ପ୍ରକାଶ, ନାଉଗାଁ ଥାନା ଚାନ୍ଦପୁର ଗାଁର ଅଜିତ ବାଲିକୁଦା ଥାନା ତଣ୍ଡିକୁଳ ଗ୍ରମାର ମାମିନାଙ୍କୁ ୨୦୧୨ ମସିହାରେ ପ୍ରେମ ବିବାହ କରିଥଲେ। ଏବେ ତାଙ୍କ ୭ ବର୍ଷର ଝିଅଟିଏ ଅଛି। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ଦୁହେଁ ଘର ଛାଡି ଜଗିତସିଂହପୁରରେ ରହୁଥିଲେ। ମାତ୍ର ସେଠାରେ ଅଧିକାଂଶ ସମୟରେ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଯାହାର କାରଣ ଥିଲା ମାମିନାଙ୍କ ପ୍ରେମିକ। ଏହି ଝଗଡାର ଫାଇଦା ନେଇ ମାମିନା ଗତ ୧୪ ତାରିଖରେ ଘର ଛାଡି ପଳାଇ ଥିଲେ। କିନ୍ତୁ ଅଜିତ ତାଙ୍କୁ ଖୋଜିବାକୁ ଶ୍ୱଶୁର ଘରେ ପହଞ୍ଚିବା ପରେ ସ୍ତ୍ରୀ ଓ ଝିଅକୁ ପାଇ ନ ଥିଲେ। ତେଣୁ ସେ ଶ୍ୱଶୁର ଘର ସାମ୍ନାରେ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଯାହାକୁ ଦେଖି ଗାଁର ଲୋକମାନେ ତାଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ଅଜିତଙ୍କ ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ଅଜିତଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ ଯେ ବୋହୂ ମାମିନା ଓ ତାଙ୍କ ପ୍ରେମିକ ବିଶ୍ୱନାଥ ପାଇଁ ମୋ ପୁଅର ମୃତ୍ୟୁ ହୋଇଛି।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
Fresh candidate **SALES EXECUTIVE** Male or Female person (Age between 18 to 30) with good communication skills. For Garment Shop, Near Rajmahal Square, Bhubaneswar.
**Contact: 9437003463**

**WANTED**
**Accountant / Marketing / Sales Person required**
with experience in similar line
Contact:
Rajrani Trading, Jaydurga Nagar, Bomikhal, Bhubaneswar
Mob.: 9437210342/7008671875

**SPARSHA SPA WANTED**
1- Receptionist (1 No)
2- ମହିଳା ଥେରାପିଷ୍ଟ
Plot No-99, Jharapada Jail Road, Bhubaneswar
**Contact : 9777220450**
Email : sparshaluxuryspa@gmail.com

**REQUIRED**
GALAXY CONSULTANCY SERVICES & Job providing, consultancy services srsgalaxycs.com https// srsgalaxycs.com/ Need to job registrar now.
ନୟାଗଡ କୋର୍ଟ ପାଇଁ ଆବଶ୍ୟକ ଅଛି +୨ ପାସ୍ କିମ୍ବା +୩ ପାସ୍ କରିଥିବା ପୁଅ ଝିଅ ଦରକାର । ପିଜିଡିସିଏ କରିଥିବା ଜରୁରୀ ।

**WANTED**
ଧରିତ୍ରୀ DHARITRI Oriya daily
is looking for
**EVENTS' EXECUTIVES**
- Graduates, fluent in English, in the age group of 25-35 years could apply.
- Planning events & implementing from start to finish will be required.
- Experience in event management will be preferred.
- Developing event feedback surveys.

Apply immediately to :
recruitment@dharitri.com
N.B.: All postings will be in Bhubaneswar, Odisha
Attractive salary commensurate with experience

## ସପ୍ତମ ଦିବସରେ ବରୁଣେଶ୍ୱର ମେଳା

# ଦିନ ସରୁଛି, ଭିଡ଼ ଜମୁଛି



ଦର୍ଶକ ମେଳା ବୁଲୁଛନ୍ତି ।

**ବିଞ୍ଝାରପୁର,୨୦।୧(ଡି.ଏନ.ଏ.):**

ପ୍ରସିଦ୍ଧ ବରୁଣେଶ୍ୱର ମେଳା ଶୁକ୍ରବାର ସପ୍ତମ ଦିନରେ ପହଞ୍ଚିଛି। ମେଳା ଦିନ ସରି ଆସୁଥିବା ବେଳେ ଦର୍ଶକଙ୍କ ସଂଖ୍ୟା ବେଳକୁ ବେଳ ବଢ଼ିବାରେ ଲାଗିଛି। ୭ଦିନରେ ପ୍ରାୟ ୭୦ ହଜାର ଦର୍ଶକ ମେଳା ପଡିଆରେ ସମାଗମ ହୋଇଥିଲେ। ମେଳାରେ ଏବେ ଅପେରା ଦଳ ନାଟକ ପରିବେଷଣ କରୁଥିବାରୁ ପଡିଆରେ ଯାତ୍ରାପ୍ରେମୀ ଦର୍ଶକ ସନ୍ଧ୍ୟାରେ ଭିଡ ଜମାଉଥିବା ଦେଖିବାକୁ ମିଳିଛି। ମେଳା ପଡିଆରେ ଓଲିଉଡ ଓ ଜଲିଏଡ ନାମକରା କଳାକାର ଆସୁଥିବାରୁ ଯାତ୍ରାପ୍ରେମୀଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଉଛି। ଅନ୍ୟପକ୍ଷରେ ଉକ୍ତ ଦିନ ଲୋକଙ୍କ ସମାଗମ ବ୍ୟବସାୟୀଙ୍କୁ ବେଶ ଉତ୍ସାହ ଦେଇଥିଲା। ଗୃହିଣୀମାନେ ଘର କରଣା ସାମଗ୍ରୀ କିଣାକିଣିରେ ବ୍ୟସ୍ତ ଥିବା ଦେଖିବାକୁ ମିଳିଥିଲା। ହାତ ତିଆରି ମାଟି ହାଣ୍ଡି, କଳସ, ବାଉଁଶ ତିଆରି ବେତା, ସିରା ଓ ହରେକ ମାଲ ଦ୍ରବ୍ୟ କିଣିବାରେ ଲେଶକେ ବିଶେଷ ରୁଚି ରଖୁଥିବା ଦେଖିବାକୁ ମିଳିଥିଲା। ଭିଡ଼ ଯୋଗୁ ମେଳା ପଡ଼ିଆଠାରୁ ମଇଁଦା ଛକ, ମେଳା ପଡ଼ିଆଠାରୁ ଅରେଇ ଓ ମେଳା ପଡିଆଠାରୁ ବରପଦା ରାସ୍ତା ବେଶ ଭିଡ଼ ପରିଲକ୍ଷିତ ହୋଇଥିଲା। ପୋଲିସ ଏହାକୁ ନିୟନ୍ତ୍ରଣ କରିବା କାଠିକର ପାଠ ହୋଇଥିଲା। ମେଳା ଆଉ ୨ଦିନ ବାକିଥିବାରୁ ବିଞ୍ଝାରପୁର ଅଞ୍ଚଳରେ ନାହିଁ ନ ଥିବା ଉତ୍ସାହ ଦେଖିବାକୁ ମିଳିଛି।



ମେଳାରେ ବିକ୍ରି ହେଉଥିବା ପିଲାଙ୍କ ଖେଳଣା ସାମଗ୍ରୀ



ମେଳାରେ ବିକ୍ରି ହେଉଥିବା ଘରକରଣା ସାମଗ୍ରୀ କିଣୁଛନ୍ତି ମହିଳା ।

Estd.-1979
Ph:7682032632
**THE KOSALA SCHOOL**
An English Medium Residential Public School
(CBSE Affiliation No.1530003)
UA-KHAIRPALI, PO.-LARASARA, DIST.-BARGARH-768027 (ODISHA)
Email: thekosalaschool1979@gmail.com
Mob- 6370708544/ 7682032632

**REQUIRES THE FOLLOWING TEACHING & NON TEACHING STAFF**

| Sl. No. | Post Name | Subject | Minimum Educational Qualification | Salary |
|---|---|---|---|---|
| 1 | TGT | English/ Physics/ Chemistry / Biology/ Mathematics/ Odia/ Hindi/ Social Science | B.A or B.Sc. & B.Ed./ B.H.Ed with OTET/ CTET/OSSTET | (Salary is not a constraint for deserving candidates) |
| 2 | PRT | English/ Mathematics/ Science/ Social Science/ Hindi/ Odia | B.A. or B.Sc. & D.El. Ed/ B.Ed./ B.H.Ed with OTET/ CTET | |
| 3 | PET | | B.A or B.Sc & C.P.Ed./ B.P. Ed with OSSTET | |
| 4 | Special Educator | | B.A. or B.Sc with B.Ed (Special Education) | |
| 5 | Data Entry Operator | | B.A. or B.Sc with PGDCA | |
| 6 | Hostel Warden (Male) Age- 35 to 40 years | | +3 | |

- Candidates having teaching experience in English Medium Schools, good Spoken English, computer knowledge and not crossed 45 years of age will be preferred.
- Couples will be given preference and provided with rent free accommodation.
- Selected candidates shall have to stay inside the Hostel campus on free of rent. Selected temporary teachers will get free boarding and lodging.
- Interested candidates can send their filled up bio-data to the email address:- thekosalaschool1979@gmail.com on or before 05/02/2023.
- Original Certificates to be produced at the time of interview for verification.
- No TA/DA will be given for attending the interview.
- For any clarification candidates may call to the phone No. (Given above) from 10.00 A.M. to 2.00 P.M.

**Sd./- (Principal)**

# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା


ତାଲିକାରୁ ବାଦ୍ ପଡିଥିବା ଲୋକମାନେ ଧାରଣାରେ ବସିଛନ୍ତି ।

ରଣପୁର,୨୦।୧(ଡି.ଏନ.ଏ.)

ନୟାଗଡ଼ ଜିଲା ରଣପୁର ବ୍ଲକ ଗୋପାଳପୁର ପଞ୍ଚାୟତରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କ ନାମ ନ ଥିବାରୁ ବିବାଦ ସୃଷ୍ଟି ହୋଇଛି । ବହୁ ମହିଳା,ପୁରଷ ଗୋପାଳପୁର ପଞ୍ଚାୟତ ଅଫିସରେ ତାଲା ପକାଇ ଧାରଣା ଦେଇଥିଲେ । ଏହାକୁ ନେଇ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । କିଛିଦିନ ତଳେ ରଣପୁର ବ୍ଲକର ବିଭିନ୍ନ ପଞ୍ଚାୟତର ଯୋଗ୍ୟ ହିତାଧିକାରୀମାନଙ୍କ ନାମ ତାଲିକା ନ ଥିବାରୁ ବ୍ଲକ ପରିସରରେ ଧାରଣା ଦିଆଯାଇଥିଲା । ସେହିପରି ଶୁକ୍ରବାର ଗୋପାଳପୁର ପଞ୍ଚାୟତରେ ସେହି ଘଟଣାର ପୁନରାବୃତ୍ତି ହୋଇଥିଲା । ଆନ୍ଦୋଳନକାରୀମାନେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟି ନ ପାରି ଗୋପାଳପୁର ସରପଞ୍ଚଙ୍କୁ ତାଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ, ଗୋପାଳପୁର ଗ୍ରାମପଞ୍ଚାୟତରେ ପ୍ରାୟ ୪୫୦ ଜଣ ଯୋଗ୍ୟ ହିତାଧିକାରୀଙ୍କ ନାମ ରହିଛି। ହେଲେ ୧୫୮ ଜଣଙ୍କ ନାମ ତାଲିକାରେ ଆସିଛି । ଯେଉଁମାନଙ୍କ ନାମ ତାଲିକାରେ ନାହିଁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେମାନଙ୍କ ନାମକୁ ସରକାରୀସ୍ତରରେ ଯାଞ୍ଚ କରାଯାଇ ଯୋଗ୍ୟହିତାଧିକାରୀଙ୍କ ତାଲିକା ପ୍ରକାଶ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।


**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Ltd.)
Gondwana Place, Kanke Road, Ranchi-834031, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal **https://gem.gov.in**."


ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ସମାପିକା


@ ପ୍ରଦୀପ୍ତ


@ ଆଦି


@ ପଲ୍ଲିଶ୍ରୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୟାଗଡ଼ ପଞ୍ଚାୟତ ସମିତି ବୈଠକ

ନୟାଗଡ଼ ଅଫିସ,୨୦।୧

ନୟାଗଡ଼ ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବ୍ଲକ ଚେୟାରମ୍ୟାନ କିଶୋର ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ । ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଓ ନୟାଗଡ଼ ବିଡିଓ ପଦ୍ମ ଚରଣ ସାହୁ, ଜିଲା ପରିଷଦ ସଭ୍ୟ, ସମିତି ସଭ୍ୟ, ସରପଞ୍ଚ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ଉନ୍ନୟନ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବାକୁ ବିଧାୟକ ପରାମର୍ଶ ଦେଇଛନ୍ତି । ବେଟି ବଞ୍ଚାଅ ବେଟି ପଢ଼ାଅ ଉପରେ ଏକ ଶପଥ ପାଠ ହୋଇଥିଲା ।







**GOVERNMENT OF ODISHA** No.O-1672:
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
email:serwsbd2003@yahoo.com

No. **e-Procurement Notice for Road & Bridge Works** Date:

1. Name of the Work: Construction of Road & Bridges as per Annexure (08 Nos.). 2. Class of Contractor: "A" & Special Class of (Odisha PWD) or relevant class of other licensing authority. 3. Estimated Cost: Varies from Rs.316.61 Lakhs to Rs.1612.33 Lakhs (Approximately). 4. Details projects as per Annexure attached:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construcrtion Engineer, Rural Works Circle, Sunabeda | CCER-WCSBD- On-line-44/2022-23 | 25.01.2023 at 11.00 A.M. | 14.02.2023 upto 5.30 P.M. | 13.02.2023 upto 2.00 P.M. | 15.02.2023 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.

**Sd./- Chief Construction Engineer, Rural Works Circle, Sunabeda**
**OIPR-25182/11/0058/2223**



**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କନ୍ଧମାଳ, ଫୁଲବାଣୀ**
(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

ପତ୍ର ସଂଖ୍ୟା: ୨୯ ତାରିଖ: ୨୦।୦୧।୨୦୨୩

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ଶିଶୁକୁ ଉଦ୍ଧାର କରାଯାଇ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ବନବାସୀ ସେବା ସମିତି, ବାଲିଗୁଡ଼ାଠାରେ ସୁରକ୍ଷିତ ଭାବରେ ରଖାଯାଇଅଛି । ଏହି ଶିଶୁଟିର ଯଦି କେହି ପିତାମାତା/ଅଭିଭାବକ ବା ଆଇନ୍‌ସିଦ୍ଧ ଦାବିଦାର ଥାନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ ଦିନ (୩୦) ମଧ୍ୟରେ **ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କନ୍ଧମାଳ, ମିଶନଶକ୍ତି ଭବନ, ଡି.ଆର୍.ଡି.ଏ. ଛକ, ଫୁଲବାଣୀ – ୭୬୨୦୦୧, ଫୋନ୍ ନଂ.: ୦୬୮୪୨–୨୫୪୪୫୩, ମୋ ନଂ.: ୯୪୩୭୪୨୩୪୨୭କୁ** ଯୋଗାଯୋଗ କରନ୍ତୁ । ଏହି ସମୟ ପରେ ନିମ୍ନଲିଖିତ ଶିଶୁ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ୍, ୨୦୧୫ ଧାରା ୩୮ ଅନୁଯାୟୀ ଥଇଥାନ କରାଯିବ ।

| କ୍ରମିକ. ନଂ. | ଲିଙ୍ଗ | ବୟସ | ଉଦ୍ଧାର ହୋଇଥିବା ସ୍ଥାନ ଓ ତାରିଖ | ଫଟୋ |
|---|---|---|---|---|
| ୧ | ଝିଅ | ୧ ବର୍ଷ ୬ମାସ ୧୭ଦିନ (ତା୧୭।୧୨।୨୦୨୨ ସୁଦ୍ଧା) | ଗ୍ରାମ: କୁଡ଼ିପୁଞ୍ଜା (ସାମସନ ପ୍ରଧାନଙ୍କ ବାସଗୃହ), ପୋଷ୍ଟ: ସୀମନବାଡ଼ି, ଥାନା: ଦାରିଙ୍ଗବାଡ଼ି, ଜିଲ୍ଲା: କନ୍ଧମାଳ ୦୨।୦୭।୨୦୨୧ |  |

ସ୍ୱା./– ଜିଲ୍ଲାପାଳ, କନ୍ଧମାଳ



Annexure-1
Government of Odisha
**OFFICE OF THE ASSISTANT DIRECTOR OF SERICULTURE, BHUBANESWAR**
Near Sikharchandi Temple, PO.-KIIT, Dist. Khordha, PIN-751024
mail Id: bhubaneswarads@yahoo.com, Mobile No. 8984338274

**QUOTATION/ TENDER CALL NOTICE**

**No.L-123:** Sealed quotation/tenders are invited from interested reputed Travel Agencies/ Tour Operators or Private Individuals for providing 01(one) number of AC Petrol Tiago driven vehicle having sitting capacity not more than five including Driver, which shall conform to the Terms & Conditions (Annexure-II) of the **Notification No. 34085/F dated 29.09.12 and subsequent No. 30464/F dated 06.09.19** of the Govt. of Odisha in Finance Department for this office (Assistant Director of Sericulture, Bhubaneswar) on monthly rent basis.

1. The Vehicle must be in Road Worthy Condition, shall not be more than **3 years** old from the date of initial Registration and must have **valid Registration Certificate, Insurance Certificate, Fitness Certificate, valid Contract Carriage Permit, Proof of up-to-date Tax payment etc**. which are mandatory for plying of the vehicle.
2. The Driver of the vehicle must have a **valid Driving License for driving light transport passenger vehicle** and should be sufficiently experienced in driving transport passenger vehicle.
3. The Driver should be **well behaved, gentle and obedient in nature.**
4. A sum of **Rs. 5,000/- (Rupees Five thousand)** only shall be deposited by the intending bidders in shape of Account Payee Bank draft drawn in favour of the Joint Director of Textiles, Central Division, Bhubaneswar and submit along with the Quotation / Tender as Security Deposit. After compliance of Quotation/Tender process, the amount will be refunded to un-successful bidders.
5. The monthly rate of hire charges to be quoted separately in the general bid information (excluding fuel & lubricants).
6. The vehicle must achieve a fuel efficiency of **17 KMs per Litre.**
7. The details of the make and year of manufacture of the vehicle, Registration No., Mileage (KMs covered per litre) and name of the Driver with Driving License No. and period of validity should be specifically provide in the general bid information to the furnished with the Quotation/Tender (Annexure-III).
8. The Quotation completed in all respect should be reach the undersigned **on or before 08.02.2023 by 3.00 PM** and shall be opened on the same day at 4.00 PM in presence of the bidders or their authorized representatives.
9. The application form or Quotation/ Tender containing General Bid information and Terms & Conditions for hiring of vehicle etc. will be available with this office of the Assistant Director of Sericulture, Bhubaneswar office on payment of **Rs. 100/- (Rupees One hundred)** only **from 11 AM to 5 PM** latest by 07.02.2023 or can be down loaded from Odisha Govt. Website www.odisha.gov.in within the schedule date of quotation. In case the Application Form is downloaded from Govt. Website, the applicant shall furnish a Demand Draft for an amount of **Rs. 100/- (Rupees One hundred)** only towards the cost of application along with the application in favour of the **Assistant Director of Sericulture, Bhubaneswar, Khordha**.
10. The undersigned reserve all rights to accept/cancel any / all bid without assigning reason thereof.

**Sd./- (P.C.Padhy)**
**Assistant Director of Sericulture, Bhubaneswar**
OIPR-01440/11/0004/2223 **Seal & Signature of Quotation Tender Calling Authority**


# ରୋଗୀ ଖାଉଛନ୍ତି ନିମ୍ନମାନର ଖାଦ୍ୟ


ଡାକ୍ତରଖାନାରେ ବଣ୍ଟନ ହେଉଥିବା ଖାଦ୍ୟ ।

ନୟାଗଡ଼ ଅଫିସ,୨୦।୧

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଦିଆଯାଉଥିବା ଖାଦ୍ୟର ସ୍ୱାଦ ରହୁ ନ ଥିବା ଅଭିଯୋଗ ହେଉଛି । ରୋଗୀ ନିମ୍ନମାନର ଖାଦ୍ୟ ଖାଉଥିଲେହେଁ ଏହାର ପରୀକ୍ଷଣ କରାଯାଉନାହିଁ । ପୁଷ୍ଟିକର ଖାଦ୍ୟ ନାଁରେ ରୋଗୀ ରୋଗ କିଣୁଛନ୍ତି । ଶୁକ୍ରବାର ଡାଲମା ସ୍ଥାନରେ ଡାଲି ଦିଆଯାଇଥିଲା, ତାହା ପାଣିଚିଆ ଓ ଅରୁଚିକର ଥିଲା । ଅନ୍ୟପକ୍ଷେ ଖାଦ୍ୟ ସାରଣୀରେ ଦହି ଦେବାକୁ ଥିଲେ ହେଁ ଦିଆଯାଇ ନ ଥିଲା । ପ୍ରତିବାଦ କଲେ ଉତ୍ତର ମିଳୁଥିଲା କାମ ଚଳାଇ ନିଅନ୍ତୁ । ଯାହାସବୁ ଖାଦ୍ୟ ସାରଣୀରେ ଅଛି ତାହା ଦେବା ସମ୍ଭବ ନୁହେଁ ।

ରୋଗୀମାନଙ୍କୁ ଦିଆଯାଉଥିବା ଖାଦ୍ୟ ଠିକ୍ ଅଛି ନାହିଁ ପରୀକ୍ଷା କରାଯାଉ ନାହିଁ । ସେହିପରି ଖାଦ୍ୟ ସାରଣୀ ଅନୁସାରେ ଖାଦ୍ୟ ଦିଆଯାଉଛି କି ନାହିଁ ତାହା ପଚାରିବାକୁ କେହି ଦାୟିତ୍ୱରେ ନାହାନ୍ତି । ମଝିରେ ମଝିରେ ଅତର୍କିତ ଚଢ଼ାଉ ବି କରାଯାଉ ନାହିଁ । ଏଣୁ ଖାଦ୍ୟ ବଣ୍ଟନ ଦାୟିତ୍ୱରେ ଥିବା ସଂସ୍ଥା ନିଜର ଲାଭ ଉଠାଇ ରୋଗୀମାନଙ୍କୁ ଅସ୍ୱାସ୍ଥ୍ୟକର ଖାଦ୍ୟ ଦେଇ ଚାଲିଛନ୍ତି ବୋଲି ଅଭିଯୋଗ ହେଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକତ୍ସିତ ହେଉଥିବା ଶିଶୁଙ୍କ ପାଇଁ ସରକାର ଦିନକୁ ୭୫ ଟଙ୍କା, ନିଆଁରେ ପୋଡ଼ି ହୋଇ ଆହତ ରୋଗୀଙ୍କ ପାଇଁ ୯୫ ଟଙ୍କା ଓ ଅନ୍ୟାନ୍ୟ ରୋଗୀଙ୍କ ମୁଣ୍ଡପିଛା ୮୫ ଟଙ୍କା ଖାଦ୍ୟ ଉଦ୍ଦେଶ୍ୟରେ ଯୋଗାଇ ଦେଉଛନ୍ତି । ଶିଶୁଙ୍କ ପାଇଁ ଉର୍ଦ୍ଦିଷ୍ଟ ଖାଦ୍ୟ ରୁଚିକର ନୁହେଁ ବୋଲି ଅଭିଯୋଗ ହେଉଥିଲେ ମଧ ଏହାର ପ୍ରତିକାର ନାହିଁ । ନିଆଁରେ ପୋଡ଼ି ହୋଇଥିବା ରୋଗୀଙ୍କୁ ଖାଦ୍ୟ ଦେଲେ ଅଥବା ନ ଦେଲେ ଅଭିଯୋଗ ନାହିଁ । ତେବେ ଏମାନଙ୍କୁ ମଧ୍ୟ ଭଲ ଖାଦ୍ୟ ଦିଆ ଯାଉ ନ ଥିବାର କୁହାଯାଉଛି । ସେହିପରି ଦିନକୁ ୮୫ ଟଙ୍କା ଖର୍ଚ୍ଚ ହେଉଥିବା ରୋଗୀଙ୍କ ପାଇଁ ଖାଦ୍ୟ ବେଶି ଖରାପ ରହୁଛି । ଶୁକ୍ରବାର ଭାତ, ଡାଲମା, ଅଣ୍ଡା ଅଥବା ପନିର, ଭଜା ଓ ଦହି ଦେବା ପାଇଁ ଖାଦ୍ୟ ସାରଣୀରେ ରହିଛି । ପ୍ରଥମେ ଯେଉଁ ରୋଗୀମାନେ ଭାତ ପାଉଛନ୍ତି ତାହା ଶୁଖିଲା ରହୁଛି । ଏହାପରେ ଅଧିକାଂଶ ରୋଗୀଙ୍କୁ ପେଜୁଆ ଭାତ ଦିଆଯାଉଛି । ଡାଲମା ନ ଦେଇ ପାଣିଆ ଡାଲି ଦେଇ କାମ ଚଳାଇ ଦିଆଯାଉଛି । ସେହିଭଳି ଶୁକ୍ରବାର ଭଜା ଦେଖିବାକୁ ଭଲ ନ ଥିଲା । ଖାଇବା ପରେ ତାହା ରୋଗୀମାନେ ଫୋପାଡ଼ିବାକୁ ବାଧ୍ୟ ହୋଇ ଥିଲେ । ଦହି ମିଳି ନ ଥିଲା । ରାତିରେ ମିଶ୍ରିତ ଭେଜ ତରକାରୀ ମଧ୍ୟ ସ୍ୱାଦିଷ୍ଟ ନ ଥିଲା । ପାଣିଆ କ୍ଷୀର ଦିଆଯାଉଥିବା ଅଭିଯୋଗ ହୋଇଛି। ଅନ୍ୟ ଦିବସର ଖାଦ୍ୟ ମଧ୍ୟ ଭଲ ରହୁନି ବୋଲି ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ କହିଛନ୍ତି ।

**■ଡାଲମାରେ ନାହିଁ ପରିବା**

**■ଦହି ଖାଦ୍ୟ ସାରଣୀରୁ ଗାଏବ**

ଏନେଇ ପ୍ରଭାସିନୀ ପାତ୍ର ନାମକ ଜଣେ ରୋଗୀ କୁହନ୍ତି, ଖାଦ୍ୟର ମାନ ଭଲ ନାହିଁ । ଅଭିଯୋଗ କଲେ ସୁଫଳ ମିଳୁନି । ଆମେ କିଛି ଦିନ ପାଇଁ ଆସି ବିବାଦୀୟ ହେବାକୁ ଚାହୁଁନୁ । ତେବେ ରୋଗୀମାନଙ୍କୁ ଏପରି ଖାଦ୍ୟ ନ ଦେବା ଦରକାର ବୋଲି କହିଥିଲେ । ଏପରି କେତେକ ସଂସ୍ଥା ପାଇଁ ସରକାରଙ୍କ ମହତ୍ ଉଦ୍ଦେଶ୍ୟ ପୂରଣ ହୋଇ ପାରୁନି ବୋଲି ସେ କହିଛନ୍ତି । ବିଳାସିନୀ ଦେଇ ନାମକ ଜଣେ ମହିଳା କହିଥିଲେ ୫ଦିନ ତଳେ ମୋ ସ୍ୱାମୀଙ୍କୁ ନେଇ ନୟାଗଡ଼ ଚିକିତ୍ସାଳୟକୁ ଆସିଥିଲି । ଭଜା ଓ ତରକାରୀ ଭଲ ଲାଗୁନି କହିବାରୁ ମନ ପାଇଲେ ଖାଆନ୍ତୁ ନ ହେଲେ ନାହିଁ ବୋଲି କହିଥିଲେ । ଏପରି କି ଦେଇଥିବା ଖାଦ୍ୟ ଫେରାଇ ନେବାକୁ ଦାୟିତ୍ୱରେ ଥିବା କର୍ମଚାରୀ କହିଥିଲେ । ଏଣୁ ମୋ ସ୍ୱାମୀଙ୍କ ପରି ଅନେକ ରୋଗୀ ଚୁପ୍‌ଚାପ ଖାଉଛନ୍ତି । ଖାଦ୍ୟ ଭଲ ନ ଲାଗିବାରୁ ଫୋପାଡୁଛନ୍ତି । ଏ ସଂକ୍ରାନ୍ତରେ ଖାଦ୍ୟ ବଣ୍ଟନ କରୁଥିବା ମିଠନ ମହାପାତ୍ର କୁହନ୍ତି, ଡାଲମା ବଦଳରେ ଡାଲି ଦେଇଛୁ । ଆଜି ଟିକେ ପାଣିଆ ହୋଇ ଯାଇଛି । ଡାଲମା ବଦଳରେ ଡାଲି ଦେବା ଠିକ୍ ନୁହେଁ । ଦହି କେହି ମାଗୁ ନ ଥିବାରୁ ଦହି ଆଇଟମ କରୁନୁ । ଖାଦ୍ୟ ଭଲ ଲାଗୁ ନ ଥିବା କହିବାରୁ, କ'ଣ କରିବା ରୋଷେଇରେ କେତେବେଳ କ'ଣ ହେବ କହିହେବ ନାହିଁ। ସୁବିଧା ଅସୁବିଧାକୁ କାମ ଚଳାଇ ନେବାକୁ ପଡିବ ବୋଲି କହିଥିଲେ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମକରନ୍ଦ ବେଉରା କୁହନ୍ତି, ଖାଦ୍ୟର ମାନ ନେଇ ଅଭିଯୋଗ ମିଳି ନ ଥିଲା । ଯଦି ଏ ସଂକ୍ରାନ୍ତରେ ରୋଗୀମାନେ କହୁଛନ୍ତି ଏହାର ତଦନ୍ତ ହେବ । ଆବଶ୍ୟକ ପଦକ୍ଷେପ ନିଆଯିବ ।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
Fresh candidate **SALES EXECUTIVE** Male or Female person (Age between 18 to 30) with good communication skills. For Garment Shop, Near Rajmahal Square, Bhubaneswar.
**Contact: 9437003463**

**WANTED**
Accountant / Marketing / Sales Person required
with experience in similar line
**Contact:**
Rajrani Trading, Jaydurga Nagar, Bomikhal, Bhubaneswar
Mob.: 9437210342/7008671875

**SPARSHA SPA WANTED**
1- Receptionist (1 No)
2- ମହିଳା ଥେରାପିଷ୍ଟ
Plot No-99, Jharapada Jail Road, Bhubaneswar
**Contact : 9777220450**
Email : sparshaluxuryspa@gmail.com

**REQUIRED**
GALAXY CONSULTANCY SERVICES & Job providing, consultancy services srsgalaxycs.com https// srsgalaxycs.com/ Need to job registrar now.
ନୟାଗଡ କୋର୍ଟ ପାଇଁ ଆବଶ୍ୟକ ଅଛି +୨ ପାସ୍ କିମ୍ବା +୩ ପାସ୍ କରିଥିବା ପୁଅ ଝିଅ ଦରକାର । ପିଜିଡିସିଏ କରିଥିବା ଜରୁରୀ ।

**WANTED**
ଧରିତ୍ରୀ DHARITRI Oriya daily
is looking for
**EVENTS' EXECUTIVES**
- Graduates, fluent in English, in the age group of 25-35 years could apply.
- Planning events & implementing from start to finish will be required.
- Experience in event management will be preferred.
- Developing event feedback surveys.

Apply immediately to :
recruitment@dharitri.com
N.B.: All postings will be in Bhubaneswar, Odisha
Attractive salary commensurate with experience



Estd.-1979
Ph:7682032632
**THE KOSALA SCHOOL**
An English Medium Residential Public School
(CBSE Affiliation No.1530003)
NUA-KHAIRPALI, PO.-LARASARA, DIST.-BARGARH-768027 (ODISHA)
Email: thekosalaschool1979@gmail.com
Mob- 6370708544/ 7682032632

**REQUIRES THE FOLLOWING TEACHING & NON TEACHING STAFF**

| Sl. No. | Post Name | Subject | Minimum Educational Qualification | Salary |
|---|---|---|---|---|
| 1 | TGT | English/ Physics/ Chemistry / Biology/ Mathematics/ Odia/ Hindi/ Social Science | B.A or B.Sc. & B.Ed./ B.H.Ed with OTET/ CTET/OSSTET | (Salary is not a constraint for deserving candidates) |
| 2 | PRT | English/ Mathematics/ Science/ Social Science/ Hindi/ Odia | B.A. or B.Sc. & D.El. Ed/ B.Ed./ B.H.Ed with OTET/ CTET | |
| 3 | PET | | B.A or B.Sc & C.P.Ed./ B.P. Ed with OSSTET | |
| 4 | Special Educator | | B.A. or B.Sc with B.Ed (Special Education) | |
| 5 | Data Entry Operator | | B.A. or B.Sc with PGDCA | |
| 6 | Hostel Warden (Male) Age- 35 to 40 years | | +3 | |

- Candidates having teaching experience in English Medium Schools, good Spoken English, computer knowledge and not crossed 45 years of age will be preferred.
- Couples will be given preference and provided with rent free accommodation.
- Selected candidates shall have to stay inside the Hostel campus on free of rent. Selected temporary teachers will get free boarding and lodging.
- Interested candidates can send their filled up bio-data to the email address:- thekosalaschool1979@gmail.com on or before 05/02/2023.
- Original Certificates to be produced at the time of interview for verification.
- No TA/DA will be given for attending the interview.
- For any clarification candidates may call to the phone No. (Given above) from 10.00 A.M. to 2.00 P.M.

**Sd./- (Principal)**

## ସଂକ୍ଷେପରେ

### ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ: ୫ କୋର୍ଟଚାଲାଣ

**କଳିଙ୍ଗନଗର,୨୦।୧(ଡି.ଏନ.ଏ.):** ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଦାନଗଦି ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଏଥିରେ ୪ ଟି ବାଇକ, ୪୦୦ ଲିଟର ଆଇଡି ଦେଶୀ ମଦ ଜବତ କରାଯିବା ସହ ୫ ଜଣ ବ୍ୟବସାୟୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ପାଣିକୋଇଲି ଥାନା ସୋଲପଟା ଗାଁର ଦୁର୍ଯ୍ୟୋଧନ ମଲିକ (୫୨), କେନ୍ଦୁଝର ଜିଲା ଘଷିପୁରା ଥାନା ଓସ୍ତପୁର ଗାଁର ଦୁର୍ଗା ମାରାଣ୍ଡି (୨୩) ଓ ଚନ୍ଦ୍ରମଣି ମାରାଣ୍ଡି (୨୪), ମୟୂରଭଞ୍ଜ ଜିଲା ବାଦାମ ପାହାଡ଼ ଥାନା ଚଙ୍ଗବାରିଆ ଗାଁର ପୀତାମ୍ବର ହେମ୍ବ୍ରମ (୩୨) ଓ ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ କାଦୁଅମାଗୁରା ଗାଁର ନିତ୍ୟାନନ୍ଦ ରାଉତ (୪୦)। ଜିଲା ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶମତେ ଜିଲା ମୋବାଇଲ ସ୍କ୍ୱାଡ୍ ଓ ଯାଜପୁର ରୋଡ଼ ଅବକାରୀ ଥାନା ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଥିଲା। ଏଥିରେ ଇନ୍ସପେକ୍ଟର ସମୀର କୁମାର ମହାନ୍ତି, ସବଇନ୍ସପେକ୍ଟର ଭରତ କୁମାର ମିଶ୍ର, ଏଏସଆଇ କ୍ଷୀରୋଦ କୁମାର ସାହୁ, ସତ୍ୟନାରାୟଣ ବରାଳ, ଶୁଭସ୍ମିତା ପ୍ରଧାନ, ବିପିନ କୁମାର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

### ଶିଶୁକନ୍ୟା ମୃତଦେହ ଜବତ

**ଚଣ୍ଡିଖୋଲ,୨୦।୧(ଡି.ଏନ.ଏ.):** ଯାଜପୁର ଜିଲା ଚଣ୍ଡିଖୋଲ-ଡୁବୁରୀ ୫୩ନଂ. ଜାତୀୟ ରାଜପଥର ରାସ୍ତା ନିର୍ମାଣ ଚାଲିଥିଲା ବେଳେ ଶୁକ୍ରବାର ଏଠାରୁ ଏକ ଶିଶୁ କନ୍ୟା ମୃତଦେହ ଜବତ ହୋଇଛି। ଜେସିବି ମେଶିନ ସାହାଯ୍ୟରେ ରାସ୍ତା ଖନନ ହେଉଥିବା ସମୟରେ ବନ ବିଭାଗ କାର୍ଯ୍ୟାଳୟର କିଛି ଦୂରରେ ଶିଶୁ କନ୍ୟା ପଡିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ବଡ଼ଚଣା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶିଶୁ କନ୍ୟାକୁ ଆମ୍ବୁଲାନ୍ସ ଯୋଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଠାଇ ଥିଲା। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ ଜାରି ରଖିଛି।

### ନଳିନୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଶିବିର

**ରାଜନଗର,୨୦।୧(ଡି.ଏନ.ଏ.):** ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳସ୍ଥିତ ନଳିନୀକାନ୍ତ ଉଚ୍ଚ ବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ପକ୍ଷରୁ ଜାତୀୟ ସେବା ଶିବିର ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ପଞ୍ଚାୟତର ବାହାରଗଡ ଗାଁରେ ଏହି ସେବା ଶିବିର ଆରମ୍ଭ କରାଯାଇଛି। ଏହି ଶିବିରକୁ ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବ୍ରହ୍ମାନନ୍ଦ ତ୍ରିପାଠୀ, ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ତ୍ରୈଲୋଚନ ରାଉତ, ବାହାରଗଡ଼ ଗାଁର ମୁରବୀ ରତ୍ନାକର ମହାକୁଡ ପ୍ରମୁଖ ଯୋଗଦେଇଥିଲେ। ଶିବିରାର୍ଥୀମାନେ ଗାଁ ପୋଖରୀ, ନଳକୂପ ଚତୁଃପାର୍ଶ୍ୱ ସଫେଇ କରିବା ସହ ଗାଁ ପରିବେଶକୁ ସଫା ସୁତୁରା ରଖିବା ପାଇଁ ଘରକୁ ଘର ବୁଲି ଲୋକମାନଙ୍କୁ ସଚେତନ କରୁଛନ୍ତି। ଏହି ସେବା ଶିବିର ୨୫ ତାରିଖ ଯାଏ ଚାଲିବ।

# ସୂଚନା ଅଧିକାର ଆଇନରେ ତଥ୍ୟ ମିଳୁନି

## ରସୁଲପୁର ତହସିଲ କାର୍ଯ୍ୟାଳୟ

■ ସୂଚନା ଅଧିକାର କର୍ମୀଙ୍କୁ ଛୁଟି ଦିନରେ ହାଜର ନିର୍ଦ୍ଦେଶ

**ରସୁଲପୁର,୨୦।୧(ଡି.ଏନ.ଏ.):** ରସୁଲପୁର ତହସିଲ କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନ-୨୦୦୫କୁ ଉଲ୍ଲଂଘନ କରାଯାଉଛି। ଏହି ଆଇନକୁ ତହସିଲଦାର ନିରଞ୍ଜନ ସାହୁ ଠିକ ଭାବରେ ଅନୁପାଳନ କରୁନାହାନ୍ତି। ସୂଚନା ଅଧିକାର କର୍ମୀଙ୍କୁ ନିର୍ଦ୍ଧାରିତ ସମୟ ସୀମା ଭିତରେ ସୂଚନା ପ୍ରଦାନ କରୁ ନ ଥିବା ଅଭିଯୋଗ ହେଉଛି। ନିୟମାନୁଯାୟୀ କର୍ମୀ ଜନ ସୂଚନା ଅଧିକାରୀଙ୍କ ତଥ୍ୟ ପ୍ରଦାନରେ ଅବହେଳା କରିଥିବା ଦର୍ଶାଇ ଉପରିସ୍ଥ ଅଧିକାରୀ(ଅପିଲେଟ ଅଥରିଟି)ଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବି ସୂଚନା ଅଧିକାର କର୍ମୀଙ୍କୁ ତଥ୍ୟ ମିଳି ପାରୁନାହିଁ। ତେଣୁ ଜନ ଶୁଣାଣି ପାଇଁ ଆବେଦନକାରୀଙ୍କୁ ଛୁଟି ଦିନରେ ନୋଟିସ ଜରିଆରେ ତହସିଲରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଉଛି। ଉକ୍ତ ନିର୍ଦ୍ଦେଶ ମୁତାବକ ତହସିଲରେ ହାଜର ହୋଇ କାର୍ଯ୍ୟାଳୟରେ ତାଲା ଝୁଲୁ ଥିବା ଦେଖି ଆବେଦନକାରୀ ନିରାଶ ହୋଇ ଫେରି ଯାଉଛନ୍ତି। ଏଭଳି ଘଟଣା ଘଟିଛି ସୂଚନା ଅଧିକାର କର୍ମୀ ଯାଜପୁର ବ୍ଲକ ଝାଲପଡ଼ା ପଞ୍ଚାୟତର ପ୍ରକାଶ ଚନ୍ଦ୍ର ସାହୁଙ୍କ କ୍ଷେତ୍ରରେ।

ଆବେଦନକାରୀ ସାହୁ ୦୯ ନଭେମ୍ବର,୨୦୨୨ରେ ବ୍ରାହ୍ମଣୀ ନଦୀରେ ସରକାରୀ ଭାବରେ ଲିଜ ଦିଆଯାଇଥିବା ବାଲିଘାଟ ସମ୍ପର୍କରେ ତଥ୍ୟ ହାସଲ ପାଇଁ ଆରଟିଆଇ ଫର୍ମରେ ଆବେଦନ କରିଥିଲେ। ଏହି ନଦୀର ରସୁଲପୁର ତହସିଲ ଅଧୀନରେ କେତୋଟି ବାଲି ଘାଟ ନିଲାମ ଦିଆଯାଇଛି। ଘାଟ ନିଲାମ ଦିଆଯିବାକୁ ନେଇ କ'ଣ ସରକାରୀ ନିୟମ ରହିଛି। କେଉଁ ଘାଟ କେତେ ଟଙ୍କାରେ ଲିଜ୍‌ଧାରୀଙ୍କୁ ଦିଆଯାଇଛି। ନିଲାମ ଅଞ୍ଚଳର ପରିସୀମା ଓ କେଉଁ ଘାଟରୁ କେତେ ବାଲି ଉତ୍ତୋଳନ କରାଯିବ। ଘାଟକୁ ପରିଚାଳନା କରିବାରେ କ'ଣ ସବୁ ବ୍ୟବସ୍ଥା କରାଯିବ। ଲଘୁ ଖଣିଜ ଆଇନକୁ ଅନୁପାଳନ କରାଯାଇ ଘାଟ ଚାଲୁଛି କି ନାହିଁ। ଘାଟରେ ମେଶିନ୍‌ରେ ଲୋଡିଂ, ହାଇୱାରେ ବାଲି ପରିବହନ କରିବାକୁ ନିୟମ ରହିଛି କି ଆଦି ୧୦ରୁ ଊର୍ଦ୍ଧ୍ୱ ବିଷୟରେ ତଥ୍ୟ ହାସଲ ପାଇଁ ଆବେଦନ କରାଯାଇଛି। ଆବେଦନପତ୍ର ଗ୍ରହଣର ୩୦ଦିନ ଭିତରେ ଆବେଦନକାରୀଙ୍କୁ ସୂଚନା ପ୍ରଦାନ କରିବାର ବିଧି ରହିଛି। ଏହି ନିୟମକୁ କାର୍ଯ୍ୟାଳୟ ପକ୍ଷରୁ ଠିକ୍ ଭାବରେ ପାଳନ କରା ନ ଯିବାରୁ ଆବେଦନକାରୀ ପ୍ରଥମ ଅଭିଯୋଗ ଗ୍ରହଣକାରୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ଆବେଦନକାରୀ ସାହୁଙ୍କୁ ୧୪ ଜାନୁଆରୀ,୨୦୨୩ରେ ତହସିଲରେ ହାଜର ହେବାକୁ କୁହାଯାଇଥିଲା। ସେହିଦିନ ମକର ସଂକ୍ରାନ୍ତି ଥିବାରୁ ତହସିଲ ଛୁଟି ରହିଥିଲା। ଆବେଦନକାରୀ ତହସିଲକୁ ଆସି ନିରାଶ ହୋଇ ଫେରିଥିଲେ। ଏ ଦିଗରେ ସେ ତହସିଲଦାରଙ୍କ ସହ ଯୋଗାଯୋଗ କରିବାରୁ ଭୁଲରେ ତାରିଖ ଦିଆଯାଇଛି। ପରେ ତାରିଖ ଦିଆଗଲେ ଆସିବ, ଏବେ ଫେରିଯାଅ ବୋଲି କହିଥିଲେ। ତେବେ ତହସିଲ ପକ୍ଷରୁ ଭୁଲରେ ଛୁଟି ଦିନରେ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରାଯାଇ ଥିଲା ନା ଜାଣିଶୁଣି ଆବେଦନାକାରୀଙ୍କୁ ହଇରାଣ କରିବାକୁ ଏଭଳି କରାଯାଇ ଥିଲା ତାକୁ ନେଇ ଅଭିଯୋଗକାରୀଙ୍କ ମନରେ ସନ୍ଦେହଜାତ ହେଉଛି। ଦିନ ଗଡ଼ାଇବା ଆଳରେ ତହସିଲ ପକ୍ଷରୁ ଏଭଳି କରାଯାଉଛି। ବାଲି ମାଫିଆଙ୍କ ସହ ତହଲିସଲଦାରଙ୍କର ଅସାଧୁ ସମ୍ପର୍କ ରହିଥିବାରୁ ତହସିଲ କାର୍ଯ୍ୟାଳୟ ତଥ୍ୟ ଦେବାକୁ ପଛଘୁଞ୍ଚା ଦେଉଛି ବୋଲି ସାଧାରଣରେ ଚର୍ଚ୍ଚା ଆଲୋଚନା ହେଉଛି। ଏ ନେଇ ତହସିଲଦାର ସାହୁଙ୍କୁ ପଚାରିବାରୁ ଭୁଲରେ ଛୁଟି ଦିନରେ ଜନଶୁଣାଣି ପାଇଁ ଆବେଦନକାରୀଙ୍କୁ କାର୍ଯ୍ୟାଳୟକୁ ଡକା ଯାଇଥିବା କଥାକୁ ସ୍ୱୀକାର କରିଛନ୍ତି। ମାତ୍ର ସୂଚନା ଅଧିକାର ଆଇନ ଅନୁଯାୟୀ ଆବେଦନକାରୀଙ୍କୁ ତଥ୍ୟ ପ୍ରଦାନ କରାଯାଇ ଥିଲା। ଉକ୍ତ ତଥ୍ୟ ଅସମ୍ପୂର୍ଣ୍ଣ ବୋଲି ଦର୍ଶାଇ ଆବେଦନକାରୀ ପୁଣି ଥରେ ଅଭିଯୋଗ କରିଛନ୍ତି। ତାଙ୍କୁ ଆଉ ଏକ ତାରିଖରେ ଜନଶୁଣାଣିରେ ହାଜର ହେବାକୁ ନୋଟିସ କରାଯିବ ବୋଲି ତହସିଲଦାର ମତ ରଖିଛନ୍ତି।

# ଯାତ୍ରୀ ବିଶ୍ରାମାଗାର ଉଦ୍‌ଘାଟିତ



ଯାତ୍ରୀ ବିଶ୍ରାମଗାରକୁ ଏମ୍‌ପି ଉଦ୍‌ଘାଟନ କରୁଛନ୍ତି।

**ପାଣିକୋଇଲି,୨୦।୧(ଡି.ଏନ.ଏ.):** ୨ ରାଜପଥର ସଂଯୋଗସ୍ଥଳ ତଥା ତିନୋଟି ଜିଲା ଯାଜପୁର, ଭଦ୍ରକ ଓ କେନ୍ଦୁଝରକୁ ସଂଯୋଗ କରୁଥିବା ପାଣିକୋଇଲି ଏକ ବ୍ୟସ୍ତ ବହୁଳ ବଜାର। ଜିଲାର ଭୌଗୋଳିକ ମାନଚିତ୍ରରେ ପାଣିକୋଇଲିର ସ୍ଥାନ ସ୍ୱତନ୍ତ୍ର। ଜିଲା ଓ ରାଜ୍ୟର ବିଭିନ୍ନ ସ୍ଥାନରୁ ଏଠାକୁ ଗମନାଗମନର ସୁବିଧା ସହ ଦିବାରାତ୍ରି ଏହି ବଜାର ଖୋଲା ରୁହେ। ଯାତ୍ରୀ ପାଣିକୋଇଲିରୁ ଅନାୟାସରେ ଯାତାୟାତ କରିଥାନ୍ତି। ତେଣୁ ଯାତ୍ରୀଙ୍କ ସୁବିଧା ଓ ସୁରକ୍ଷା ପାଇଁ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀଙ୍କ ହାତପାଣ୍ଠିରୁ ପାଣିକୋଇଲି ବଜାରରେ ଏକ ଯାତ୍ରୀ ବିଶ୍ରାମଗାର ଓ ସୌରଚାଳିତ ପାଣିଟାଙ୍କି ନିର୍ମାଣ କରାଯିବା ସହ ଏହାର ଉଦ୍‌ଘାଟନ କରାଯାଇଛି। ଏମ୍‌ପି ଶର୍ମିଷ୍ଠା ସେଠୀ, କୋରେଇ ବିଧାୟକ ଅଶୋକ ବଳ, ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା, କୋରେଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ମଲ୍ଲିକ ପ୍ରମୁଖ ପ୍ରମୁଖ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ୨ ନମ୍ବର ଜିଲା ପରିଷଦ ସଭ୍ୟ ଉମାକାନ୍ତ ମାଝି, ଜିଲା ସମ୍ପାଦକ ନିମାଇଁ ମଲ୍ଲିକ, ପଥରପଦା ସରପଞ୍ଚ ମଧୁସ୍ମିତା ବାରିକ, ସମିତିସଭ୍ୟା ସରସ୍ୱତୀ ସ୍ୱାଇଁ, ବିଜେଡି ସଭାପତି ସନ୍ତୋଷ ବେହେରା, ସତିସ ଧଳ, ପ୍ରକାଶ ମଲ୍ଲିକ, ଯୁବ ସଭାପତି ସ୍ୱପ୍ନାନନ୍ଦ ଦାସ, ଶଶିକାନ୍ତ ମଲିକ, ପ୍ରେମେଶ ମହାକୁଡ ଓ ରବିନାରାୟଣ ପଣ୍ଡାଙ୍କ ସମତେ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ପାଣିକୋଇଲି ଟ୍ରେକର, ଟ୍ୟାକ୍ସି ଓ ମିନିବସ ମାଲିକ ସଂଘ ପକ୍ଷରୁ ଏମ୍‌ପି ଏବଂ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ଟାଟା ଲଜିଷ୍ଟିକ୍ ପରିବହନ ପାଇଁ 'ଇ ଲଗ୍ ଆପ୍' ଶୁଭାରମ୍ଭ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଟାଟାଷ୍ଟିଲ୍‌ର ଅଧିକାରୀ ଓ ଅନ୍ୟମାନେ।

**କାଳିଆପାଣି,୨୦।୧(ଡି.ଏନ.ଏ.):** ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଏଲ୍) କମ୍ପାନୀ ଲଜିଷ୍ଟିକ ପରିବହନ ପାଇଁ ଶୁକ୍ରବାର 'ଇ ଲଗ୍ ଆପ୍'ର ଶୁଭାରମ୍ଭ କରିଛି। ଖନନ କ୍ଷେତ୍ରରେ ଲଜିଷ୍ଟିକ ସମ୍ପର୍କିତ ଆବଶ୍ୟକତାର ସମାଧାନ ସ୍ୱରୂପ ଏହି ଆପ୍‌ର ଶୁଭାରମ୍ଭ ହୋଇଛି। ଏହାଦ୍ୱାରା ଲଜିଷ୍ଟିକ ପ୍ଲାଟଫର୍ମଗୁଡିକ ଡିଜିଟାଇଜ କରିବା ସହ ବାସ୍ତବିକ ସମୟର ତଥ୍ୟ ଓ ଟ୍ରକ୍ ଚାଳକଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ରେକର୍ଡ ରଖିହେବ। ଏହି ଆପ୍ ଦ୍ୱାରା ଖଣିରେ ଟ୍ରାଫିକ, ଦସ୍ତାବିଜ ପରିଚାଳନା ସହ ଏହାକୁ ଏକତ୍ରୀକରଣ କରି ସହାୟତା ପ୍ରଦାନ କରିବ। କାଳିଆପାଣି ଖଣି ଅଞ୍ଚଳର କାଟେପୂର୍ତ୍ତି ଅଡିଟୋରିୟମଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆପକୁ ଟିଏସ୍‌ଏମ୍‌ଏଲର ଅଧ୍ୟକ୍ଷ ଡି.ବି. ସୁନ୍ଦରା ରାମମ ଉଦ୍‌ଘାଟନ କରିବା ସହ ଏହି ପ୍ଲାଟଫର୍ମ ମାନବିକ ହସ୍ତକ୍ଷେପ ଓ ସମ୍ଭାବ୍ୟ ତ୍ରୁଟି ହ୍ରାସ କରିବା ସହ କାର୍ଯ୍ୟ ଦକ୍ଷତାରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ଟିଏସ୍‌ଏମ୍‌ଏଲ୍ ପରିଚାଳନା ନିର୍ଦ୍ଦେଶକ ପଙ୍କଜ କୁମାର ସତିଜା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଯୁକ୍ତି ବିଦ୍ୟା ଓ ଡିଜିଟାଲ ପଦକ୍ଷେପ ମାଧ୍ୟମରେ ଖଣିଖନନ କାର୍ଯ୍ୟକୁ ସହଜ ଓ ସରଳ ପାଇଁ କମ୍ପାନୀ ନିରନ୍ତର ପ୍ରୟାସ କରିଆସୁଥିବା ବେଳେ ଏହି ଆପ୍ ଏକ ଅନ୍ୟ ପଦକ୍ଷେପ ବୋଲି ପ୍ରକାଶ କରିଥିଲେ। ସମ୍ପୃକ୍ତ କମ୍ପାନୀ ପ୍ରତିବର୍ଷ ୧.୬ ଲକ୍ଷରୁ ଊର୍ଦ୍ଧ୍ୱ ଟ୍ରକ୍ ଓ ୬ ହଜାରରୁ ଊର୍ଦ୍ଧ୍ୱ କଣ୍ଟେନରରେ କ୍ରୋମାଇଟ ରପ୍ତାନୀ କରୁଥିବାବେଳେ ଏହାକୁ ପରିଚାଳନା ପାଇଁ ୩୫ ଟଚ୍ ପଏଣ୍ଟ୍ ସହ ୧୯୦ ସ୍ଥାନରେ ମାଲ ପରିବହନ ନେଟୱାର୍କ କାର୍ଯ୍ୟ କରୁଛି। ତେଣୁ ୩ କ୍ରୋମାଇଟ ପଥର ଖଣି, ୩ ଡିପୋ, ୩ ବନ୍ଦର, ୯ ଫେରୋକ୍ରମ କାରଖାନା ଓ ୧୧ ଡୋର ଡେଲିଭରି ପଏଣ୍ଟରେ ସହଜ ଓ ଶୃଙ୍ଖଳିତ ଭାବେ କାର୍ଯ୍ୟ ତ୍ୱରାନ୍ୱିତ କରିବା ଏହାର ଉଦ୍ଦେଶ୍ୟ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମରେ ଜିଏମ୍ ସୁଶାନ୍ତ କୁମାର ମିଶ୍ର, ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ, ସହପ୍ରଶାସନିକ ମୁଖ୍ୟ ସଞ୍ଜୀବ ସାହୁ, ପରିବହନ ପରିଚାଳକ ଅନଙ୍ଗ ଉଦୟ ମାହାନା, ନିର୍ମାଣ ବିଭାଗ ଅଧିକାରୀ ରାଜୀବ ତ୍ରିପାଠୀଙ୍କ ସହ ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ୨୦ ଫୁଟ୍ କେନାଲ ଡେଇଁଲା ବାଇକ୍, ଯୁବକ ମୃତ

**ରାଜନଗର,୨୦।୧(ଡି.ଏନ.ଏ.)** ରାଜନଗର ବାଇପାସ୍ ରାସ୍ତାର କାମ ସରିନି। ସେହି ରାସ୍ତା ଉଦ୍‌ଘାଟନ ହେବା ପୂର୍ବରୁ ଦୁର୍ଘଟଣା ଘଟି ଗୁରୁବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ ପଲସର ଚାଳକ ବୁଲାଣିରେ ଗାଡ଼ି ବୁଲାଇବା ପରିବର୍ତ୍ତେ ଗାଡ଼ିରୁ ଭାରସାମ୍ୟ ହରାଇ ବସିଥିଲେ । ଫଳରେ ଗାଡ଼ିଟି ସିଧା ୨୦ ଫୁଟ କେନାଲ ଡେଇଁ ସେପଟେ ପଡିଥିଲା । ଫଳରେ କେନାଲ ବନ୍ଧରେ ପିଟି ହୋଇ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଜନଗର ଥାନା ଅନ୍ତର୍ଗତ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଦକ୍ଷିଣଭେଡା ଗାଁର ଲକ୍ଷ୍ମଣ ରାଉତ (୨୪) । ସୂଚନା ଅନୁଯାୟୀ,ରାଜନଗର ଜୟଗୁରୁ ଆଶ୍ରମଠାରୁ ତାଳଚୁଆକୁ ସଂଯୋଗ କରୁଥିବା ଏହି ନୂତନ ବାଇପାସ୍ ରୋଡ ଏଯାଏ କାର୍ଯ୍ୟକ୍ଷମ ହୋଇନି। ହେଲେ ଗୁରୁବାର ରାତିରେ ଲକ୍ଷ୍ମଣ ଏକ କଳା ପଲସର (ନଂ. ଓଡି ୨୯ ଜେ ୫୨୮୯)ରେ ରାଜନଗର ଆସୁଥିଲେ। ବାଇପାସ୍ ରୋଡରେ ଗାଡ଼ିଟି ଦ୍ରୁତଗତି ଆସୁଥିବାରୁ ଏପରି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି । ଲକ୍ଷ୍ମଣଙ୍କ କାନ, ନାକ ଓ ମୁଣ୍ଡରୁ ରକ୍ତ ସ୍ରାବ ହୋଇଥିବା ପୋଲିସ କହିଛି । ଶୁକ୍ରବାର ସକାଳେ ସ୍ଥାନୀୟ ଲୋକେ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ତଦନ୍ତ ପରେ ମୃତ ଯୁବକଙ୍କ ପରିଚୟ ମିଳିଥିଲା। ଲକ୍ଷ୍ମଣଙ୍କ ପରିବାର ଲୋକେ ପହଞ୍ଚିବା ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଲକ୍ଷ୍ମଣ ଗୁରୁବାର ରାତି ପ୍ରାୟ ସାଢେ ୧୦ଟା ସମୟରେ ଶେଷ କଲ୍ ତାଙ୍କ ଭଉଣୀଙ୍କ ପାଖକୁ କରିଥିଲେ ବୋଲି ରାଜନଗର ଥାନାର ସବ୍‌ଇନ୍ସପେକ୍ଟର ଅଜୟ କୁମାର ସାହୁ ସୂଚନା ଦେଇଛନ୍ତି।

# ଓଡ଼ିଶା ପାୱାର ସେକ୍ଟର ଟେକ୍ନିକାଲ ଏମ୍ପ୍ଲଇଜ ସଂଘ ବନ୍ଧୁମିଳନ




ବନ୍ଧୁ ମିଳନରେ ସାମିଲ ହୋଇଥିବା କର୍ମକର୍ତ୍ତା।

**ଧର୍ମଶାଳା, ୨୦।୧ (ଡି.ଏନ.ଏ.)** ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ ତ୍ରିନାଥ ମନ୍ଦିର ପରିସରରେ ଓଡ଼ିଶା ପାୱାର ସେକ୍ଟର ଟେକ୍ନିକାଲ ଏମ୍ପ୍ଲଇଜ ୟୁନିୟନ କୁଆଖିଆ ଶାଖା ପକ୍ଷରୁ ଶୁକ୍ରବାର ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ୟୁନିୟନ ଉପସଭାପତି ସୁବାସ ଚନ୍ଦ୍ର ପୁଷ୍ପାଳକ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ପ୍ରଭାତ କୁମାର ଦାସ, ସର୍କଲ ସମ୍ପାଦକ ରାଜକୁମାର ସାମନ୍ତ, ଯାଜପୁର ଡିଭିଜନ ସମ୍ପାଦକ ସୌଭାଗ୍ୟ କୁମାର ରାଉତ, କୁଆଖିଆ ଡିଭିଜନ ସମ୍ପାଦକ ସୌମ୍ୟରଞ୍ଜନ ରାଉତ, ଷ୍ଟୋର ଡିଭିଜନ ସମ୍ପାଦକ କଳିଙ୍ଗ ପ୍ରସାଦ ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ଏକତ୍ର ହୋଇ କାର୍ଯ୍ୟ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଶେଷରେ ବସନ୍ତ କବି ଧନ୍ୟବାଦ ଦେଇଥିଲେ।

# ସିନିୟର୍ କ୍ରିକେଟ୍: ବାରଗାଡ଼ିଆ ବିଜୟୀ

**ଯାଜପୁର ଟାଉନ,୨୦।୧(ଡି.ଏନ.ଏ.):** ଓଡ଼ିଶା କ୍ରିକେଟ୍ ଆସୋସିଏଶନ ଓ ଯାଜପୁର ଜିଲା କ୍ରିକେଟ୍ ଆସୋସିଏଶନ୍ ମିଳିତ ଉଦ୍ୟମରେ ଆନ୍ତଃ ଜିଲା ସିନିୟର୍ କ୍ରିକେଟ୍ ଟୁର୍ନାମେଣ୍ଟ ନାଥସାହି ପଞ୍ଚାୟତର ନୂଆପଡ଼ା ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍.ସି.ଏ ବାରଗାଡ଼ିଆ ବିଜୟୀ ହୋଇଛି। ଶୁକ୍ରବାର ଏହି ମ୍ୟାଚ୍ ଏସ୍.ସି.ଏ ବାରଗାଡ଼ିଆ ଓ ରେଷ୍ଟ ଅଫ୍ ଯାଜପୁର-ବି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରେଷ୍ଟ ଅଫ୍ ଯାଜପୁର-ବି ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ୨୭.୨ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୦୧ରନ୍ ସଂଗ୍ରହ କରିଥିଲା। ଏସ୍.ସି.ଏ ବାରଗାଡ଼ିଆର ବୋଲ୍‌ର ଶିବ ସୁନ୍ଦର ଦାସ ୯ ଓଭର ବୋଲିଂ ୨୭ରନ୍ ଦେଇ ୪ ଉଇକେଟ୍ ଓ ଶିବା ନନ୍ଦ ୯ଓଭର ବୋଲିଂ କରି ୩୧ରନ୍ ଦେଇ ୨ ଉଇକେଟ୍ ଅକ୍ତିୟାର୍ କରିଥିଲେ। ଜବାବରେ ଏସ୍‌ସିଏ ବାରଗାଡ଼ିଆ ୨୪ ଓଭର ଖେଳି ୭ ଉଇକେଟ୍ ହରାଇ ୧୦୨ରନ୍ ସଂଗ୍ରହ କରି ରେଷ୍ଟ ଅଫ୍ ଯାଜପୁର-ବି କୁ ପରାସ୍ତ କରିଥିଲା। ମ୍ୟାଚ୍‌ରେ ଇନ୍ଦ୍ରନିଲ୍ ବସୁ, ଜ୍ଞାନରଞ୍ଜନ ସ୍ୱାଇଁ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ।

# ଠିକାଦାର କ୍ୟାମ୍ପରେ ଆକ୍ରମଣ ଘଟଣାରେ ୭ ଗିରଫ

**କଳିଙ୍ଗନଗର,୨୦।୧(ଡି.ଏନ.ଏ.)** କଳିଙ୍ଗନଗର ଶିଳ୍ପାଞ୍ଚଳର ଜିଟିଆ ଷ୍ଟିଲ ଠିକାଦାର କାର୍ଯ୍ୟାଳୟରେ ୧୫ରୁ ଊର୍ଦ୍ଧ୍ୱ ଲୋକ ପଶି ଠିକାଦାରଙ୍କ ସମେତ ୩ ଜଣଙ୍କ ଉପରେ ଆକ୍ରମଣ କରିଥିଲେ। କାର୍ଯ୍ୟାଳୟକୁ ପେଟ୍ରୋଲ ଢାଳି ଜାଳିଦେବାକୁ ମଧ୍ୟ ଉଦ୍ୟମ କରିଥିଲେ। ଏହି ଘଟଣାରେ ପୋଲିସ ୨ ନାବାଳକ ସମେତ ମୋଟ୍ ୭ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଯଖପୁରାର ପ୍ରଦୀପ ମଲିକ(୨୭), ପ୍ରଭାତ ମଲିକ (୨୪), ଭୋଳାନାଥ ମଲିକ (୩୪), କୀର୍ତ୍ତନ ମଲିକ (୩୩), ବିଭୀଷଣ ମଲିକ (୪୨)। ନାବାଳକଦ୍ୱୟଙ୍କୁ ଜୁଭେନାଇଲ କୋର୍ଟକୁ ପଠାଇ ଦିଆଯାଇଛି। ଏନେଇ ଥାନାରେ ନଂ.୭/୨୩ରେ ମାମଲା ରୁଜୁ ହୋଇଛି। ଉଲ୍ଲେଖ ଯୋଗ୍ୟ, ଜଟିଆ ଷ୍ଟିଲ ପାଚେରି ନିର୍ମାଣ ଗତ ସପ୍ତାହରୁ ଆରମ୍ଭ ହୋଇଥିଲା। ମମିତା ଏଣ୍ଟର ପ୍ରାଇଜେସର ପ୍ରୋପରାଇଟର ପ୍ରସନଜିତ ନାୟକ(ଟିଙ୍କୁନ) ଏହାର ଠିକାଦାରୀ କାମ ପାଇଥିଲେ। ମାତ୍ର କାମ ଆରମ୍ଭ ଦିନରୁ ଠିକାଦାରୀ ପାଇଁ ଦୁଇ ଗୋଷ୍ଠୀ ଛକା ପଞ୍ଝାରେ ଥିଲେ। ଗୁରୁବାର ଏହା ଗଣ୍ଡଗୋଳ ରୂପ ନେଇଥିଲା। ଫଳରେ କଳିଙ୍ଗନଗରସ୍ଥ ମମିତା ଏଣ୍ଟରପ୍ରାଇଜେସ କ୍ୟାମ୍ପ ଉପରେ ପ୍ରଦୀପ, ପ୍ରଭାତ, ଭୋଳାନାଥ ସମେତ ୧୫ରୁ ଊର୍ଦ୍ଧ୍ୱ ଯୁବକ ଆକ୍ରମଣ କରିଥିଲେ। ଆକ୍ରମଣରେ ଠିକାଦାର ପ୍ରସନଜିତ ନାୟକ, ସ୍ମୃତିରଞ୍ଜନ ବ୍ରହ୍ମ, ଆଶିଷ ଅମିତା ନାୟକ ଗୁରୁତର ହୋଇଥିଲେ।

# ଦେଶରେ ଆସିକା ଥାନା ଶ୍ରେଷ୍ଠ



କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କଠାରୁ ଆସିକା ଥାନା ଅଧିକାରୀ ଟ୍ରଫି ଗ୍ରହଣ କରୁଛନ୍ତି।

**ଆସିକା,୨୦।୧(ଡି.ଏନ୍.ଏ.)** କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ହୋଇଥିବା ସର୍ଭେରେ ଦେଶର ଶ୍ରେଷ୍ଠ ୩ଟି ଥାନା ମଧ୍ୟରେ ଆସିକା ଥାନା ରହିଥିଲା । ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ଜାତୀୟ କୃଷି ବିଜ୍ଞାନ ଭବନ ପରିସରରେ ଅନୁଷ୍ଠିତ ବିଭିନ୍ନ ରାଜ୍ୟର ପୋଲିସ ମହାନିର୍ଦ୍ଦେଶକମାନଙ୍କ ସମ୍ମିଳନୀରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କୁ ଟ୍ରଫି ପ୍ରଦାନ କରିଛନ୍ତି। ଥାନା ଅଧିକାରୀ ସାହୁ ଏହି ସମ୍ମାନ ଗ୍ରହଣ କରିବା ପରେ ଆସିକା ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି।

କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ୨୦୨୨ରେ ଦେଶର ବିଭିନ୍ନ ଥାନାର କାର୍ଯ୍ୟଦକ୍ଷତା ଉପରେ ସର୍ଭେ କରାଯାଇଥିଲା। ଥାନା ପରିଚାଳନାରେ ବୃତ୍ତିଗତ ପାରଦର୍ଶିତା, ସ୍ୱଚ୍ଛତା, ନିଷ୍ଠାପରତା, ତ୍ୱରିତ କାର୍ଯ୍ୟାନୁଷ୍ଠାନ, ଜନସାଧାରଣଙ୍କ ପ୍ରତି ଉତ୍ତମ ବ୍ୟବହାର, କର୍ତ୍ତବ୍ୟ ପ୍ରତିବଦ୍ଧତା, ଦଣ୍ଡବିଧାନ, ଦଳଗତ କାର୍ଯ୍ୟ, ପ୍ରଯୁକ୍ତି ବିଦ୍ୟା, ପରିବର୍ତ୍ତନ ଏବଂ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନ ଭଳି ୧୬୫ଟି ବିଷୟ ଆଧାରରେ ଉତ୍ତମ ପ୍ରଦର୍ଶନ କରି ଆସିକା ଥାନା ସଫଳତା ହାସଲ କରିଥିଲା। ଯାହାକି ସର୍ବ ଭାରତୀୟ ସ୍ତରରେ ଓଡିଶା ପୋଲିସ ପାଇଁ ଏହା ପ୍ରଥମ ବୋଲି ଜଣାପଡିଛି । ସୂଚନାଯୋଗ୍ୟ, କିଛିଦିନ ପୂର୍ବେ ଓଡ଼ିଶା ଅପରାଧ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପ୍ରଥମ କରି ରାଜ୍ୟର ୬୪୩ ଥାନାର ବିଭିନ୍ନ କାର୍ଯ୍ୟର ସମୀକ୍ଷା ଲାଗି କରାଯାଇଥିବା ପ୍ରଗତି ଡ୍ୟାସ ବୋର୍ଡରେ ଆସିକା ଥାନା ପ୍ରଥମ ସ୍ଥାନ ହାସଲ କରିଥିଲା।

# ୨୭ରେ ପୂର୍ବତଟ ରେଳପଥ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ବୈଠକରେ ଯୋଗଦେଇଥିବା ଯାଜପୁରରୋଡ-ଧାମରା ରେଳପଥ ସଂଗ୍ରାମ ସମିତି କର୍ମକର୍ତ୍ତା।

■ ଯାଜପୁରରୋଡ-ଧାମରା ରେଳପଥ ସଂଗ୍ରାମ ସମିତିର ଆନ୍ଦୋଳନ ଚେତାବନୀ

■ ଫେବୃୟାରୀ ୭ରେ ରେଳରୋକୋ ପାଇଁ ନିଷ୍ପତ୍ତି

**ଯାଜପୁର ଟାଉନ,୨୦।୧(ଡି.ଏନ.ଏ.):** ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଆସନ୍ତା ଜାନୁୟାରୀ ୨୭ରେ ଭୁବନେଶ୍ୱରସ୍ଥ ପୂର୍ବତଟ ରେଳପଥ ଜୋନ କାର୍ଯ୍ୟାଳୟ ସମ୍ମୁଖରେ ଗଣଧରଣା ଓ ଫେବୃୟାରୀ ୭ରେ ରେଳରୋକୋ ପାଇଁ ଆହ୍ୱାନ ଦିଆଯାଇଛି। ଯାଜପୁରର ଶାନ୍ତି ମଣ୍ଡପରେ ସଂଗ୍ରାମ ସମିତିର ଆବାହକ ସନ୍ତୋଷ ଦାସଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ମାରକପତ୍ର ପ୍ରଦାନର ପର୍ଯ୍ୟାୟ ଶେଷ ହୋଇଛି ଓ ସଂଗ୍ରାମ ସମିତି ପ୍ରତ୍ୟକ୍ଷ ଆନ୍ଦୋଳନର ପର୍ଯ୍ୟାୟରେ ପ୍ରବେଶ କରିଛି ବୋଲି ଦାସ ଘୋଷଣା କରିଥିଲେ। ଜାନୁୟାରୀ ୨୭ରେ ଗଣଧାରଣା ଜରିଆରେ କେନ୍ଦ୍ର ସରକାରଙ୍କୁ ଚେତାବନୀ ଦିଆଯିବ ଏବଂ ଫେବୃୟାରୀ ପହିଲା ବଜେଟରେ ଯାଜପୁରରୋଡ-ଧାମରା ରେଳପଥର ମଞ୍ଜୁରୀ ସଂକ୍ରାନ୍ତୀୟ ଘୋଷଣା ସହ ବ୍ୟୟବରାଦ ନ ହେଲେ ଫେବୃୟାରୀ ୭ରେ ଯାଜପୁରରୋଡ, ଭଦ୍ରକ ଓ ଧମାରରେ ରେଳରୋକୋ କରାଯିବ ବୋଲି ସଭାରେ ନିଷ୍ପତ୍ତି ନିଆଯାଇଛି।

ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ ଏହି ଦାବି ଓ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ପ୍ରତି ସମର୍ଥନ ଘୋଷଣା କରିବା ସହ ସହ ଯାଜପୁରରୋଡରେ ଏକ ରେଳ ଡିଭିଜନ ପ୍ରତିଷ୍ଠା ପାଇଁ ଦାବି କରିଥିଲେ। ସେ ଏମ୍‌ପି ଥିବା ସମୟରେ ଯାଜପୁରରୋଡ-ଧାମରା ରେଳପଥ ପାଇଁ ସର୍ଭେ କରିବାକୁ ତତ୍କାଳୀନ ରେଳମନ୍ତ୍ରୀଙ୍କ ପାଖରେ ଦାବି କରିବା ଫଳରେ ଏହି ରେଳପଥର ସର୍ଭେ ହୋଇଥିଲା ବୋଲି ପ୍ରକାଶ କରିଥିଲେ। ଡା. ରାଜକିଶୋର ପଣ୍ଡା, ଡ. ରବି ବେହେରାଙ୍କ ସମେତ ସର୍ବଶ୍ରୀ ଦିବ୍ୟସିଂହ ନାୟକ, ସତ୍ୟପ୍ରକାଶ ବେହୁରିଆ, ସନ୍ତୋଷ ନନ୍ଦ, ପଦ୍ମାକର ଗୁରୁ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ସୁରେନ୍ଦ୍ର ରାୟ, ଯାଜପୁର ବିକାଶ ମଞ୍ଚ ପ୍ରତିଷ୍ଠାତା ତରୁଣ ନନ୍ଦ, ରେଳଯାତ୍ରୀ ସଂଘର ଆବାହକ ପୂର୍ଣ୍ଣଚନ୍ଦ୍ର ଦାସ, ପ୍ରଫୁଲ୍ଲ ନାୟକ, ରାଧା ଦାସ, ହୃଷୀକେଶ ପତି, ଶ୍ରମିକ ନେତା ମଧୁସୂଦନ ଜେନା, ଯୁବନେତା ଅବିନାଶ ମହାପାତ୍ର ଓ ଶୁଭ୍ରାଂଶୁ ଶେଖର ରାୟ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଯାଜପୁରରୋଡ-ଧାମରା ରେଳପଥ ଦାବି ହାସଲ ପାଇଁ ସଂଗ୍ରାମକୁ ପ୍ରଖର କରିବାକୁ ଆହ୍ୱାନ ଜଣାଇଥିଲେ। ପ୍ରସ୍ତାବିତ ଏହି ୯୫.୯୫ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ରେଳପଥର ଯାଜପୁରରୋଡ ଓ ଧାମରା ମଧ୍ୟରେ ରାମପୁର-ଶଗଡି, ଯାଜପୁର ଟାଉନ, ଶିରିପୁରା, ମଙ୍ଗଳପୁର, ଆରଡି ଓ ବିଶ୍ୱାଳି ଆଦି ସ୍ଥାନରେ ଷ୍ଟେଶନ କରାଯିବାର ପ୍ରସ୍ତାବ ରହିଛି। ରେଳପଥ ନିର୍ମାଣରେ ୧୦୪୨ କୋଟି ୬୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇ ୨୭.୪୩ ଶତାଂଶ ଲାଭ ହେବ ବୋଲି ଆକଳନ କରାଯାଇଛି। ଯାଜପୁରରୋଡ-ଧାମରା ରେଳପଥ ନିର୍ମାଣ ହେଲେ ଓଡ଼ିଶାର ପୂର୍ବତନ ରାଜଧାନୀ ତଥା ଯାଜପୁର ଜିଲା ସଦର ମହକୁମା ସହ ରେଳ ସଂଯୋଗ ପ୍ରତିଷ୍ଠା ହୋଇ ଏକ ଐତିହାସିକ ତ୍ରୁଟିର ସଂଶୋଧନ ହୋଇ ପାରିବ ବୋଲି ସଭାରେ ମତ ପ୍ରକାଶ ପାଇଥିଲା।

## ସଂକ୍ଷେପରେ

### ତିର୍ତ୍ତୋଲରେ ନକଲି ମଦ ଜବତ, ଜଣେ ଗିରଫ

ତିର୍ତ୍ତୋଲ, ୨୦।୧ (ଡି.ଏନ.ଏ.): ତିର୍ତ୍ତୋଲ ଅଞ୍ଚଳରେ ଦୀର୍ଘଦିନ ଧରି ଚୋରା ନକଲି ମଦ କାରବାର ଚାଲିଥିବା ଅଭିଯୋଗ ହୋଇ ଆସୁଥିଲା। ପୂର୍ବରୁ ଗୋଟିଏ ଥର ଅବକାରୀ ବିଭାଗ ହାତରେ ଜଗନ୍ନାଥପୁର ନାଳପୋଲ ନିକଟରୁ ନକଲି ଚୋରା ବିଦେଶୀ ମଦ ଜବତ ସହ ଜଣେ ଧରାପଡିଥିଲେ। ଦୀର୍ଘଦିନ ବ୍ୟବଧାନରେ ଶୁକ୍ରବାର ତୁଳଙ୍ଗ ପଞ୍ଚାୟତ ପୋଇଓ ଗାଁରୁ ଚୋରା ନକଲି ବିଦେଶୀ ମଦ ଜବତ ହୋଇଛି। ଏକ ରାକେଟ ବଜାର ଓ ଗାଁ ଗହଳିରେ ଏହି କାରବାର ଚଳାଇ ଆସୁଥିଲେ। ଏହି ରାକେଟକୁ ଧରିବାକୁ ଦୀର୍ଘଦିନ ଧରି ତିର୍ତ୍ତୋଲ ଅବକାରୀ ଥାନାର ବିଭାଗୀୟ ଅଧିକାରୀ ପ୍ରସେ ଜରି ରଖିଥିଲେ। ଖବରପାଇ ପୋଇଓ ଗାଁର ଜିତୁ ରଞ୍ଜନ ପାତ୍ରଙ୍କ ଘରର ଚରିପାଖକୁ ଘେରାଉ କରି ନକଲି ବିଦେଶୀ ମଦ ଅବକାରୀ ବିଭାଗ ପୋଲିସ ଜବତ କରିଥିଲେ। ଏଥିରେ ସମ୍ପୃକ୍ତ ଥିବା ଜିତୁଙ୍କୁ ରେଡହ୍ୟାଣ୍ଡରେ ଧରି ଗିରଫ କରିଛି। ତିର୍ତ୍ତୋଲ ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ଶୁଭେନ୍ଦୁ କୁମାର ପୁହାଣ, ଏଏସ୍ଆଇ ବଳରାମ ଦାଶଙ୍କ ସମେତ କନଷ୍ଟେବଲ ମନୋଜ କୁମାର ପରିଡା, ସୁମନ୍ତ କୁମାର ମହନ୍ତ, ଲକ୍ଷ୍ମୀନାରାୟଣ ମଲ୍ଲିକ ଓ କଲ୍ୟାଣୀ ସେଠୀ ଜିତୁଙ୍କ ଘରେ ପଶି ୧୧.୭୦୦ ମିଲି ଲିଟର ବିଦେଶୀ ନକଲି ମଦ ଜବତ କରିଥିଲେ। ଯାହାର ଆନୁମାନିକ ବଜାର ମୂଲ୍ୟ ୮୧୯୦ ଟଙ୍କା। ଏଥିସହ ଅଭିଯୁକ୍ତଙ୍କ ଠାରୁ ନଗଦ ୧୭୫୦ ଟଙ୍କା ଜବତ କରିଥିଲେ। ଏହି ନକଲି ମଦ କାରବାର ରାକେଟ ବିଷୟରେ ଅଧିକ ସବିଶେଷ ତଥ୍ୟ ସଂଗ୍ରହ କରିବାକୁ କୋର୍ଟରେ ରିମାଣ୍ଡର ଅପିଲ କରାଯାଇଥିଲା। କୋର୍ଟ ଅନୁମତିକ୍ରମେ ଅଭିଯୁକ୍ତଙ୍କୁ ଅଟକ ରଖି ଅବକାରୀ ବିଭାଗ ପୋଲିସ ଘଟଣାର ଅନୁସନ୍ଧାନ ଜାରି ରଖିଛି। ଏ ନେଇ ତିର୍ତ୍ତୋଲ ଅବକାରୀ ଥାନାରେ ନଂ.୧୧୮/୨୨-୨୩ ମାମଲା ରୁଜୁ ହୋଇଛି।

### ବି.ସି. କଲେଜରେ ବାଳିକା ଆତ୍ମରକ୍ଷା ତାଲିମ

ରଘୁନାଥପୁର, ୨୦।୧(ଡି.ଏନ.ଏ.): ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ଯୁକ୍ତ ୨ ପ୍ରଥମ ବର୍ଷର ୧୪୧ ଜଣ ଛାତ୍ରୀଙ୍କୁ ନେଇ ୮ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଅଧକ୍ଷ ସରୋଜ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ସଭାରେ ତହସିଲଦାର ରୂପାଲିକା ଦାଶ ମୁଖ୍ୟ ଅତିଥି ଯୋଗଦେଇ ଦୃଢ ନିଷ୍ଠା ଓ ଏକାଗ୍ରତା ଶିକ୍ଷାର୍ଥୀଙ୍କ ପାଇଁ ଅମୂଲ୍ୟ ସମ୍ପଦ ଉପସ୍ଥିତ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନାଇଜରର ରେଜିଷ୍ଟ୍ରାର ତଥା କଲେଜ ପରିଚାଳନା ପରିଷଦର ସଭାପତି ଡ. ଅଭୟ କୁମାର ନାୟକ ଛାତ୍ରୀମାନଙ୍କୁ ଯୋଗ ଓ ଆତ୍ମଶୁଦ୍ଧି ଦ୍ୱାରା କିପରି ନୈତିକ ବିକାଶ ଘଟି କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଏ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଜାତୀୟ ବାସ୍କେଟବଲ ଖେଳାଳି ତଥା ବ୍ଲାକବେଲ୍ଟ କରାଟେ ରାଜେନ ମହାନ୍ତି ଯୋଗଦେଇ ବାଳିକାଙ୍କୁ ଆତ୍ମରକ୍ଷା କୌଶଳର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ କହିଥିଲେ। ସେହିପରି ଅଧାପିକା ଶାଶ୍ୱତୀ ନନ୍ଦ ଓ ସ୍ୱାଗତିକା ଦାସ ଅତିଥି ଭାବେ ନିଜର ବକ୍ତବ୍ୟ ରଖିଥିଲେ। ପ୍ରତ୍ୟେକ ଶିକ୍ଷାର୍ଥୀ ସଫଳତା ହାସଲ କରି କୌଶଳକୁ ଉଚିତ ମାର୍ଗରେ ଲଗାଇ ପାରିଲେ ଯୋଜନାର ସଫଳ ରୂପାୟନ ହୋଇପାରିବ ବୋଲି ଅଧକ୍ଷ ପଣ୍ଡା ଆଶା ବ୍ୟକ୍ତ କରିଥିଲେ। ପରେ ତାଲିମଦାତ୍ରୀ ପ୍ରିୟଙ୍କା ନାୟକ ଓ ପ୍ରତ୍ୟୁଷା ଭୋଳଙ୍କ ଉପସ୍ଥିତିରେ ଛାତ୍ରୀମାନେ ଶିଖିଥିବା କୌଶଳକୁ ପ୍ରଦର୍ଶନ କରିବା ସହ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଶେଷରେ ଅତିଥିଙ୍କ ଦ୍ୱାରା ସେମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସଂଯୋଜକ ବଳରାମ ପାଳ ସଭା ପରିଚାଳନା ଓ ସହ ସଂଯୋଜିକା ସୌମ୍ୟା ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଜିଲ୍ଲାର ପ୍ରତିଭାଙ୍କୁ ଗୌଣ, ବାହାର କଳାକାରଙ୍କୁ ଗୁରୁତ୍ୱ

**ଆଜି ସରିବ ଜିଲ୍ଲା ମହୋତ୍ସବ କଲ୍ଲୋଳ**

- ସମ୍ମାନିତ କରିବାରେ ବିଳମ୍ବ, ନିରାଶ ହେଲେ କୁନି କଳାକାର
- ମଞ୍ଚ ଛାଡିବାକୁ ରାଜି ନୁହନ୍ତି ଅଧିକାରୀ

ଜଗତ୍‌ସିଂହପୁର ଅଫିସ, ୨୦।୧

କଳା, ସାହିତ୍ୟ, ବିଜ୍ଞାନ, ସଂସ୍କୃତି, ପରମ୍ପରା ଆଦି ସବୁଥିରେ ଜଗତ୍‌ସିଂହପୁର ଏକ ଆଗୁଆ ଜିଲା ଭାବେ ପରିଚିତ। ୧୯୯୩ ଏପ୍ରିଲ ୧ ତାରିଖରେ ଜଗତ୍‌ସିଂହପୁର ଜିଲାର ମାନ୍ୟତା ପାଇଥିଲା। ପରେ ଜିଲା ମହୋତ୍ସବ କଲ୍ଲୋଳ ହୋଇଆସୁଛି। ଉଦ୍ଦେଶ୍ୟ ହେଉଛି ଜିଲାର କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ଆଦିକୁ ସୁଦୃଢ ସହ ଏହି ମାଧ୍ୟମରେ ପରସ୍ପର ମାଧ୍ୟମରେ ସମ୍ପର୍କ ବୃଦ୍ଧି କରିବା। ଜିଲାର ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣି ସେମାନଙ୍କ ମାଧ୍ୟମରେ ଅନ୍ୟମାନଙ୍କୁ ଉତ୍ସାହିତ କରିବା। କିନ୍ତୁ ଚଳିତବର୍ଷ କଲ୍ଲୋଳ ବାସ୍ତବ ଲକ୍ଷ୍ୟଠାରୁ ଦୂରେଇ ଯାଇଥିବା ଅଭିଯୋଗ ହେଉଛି। ବିଶେଷକରି ଜିଲାର ପ୍ରତିଭାମାନଙ୍କୁ ଗୌଣ କରାଯିବାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯେଉଁ ସାଂସ୍କୃତିକ ଦଳଗୁଡିକ ସେମାନଙ୍କ ନାଚ, ଗୀତ ଆଦି ପରିବେଷଣ କରୁଛନ୍ତି ସେମାନଙ୍କୁ ମଧ୍ୟ ଉଚିତ ସମ୍ମାନ ମିଳୁନି। ଅଥଚ ମୋଟା ଅଙ୍କର ଅର୍ଥ ନେଇ ମନୋରଞ୍ଜନ ପାଇଁ ଆସୁଥିବା ବାହାର କଳାକାରମାନଙ୍କୁ ଯଥେଷ୍ଟ ସମ୍ମାନ ମିଳୁଛି।


ଜଗତ୍‌ସିଂହପୁର ଜିଲା ମହୋତ୍ସବରେ କଳାକାର ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି।

କେବଳ ଏତିକି ନୁହେଁ, ସଭା ସମୟରେ ମଞ୍ଚ ଛାଡିବାକୁ ଅଧିକାରୀମାନଙ୍କ ଆଗ୍ରହ ରହୁନି। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରେ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯିବ ବୋଲି ଘୋଷଣା ସତ୍ତ୍ୱେ ଯଥେଷ୍ଟ ବିଳମ୍ବ ଯୋଗୁ ଅନେକ କୁନି କଳାକାର ବାଧ ହୋଇ ଘରକୁ ଚାଲି ଯାଉଛନ୍ତି। ଜିଲା ପ୍ରଶାସନ ଓ ଜିଲା ସାଂସ୍କୃତିକ ପରିଷଦର ଏହା ସ୍ୱେଚ୍ଛାଚାରିତା ବୋଲି ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି।

କଲ୍ଲୋଳ ଗତ ୧୫ ତାରିଖରୁ ଆରମ୍ଭ ହୋଇଛି। ଶନିବାର ଉଦ୍‌ଯାପିତ ହେବ। ପୂର୍ବ ସ୍ଥିରୀକୃତ ସମୟ ଅନୁଯାୟୀ ପ୍ରତ୍ୟହ ଅପରାହ୍ଣ ସାଢେ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଜିଲାର କଳାକାରଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସୁଯୋଗ ଦିଆଯାଉଛି। ୭ଟାରୁ ସାଢେ ୭ ପର୍ଯ୍ୟନ୍ତ ସଭା ଓ ସାଢେ ୭ ପରେ ବାହାରୁ ଆସିବାକୁ ଥିବା କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ଏହି ସୂଚୀ କେବଳ କାଗଜକଲମରେ ସୀମିତ ରହିଛି। ବିଶେଷକରି ସଭା କାର୍ଯ୍ୟ ଆରମ୍ଭ ଏବଂ ଶେଷରେ କୌଣସି ସମୟ ରହୁନି। ଅତିଥିମାନେ ମଞ୍ଚରେ ବସିଲା ପରେ ଆଉ ଛାଡିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଗତ ୧୯ ତାରିଖ କଥା ଆଲୋଚନା ପରିସରକୁ ନିଆଯାଇପାରେ। ଅପରାହ୍ଣରୁ ଜିଲାର କଳାକାରମାନଙ୍କ ବିଭିନ୍ନ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ଧାର୍ଯ୍ୟ ସମୟ ମଧ୍ୟରେ ସାରିଥିଲେ। ପରେ ବୈଠକ ଆରମ୍ଭ ହୋଇଥିଲା। ଜିଲାପାଳ ପାରୁଲ ପଟୱାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଏସ୍‌ପି ରାହୁଲ ପିଆର୍ ମୁଖ୍ୟଅତିଥି, ପାରାଦୀପ ବନ୍ଦର ସଚିବ ପି. ଏନ୍. ବାହେକର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ (ସିଡିଭିଓ) ବୀର କିଶୋର ପରିଡ଼ା ସ୍ୱାଗତ ଭାଷଣ ଓ ଜିଲା ମୁଖ୍ୟ କୃଷି ଅଧିକାରୀ (ସିଡିଏଓ) ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ। ସିଡିଭିଓ ପରିଡ଼ା ସ୍ୱାଗତ ଭାଷଣ ଦେବାକୁ ଯାଇ ପାଖାପାଖି ୧ ଘଣ୍ଟା କାଳ ଭାଷଣ ଦେଇଥିଲେ। କିନ୍ତୁ ସଭା ଆରମ୍ଭରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସାରିଥିବା ଦଳଗୁଡିକୁ ପ୍ରଥମେ ସମ୍ବର୍ଦ୍ଧିତ କରାଯିବ ବୋଲି ଆଙ୍କର ଘୋଷଣା କରିଥିବାରୁ କଳାକାରମାନେ ଅପେକ୍ଷା କରି ବସିଥିଲେ। ହେଲେ ସିଡିଭିଓଙ୍କ ଦୀର୍ଘ ସମୟ ଧରି ଭାଷଣ କଳାକାରଙ୍କଠାରୁ ଆରମ୍ଭ କରି ଉପସ୍ଥିତ ଦର୍ଶକଙ୍କୁ ଅତିଷ୍ଠ କରି ଦେଇଥିଲା। ଏ ନେଇ ଅନେକ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପରିସ୍ଥିତି ଦେଖି ମଞ୍ଚ ନିକଟରେ ଉପସ୍ଥିତ ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ ଥରେ ନୁହେଁ ଏକାଧିକ ବାର ସିଡିଭିଓଙ୍କୁ ଶୀଘ୍ର ଭାଷଣ ସାରିବାକୁ କହିଥିଲେ ସୁଦ୍ଧା ସେ ଶୁଣି ନ ଥିଲେ। ଏପରି ପରିସ୍ଥିତି ହୋଇଥିଲା ଶେଷରେ ଉପଜିଲାପାଳ ସାଉଣ୍ଡ ଭଲ୍ୟୁମ କମାଇବାକୁ ଇଙ୍ଗିତ ଦେଇଥିଲେ। ଶେଷରେ ସିଡିଭିଓ ଭାଷଣ ବନ୍ଦ କରିଥିଲେ। ପରେ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାଷଣ ଦେବା ଆରମ୍ଭ କରିଥିଲେ। ସେତେବେଳକୁ ସମ୍ବର୍ଦ୍ଧିତ ହେବାକୁ ଥିବା କୁନି କଳାକାରମାନଙ୍କ ଧୈର୍ଯ୍ୟ ରହି ନ ଥିଲା। ଅନେକ ସମ୍ବର୍ଦ୍ଧନା ପାଇଁ ଅପେକ୍ଷା ନ କରି ସ୍ଥାନ ଛାଡିଥିଲେ। ଏ ସମ୍ପର୍କରେ କେତେଜଣ କୁନି କଳାକାରଙ୍କ ଅଭିଭାବକ କହିଛନ୍ତି, ପିଲାମାନେ ନୃତ୍ୟ ପରିବେଷଣ କରିବେ ବୋଲି ଖର୍ଚ୍ଚାନ୍ତ ସହ ପରିଶ୍ରମ କରିଛନ୍ତି। ସକାଳୁ ମେକଅପ୍ ହେବା ପାଇଁ ୩ରୁ୪ ଘଣ୍ଟା ସମୟ ଯାଉଛି। ଛୋଟ ପିଲାମାନଙ୍କ ଖାଇବା, ପିଇବାରେ ଅସୁବିଧା ହୋଇଛି। କିନ୍ତୁ ନୃତ୍ୟ ପରେ ପ୍ରଥମେ ସମ୍ବର୍ଦ୍ଧିତ କରାଯିବ କୁହାଯାଇଥିବାରୁ ସେମାନେ ରାତି ପ୍ରାୟ ସାଢେ ୮ ପର୍ଯ୍ୟନ୍ତ ଅପେକ୍ଷା କରିପାରିଲେ। ମହୋତ୍ସବ ଆୟୋଜକମାନେ ଅନ୍ତତଃ ଏହି ଛୋଟ ପିଲାମାନଙ୍କୁ ନିଜ ପିଲା ଭଳି ଭାବିଥିଲେ ଏଭଳି କରି ନ ଥାନ୍ତେ। କଳାକାରମାନଙ୍କୁ ଉଚିତ ସମ୍ମାନ ନ ହେଲେ ଜିଲା ମହୋତ୍ସବ ମୂଲ୍ୟହୀନ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

## ଆନ୍ଦୋଳନକାରୀଙ୍କ ଆମରଣ ଅନଶନ ନିଷ୍ପତ୍ତି


ବିଦ୍ୟାଳ ସମ୍ମୁଖରେ ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତା ଧାରଣା ଦେଇଛନ୍ତି।

ଏରସମା,୨୦।୧(ସ୍ୱ.ପ୍ର.)

**୫ମ ଦିନରେ ପହଞ୍ଚିଲା ଧାରଣା: ପ୍ରଶାସନର ଅଣଦେଖା**

ଏରସମା ବ୍ଲକ ଅନ୍ତର୍ଗତ ଜପା ପଞ୍ଚାୟତସ୍ଥିତ କାଳିଆବୁଦା ଗାଦିବ୍ରହ୍ମ ହାଇସ୍କୁଲ ଆଲୁମ୍ନି କମିଟିରେ ଅନିୟମିତତା ବିରୋଧରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ୧୬ ତାରିଖରୁ ଦିଆଯାଇଥିବା ଧାରଣା ଶୁକ୍ରବାର ୫ମ ଦିନରେ ପହଞ୍ଚିଛି। ବ୍ଲକ ଓ ଜିଲା ପ୍ରଶାସନ ସେମାନଙ୍କ ଧାରଣାକୁ ଭ୍ରୂକ୍ଷେପ କରୁ ନ ଥିବା ଅଭିଯୋଗ ହୋଇଛି। ବାଧ ହୋଇ ସେମାନେ ଆମରଣ ଅନଶନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଅଭିଯୋଗ ଅନୁସାରେ, ସ୍କୁଲ ପକ୍ଷରୁ ଗଢା ଯାଇଥିବା ଆଲୁମନି କମିଟି ନିରପେକ୍ଷ ଭାବେ ଗଢାଯାଇନାହିଁ। ସ୍କୁଲର କର୍ମଚାରୀମାନେ ସମ୍ପର୍କୀୟମାନଙ୍କୁ ସେହି କମିଟିରେ ଉଦ୍ଦେଶ୍ୟମୂଳକ ଭାବେ ରଖିଛନ୍ତି। ୫ଟି ପକ୍ଷରୁ ସ୍କୁଲର ରୂପାନ୍ତରୀକରଣ ପାଇଁ ମଞ୍ଜୁର ହୋଇଥିବା ଅର୍ଥ ୭ଜଣିଆ କମିଟିର ସୁପାରିସ ଅନୁସାରେ କରାଯାଇନାହିଁ। ବିଭାଗୀୟ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟ ବିରୋଧରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଧାରଣା ଦିଆଯାଇଥିଲେ ମଧ୍ୟ ବ୍ଲକ କି ଜିଲା ପ୍ରଶାସନ ଘଟଣାସ୍ଥଳରେ ନ ପହଞ୍ଚିବା ଆନ୍ଦୋଳନକାରୀଙ୍କୁ ପ୍ରତିକ୍ରିୟାଶୀଳ କରିଛି। ଶୁକ୍ରବାର ଜିଲା ପରିଷଦ ସଭ୍ୟ ପିନାକୀ ନାରାୟଣ ଦାସ, ତପନ ଗୋଛାୟତ, ବିଭୂତି ଲେଙ୍କା, ନିଖିଳ ପରିଡା, କାବୁଲି ପୁହାଣ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ନବାଗତ ପିଲାଙ୍କୁ ସମ୍ବର୍ଦ୍ଧନା

ପାଟକୁରା, (ଡି.ଏନ୍.ଏ.)

ଶୁକ୍ରବାର ଲୋକନାଥ ମହାବିଦ୍ୟାଳୟର ଇତିହାସ ବିଭାଗରେ +୩ ପ୍ରଥମବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି । ପ୍ରାଧ୍ୟାପକ କ୍ଷୀରୋଦ ପ୍ରସାଦ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅଧ୍ୟାପକ ସ୍ୱାଗତ ଅଭିଭାଷଣ ରଖିବା ସହ ଅଥିତିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଉକ୍ତ ସଭାରେ ଚାନ୍ଦୋଳ ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ମଦନମୋହନ ଜେନା ମୁଖ୍ୟଅତିଥି, ପାଟକୁରା ଥାନା ଅଧିକାରୀ ସରୋଜ କୁମାର ସାହୁ ମୁଖ୍ୟବକ୍ତା ଓ ପ୍ରାକ୍ତନ ପ୍ରାଧ୍ୟାପକ ସୀତାକାନ୍ତ ମହାନ୍ତି, ଅଧକ୍ଷ ପ୍ରଦୀପ ପ୍ରଧାନ, ଶିକ୍ଷା ବିଭାଗ ମୁଖ୍ୟ ଅନିଲ ଦାସ ପ୍ରମୁଖ ସମ୍ମାନୀତ ଅଥିତି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଚରିତ୍ର ଗଠନ ଓ ରାଜ୍ୟ, ଦେଶ ବିକାଶ କ୍ଷେତ୍ରରେ ଯୁବ ଛାତ୍ରଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପିଲାମାନେ ନୃତ୍ୟ ଗୀତ ପ୍ରଦର୍ଶନ କରିଥିଲେ ।

## ମା' ମଙ୍ଗଳାକୁ ହରାଇ କ୍ରାଉନ ସ୍ପୋର୍ଟିଂ ବିଜୟୀ


ଉଭୟ ଦଳର ଖେଳାଳି, ଟୁର୍ନାମେଣ୍ଟର କର୍ମକର୍ତ୍ତା ଗହଣରେ ଅତିଥିମାନେ।

ଜଗତ୍‌ସିଂହପୁର ଅଫିସ, ୨୦।୧

**ଅନିଲ ମେମୋରିଆଲ ଗୋଲଡେନ୍ କପ କ୍ରିକେଟ ଟୁର୍ନାମେଣ୍ଟ**

ସ୍ଥାନୀୟ ପୁନଙ୍ଗସ୍ଥିତ ଜୟଦୁର୍ଗା ୟୁଥ ଆଣ୍ଡ ଆଥଲେଟିକ କ୍ଲବ ପକ୍ଷରୁ ୨୦ତମ ଅନିଲ ମେମୋରିଆଲ ଗୋଲଡେନ କପ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ରିଜର୍ଭ ପୋଲିସ ପାର୍ଶ୍ୱ ପଡିଆରେ ଆୟୋଜିତ ପ୍ରଥମ କ୍ୱାର୍ଟର ଫାଇନାଲରେ କଟକର ମା' ମଙ୍ଗଳା କ୍ରିକେଟ କ୍ଲବକୁ ହରାଇ ଭୁବନେଶ୍ୱରର କ୍ରାଉନ ସ୍ପୋର୍ଟିଂ ବିଜୟୀ ହୋଇଛି । ପ୍ରଥମେ କ୍ରାଉନ ସ୍ପୋର୍ଟିଂ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦିବ୍ୟ ପଣ୍ଡାଙ୍କ ୩୪ଟି ବଲରେ ଦମଦାର ୮୩ ରନ ସହାୟତାରେ ଦଳ ନିର୍ଦ୍ଧାରୀତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୨୦୦ ରନ ସଂଗ୍ରହ କରିଥିଲା। ମା' ମଙ୍ଗଳା କ୍ରିକେଟ କ୍ଲବର ରଞ୍ଜନ ରାଉତରାୟ ୪ ଓଭର ବୋଲିଂ କରି ୬୦ ରନ ବିନିମୟରେ ୫ଟି ଉଇକେଟ ନେଇଥିଲେ। ଜବାବରେ ମା' ମଙ୍ଗଳା ସମସ୍ତ ଉଇକେଟ ହରାଇ ୧୦୮ ରନ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ରିଜର୍ଭ ଇନ୍ସପେକ୍ଟର ଦୁର୍ଯ୍ୟୋଧନ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ କାଜୁ ନିଗମ ଅଧକ୍ଷ ଅମରେନ୍ଦ୍ର ଦାସ, ସୁନିଲ ଅଧିକାରୀ, ପ୍ରଶାନ୍ତ ଦାସ, ରାଜକିଶୋର ବେହେରା, ସିତେଶ ପାଲ ଓ ବଦ୍ରି ମହାନ୍ତି ଯୋଗଦେଇଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ଦିବ୍ୟ ପଣ୍ଡାଙ୍କୁ ସୁଦର୍ଶନ ବେହେରା, ସତ୍ୟନାରାୟଣ ଚୌଧୁରୀ ଓ ବିଶ୍ୱଜିତ ଚକ୍ରବର୍ତ୍ତୀ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ମ୍ୟାଚକୁ ଜୟନ୍ତ ଦାସ ଓ ସଞ୍ଜୀବ ବେହେରା ପରିଚାଳନା କରିଥିଲେ। ଶନିବାର ହିନ୍ଦୁସ୍ତାନ ସ୍ପୋର୍ଟିଂ ଓ ମାଷ୍ଟର ଇଲେଭେନ ମଧ୍ୟରେ ମ୍ୟାଚ ହେବ ବୋଲି କ୍ଲବର ସମ୍ପାଦକ ରଜନୀକାନ୍ତ ଚୌଧୁରୀ ସୂଚନା ଦେଇଛନ୍ତି ।

## ଟେଣ୍ଟ, ଲାଇଟ୍, ଫୁଲସଜ୍ଜା ପାଇଁ ଟେଣ୍ଡର ହେବ

ରଘୁନାଥପୁର,୨୦।୧(ଡି.ଏନ.ଏ.)

**ଗୋରେଖନାଥଙ୍କ ଜନ୍ମୋତ୍ସବ ପାଇଁ ଜିଲା ପ୍ରଶାସନର ତତ୍ପରତା**

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ଆସନ୍ତା ଅଗ୍ନି ଉତ୍ସବରେ ଜନ୍ମୋତ୍ସବ ପାଳନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ଉପଜିଲାପାଳ ମହେନ୍ଦ୍ର କୁମାର ମଲ୍ଲିକଙ୍କ ଅଧକ୍ଷତାରେ ପୀଠ ପରିସରରେ ବୈଠକ ହୋଇଥିଲା। ଏଥିରେ ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ଶୌର୍ଯ୍ୟରଞ୍ଜନ ପରିଜା, ରଘୁନାଥପୁର ବିଡିଓ ଲମ୍ବୋଦର ଖୁଣ୍ଟିଆ ଓ ତହସିଲଦାର ରୂପାଲିକା ଦାଶ, ତିର୍ତ୍ତୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝି ଓ ଆଇଆଇସି ଯୁଗଳ କିଶୋର ଦାସ, ଏଣ୍ଡାଓମେଣ୍ଟ ଇନ୍ସପେକ୍ଟର ପ୍ରଦୀପ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ଗୋରେଖନାଥଙ୍କ ଜନ୍ମୋତ୍ସବ ଉପଲକ୍ଷେ ଆଗନ୍ତୁକ ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀଙ୍କ ଭିଡକୁ ଦୃଷ୍ଟିରେ ରଖି ସମସ୍ତ ସୁବିଧା ଉପଲବ୍ଧ କରାଇବାକୁ ଆଲୋଚନା କରିଥିଲେ। ସେବାୟତ ଦିଲୀପ କୁମାର ପଣ୍ଡା, ନିରଞ୍ଜନ ଦାଶ, ଜ୍ଞାନରଞ୍ଜନ ପଣ୍ଡା, ବୀରକିଶୋର ଦାଶ, ଗୋଲେଖ ବିହାରୀ ଦାଶ, ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖଙ୍କ ସହ ପ୍ରସାଦ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାଛଡା ଉକ୍ତଦିନ ପୀଠକୁ ଆସୁଥିବା ସମସ୍ତ ଦର୍ଶନାର୍ଥୀଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥାକୁ ଶୃଙ୍ଖଳାର ସହ ସମାପନ କରିବା ପାଇଁ ମନ୍ଦିର ସେବାୟତ, ଦାୟିତ୍ୱରେ ଥିବା ଉପଦେଷ୍ଟା ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହଯୋଗ ଲୋଡା ଯାଇଥିଲା। ଏଥିପାଇଁ ପୀଠ ପରିସରରେ ଟେଣ୍ଟ, ଲାଇଟ ଓ ଫୁଲସଜ୍ଜା ବ୍ୟବସ୍ଥାକୁ ଟେଣ୍ଡର କରାଯାଇ ଆସନ୍ତା ସୋମବାର ଅପରାହ୍ଣରେ ଟେଣ୍ଡରକୁ ସାର୍ବଜନୀନ କରିବାକୁ ଉପଜିଲାପାଳ ମଲ୍ଲିକ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ଛପଡା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଆରଆଇ ଉପସ୍ଥିତ ରହିବାକୁ ସ୍ଥିର ହୋଇଥିଲା। ଆଇନ ଶୃଙ୍ଖଳା ଓ ଗାଡି ପାର୍କିଂକୁ ସୁବନ୍ଦୋବସ୍ତ କରିବା, ପୁଷ୍କରିଣୀକୁ ପରିଷ୍କାର କରିବା, ଅସ୍ଥାୟୀ ଜୋତା ଷ୍ଟାଣ୍ଡ ସହ ଶୌଚାଳୟ ବ୍ୟବସ୍ଥା, ଆଶୁ ଚିକିତ୍ସା ସୁବିଧାକୁ ପ୍ରାଧାନ୍ୟ ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବିଭିନ୍ନ କାର୍ଯ୍ୟ ସମ୍ପାଦନ ପାଇଁ କମିଟି ଗଠନ ହୋଇଥିଲା। ଧୁନି କୁଣ୍ଡରେ ଜଳା ଯାଉଥିବା ଆମ୍ବ ଓ ଶାଳ କାଠକୁ ବାର୍ଷିକ ଟେଣ୍ଡର କରାଯିବ। ଏଥିସହ ପୀଠ ପରିସର ଓ ଚାରି ପାଖରେ ବୃକ୍ଷରୋପଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଭିଡକୁ ଦୃଷ୍ଟିରେ ରଖି ପୀଠ ଚାରି ପାଖରେ ଥିବା ଜଳଖିଆ, ଚାଟ୍ ଓ ହୋଟେଲ ଖାଦ୍ୟର ମାନ ପରୀକ୍ଷା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଆରଡବ୍ଲ୍ୟୁଏସ୍ଏସ୍ ଯନ୍ତ୍ରୀ ମନୋରଞ୍ଜନ ଦେହୁରୀ, ଜଇପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବିଶ୍ୱକେଶନ ଖୁଣ୍ଟିଆ, ତିର୍ତ୍ତୋଲ ଅଗ୍ନିଶମ ଅଧିକାରୀ, ଆଇନଜୀବୀ ଜୀବନବଲ୍ଲଭ ମହାନ୍ତି, ପ୍ରଦୀପ୍ତ ମହାନ୍ତି, କ୍ଷୀରୋଦ ମହାନ୍ତିଙ୍କ ସହ ଉପଦେଷ୍ଟା ସୁଶାନ୍ତ କୁମାର ଦାଶ ଓ ପ୍ରଶାନ୍ତ ଭୂୟାଁ ଏବଂ କିରାଣି ସରୋଜ ସାହାଣୀ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## ନୟନଜୋରିକୁ ଅବରୋଧ, ସ୍ଥାନୀୟ ବାସିନ୍ଦାଙ୍କ ବିରୋଧ

ପାରାଦୀପ,୨୦।୧(ସ୍ୱ.ପ୍ର.)

ପାରାଦୀପ ଅଠରବାଙ୍କି ବିଜୟଚନ୍ଦ୍ରପୁର ଠାରେ ସମୁଦ୍ର ସହ ସଂଯୋଗ କରୁଥିବା ନୟନଜୋରି ଜଳପଥକୁ ଅବରୋଧ କରିବା ନେଇ ଅଭିଯୋଗ ହୋଇଛି। ବିଜୟଚନ୍ଦ୍ରପୁର ଜଗନ୍ନାଥ କଲୋନୀ ବାସିନ୍ଦା ଶୁକ୍ରବାର ଲିଖିତ ଭାବେ ଜଗତ୍‌ସିଂହପୁର ଜିଲାପାଳ, ଏସ୍‌ପିଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ଥାନାଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ସେଥିରେ ଦର୍ଶାଯାଇଛି, ବିଜୟଚନ୍ଦ୍ରପୁର, ଅଠରବାଙ୍କି, ଲକ୍‌ପଡା ମଝିରେ ଏହି ନୟନଜୋରି ଜଳପଥ ସମୁଦ୍ର ପର୍ଯ୍ୟନ୍ତ ଯାଇଛି। ସେହି ଅଞ୍ଚଳର ବର୍ଷା ଓ ସହରାଞ୍ଚଳରୁ ଉଦ୍‌ବୃତ୍ତ ଜଳ ସେହି ବାଟେ ନିଷ୍କାସନ ହୁଏ। ସେଠାରେ ଏବେ ୪ରୁ ୬ ଜଣ ବାଂଲାଭାଷୀ ଲୋକ ଜଳପଥକୁ ପୋତି ସେଠାରେ ଘର ନିର୍ମାଣ କରୁଛନ୍ତି। ସେମାନଙ୍କୁ କଲୋନୀ ବାସିନ୍ଦା ବିରୋଧ କଲେ ଧମକ ଦେଉଛନ୍ତି ବୋଲି ମନୋରଞ୍ଜନ ନାୟକ, ସୁରେନ୍ଦ୍ର ମହାନ୍ତ ପ୍ରମୁଖ ଶତାଧିକ ଲୋକ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଉକ୍ତ ଅଭିଯୋଗ ଆଧାରରେ ଶୁକ୍ରବାର ପୋଲିସ ଓ ତହସିଲ କର୍ମଚାରୀ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିଥିବା ଜଣାପଡ଼ିଛି।

## ଚାଷୀ ଶୋଷଣର ଶିକାର ହେଉଥିବା ଅଭିଯୋଗ

କୁଜଙ୍ଗ,୨୦।୧ (ଡି.ଏନ.ଏ.)

**ଭାଜପା ପ୍ରତିନିଧି ମଣ୍ଡଳୀଙ୍କ ଧାନମଣ୍ଡି ପରିଦର୍ଶନ**

କୁଜଙ୍ଗ ବ୍ଲକର ବିଭିନ୍ନ ଧାନମଣ୍ଡି ଖୋଲିବାରେ ବିଳମ୍ବ ଓ ଖୋଲିଥିବା ମଣ୍ଡିରେ ଚାଷୀ ଶୋଷଣର ଶିକାର ଅଭିଯୋଗ ହୋଇଥିଲା। ଏହାର ଅନୁଧ୍ୟାନ ପାଇଁ ଶୁକ୍ରବାର ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପାରାଦୀପ ନିର୍ବାଚନ ମଣ୍ଡଳୀ ନେତା ସମ୍ପଦ ସ୍ୱାଇଁଙ୍କ ନେତୃତ୍ୱରେ କୃଷକ ମୋର୍ଚ୍ଚାର ଏକ ପ୍ରତିନିଧି ମଣ୍ଡଳୀ ବିଭିନ୍ନ ଧାନମଣ୍ଡି ପରିଦର୍ଶନ କରିଥିଲେ। ବାଗୋଇ ମଣ୍ଡି ବୁଲି ଚାଷୀଙ୍କ ସମସ୍ୟା ବୁଝିଥିଲେ। ପରିଦର୍ଶନ ସମୟରେ ସେଠାରେ ଗୋଦାମ ଗୃହ ବା ସେଡ୍ ନ ଥିବାରୁ ସମ୍ଭାବ୍ୟ ବର୍ଷାରେ ଧାନ ଭିଜି ଯିବ। ତୁରନ୍ତ ସେଡ୍ ନିର୍ମାଣ କରିବାକୁ ସମବାୟ ସମିତି କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଚାଷୀ ଯେଉଁଦିନ ମଣ୍ଡିକୁ ଧାନ ନେବ ସେହିଦିନ ସକାଳେ ଡିଜିଟାଲ ବାର୍ତ୍ତା ଆସୁଛି। ଫଳରେ ଚାଷୀ ମଣ୍ଡିକୁ ଧାନ ନେବା ପାଇଁ ବିଭିନ୍ନ ଅସୁବିଧା ସହ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। କେନ୍ଦ୍ର ସରକାର ଚାଷୀଙ୍କ ନିମନ୍ତେ ଅଖା, ସିଭୁଲି ଓ ଧାନ ଲୋଡିଂ ଅର୍ଥ ଦେଉଛନ୍ତି। ହେଲେ ଏ ବିଷୟରେ ସମବାୟ ସମିତି କର୍ମକର୍ତ୍ତା ଜାଣି ନ ଥିବା କହିବାରୁ ସ୍ୱାଇଁ କ୍ଷୋଭ ପ୍ରକାଶ କରିଥିଲେ। ଅପରପକ୍ଷେ ଚାଷୀଙ୍କଠାରୁ ବସ୍ତା ପ୍ରତି ୧୫ ଟଙ୍କା ଆଦାୟକୁ ନେଇ କେତେଜଣ ଚାଷୀ ଅଭିଯୋଗ କରିବାରେ ସ୍ୱାଇଁ ପ୍ରଶ୍ନ କରିଥିଲେ କେନ୍ଦ୍ର ସରକାର ଦେଉଥିବା ଅଖା, ସିଭୁଲି ଓ ଲୋଡିଂ ବାବଦ ଖର୍ଚ୍ଚ ଜାଣି ସରକାରୀ ନିର୍ଦ୍ଦେଶ ଦେଖିବାକୁ ଚାହିଁଥିଲେ। ଅନ୍ୟପକ୍ଷରେ ବିଭିନ୍ନ କାରଣ ଦର୍ଶାଇ କୁଇଣ୍ଟାଲ ପିଛା ମନମୁଖି କଟନି ଛଟନି କରାଯାଉଥିବାରୁ ସେ ଅସନ୍ତୋଷ ପ୍ରକାଶ କରିବା ସହ ମିଲର ଚାଷୀଙ୍କୁ ଶୋଷଣ କରୁଥିବା ଅଭିଯୋଗ କରିଛନ୍ତି। ଉକ୍ତ ପ୍ରତିନିଧି ମଣ୍ଡଳୀରେ ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ବିକ୍ରମ କେଶରୀ ରାଉତରାୟ, ଜିଲା କୃଷକ ମୋର୍ଚ୍ଚାର ସଭାପତି ତପନ ବେହେରା, ମଣ୍ଡି ସଂଯୋଜକ ଅଭୟ କୁମାର ରାଉତ ପ୍ରମୁଖ ଥିଲେ। ଉପରୋକ୍ତ ଅଭିଯୋଗ ସମ୍ପର୍କରେ ରାହାମା ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ବିଶ୍ୱନାଥ ମହାନ୍ତି କହିଛନ୍ତି, କେତେକ ସ୍ଥାନରେ ବିଳମ୍ବ ନିଷ୍ପତ୍ତିରୁ ସେଡ୍ ନିର୍ମାଣ ଚାଲିଛି। ଖୁବ୍‌ଶୀଘ୍ର ସବୁଠାରେ ସେଡ୍ ନିର୍ମାଣ କାର୍ଯ୍ୟ ସରିବ। ଯେଉଁଠି ସେଡ୍ ନାହିଁ ସେଠାକୁ ପର୍ଯ୍ୟାପ୍ତ ପରିମାଣରେ ଜରିପୋଲ ପଠାଯାଇଛି। ଅଖା ସିଭୁଲି ଓ ଲୋଡିଂ ଅର୍ଥ ସମ୍ପର୍କରେ ବାଗୋଇ ସମବାୟ ସମିତି ସମ୍ପାଦକ ଶାରଦା ପ୍ରଧାନ କହିଛନ୍ତି, ସରକାର ବସ୍ତା ପ୍ରତି ୫ ଟଙ୍କା ଖର୍ଚ୍ଚ ଦେଉଛନ୍ତି। କେନ୍ଦ୍ର ସରକାର ଯୋଗାଉ ଥିବା ଅର୍ଥ ସମ୍ପର୍କରେ ସେ ନିର୍ଦ୍ଦିଷ୍ଟ ଭାବେ କିଛି ଜାଣିନାହାନ୍ତି।

## ତ୍ୱରିତ ବିଚାର ନ୍ୟାୟପାଳିକା ପ୍ରତି ବିଶ୍ୱାସ ବଢ଼ାଏ

କୁଜଙ୍ଗ,୨୦।୧ (ଡି.ଏନ୍.ଏ.)

ବିଚାର ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ ସହ ତ୍ୱରିତ ପଦକ୍ଷେପ ନିଆଯିବା ଉଚିତ୍। ଯାହାକି ଜନସାଧାରଣ ଆଶ୍ୱସ୍ତ ହେବା ସହ ତ୍ୱରିତ ବିଚାର ନ୍ୟାୟପାଳିକା ପ୍ରତି ଜନସାଧାରଣଙ୍କ ଆସ୍ଥା ବଢ଼ାଏ। ଶୁକ୍ରବାର କୁଜଙ୍ଗ ଅତିରିକ୍ତ ଜିଲା ଓ ଦୌରାଜଜ୍ ଅଦାଲତ ୪ର୍ଥ ବାର୍ଷିକ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଗତ୍‌ସିଂହପୁର ଜିଲା ଜଜ୍ ଅନୁପ ଚନ୍ଦନ ମତ ପ୍ରକାଶ କରିଥିଲେ। କୁଜଙ୍ଗ ବାର ଆସୋସିଏଶନର ସଭାପତି ସୁଶାନ୍ତ ପଟ୍ଟନାୟକଙ୍କ ଅଧକ୍ଷତାରେ ବାର ହଲ୍‌ରେ ଅନୁଷ୍ଠିତ ଉତ୍ସବରେ ଯୋଗଦେଇ ଜଜ୍ ଚନ୍ଦନ କହିଥିଲେ, ନ୍ୟାୟପାଳିକା ଜନସାଧାରଣଙ୍କ ନିକଟତର ହେବାକୁ ବିଭିନ୍ନ ସ୍ଥାନରେ କୋର୍ଟ ପ୍ରତିଷ୍ଠା କରାଯାଉଛି। ବେଞ୍ଚ ଓ ବାର୍ ମଧ୍ୟରେ ଉତ୍ତମ ସମନ୍ୱୟ ରହିଲେ ବିଚାର ପ୍ରକ୍ରିୟାରେ ସ୍ୱଚ୍ଛତା ରହିବ। ଜିଲାର ଦ୍ୱିତୀୟ ବୃହତମ କୁଜଙ୍ଗ ବାର୍‌ର ସଦସ୍ୟା ସଦସ୍ୟମାନେ ଯେଉଁଭଳି ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ବିଚାର ପ୍ରକ୍ରିୟାକୁ ସହଜ କରିପାରୁଛନ୍ତି ତାହା ପ୍ରଶଂସନୀୟ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଓ ଦୌରାଜଜ୍ ପାର୍ଥସାରଥୀ ପଟ୍ଟନାୟକ ଯୋଗଦେଇ କୁଜଙ୍ଗ ବାର୍‌କୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ସିଭିଲ୍ ଜଜ୍ ସିନିୟର ଡିଭିଜନ ଚିନ୍ମୟୀ ପଣ୍ଡା, ସିଭିଲ୍ ଜଜ୍ ଜୁନିୟର ଡିଭିଜନ୍ ଅନୁରାଧା ଶର୍ମା, ଜେଏମ୍ଏଫ୍‌ସି ସୁନିତା ମିଶ୍ର ଯୋଗଦେଇ ଜନସାଧାରଣଙ୍କୁ ସହଜ ଓ ସୁବିଧାରେ ନ୍ୟାୟ ପ୍ରଦାନ ପାଇଁ ବାର୍ ସଦସ୍ୟମାନେ ସର୍ବଦା ଯତ୍ନଶୀଳ ହେବା ଉଚିତ୍ ବୋଲି କହିଥିଲେ। ବାର୍ ଆସୋସିଏସନ୍‌ର ପୂର୍ବତନ ସଭାପତି ଅମୃତ ଦାସ ସ୍ୱାଗତ ଭାଷଣ ଦେବା ଅବସରରେ କୁଜଙ୍ଗରେ ବିଭିନ୍ନ ଅଦାଲତ ପ୍ରତିଷ୍ଠା ପାଇଁ ଓକିଲ ସଂଘ ଓ ଜନସାଧାରଣ ଯେଉଁ ଆନ୍ଦୋଳନ କରିଥିଲେ ତାହା ଆଜି ପୂରଣ ହୋଇଛି। ତେଣୁ ବିଚାର ପ୍ରକ୍ରିୟାର ଗାରିମାକୁ ଉଜ୍ଜିବିତ କରି ରଖିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ଏଏନ୍‌ଡି ଯାଦବ, ରମେଶ ଚନ୍ଦ୍ର ଦାସ, ବାର୍ ଆସୋସିଏଶନ୍‌ର ଉପଦେଷ୍ଟା ସତ୍ୟାନନ୍ଦ ବିଶ୍ୱାଳ, ସରକାରୀ ଓକିଲ ନଳିନୀ ରଞ୍ଜନ ଦାସ, କୈଳାସ ଚନ୍ଦ୍ର ପରିଡ଼ା ପ୍ରମୁଖ କୁଜଙ୍ଗ ନ୍ୟାୟପାଳିକା ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ଦାମୋଦର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଭାରତ ଭୂଷଣ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।



କୁଜଙ୍ଗ ବାର୍ ଆସୋସିଏଶନର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

## ସଂକ୍ଷେପରେ

### ନିମାଣୀ ପ୍ରାଥମିକ ବିଦ୍ୟାଳୟର 'ସହଯୋଗ ତାଲିମ'

ଭାପୁର,୨୦।୧(ଡି.ଏନ୍.ଏ.): ଭାପୁର ବ୍ଲକ ଅନ୍ତର୍ଗତ ନିମାଣୀ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ସରକାରଙ୍କ ତରଫରୁ ଅନୁଷ୍ଠିତ ହୋଇଥିବା ସହଯୋଗ ତାଲିମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସୁନ୍ଦରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ତାଲିମ ଶିବିରରେ ବିଦ୍ୟାଳୟର ପରିଚାଳନା କମିଟି ସଭାନେତ୍ରୀ ଗୁନୁବାଳା ସ୍ୱାଇଁ, କେଲୁଚରଣ ସ୍ୱାଇଁ ଓ ପ୍ରିୟଙ୍କା ରଥଙ୍କ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ଶେଷ ହୋଇଥିଲା । ତାଲିମରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସନ୍ତୋଷ କୁମାର ସ୍ୱାଇଁ ସମେତ ଅନ୍ୟ କମିଟିର ସଦସ୍ୟ ଉପସ୍ଥିତ ଥିଲେ ।

### ପିଇବା ପାଣି ସମସ୍ୟା ନେଇ ବିଡିଓଙ୍କୁ ଦାବିପତ୍ର

ଧରାକୋଟ,୨୦।୧(ଡି.ଏନ୍.ଏ.)- ଧରାକୋଟ ବ୍ଲକ ଅନ୍ତର୍ଗତ ମୁଣ୍ଡମରାଇ ଗ୍ରାମ ରଷିକୁଲ୍ୟା କେନାଲ ପାର୍ଶ୍ୱରେ ଥିବା କିଶୋରବିହାର ବସ୍ତିରେ ପିଇବା ପାଣିର ଅଭାବ ଦେଖାଦେଇଛି। କିଶୋର ବିହାର ଅଞ୍ଚଳରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ତରଫରୁ ପିଇବା ପାଣି ଯୋଗାଣ ଲାଗି ପାଇପ ବିଛା ଯାଇନାହିଁ । ଏବେଠାରୁ ପାଣି ସମସ୍ୟା ଦେଖା ଦେଲାଣି। ତେଣୁ କିଶୋରବିହାରର ମାଳା ଗୌଡ଼, ମମି ଡାକୁଆ, ଅନିତା ଗୌଡ଼, କୁନି ଗୌଡ଼, ରଙ୍ଗବତୀ ବିଶାଳ, ଯମୁନା ମହାରଣା, ସୁଲକ୍ଷଣୀ ଗୌଡ଼, ଝୁନୁ ଗୌଡ଼ ଏବଂ ବିଷ୍ଣୁ ଗୌଡ଼ଙ୍କ ସମେତ ଅନେକ ମହିଳା ଶୁକ୍ରବାର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ଡେନିସ ବେହେରାଙ୍କୁ ଭେଟି ସମସ୍ୟା ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ପାଇପ ଲାଇନ ସମ୍ପ୍ରସାରଣ କିମ୍ବା ଜରୁରୀକାଳୀନ ଭିତ୍ତିରେ ସେଠାରେ ଏକ ନଳକୂପ ଖନନ ପାଇଁ ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

### ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା

ଛତ୍ରପୁର,୨୦।୧(ଡି.ଏନ୍.ଏ.)-ଗଞ୍ଜାମ ଜିଲାସ୍ତରୀୟ ଜନରାଜ୍ୟ ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡିଆ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାଥମିକ ବିଦ୍ୟାଳୟ, ମଧ ଇଂରାଜୀ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ଓଡିଆ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା । ଏଥିରେ ବିଚାରକ ଭାବେ ସଙ୍ଗୀତଜ୍ଞ ଯତୀନ ଦାଶ, ସଙ୍ଗୀତଜ୍ଞ ଡ. ଚନ୍ଦନ ଗନ୍ତାୟତ ଏବଂ ସଙ୍ଗୀତଜ୍ଞ ଇଂ. ଅଭୟେନ୍ଦୁ ପଟ୍ଟନାୟକ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ପ୍ରାଥମିକସ୍ତରରେ ପ୍ରବୀଣ କୁମାର ପଲାଇ, ତନିସା ନାୟକ ଓ ଚିନ୍ମୟୀ ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଇଂରାଜୀସ୍ତରରେ ଓଡିଆ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତାରେ ସୋନାଲି ପ୍ରଧାନ, ରୋଶନୀ କୁମାରୀ ପତି ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବେଳେ ନିବେଦୀତା ସ୍ୱାଇଁ, କେନ୍ଦ୍ରୀୟ ବିଦ୍ୟାଳୟ ଛତ୍ରପୁର ତୃତୀୟ ସ୍ଥାନ ହାସଲ କରିଛନ୍ତି।

# କାହା ପଛରେ ନ ଗୋଡ଼ାଇ ଚାକିରି ସୃଷ୍ଟି କରାଅ

## ନୟାଗଡ଼ ସ୍ୱୟଂ ଶାସିତ କଲେଜର ହୀରକ ଜୟନ୍ତୀର ଉଦ୍‌ଯାପନୀ ଉତ୍ସବ

ନୟାଗଡ଼ ଅଫିସ,୨୦।୧

ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ହୀରକ ଜୟନ୍ତୀ ଉଦ୍‌ଯାପନ ଉତ୍ସବ ଶୁକ୍ରବାର ଆରମ୍ଭ ହୋଇଛି । ଏହା ୩ ଦିନ ଧରି ଚାଲିବ । ୨୨ ତାରିଖରେ ଏହା ଉଦ୍‌ଯାପିତ ହେବ । ପ୍ରଥମ ଦିବସକୁ କର୍ମଚାରୀଙ୍କ ଦିବସ ଭାବେ ପାଳନ କରାଯାଇଛି । ଏହାକୁ ଉଦ୍‌ଘାଟନ କରି ମୋ କଲେଜ ଅଭିଯାନର ଅଧକ୍ଷ ଆକାଶ ଦାସ ନାୟକ କହିଥିଲେ ଚାକିରୀ ପଛରେ ନ ଗୋଡାଇ ଚାକିରୀ ସୃଷ୍ଟି କରି ପାରିଲେ ପରିବର୍ତ୍ତନ ଆସିବ । ସେ ପୁଣି କହିଲେ ପରିଶ୍ରମ ବୃଥା ଯାଏନି । ଛାତ୍ରୀଛାତ୍ରମାନେ ପରିଶ୍ରମ କରି ଭଲ ପାଠ ପଢ଼ିବା ଦରକାର । ମୁଁ ଅନେକ କଲେଜ ବୁଲିଛି ହେଲେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଏକ ନିଆରା । ମୋ କଲେଜ ଅଭିଯାନ ସହ ଯୋଡି ହୋଇ ରହିଲେ ଏହା ଏକ ମଡେଲ କଲେଜ ହୋଇ ପାରିବ ।

ସମୁହ ଜାତୀୟ ସଙ୍ଗୀତ ଗାନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିରେ ନୟାଗଡ଼ ବିଧାୟକ ଅରୁଣ ସାହୁ ଯୋଗ ଦେଇ କହିଲେ, ପ୍ରତ୍ୟେକ ଅନୁଷ୍ଠାନ ସହ ଜଡିତ ବ୍ୟକ୍ତି ବିଶେଷଙ୍କ ଅଭିଜ୍ଞତା ହିଁ ନୂତନ ପିଢ଼ି ପାଇଁ ମାର୍ଗଦର୍ଶିକା ହୋଇଥାଏ । ମହାବିଦ୍ୟାଳୟର ଅଧକ୍ଷ ସୁରେଶ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଯୋଗ ଦେଇ କହିଥିଲେ ଛାତ୍ରୀଛାତ୍ର ଅଧିକରୁ ଅଧିକ ଆତ୍ମଜୀବନୀ ଅଧ୍ୟୟନ କରିବା ଦରକାର । ଫୁଲର ପଥ ନ ଆପଣେଇ କଣ୍ଟକିତ ପଥ ଆପଣେଇଲେ ଶିକ୍ଷା ପାଇଁ କରୁଥିବା ପରିଶ୍ରମ ବୃଥା ଯିବନାହିଁ । ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଅତିଥି ରୂପେ ଯୋଗ ଦେଇ ଛାତ୍ରୀଛାତ୍ର ଶୃଙ୍ଖଳିତ ଜୀବନଯାପନ କରିବା ଦରକାର ବୋଲି କହିଥିଲେ। ମହାବିଦ୍ୟାଳୟର ପରିଚାଳନା ପରିଷଦର ସଭାପତି ପୂର୍ବତନ ସିଡିଏମଓ ଡାକ୍ତର ସୁରେଶ ଚନ୍ଦ୍ର ମିଶ୍ର କହିଥିଲେ ନିଷ୍ଠାପର ଉଦ୍ୟମ ଯୋଗୁ ନୟାଗଡ଼ କଲେଜ ଉନ୍ନତି ପଥରେ ଆଗେଇ ଚାଲିଛି । ଆଗକୁ ପୁଣି ଉନ୍ନତି କରିବ ବୋଲି ଆଶା ରହିଛି । ଛାତ୍ରୀଛାତ୍ର ମନଦେଇ ପାଠ ପଢ଼ି ମା'ବାପାଙ୍କ ସ୍ୱପ୍ନକୁ ସାକାର କରନ୍ତୁ । ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣ ଶିକ୍ଷାକର୍ମଚାରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ପ୍ରକାଶଥାଉକି ମଞ୍ଚରେ ଅତିଥିମାନେ ବସିଥିବାର ଦେଖିବାକୁ ମିଳିନଥିଲା । ଦର୍ଶକଙ୍କ ପାଖରେ ଅତିଥି ବସିଥିଲେ । ମଞ୍ଚରେ କେବଳ ଜଣେ ଜଣେ ବକ୍ତା ଯାଇ ସ୍ୱଳ୍ପ ସମୟ ଭାଷଣ ରଖିଥିଲେ । ମଝିରେ ସାଂସ୍କୃତିକ ଆସର ଲାଗି ରହିଥିଲା । ପରେ ପୁଣି ସଭା କାର୍ଯ୍ୟ କରାଯାଉଥାଏ ।



କଲେଜର ଅଧାପିକା ଅଧପିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ନିମନ୍ତ୍ରଣରେ ପାତରଅନ୍ତର:** ହୀରକ ଜୟନ୍ତୀ ଉତ୍ସବ ପାଇଁ ଅନେକ ପୁରାତନ ଛାତ୍ରଙ୍କୁ ଅବଗତ କରାଯାଇ ନ ଥିବା ଅଭିଯୋଗ ରହିଛି । ଉତ୍ସବ ପାଳନରେ ପାତରଅନ୍ତର କରାଯିବା ଠିକ ନୁହେଁ ବୋଲି ମତ ପ୍ରକାଶ ପାଉଛି । ଅନ୍ୟପକ୍ଷେ ଏଥିରେ ରାଜନୀତିର ସ୍ଥାନ ନ ଥାଏ ବୋଲି କୁହାଯାଇଛି । ସେହିପରି ଗଣମାଧ୍ୟମର ପ୍ରତିନିଧିଙ୍କୁ କେବଳ ଫୋନ କଲ କରାଯାଇ ନିମନ୍ତ୍ରଣ କରାଯାଇଛି । କାର୍ଯ୍ୟକ୍ରମ ସମ୍ପର୍କରେ ନିମନ୍ତ୍ରଣ ପତ୍ର ମଧ୍ୟ ଦିଆଯାଇ ନାହିଁ । ଅନ୍ୟପକ୍ଷେ ହୀରକ ଜୟନ୍ତୀର ଉଦ୍‌ଯାପନ ଉତ୍ସବକୁ ଘୁଞ୍ଚା ଯାଇଥିଲେ ମଧ ଗଣମାଧମକୁ ଅବଗତ ମଧ କରାଯାଇ ନ ଥିଲା ବୋଲି ଅଭିଯୋଗ ହୋଇଛି ।

## ଧାନ ଟାର୍ଗେଟ ପାଇଲେ ସମ୍ବଲପୁର ମିଲର

### ୨୫ରୁ ଧାନ କିଣିବା ସମ୍ଭାବନା

ନୟାଗଡ଼ ଅଫିସ,୨୦।୧

ନୟାଗଡ଼ ଜିଲାର ଧାନକିଣାରେ ସମ୍ବଲପୁର ମିଲର ଶୁକ୍ରବାର ସାମିଲ ହୋଇଛନ୍ତି । ୨୦ ସମ୍ବଲପୁରର ମିଲରଙ୍କୁ ଜିଲା ଯୋଗାଣ ବିଭାଗ ୪ ଲକ୍ଷ ୫୪ ହଜାର ୯୦୦ କୁଇଣ୍ଟାଲ ଧାନ ଟର୍ଗେଟ ବଣ୍ଟନ କରିଛି । ରାଜ୍ୟ ସରକାର ସମ୍ବଲପୁର ଜିଲାର ମିଲରଙ୍କୁ ଧାନ କିଣାରେ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେବା ପରେ ଶୁକ୍ରବାର ୧, ବୁଧବାର ୨, ମଙ୍ଗଳବାର ୬, ସୋମବାର ୭ଜଣ ଓ ଗତ ଶନିବାର ୪ଜଣ ଏପରି ୨୦ ସମ୍ବଲପୁର ମିଲର ନୟାଗଡ଼ ଆସି ବ୍ୟାଙ୍କ ଗ୍ୟାରେଣ୍ଟି କାଗଜାତ ଜିଲା ଯୋଗାଣ ବିଭାଗରେ ଦାଖଲ କରିଥିଲେ। ୨୦ ମିଲରଙ୍କ ଠାରୁ ୧୮ କୋଟି ୬୮ ଲକ୍ଷ ଟଙ୍କା ବ୍ୟାଙ୍କ ଗ୍ୟାରେଣ୍ଟି ଜିଲା ଯୋଗାଣ କାର୍ଯ୍ୟାଳୟ ରଖିଛି । ୨୫ ତାରିଖରୁ ସମ୍ବଲପୁର ମିଲର ଜିଲାରେ ଧାନ କିଣିବାର ସମ୍ଭାବନା ରହିଛି । ନୟାଗଡ଼ରେ ଧାନ କିଣା ତ୍ୱରାନ୍ୱିତ ହୋଇଥିବାର ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଥିଲେ ହେଁ ଏଯାବତ ଚାଷୀ ଅସନ୍ତୁଷ୍ଟ ଅଛନ୍ତି । ନୟାଗଡ଼ର ମିଲରମାନେ କଟନୀଛଟନୀକୁ ପ୍ରାଧାନ୍ୟ ଦେଇ ୮ରୁ ୧୦ କେଜି କାଟୁଥିବା ଅଭିଯୋଗ ରହିଛି । ଏପରିକି ଚାଷୀ ଆନ୍ଦୋଳନ ବଢ଼ିଛି ।

# ଫଳ, ସବୁଜ ପରିବା ଉତ୍ପାଦନ ପାଇଁ ତାଲିମ


ଫଳ ଓ ସବୁଜ ପରିବା ଚାଷକୁ ଅତିଥିମାନେ ବୁଲି ଦେଖୁଛନ୍ତି।

ଓଡ଼ଗାଁ,୨୦।୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ୍ ପଥରା ନାଚୁରାଲ ଫୁଡ୍ ଫାର୍ମ ପରିସରରେ ଶୁକ୍ରବାର ସ୍ଥାୟୀ ଫଳ ଓ ସବୁଜ ପରିବା ଉତ୍ପାଦନ ପ୍ରକ୍ରିୟା ସମ୍ବନ୍ଧୀୟ ତାଲିମ ଶିବିର ସୁରେଶ ଚନ୍ଦ୍ର ହୋତାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ତାଲିମ ଶିବିରରେ ପଦ୍ମଶ୍ରୀ ସାବରମତୀ(ସମ୍ଭବ), ଜାତୀୟ ଉଦ୍ୟାନ ପରୀକ୍ଷଣ ସଂସ୍ଥାନ ଭୁବନେଶ୍ୱରର ପ୍ରମୁଖ ବୈଜ୍ଞାନିକ ଡ. କୁନ୍ଦନ କିଶୋର ଓ ବରିଷ୍ଠ ବୈଜ୍ଞାନିକ ଡ. ଦିଟା ସାମନ୍ତ, ନୟାଗଡ଼ କୃଷି ବିଜ୍ଞାନ କେନ୍ଦ୍ର ସହକାରୀ ଯନ୍ତ୍ରୀ ସୁଚିସ୍ମିତା ଦ୍ୱିବେଦୀ, ସୁସ୍ଥ ମୃତ୍ତିକା ବୈଜ୍ଞାନିକ ଡ. ଲତା ମଲ୍ଲିକ, ବର୍ତ୍ତି କମ୍ପୋଷ୍ଟ ପରାମର୍ଶଦାତା ଅବସରପ୍ରାପ୍ତ ବନଖଣ୍ଡ ଅଧିକାରୀ ଅନାଦି ଦାସ, ଡ୍ରାଗନ ଫଳଚାଷ ପରାମର୍ଶଦାତା ଅକ୍ଷୟ ସେଠୀ, ମହୁଚାଷ ପରାମର୍ଶଦାତା ଆଲୋକ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ନୟାଗଡ଼ ଓ ଗଞ୍ଜାମ ଜିଲାର ଅଂଶଗ୍ରହଣ କରିଥିବା ୫୦ରୁ ଊର୍ଦ୍ଧ୍ୱ ଉଦ୍ୟାନ ଚାଷୀଙ୍କୁ ସ୍ଥାୟୀ ଫଳ ଓ ପନିପରିବା ନିୟମିତ ଉତ୍ପାଦନ ସମ୍ପର୍କରେ ବୁଝାଇଥିଲେ । ଏତଦ୍‌ବ୍ୟତୀତ ଡ୍ରାଗନ ଫଳ ଚାଷ ସହିତ ମହୁଚାଷ, କଦଳୀ, ପିଜୁଳି, କଖାରୁ, ତୁଳା, ଝୁଲଣ, ବିସା, ସପୁରୀ, ଧନିଆ, ଅମୃତଭଣ୍ଡା ଏବଂ ସଜନା ଛୁଇଁ ସହିତ ଗେଣ୍ଡୁ, ଗୋଲାପ ଫୁଲ ଚାଷ ସମ୍ପର୍କରେ ଅଂଶଗ୍ରହଣ କାରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ସୁରେଶ ଚନ୍ଦ୍ର ହୋତାଙ୍କ ଦ୍ୱାରା ପରୀକ୍ଷାମୂଳକ ଫଳ ଚାଷର ନିୟମିତ ଉତ୍ପାଦନ ପ୍ରଣାଳୀର ଭୂୟସୀ ପ୍ରଂଶସା କରିଥିଲେ । ଜଣେ ଚାଷୀ କୌଣସି ଏକ ନିର୍ଦ୍ଦିଷ୍ଟ ଚାଷ କରୁଥିବା ବେଳେ ସେହି ସ୍ଥାନରେ ଅନ୍ୟ ସ୍ୱଳ୍ପକାଳୀନ ଚାଷ କରି ଲାଭବାନ ହୋଇପାରିବେ ବୋଲି ମତ ପ୍ରକାଶ ପାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, ସଭ୍ୟା ବିରଜା ଲକ୍ଷ୍ମୀ ସାହୁ, ଓଡ଼ଗାଁ ବ୍ଲକ୍ ଅଧକ୍ଷ ଲୋକନାଥ ସାହୁ, ଉପାଧକ୍ଷ ମୀରା ନାୟକ, କୋମଣ୍ଡ ଏବଂ ରଙ୍ଗଣୀପାଟଣା ସରପଞ୍ଚ ଦୀପିକା ସେଠୀ ଓ ସସ୍ମିତା ପାତ୍ର ପ୍ରମୁଖ ଯୋଗ ଦେଇ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ।

## ନାବାଳକ ନିଖୋଜ ଅଭିଯୋଗ

ନୟାଗଡ଼ ଅଫିସ,୨୦।୧

ନୟାଗଡ଼ ଜିଲା ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି ଗୋଡିମଡା ଗାଁର ଶୁଭମ ନାୟକ ନାମକ ଜଣେ ୧୦ମ ଶ୍ରେଣୀ ଛାତ୍ର ଶୁକ୍ରବାର ପୂର୍ବାହ୍ନରେ ନିଖୋଜ ହୋଇ ଯାଇଛନ୍ତି । ପରିବାର ପକ୍ଷରୁ ଖୋଜାଖୋଜି ପରେ ଟେର ମିଳି ନାହିଁ । ଏଭଳିସ୍ଥଳେ ପରିବାର ଲୋକେ ରଣପୁର ଥାନାରେ ଅଭିଯୋଗ କରି ପୁଅକୁ ଖୋଜିବା ପାଇଁ ନିବେଦନ କରିଛନ୍ତି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଶିଶୁ ଓ ନାବାଳକମାନଙ୍କୁ ଅପହରଣ କରାଯାଉଥିବାରୁ ଅପହରଣ ସନ୍ଦେହ ବଢ଼ିଛି । ଶୁଭମ ଶୁକ୍ରବାର ସକାଳେ ସାଇକେଲ ନେଇ ଟିଉଶନ ଯାଇଥିଲା । ହେଲେ ଘରକୁ ଫେରି ନ ଥିଲେ । ପୁଅ ଫେରିବାରେ ଡେରି ହେବାରୁ ବୁଝିବାରେ ଜଣାପଡିଥିଲା ଟିଉଶନକୁ ଯାଇ ନାହାନ୍ତି। ଘରେ ପାଟିତୁଣ୍ଡ, ଗଣ୍ଡଗୋଳ ହୋଇ ନ ଥିବାବେଳେ ନାବଳକ ନିଖୋଜ ଘଟଣା ସନ୍ଦେହ ଘେରକୁ ଆସିଛି । ଅଭିଯୋଗ ପାଇ ରଣପୁର ଓ ଦର୍ପନାରାୟଣପୁର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଏନେଇ ସୁକଳ ନାୟକ କୁହନ୍ତି, ପୁଅ ଶୁଭମ କୁଆଡେ ଗଲା ଜାଣି ହେଉନି । ଆମ ପକ୍ଷରୁ ଖୋଜାଖୋଜି ଜାରି ରହିଛି । ପୋଲିସ ଘଟଣାର ତଦନ୍ତ କରୁଛି । ପୁଅର କିଛି ସୁରାକ ମିଳିନି । ଆମର କାହା ସାଥିରେ ବିବାଦ ନାହିଁ । ତେବେ ପୁଅ ଟିଉଶନ ଯିବା ବାଟରେ ନିଖୋଜ ହେବା ସନ୍ଦେହ ଘେରକୁ ଆସିଛି ବୋଲି କହିଛନ୍ତି ।

## ଛାତ୍ରଙ୍କୁ ମାଡ଼ମାରି ୨ ଛାତ୍ର ଜେଲ ଗଲେ

ନୟାଗଡ଼ ଅଫିସ,୨୦।୧

ଏପଟେ ହୀରକ ଜୟନ୍ତୀ ଉତ୍ସବ ପାଳନ ହେଉଥିବାବେଳେ ସେପଟେ ଜୟନ୍ତୀର ପୂର୍ବରୁ ୨ ଛାତ୍ର ନୟାଗଡ଼ ଜେଲରେ ରହିବାକୁ ପଡିଛି । ଖୋର୍ଦ୍ଧା ଟାଉନ ଥାନା କୁମାରବସ୍ତର ଅଭିଷେକ ବରାଳ(୨୦)ଙ୍କୁ ମାଡମାରି ଖୋର୍ଦ୍ଧା ଜିଲା ବୋଲଗଡ ଥାନା ବୋଲଗଡ ଭିତରସାହିର ଦେବାଶିଷ ମାର୍ଥା(୨୦) ଓ ନୟାଗଡ଼ ଟାଉନ ଥାନା ଦୁର୍ଗାପ୍ରସାଦର ଅମରେଶ୍ୱର ଜେନା(୨୦) ଜେଲ ଯାଇଛନ୍ତି । ସମସ୍ତ ଛାତ୍ର ଯୁକ୍ତ ୩ ଶେଷବର୍ଷର ବୋଲି ଜଣାପଡିଛି । ଅଭିଷେକ ବରାଳ ମହାବିଦ୍ୟାଳୟର ଲେଡିଜ କମନରୁମ ସମ୍ମୁଖରେ ଗତ ୧୮ ତାରିଖରେ ଛିଡା ହୋଇଥିବାବେଳେ ଦେବାଶିଷ ଓ ଅମରେଶ୍ୱର ମିଳିତ ଭାବେ ତାଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଛି । ଅଭିଷେକ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି । ଅଭିଷେକଙ୍କ ଅଭିଯୋଗ କ୍ରମେ ନୟାଗଡ ଟାଉନ ଥାନା ପୋଲିସ ୩୪୧, ୩୨୩, ୩୦୭, ୩୪ ଆଇପିସି ଦଫାରେ ୧୨/୨୩ରେ ମକଦ୍ଦମା ରୁଜୁ କରି ୨ଜଣଙ୍କୁ କୋର୍ଟ ଚାଲାଣ କରିଥିଲା । ଦେବାଶିଷଙ୍କ ଅଭିଯୋଗ କ୍ରମେ ପୋଲିସ ଅଭିଷେକ ବରାଳ ନାଁରେ ଅନ୍ୟ ଏକ ମାମଲା(ନଂ.୧୩/୨୩) ରୁଜୁ କରିଛି । ମହାବିଦ୍ୟାଳୟରେ ଏହି ଘଟଣାକୁ ନେଇ ଛାତ୍ର ବିବାଦ ବଢ଼ି ଚାଲିଛି । ବିବାଦ ପଛରେ ପ୍ରେମ କାହାଣୀ ଥିବା ଚର୍ଚ୍ଚା ହେଉଛି । ଅନ୍ୟପକ୍ଷେ କେତେଜଣ ଛାତ୍ରୀଛାତ୍ର ଶୁକ୍ରବାର ହୀରକ ଜୟନ୍ତୀ ଉତ୍ସବ ପାଳନ ସମୟରେ ଏକାଧିକ ଫଟୋ ଉତ୍ତୋଳନ କରୁଥିଲେ । ଏପରି ଦେଖି ପୋଲିସ ପ୍ରତିବାଦ କରିଥିଲା ।

## ଅଯୋଗ୍ୟଙ୍କୁ କାଟି ଯୋଗ୍ୟଙ୍କୁ ସାମିଲ କର

### ବିଡିଓଙ୍କୁ ଫେରାଦ ହେଲା ଭାଜପା

ନୟାଗଡ଼ ଅଫିସ/ ଦଶପଲ୍ଲା,୨୦।୧(ଡି.ଏନ୍.ଏ.)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକରେ ଅଯୋଗ୍ୟ ହିତାଧିକାରୀ ଧରାଧରି କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିଜର ନାଁକୁ ସାମିଲ କରାଇ ନେଇଛନ୍ତି । ଯୋଗ୍ୟ ଲୋକମାନେ ଯେଉଁମାନେ ପ୍ରକୃତରେ ଗରିବ ସେମାନେ ବାଦ ପଡିଛନ୍ତି । ସ୍ୱଚ୍ଛଳ ବର୍ଗର ଲୋକଙ୍କୁ କାଟି ଯୋଗ୍ୟ ଲୋକଙ୍କୁ ଆବାସ ଯୋଜନାରେ ସାମିଲ କରିବାକୁ ଭାଜପା ଦାବି କରିଛି । ଏନେଇ ଭାଜପା ନେତା ରାଘବ ମଲ୍ଲିକଙ୍କ ନେତୃତ୍ୱରେ ଦଶପଲ୍ଲା ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏଥିରେ ଅଣଦେଖା କରାଗଲେ ଆନ୍ଦୋଳନ କରାଯିବବୋଲି ଚେତାବନୀ ଦିଆଯାଇଛି ।


ବିଡିଓଙ୍କୁ ଭାଜପା କର୍ମୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି ।

## ଫେବୃୟାରୀ ୧୫ରୁ ନୟାଗଡ଼ ପୁସ୍ତକ ମହୋତ୍ସବ, କ୍ୟାରିୟର ମେଳା

ନୟାଗଡ଼ ଅଫିସ,୨୦।୧

ନୟାଗଡ଼ ଜିଲାରେ ଦୀର୍ଘ ବର୍ଷ ଧରି ବନ୍ଦ ରହିଥିବା ନୟାଗଡ଼ ପୁସ୍ତକ ମହୋତ୍ସବ ଓ କ୍ୟାରିୟର ମେଳା ପୁଣି ଥରେ ଆରମ୍ଭ ହେବ । ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଏଥିପ୍ରତି ଗୁରୁତ୍ୱାରୋପ କରିଛନ୍ତି । ଏଥିପାଇଁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଫେବୃୟାରୀ ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ପୁସ୍ତକ ମହୋତ୍ସବ ଓ କ୍ୟାରିୟର ମେଳାକୁ ଆକର୍ଷଣୀୟ କରିବା ପାଇଁ ପ୍ରତିଦିନ ସନ୍ଧ୍ୟାରେ କୁଇଜ୍ ପ୍ରତିଯୋଗିତା, ସାହିତ୍ୟ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଆଲୋଚନା କରାଯାଇଥିଲା । ନୟାଗଡ଼ ଦକ୍ଷିଣକାଳୀ ପଡ଼ିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି । ବିଧାୟକ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ କବି ଓ ଅନୁବାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ, ରୋଟରିଆନ ଧୀରେନ୍ଦ୍ର ପଟ୍ଟନାୟକ, ଗୋଦାବରୀ ସାହୁ, ଅମୂଲ୍ୟ ମହାନ୍ତି, ଶ୍ରୀଧର ସାହୁ, ଖବରଦାତା ବୈଦ୍ୟଭୂଷଣ ମହାପାତ୍ର, ବାଘୁଆବାର୍ତ୍ତା ସମ୍ପାଦକ ସଞ୍ଜୟ କୁମାର ସ୍ୱାଇଁ, ଗାଳ୍ପିକ ଓ ଖବରଦାତା ଅନୀଲ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଯୁବକଙ୍କ ଆତ୍ମହତ୍ୟା

ପାରଳାଖେମୁଣ୍ଡି,୨୦।୧(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସହରର ମଙ୍କାଡୋଟାଆମ୍ମା ମନ୍ଦିର ପଛପାର୍ଶ୍ୱ ସାହିର ଜଣେ ଯୁବକ ବେକରେ ଶାଢ଼ୀ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଶ୍ରୀପତି ଚନ୍ଦ୍ରହାସନ (୨୨)। ତାଙ୍କ ଆତ୍ମହତ୍ୟାର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ।

# କୋରାପୁଟ୍ ଟିମ୍ ବିଜୟୀ

### ଦଶପଲ୍ଲା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

#### ଆଜି ବିଧାୟକ ଏକାଦଶ ପ୍ରଶାସନ ଏକାଦଶର ମୁକାବିଲା

ଦଶପଲ୍ଲା,୨୦।୧(ଡି.ଏନ.ଏ.)

୨୩ତମ ଦଶପଲ୍ଲା କପ୍ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ମ୍ୟାଚ୍‌ରେ କଟକ ଚୌଦ୍ୱାର ଦଳ ସହ କୋରାପୁଟ ଦଳର ମୁକାବିଲା ହୋଇଥିଲା । ଉଭୟ ଦଳ ଭଲ ଖେଳୁଥିଲେ ମଧ୍ୟ ମଧ୍ୟାନ୍ତର ସୁଦ୍ଧା କେହି କାହାରିକୁ ଗୋଲ ଦେଇପାରି ନ ଥିଲେ । ଦ୍ୱିତୀୟାର୍ଦ୍ଧରେ ବି ଉଭୟ ଦଳ ବହୁ ସୁଯୋଗ ହାତଛଡା କରିଥିଲେ । ଶେଷରେ ଟ୍ରାଇବ୍ରେକରେ କୋରାପୁଟ ଟିମ୍ ୩-୧ଗୋଲରେ ବିଜୟୀ ହୋଇଥିଲା । ଆଜିର ଖେଳକୁ ପରିଚାଳନା କରିଥିଲେ ରେଫରି ରବିନ୍ଦ୍ର କୁମାର ନାୟକ । ଅତିଥିଭାବେ ସଭାପତି କୁଞ୍ଜବିହାରି ମିଶ୍ର,ଉପସଭାପତି ବୈକୁଣ୍ଠ ନାଥ ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଶନିବାର ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହେବ । ଏଥିରେ ଏମ୍‌ଏଲ୍‌ଏ ଏକାଦଶ ସହ ଜିଲା ପ୍ରଶାସନ ଏକାଦଶର ମୁକାବିଲା ହେବ ବୋଲି ସ୍ପୋର୍ଟିଭ ସ୍ପୋର୍ଟସ୍ ସୋସାଇଟି ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳୀ ।

# ଆଶାକର୍ମୀ ନିଜକୁ ସାମାଜିକ ଯୋଦ୍ଧା ଭାବି କାମ କରନ୍ତୁ

### ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତିର ବାର୍ଷିକ ସମ୍ମିଳନୀ

ନୟାଗଡ଼ ଅଫିସ,୨୦।୧

ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଶୁକ୍ରବାର ନୟାଗଡ଼ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଅଧକ୍ଷତାରେ କରିଥିଲେ । ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଆଶାକର୍ମୀମାନେ ନିଜକୁ ଜଣେ ସାମାଜିକ ଯୋଦ୍ଧା ଭାବି ବହୁମୂଲ୍ୟ ସ୍ୱାସ୍ଥ୍ୟ ସେବାରେ ଯୋଗାଉ ଥିବାରୁ ସେମାନଙ୍କୁ ଜିଲାପାଳ ପ୍ରଂଶସା କରିଥିଲେ । ରୋଗୀଙ୍କୁ ଯୋଗାଉଥିବା ସେବା ହିଁ ପ୍ରକୃତରେ ଭଗବାନଙ୍କ ସେବା ବୋଲି ଜିଲାପାଳ କହିଥିଲେ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମକରନ୍ଦ ବେଉରା ଯୋଗଦେଇ ଆଶା କର୍ମୀମାନେ ବିଭିନ୍ନ ସ୍ୱାସ୍ଥ୍ୟସେବାରେ ନିଜକୁ ନିୟୋଜିତ କରିଛନ୍ତି ବୋଲି କହିଥିଲେ । ଜିଲାରେ ଟିକାକରଣ, ମ୍ୟାଲେରିଆ, ଫାଇଲେରିଆ, କଳାଜ୍ୱର ସହିତ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନରେ ତୃଣମୂଳସ୍ତରରେ ସେମାନେ ସାମିଲ ହେବାକୁ ଆହ୍ୱାନ କରିଥିଲେ ।

ଆଶାକର୍ମୀଙ୍କ ସହିତ ଅଙ୍ଗନୱାଡି କର୍ମୀ ଓ ଗାଁ କଲ୍ୟାଣ ସମିତିର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଡାକ୍ତର ସୁବାସ ଚନ୍ଦ୍ର ନାୟକ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଡାକ୍ତର ପୁଷ୍ପା ନୀଳିମା ଲାକ୍ରା, ଡାକ୍ତର ନୌସଦ ଅଲ୍ଲିଖାନ, ଡାକ୍ତର ତାରକ ପ୍ରସାଦ ତ୍ରିପାଠୀ, ଜିଲା କାର୍ଯ୍ୟକ୍ରମ ସଂଯୋଜକ ବିଶ୍ୱ ରଞ୍ଜନ ରଥ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ଆଶା ସହ ପରିଚାଳକ ସୀତାକାନ୍ତ ପଟ୍ଟନାୟକ ଜିଲାସ୍ତରୀୟ ଆଶା, ଗାଁକଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀର ଉଦ୍ଦେଶ୍ୟ ଓ ସ୍ୱାସ୍ଥ୍ୟସେବାରେ ଗୋଷ୍ଠୀ ସହଭାଗିତା ସମ୍ପର୍କରେ ଆଲୋକପାତ କରିଥିଲେ ।


ଜିଲାସ୍ତରୀୟ ସମ୍ମିଳନୀରେ ଯୋଗଦେଇଥିବା ଅତିଥି ।

ଚଳିତବର୍ଷ ଶ୍ରେଷ୍ଠ ଗାଁ କଲ୍ୟାଣ ସମିତି ଭାବେ ଦଶପଲ୍ଲା ବ୍ଲକର ପଥୁରିଆ, ନୂଆଗାଁ ବ୍ଲକର ବଳଭଦ୍ରପୁର, ରଣପୁର ବ୍ଲକର ଜାମୁସାହି, ଭାପୁର ବ୍ଲକର ପଥରପୁଞ୍ଜି, ଓଡ଼ଗାଁ ବ୍ଲକର ଶିଙ୍ଗାରପଲ୍ଲୀ, ଗଣିଆ ବ୍ଲକର ଗୋପାଳପ୍ରସାଦ, ନୟାଗଡ ବ୍ଲକର କଣ୍ଟାବଣିଆ ଓ ଇଟାମାଟି ଗାଁ କଲ୍ୟାଣ ସମିତିକୁ ମାନପତ୍ର ଓ ୧୦ ହଜାର ଟଙ୍କାର ଅର୍ଥରଶି ପୁରସ୍କାର ଭାବେ ପ୍ରଦାନ କରାଯାଇଥିଲା । ଚଳିତ ବର୍ଷର ଉଲ୍ଲେଖନୀୟ କାର୍ଯ୍ୟପାଇଁ କିଶୋର ପ୍ରସାଦର ଆଶାକର୍ମୀ ମଙ୍ଗୁଳି ରାଉତଙ୍କୁ ପ୍ରଥମ, ଡିମିରିଝରିର ଆଶାକର୍ମୀ ବାସନ୍ତୀ ନାୟକ ଦ୍ୱିତୀୟ ଓ ଢେଙ୍କେଣାର ଆଶାକର୍ମୀ ରତ୍ନମଣି ବିଶ୍ୱାଳଙ୍କୁ ତୃତୀୟ ପୁରସ୍କାର ସହିତ ଅର୍ଥରାଶି ପ୍ରଦାନ କରାଯାଇଥିଲା । ଭାଗ ନେଇଥିବା ଆଶାକର୍ମୀମାନେ ସାଧାରଣ ଜ୍ଞାନ ପରୀକ୍ଷା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଜିତ କୁମାର ପାଣିଗ୍ରାହୀ, ଦୀପକ ଦଳବେହେରା, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅରୁଣ ସାହୁ, ସ୍ମୃତିରେଖା ବିଶ୍ୱାଳ, କିଶୋର ଦାଶ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ତିର୍ତ୍ତୋଲରେ ନକଲି ମଦ ଜବତ, ଜଣେ ଗିରଫ

ତିର୍ତ୍ତୋଲ, ୨୦।୧ (ଡି.ଏନ.ଏ.): ତିର୍ତ୍ତୋଲ ଅଞ୍ଚଳରେ ଦୀର୍ଘଦିନ ଧରି ଚୋରା ନକଲି ମଦ କାରବାର ଚାଲିଥିବା ଅଭିଯୋଗ ହୋଇ ଆସୁଥିଲା। ପୂର୍ବରୁ ଗୋଟିଏ ଥର ଅବକାରୀ ବିଭାଗ ହାତରେ ଜଗନ୍ନାଥପୁର ନାଳପୋଲ ନିକଟରୁ ନକଲି ଚୋରା ବିଦେଶୀ ମଦ ଜବତ ସହ ଜଣେ ଧରାପଡିଥିଲେ। ଦୀର୍ଘଦିନ ବ୍ୟବଧାନର ଶୁକ୍ରବାର ତୁଳଙ୍ଗ ପଞ୍ଚାୟତ ପୋଇଓ ଗାଁରୁ ଚୋରା ନକଲି ବିଦେଶୀ ମଦ ଜବତ ହୋଇଛି। ଏକ ରାକେଟ ବଜାର ଓ ଗାଁ ଗହଳିରେ ଏହି କାରବାର ଚଳାଇ ଆସୁଥିଲେ। ଏହି ରାକେଟକୁ ଧରିବାକୁ ଦୀର୍ଘଦିନ ଧରି ତିର୍ତ୍ତୋଲ ଅବକାରୀ ଥାନାର ବିଭାଗୀୟ ଅଧିକାରୀ ପ୍ରସେ ଜରି ରଖିଥିଲେ। ଖବରପାଇ ପୋଇଓ ଗାଁର ଜିତୁ ରଞ୍ଜନ ପାତ୍ରଙ୍କ ଘରର ଚରିପାଖକୁ ଘେରାଉ କରି ନକଲି ବିଦେଶୀ ମଦ ଅବକାରୀ ବିଭାଗ ପୋଲିସ ଜବତ କରିଥିଲେ। ଏଥିରେ ସମ୍ପୃକ୍ତ ଥିବା ଜିତୁଙ୍କୁ ରେଡହ୍ୟାଣ୍ଡରେ ଧରି ଗିରଫ କରିଛି। ତିର୍ତ୍ତୋଲ ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ଶୁଭେନ୍ଦୁ କୁମାର ପୁହାଣ, ଏଏସ୍‌ଆଇ ବଳରାମ ଦାଶଙ୍କ ସମେତ କନଷ୍ଟେବଲ ମନୋଜ କୁମାର ପରିଡା, ସୁମନ୍ତ କୁମାର ମହନ୍ତ, ଲକ୍ଷ୍ମୀନାରାୟଣ ମଲ୍ଲିକ ଓ କଲ୍ୟାଣୀ ସେଠୀ ଜିତୁଙ୍କ ଘରେ ପଶି ୧୧.୭୦୦ ମିଲି ଲିଟର ବିଦେଶୀ ନକଲି ମଦ ଜବତ କରିଥିଲେ। ଯାହାର ଆନୁମାନିକ ବଜାର ମୂଲ୍ୟ ୮୧୯୦ ଟଙ୍କା। ଏଥିସହ ଅଭିଯୁକ୍ତଙ୍କ ଠାରୁ ନଗଦ ୧୭୫୦ ଟଙ୍କା ଜବତ କରିଥିଲେ। ଏହି ନକଲି ମଦ କାରବାର ରାକେଟ ବିଷୟରେ ଅଧିକ ସବିଶେଷ ତଥ୍ୟ ସଂଗ୍ରହ କରିବାକୁ କୋର୍ଟରେ ରିମାଣ୍ଡର ଅପିଲ କରାଯାଇଥିଲା। କୋର୍ଟ ଅନୁମତିକ୍ରମେ ଅଭିଯୁକ୍ତଙ୍କୁ ଅଟକ ରଖି ଅବକାରୀ ବିଭାଗ ପୋଲିସ ଘଟଣାର ଅନୁସନ୍ଧାନ ଜାରି ରଖିଛି। ଏ ନେଇ ତିର୍ତ୍ତୋଲ ଅବକାରୀ ଥାନାରେ ନଂ.୧୧୮/୨୨-୨୩ ମାମଲା ରୁଜୁ ହୋଇଛି।

### ବି.ସି. କଲେଜ ବାଳିକା ଆତ୍ମରକ୍ଷା ତାଲିମ

ରଘୁନାଥପୁର, ୨୦।୧(ଡି.ଏନ.ଏ.): ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ଯୁକ୍ତ ୨ ପ୍ରଥମ ବର୍ଷର ୧୪୧ ଜଣ ଛାତ୍ରୀଙ୍କୁ ନେଇ ୮ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଅଧକ୍ଷ ସରୋଜ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ସଭାରେ ତହସିଲଦାର ରୂପାଲିକା ଦାଶ ମୁଖ୍ୟ ଅତିଥି ଯୋଗଦେଇ ଦୃଢ ନିଷ୍ଠା ଓ ଏକାଗ୍ରତା ଶିକ୍ଷାର୍ଥୀଙ୍କ ପାଇଁ ଅମୂଲ୍ୟ ସମ୍ପଦ ଉପସ୍ଥିତ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନାଇଜରର ରେଜିଷ୍ଟ୍ରାର ତଥା କଲେଜ ପରିଚାଳନା ପରିଷଦର ସଭାପତି ଡ. ଅଭୟ କୁମାର ନାୟକ ଛାତ୍ରୀମାନଙ୍କୁ ଯୋଗ ଓ ଆତ୍ମଶୁଦ୍ଧି ଦ୍ୱାରା କିପରି ନୈତିକ ବିକାଶ ଘଟି କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଏ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଜାତୀୟ ବାସ୍କେଟବଲ ଖେଳାଳି ତଥା ବ୍ଲାକବେଲ୍ଟ କରାଟେ ରାଜେନ ମହାନ୍ତି ଯୋଗଦେଇ ବାଳିକାଙ୍କୁ ଆତ୍ମରକ୍ଷା କୌଶଳର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ କହିଥିଲେ। ସେହିପରି ଅଧାପିକା ଶାଶ୍ୱତୀ ନନ୍ଦ ଓ ସ୍ୱାଗତିକା ଦାସ ଅତିଥି ଭାବେ ନିଜର ବକ୍ତବ୍ୟ ରଖିଥିଲେ। ପ୍ରତ୍ୟେକ ଶିକ୍ଷାର୍ଥୀ ସଫଳତା ହାସଲ କରି କୌଶଳକୁ ଉଚିତ ମାର୍ଗରେ ଲଗାଇ ପାରିଲେ ଯୋଜନାର ସଫଳ ରୂପାୟନ ହୋଇପାରିବ ବୋଲି ଅଧକ୍ଷ ପଣ୍ଡା ଆଶା ବ୍ୟକ୍ତ କରିଥିଲେ।

### କୁଆଖାଇରେ ବିରଳ କଇଁଛ

ଭୁବନେଶ୍ୱର, ୨୦।୧ (ବ୍ୟୁରୋ)- ଭୁବନେଶ୍ୱର ପାଣ୍ଡରା ନିକଟ କୁଆଖାଇ ନଦୀରୁ ଏକ ବିରଳ ହଳଦିଆ ରଙ୍ଗର କଇଁଛ ଉଦ୍ଧାର କରାଯାଇଛି। କଇଁଛଟି ମାଛ ଧରିବା ପାଇଁ ବ୍ୟବହୃତ ହେଉଥିବା ସୁତୀ କଣ୍ଟାରେ ପଡ଼ିଥିଲା। ହଳଦିଆ ରଙ୍ଗର କଇଁଛଟିକୁ ସକାଳୁ ଦେଖିବା ପରେ ସୁତି ପକାଇଥିବା ବ୍ୟକ୍ତି ତାକୁ ଗାଁ ଭିତରକୁ ନେଇ ଆସିଥିଲେ। ଏଭଳି ଏକ ବିରଳ ରଙ୍ଗର କଇଁଛକୁ ଦେଖିବା ପାଇଁ ଦେଖଣାହାରୀଙ୍କ ଭିଡ଼ ଜମିଥିଲା। ଖବରପାଇ ସ୍ନେକ ହେଲ୍‌ପ ଲାଇନ ସଦସ୍ୟ ଅମରଜିତ ବେହେରା କଇଁଛଟିକୁ ଉଦ୍ଧାର କରି କାର୍ଯ୍ୟାଳୟକୁ ଆଣିଥିଲେ। ସ୍ନେକ୍ ହେଲ୍‌ପଲାଇନ୍ ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଏହି କଇଁଛଟି ଆଲ୍‌ବିନୋ ଭାରତୀୟ ପଙ୍କୁଆ କଇଁଛ (Indian Soft Shell Turtle) ବୋଲି ଚିହ୍ନଟ କରିଥିଲେ। କଇଁଛଟିର ସମ୍ପୂର୍ଣ୍ଣ ଦେହ ହାଲକା ହଳଦିଆ ରଙ୍ଗର ହୋଇଥିବାବେଳେ ଆଖି ଦୁଇଟି ଈଷତ୍ ଗୋଲାପି ରଙ୍ଗର। ଏହିଭଳି ଆଲବିନୋ କଇଁଛ ପ୍ରକୃତିରେ ଦେଖିବା ଅତ୍ୟନ୍ତ ବିରଳ। ଏନେଇ ଶୁଭେନ୍ଦୁ କହିଛନ୍ତି, ଯେହେତୁ ସୁତୀ କଣ୍ଟାକୁ କଇଁଛ ଗିଳିଥିଲା, ତେଣୁ ସାମାନ୍ୟ ଆଘାତ ହେବା ସ୍ୱାଭାବିକ କଥା। କଇଁଛକୁ ଶନିବାର ଓୟୁଏଟି ନେଇ ଭେଟନାରୀ କଲେଜରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ବନ ବିଭାଗକୁ ହସ୍ତାନ୍ତର କରାଯିବ।

# ହକି ବିଶ୍ୱକପ ମହୋତ୍ସବ ଆରମ୍ଭ

କଳିଙ୍ଗନଗର,୨୦।୧(ଡି.ଏନ.ଏ.): ଯାଜପୁର ରୋଡ୍ ଚାନ୍ଦମା ଖେଳପଡ଼ିଆରେ ଶୁକ୍ରବାର ହକି ବିଶ୍ୱକପ୍ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ରାଜ୍ୟ ସଭା ସଦସ୍ୟା ସୁଲତା ଦେଓ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, କୋରେଇ ବିଧାୟକ ଅଶୋକ କୁମାର ବଳ, ଯାଜପୁର ଜିଲା ପରିଷଦ ସଭାପତି ନଳୀନିପ୍ରଭା ଯେନା ଓ ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ ପ୍ରମୁଖ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ।


ହକି ବିଶ୍ୱକପ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

#### ସମ୍ବଲପୁରୀ ଗୀତ, ନୃତ୍ୟରେ ଝୁମିଲେ ଦର୍ଶକ

ମହୋତ୍ସବରେ ଭାବର ଠାକୁର ଜଗନ୍ନାଥଙ୍କ ବନ୍ଦନା ପରେ ଦେଶର ଅନ୍ୟତମ ଆକର୍ଷଣୀୟ ସମ୍ବଲପୁରୀ ନୃତ୍ୟ ଏବଂ ସଙ୍ଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା। ସମ୍ବଲପୁରୀ ଗୀତ ଏବଂ ନୃତ୍ୟର ତାଳେ ତାଳେ ଦର୍ଶକଙ୍କ ଝୁମିବାରେ ଲାଗିଥିଲେ। ଫଳରେ ମହୋତ୍ସବ ସ୍ଥଳ ପ୍ରକମ୍ପିତ ହୋଇଉଠିଥିଲା। ସମ୍ବଲପୁରୀ କଳାକାରମାନଙ୍କ ଉଚ୍ଚକୋଟୀର ନୃତ୍ୟ ଏବଂ ଗୀତ ପରିବେଷଣ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

#### ୪ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

ମହୋତ୍ସବରେ ବ୍ୟାସନଗରକୁ ସ୍ୱଚ୍ଛ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ନିମନ୍ତେ ପୌର ପରିଷଦର ୪ ସଫେଇ କର୍ମଚାରୀଙ୍କୁ ମୁଖ୍ୟଅତିଥି ମାନପତ୍ର ଏବଂ ଉପଢ୍ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ବ୍ୟାସନଗର ସ୍ୱଚ୍ଛତା ନିମନ୍ତେ ସେମାନଙ୍କ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ।

# ଅନିର୍ଦ୍ଦିଷ୍ଟ କାଳ ପାଇଁ ଧନତ୍ରୀ ବାଲିଘାଟ ବନ୍ଦ

ପାଣିକୋଇଲି,୨୦।୧(ଡି.ଏନ.ଏ.): କୋରେଇ ବ୍ଲକ୍ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ବୈତରଣୀ ନଦୀର ଧନତ୍ରୀ ବାଲି ଘାଟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ତହସିଲ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ଘାଟ ରାସ୍ତାରେ ବାଲି ଗାଡ଼ି ଚଳାଚଳ ନେଇ ବୁଧବାର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପରିସ୍ଥିତି ଅଣାୟତ ପୂର୍ବରୁ ପୋଲିସ ପହଞ୍ଚିଯିବାରୁ ଏକ ବଡ଼ଧରଣର ଅଘଟଣରୁ ରକ୍ଷା ମିଳିଥିଲା। ତହସିଲ ପ୍ରଶାସନର ବେଆଇନ ବାଲି ଉଠାଣ ପାଇଁ ନିର୍ଦ୍ଦେଶ ଯୋଗୁ ପଞ୍ଚାୟତରେ ଦୁଇ ଗୋଷ୍ଠୀ ମଧ୍ୟରେ ଅସନ୍ତୋଷ ଓ ଉତ୍ତେଜନା ଲାଗିରହିଥିଲା। ଗାଡି ଚଳାଚଳକୁ ବିରୋଧ କରିଥିଲା ଲିଙ୍ଗେଶ୍ୱର ଉନ୍ନୟନ କମିଟି। ଧନତ୍ରୀ ଘାଟରୁ ବାଲିଗାଡି ରାସ୍ତାରେ ଯାତାୟାତକୁ ନେଇ ବିବାଦ ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଅନୁଯାୟୀ ଯାଜପୁର ଜିଲାପାଳ ୮।୮। ୨୦୨୨ରେ ବାଲିଘାଟ ବନ୍ଦ କରିବାକୁ ବ୍ୟାସନଗର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାଲିଘାଟରୁ ରାସ୍ତାକୁ ଆସିବା ପାଇଁ ଗ୍ରାମ୍ୟ ଜଙ୍ଗଲ, ଶ୍ମଶାନ, ପାଣିନାଳ କିସମ ପଡୁଥିବାରୁ ଏନେଇ ଉଚ୍ଚ ନ୍ୟାୟାଳୟରେ ପିଟିସନ ଦାଖଲ ହୋଇଥିଲା। ମାତ୍ର ତହସିଲଦାର ଧନତ୍ରୀ ବାଲିଘାଟରୁ ବାଲି ଉଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ବାଲିଗାଡ଼ି ଲିଙ୍ଗେଶ୍ୱର ଉନ୍ନୟନ କମିଟିର ବ୍ୟକ୍ତିଗତ ରାସ୍ତାରେ ଯାତାୟାତକୁ ବିରୋଧ କରାଯାଇଥିଲା। ଫଳରେ ଲିଜ୍‌ଧାରୀଙ୍କ ପକ୍ଷରୁ ଶତାଧିକ ମହିଳା ଓ ପୁରୁଷ ଆସି ପାଟିତୁଣ୍ଡ କରିଥିଷଲ। ଏହାକୁ ନେଇ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ତେଣୁ ଜମି ମାପ କରିବା ଓ ବ୍ୟକ୍ତିଗତ ଜମିରେ ବାଲି ଗାଡି ଚଳାଇ ନ ଦେବାକୁ ଲିଙ୍ଗେଶ୍ୱର କମିଟି ଜିଦ ଧରିଥିଲା। ପରେ ତହସିଲଦାରଙ୍କ ନିର୍ଦ୍ଦେଶ ମୁତାବକ ବାଲିଘାଟ ବନ୍ଦ କରାଯାଇଥିଲା। ଗୁରୁବାର ଅପରାହ୍ନରେ ତହସିଲ କାର୍ଯ୍ୟାଳୟରେ ଉଭୟ ପକ୍ଷ ପହଞ୍ଚି ସେମାନଙ୍କ ପକ୍ଷ ରଖିବାକୁ ନିଷ୍ପତ୍ତି ହୋଇଥିବା ଥାନାଧିକାରୀ ଚିନ୍ମୟୀ ବେହେରା ଘୋଷଣା କରିବା ପରେ ଘଟଣା ଶାନ୍ତ ପଡିଥିଲା। ହେଲେ ଗୁରୁବାର ବୈଠକର ନିର୍ଦ୍ଧାରିତ ସମୟ ପୂର୍ବରୁ ତହସିଲଦାର ବୈଠକ ବାତିଲ କରିବା ସହ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବାଲିଘାଟ ବନ୍ଦ ରଖିବାକୁ ଥାନାଧିକାରୀଙ୍କ ଜରିଆରେ ସୂଚନା ଦେଇଥିଲେ।

# ବୋହୂଙ୍କୁ ଧର୍ମ ପରିବର୍ତ୍ତନ ପାଇଁ ବାଧ କରାଯାଇନାହିଁ

## ହ୍ୟୁମାନ୍ ସାଗରଙ୍କ ଘରୋଇ କଳି ପ୍ରସଙ୍ଗ

କଟକ ଅଫିସ,୨୦।୧

କାଉନ୍‌ସେଲିଂ ପରେ କଟକ ମହିଳା ଥାନା ବାହାରକୁ ଆସି ପରସ୍ପରକୁ ଆକ୍ଷେପ-ପ୍ରତିଆକ୍ଷେପ କରିଥିବା ଓଲିଉଡ୍ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମାମଲା ଶୁକ୍ରବାର ଟିକେ ଅଲଗା ଅଲଗା ଲାଗିଛି। ହ୍ୟୁମାନ ଓ ତାଙ୍କ ମା’ ଶେଫାଳୀ ସୁନା ବୋହୂ ଶ୍ରୀୟା ମିଶ୍ର ଓ ତାଙ୍କ ବାପାଙ୍କୁ କଟୁକ୍ତି କରିଥିଲେ। ହେଲେ ଏବେ ସମ୍ପୂର୍ଣ୍ଣ ଭାବେ ସଚେତନ ହୋଇ ବୋହୂଙ୍କୁ ଘରକୁ ଫେରାଇ ଆଣିବାକୁ ଚାହୁଁଥିବା ଶେଫାଳୀ କହିଛନ୍ତି। ଏଥିସହ ସେ ଆହୁରି କହିଛନ୍ତି, ବୋହୂଙ୍କୁ ଧର୍ମ ପରିବର୍ତ୍ତନ ପାଇଁ ବାଧ କରାଯାଇନାହିଁ। ସେ ଶାଶୁଘରେ ଜଗନ୍ନାଥ, ଗଣେଶଙ୍କ ମୂର୍ତ୍ତି ରଖି ପୂଜା କରିଥାନ୍ତି। ତାଙ୍କୁ କୌଣସି କାମ ପାଇଁ ବାଧ କରାଯାଇନାହିଁ। ବୋହୂ





ଘରେ ସ୍ୱଇଚ୍ଛାରେ ପୂଜା କରିବା ସହ ତାଙ୍କ ମାଆବାପା ଆସିଲେ ସେମାନେ ମଧ ପୂଜା କରିଥାନ୍ତି। ନାତୁଣୀ ଓ ବୋହୂଙ୍କୁ ବେଶି ମନେ ପକାଉଛି। ପୁଅବୋହୂ ଏକାଠି ରୁହନ୍ତୁ, ଏତିକି ଚାହୁଁଛନ୍ତି ବୋଲି ଶେଫାଳୀ କହିଛନ୍ତି। ସେହିପରି ହ୍ୟୁମାନ୍ ସାଗର ଗଣମାଧ୍ୟମକୁ କହିଛନ୍ତି, ଶ୍ରୀୟା ଓ ତାଙ୍କ ପରିବାରକୁ ଆମ ପରିବାର ବହୁତ ଭଲପାଉ। ସବୁ ଧର୍ମକୁ ସମ୍ମାନ କରୁ। କାହାକୁ ଆମ ଧର୍ମକୁ ଆସିବାକୁ ଚାପ ଦେଇନୁ। ଆମେ ଆପୋସ ସମାଧାନ ଚାହୁଁଛୁ। ସେମାନେ ୨ ଦିନ ସମୟ ନେଇଛନ୍ତି। ଅଭିଯୋଗ ଶୁଣି ଚକିତ, ମିଛ ଅଭିଯୋଗ ଲଗାଇଲେ ଦୁଃଖ ଲାଗିବ ବୋଲି ସେ କହିଛନ୍ତି। ତେବେ ହ୍ୟୁମାନ ଓ ଶ୍ରୀୟାଙ୍କ ମଧ୍ୟରେ ଆପୋସ ବୁଝାମଣା ଦ୍ୱାରା ଘରୋଇ କଳି ସମାଧାନ ହେବ ବୋଲି ଚର୍ଚ୍ଚା ହେଉଛି। ଯଦିଓ ଶ୍ରୀୟା ଏ ବାବଦରେ କୌଣସି ମନ୍ତବ୍ୟ ଦେଇନାହାନ୍ତି, ତେବେ ୨ ଦିନର ମହଲତ ଅବଧି ମଧ୍ୟରେ ତାଙ୍କର ମନୋଭାବ ଜଣାପଡ଼ିବ ବୋଲି ଆଶା କରାଯାଉଛି।

# ବସ୍ତି ବୁଲିଲେ ତାମିଲନାଡୁ କ୍ରୀଡା ମନ୍ତ୍ରୀ ଷ୍ଟାଲିନ୍

ଭୁବନେଶ୍ୱର, ୨୦।୧ (ବ୍ୟୁରୋ)

ତାମିଲନାଡୁର ଯୁବ କଲ୍ୟାଣ ଓ କ୍ରୀଡ଼ା ଉନ୍ନୟନ ମନ୍ତ୍ରୀ ଥିରୁ ଉଦୟନିଧି ଷ୍ଟାଲିନ୍ ଶୁକ୍ରବାର ଭୁବନେଶ୍ୱରର ବସ୍ତି ଅଞ୍ଚଳ ବୁଲି ଦେଖିଛନ୍ତି। ଇଶାନେଶ୍ୱର ବିଜୁ ଆଦର୍ଶ କଲୋନୀ ଗସ୍ତରେ ଯାଇ ସହରବାସୀଙ୍କ ଜୀବନରେ ପରିବର୍ତ୍ତନ ଆଣୁଥିବା ଓଡ଼ିଶାର ଫ୍ଲାଗସିପ୍ ବିକାଶ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏଥିସହ ଜାଗା ମିଶନ ଅଧୀନରେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ବୁଲି ଦେଖିବା ସହ ବସ୍ତି ବାସିନ୍ଦା, ମିଶନ ଶକ୍ତି କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ବସ୍ତିରେ ରହୁଥିବା ବିଭିନ୍ନ ବର୍ଗ ତଥା ଗରିବ ଲୋକଙ୍କୁ ସଶକ୍ତ କରିବାକୁ ରାଜ୍ୟ ସରକାରଙ୍କ ଉଦ୍ୟମକୁ ସେ ଧନ୍ୟବାଦ ଦେଇଥିଲେ।

# କବିତା ଆବୃତ୍ତି ପ୍ରତିଯୋଗିତା


ପ୍ରତିଯୋଗିତାରେ ଯୋଗଦେଇଥିବା ଅତିଥି।

ସିଂହପୁର,୨୦।୧(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଖରସ୍ରୋତା ମହାବିଦ୍ୟାଳୟର ୪୪ତମ ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ସ୍ୱରଚିତ ଓଡ଼ିଆ କବିତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟବ୍ରତ ପାଢ଼ୀଙ୍କ ସଭାପତିତ୍ୱରେ ବିଚାରକ ମଣ୍ଡଳୀରେ ବ୍ୟଙ୍ଗକବି ବାଇଧର ମାଝି, ଆଶୁକବି ଖଗେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବେ ପ୍ରଧାପକ ସୁବୋଧ କୁମାର ନାୟକ ଯୋଗଦେଇ କବିତାର ଭାଷା ଓ ଭାବ ସର୍ବଜନଗ୍ରାହୀ ବୋଧଗର୍ମୀ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ସାଂସ୍କୃତିକ ପରିଷଦର ଉପସଭାପତି ପ୍ରଧାପକ ଶ୍ରୀକାନ୍ତ ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟତମ ଉପସଭାପତି ଅଧାପକ ଗଗନ ବିହାରୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧାପକ ପୂର୍ଣ୍ଣଚନ୍ଦ୍ର ସାମଲ ଉପସ୍ଥାପନା ଦାୟିତ୍ୱ ନିର୍ବାହ କରିଥିଲେ। ଶତାଧିକ ଛାତ୍ରୀଛାତ୍ର କବିତା ଆବୃତ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଧାପକ ଶ୍ରୀକାନ୍ତ ନାୟକ, ପୂର୍ଣ୍ଣଚନ୍ଦ୍ର ସାମଲ, ରୁପାଲୀ ମହାରଣା ସମସ୍ତ କବିତା ସଂଯୋଜନା କରିଥିଲେ। ଅଧାପକ ମିହିର ରାଉତ, ଅଧାପିକା ଜ୍ୟୋତିପ୍ରଭା ମହାନ୍ତି, ଅର୍ପିତା ସ୍ୱାଇଁ, ମୀନକେତନ ତ୍ରିପାଠୀ ଓ କଲେଜର ସମସ୍ତ ଅଧାପିକାଅଧାପକ, କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କାଇପଡ଼ା ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ବରୀ,୨୦।୧(ଡି.ଏନ.ଏ.): ଶିକ୍ଷା କ୍ଷେତ୍ରରେ ବରୀ ଅଞ୍ଚଳର ଛାତ୍ରୀଛାତ୍ର କିପରି ଆଗକୁ ଯିବେ ସେ କ୍ଷେତ୍ରରେ ବିଭାଗୀୟ ଅଧିକାରୀଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। କାଇପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ୫୭ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ବିଧାୟିକା ସୁନନ୍ଦା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମତ ରଖିଛନ୍ତି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିକୁଞ୍ଜ ବିହାରୀ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାହିତ୍ୟିକ ଡ. ଦାମୋଦର ବେହେରା, ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି, ମଣ୍ଡଳ ଶିକ୍ଷାଧିକାରୀ ଗୁରୁଚରଣ ଷଡ଼ଙ୍ଗୀ, ଅତିରିକ୍ତ ଶିକ୍ଷାଧିକାରୀ ଡ. ପ୍ରଭଞ୍ଜନ ପତି, ସ୍ଥାନୀୟ ସରପଞ୍ଚ ରଶ୍ମିତା ପରିଡ଼ା, ସମିତିସଭ୍ୟା ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ ମଞ୍ଚାସୀନ ହୋଇ ଆଜିର ଶିଶୁ ଆଗାମୀ ଦିନର ଭବିଷ୍ୟତ, ରକ୍ତତୀର୍ଥ କଳାମାଟିଆର ସର୍ବପୁରାତନ ବିଦ୍ୟାପୀଠରେ ଆମ୍ଭେମାନେ ଅତିଥି ହେବା ଅତ୍ୟନ୍ତ ସୌଭାଗ୍ୟର କଥା ବୋଲି ମତବ୍ୟକ୍ତ କରିଥିଲେ। ଅତିଥି ଶିକ୍ଷକ ଧନେଶ୍ୱର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ପ୍ରଧାନଶିକ୍ଷକ ଦାସ ସ୍ୱାଗତ ଭାଷଣ ଓ ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତିପ୍ରଭା ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ଓ କନିଷ୍ଠ ଉଭୟ ବାଳିକାବାଳକ ବିଭାଗରେ ୪ ଚାମ୍ପିୟନଙ୍କୁ ସିଲ, କପ୍ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ଓ ସମସ୍ତ ସାଧନକେନ୍ଦ୍ର ସଂଯୋଜକ ଉପସ୍ଥିତ ଥିଲେ। ସାଧନକେନ୍ଦ୍ର ସଂଯୋଜକ ଗଗନ ବିହାରୀ ସାହୁ ଧନ୍ୟବାଦ ଦେଇଥିଲେ।


ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଉପସ୍ଥିତ ଅତିଥି।

# ଉଦ୍ଧାର ମାଛରଙ୍କା ବିରାଡ଼ି ନନ୍ଦନକାନନ ଆସିଲା

ବାରଙ୍ଗ,୨୦।୧(ଡି.ଏନ୍.ଏ.) ଖୋର୍ଦ୍ଧା ଡିଭିଜନ ବାଲିଅନ୍ତା ରେଞ୍ଜ ନିକଟରୁ ଉଦ୍ଧାର ଅଣ୍ଡିରା ମାଛରଙ୍କା ବିରାଡିକୁ ଚିକିତ୍ସା ପାଇଁ ଶୁକ୍ରବାର ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ଅଣାଯାଇଛି। ମାଛରଙ୍କା ବିରାଡିକୁ ଅଜଣା ଗାଡି ଧକ୍କା ଦେଇଥିଲା। ଖବରପାଇ ବନ ବିଭାଗ ରାସ୍ତାରୁ ଗୁରୁତର ଅବସ୍ଥାରେ ତାକୁ ଉଦ୍ଧାର କରି ନନ୍ଦନକାନନକୁ ପଠାଇଛି। ତା’ର ବହୁଗୁଣିତ ଅସ୍ଥିର ଭଗ୍ନାବସ୍ଥା ସହ ମୁଣ୍ଡର ଖପୁରି ଏବଂ ତଳ ହନୁହାଡ ଭାଙ୍ଗିଛି। ଫଳରେ ଗୁରୁତର ଥିବାରୁ କର୍ତ୍ତୃପକ୍ଷ ପ୍ରଥମେ ବନ୍ୟପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସକମାନଙ୍କ ଦ୍ୱାରା ପ୍ରାଥମିକ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ଆହତ ମାଛରଙ୍କା ବିରାଡି ଆସିବା ପରେ ନନ୍ଦନକାନନରେ ଏହି ପ୍ରଜାତିର ବିରାଡି ସଂଖ୍ୟା ୩କୁ ବୃଦ୍ଧିପାଇଛି। ସେଥିମଧ୍ୟରେ ୨ ମାଈ ଓ ଗୋଟିଏ ଅଣ୍ଡିରା।

# ସୁପର ସିକ୍ସଟିନରେ ଅରାବଳ, ମିର୍ଜାପୁର

## କେଡିଏମ୍ କ୍ରିକେଟ

ଧର୍ମଶାଳା,୨୦।୧(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅଧୀନ ନୀଳକଣ୍ଠପୁର ଖେଳପଡ଼ିଆରେ ଚାଲିଥିବା କଳ୍ପତରୁ ଦାସ ମେମୋରିଆଲ(କେଡିଏମ୍)କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ୨ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ ବଡ଼କାଏମା ଟିମକୁ ୯ ରନରେ ପରାସ୍ତ କରି ଅରାବଳ ଟିମ୍ ବିଜୟୀ ହୋଇଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ କୋତପୁର ଟିମ୍‌କୁ ୩୧ରନରେ ପରାସ୍ତ କରି ମିର୍ଜାପୁର ଟିମ୍ ବିଜୟୀ ହୋଇ ସୁପରସିକ୍ସଟିନରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚ୍‌ରେ ଅରାବଳ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ୍ ହରାଇ ୧୩୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଜୟନ୍ତ ସାମଲ ୩୦ ରନ ଓ ସୁବ୍ରତ ପାଲ ୨୩ ରନ କରିଥିଲେ। ବିପକ୍ଷ ବଡ଼କାଏମା ଟିମର ସନ୍ତୋଷ ଶର ଓ ଅନିରୁଦ୍ଧ ବେହେରା ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବଡ଼କାଏମା ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୨୮ ରନ କରି ପରାସ୍ତ ହୋଇଥିଲା। ଦଳପକ୍ଷରୁ ଶକ୍ତିକାନ୍ତ ମଲିକ ୩୬ରନ ଓ ସମରେନ୍ଦ୍ର ରାଉତ ୩୫ରନ କରିଥିଲେ। ବିପକ୍ଷ ଅରାବଳ ଟିମର ସୁଜିତ ସାମଲ ୩ ଓ ଅନୁପ ସାମଲ ୨ ଉଇକେଟ ନେଇଥିଲେ।

ଦ୍ୱିତୀୟ ମ୍ୟାଚ୍‌ରେ ମିର୍ଜାପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୧୭୨ରନ କରିଥିଲା। ଦଳପକ୍ଷରୁ ଆଶିଷ ବେହେରା ୩୭ ରନ ଓ ତାରିଣୀ ପ୍ରସାଦ ଦାସ ୩୨ ରନ କରିଥିଲେ। ବିପକ୍ଷ କୋତପୁର ଟିମ୍‌ର ବସନ୍ତ କୁମାର ରାଉତ ଓ ସିଲନ ସାହୁ ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ କୋତପୁର ଟିମ୍ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୪୧ରନ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ସୌମେନ୍ଦ୍ର ସାମଲ ୪୩ ରନ ଓ ସିପୁନ ସେଠୀ ୪୨ ରନ କରିଥିଲେ। ବିପକ୍ଷ ମିର୍ଜାପୁର ଟିମର ଗୌରୀଶଙ୍କର ନାୟକ ୩ ଓ ସିପୁନ ଦାସ ୨ ଉଇକେଟ ନେଇଥିଲେ। ଉଭୟ ମ୍ୟାଚ୍‌କୁ ତ୍ରିଲୋଚନ ଦାସ, ଅଭିନାସ ସାମଲ ପରିଚାଳନା କରିଥିଲେ। ୨୩ ତାରିଖରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ସୁପରସିକ୍ସଟିନର ପ୍ରଥମ ମ୍ୟାଚ୍ ବୃନ୍ଦାଦେଇପୁର ଓ ମହେଶ୍ୱରପୁର ଏବଂ ଦ୍ୱିତୀୟ ମ୍ୟାଚ ଅଣ୍ଡିଆ ଓ ନଠୁଆବର ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ ଉପାଧ୍ୟକ୍ଷ ରଶ୍ମିରଞ୍ଜନ ରାୟ ସୂଚନା ଦେଇଛନ୍ତି।

# ଜେନାପୁର ଉଚ୍ଚ ବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା

ଜେନାପୁର,୨୦।୧(ଡି.ଏନ.ଏ.): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଟାଟା ଷ୍ଟିଲ୍ କମ୍ପାନୀ ପକ୍ଷରୁ ୩୪ତମ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟାଟା ଷ୍ଟିଲ୍ କର୍ମଚାରୀ ସରୋଜ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ ଯୋଗଦେଇ ବାପା, ଭାଇଙ୍କୁ ଗାଡ଼ି ଚଳେଇବାବେଳେ ହେଲମେଣ୍ଟ ପିନ୍ଧି ପାଇଁ କହିବା, ମୋବାଇଲ ଫୋନ୍ ବ୍ୟବହାର ନ କରିବା ଓ ଟ୍ରାଫିକ ନିୟମ ମାନିବା ପାଇଁ ଘରେ ସମସ୍ତେ ସବୁବେଳେ କହିବାକୁ ଛାତ୍ରୀଛାତ୍ରଙ୍କୁ ବୁଝାଇ କହିଥିଲେ। ସମ୍ମାନିତ ଅତିଥି ଭାବେ ଟାଟା ଷ୍ଟିଲ୍ କର୍ମଚାରୀ ମାନସ ସାହୁ, ଶିକ୍ଷକ ନିତ୍ୟାନନ୍ଦ ନାୟକ ଯୋଗଦେଇ ଆମ ସୁରକ୍ଷା ଆମ ହାତରେ କହିବା ସହ ଘରର ମୁରବୀ ଘରୁ ବାହାରି ଘରେ ପହଞ୍ଚିବା ପାଇଁ କାମନା ବୋଲି ପିଲାଙ୍କୁ କହିଥିଲେ। ଟାଟା ଷ୍ଟିଲ୍‌ର ସୁରକ୍ଷା କର୍ମୀମାନେ ଟ୍ରାଫିକର ଭିନ୍ନ ଭିନ୍ନ ସଂକେତ ବିଷୟରେ କହିବା ସହ ନିଜେ ନିଜର ବନ୍ଧୁ ବର୍ଗଙ୍କୁ ଟ୍ରାଫିକ ନିୟମ ବିଷୟରେ ଚିଠି ଲେଖି ଜଣାଇବା ପାଇଁ ଛାତ୍ରୀଛାତ୍ରଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ କାଳନ୍ଦୀ ଚରଣ ପଣ୍ଡା, ଶିକ୍ଷୟିତ୍ରୀ କବିତା ରାଉତଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସେହିପରି କମ୍ପାନୀ ପକ୍ଷରୁ କବାଟ ବନ୍ଧ ଉଚ୍ଚ ବିଦ୍ୟାଳୟ ପରିସରରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଡ. ନିହାର ରଞ୍ଜନ କର ମୁଖ୍ୟଅତିଥି ଭାବେ ଯୋଗଦେଇ ଟ୍ରାଫିକ ନିୟମ ବିଷୟରେ ପିଲାଙ୍କୁ ବୁଝାଇଥିଲେ। ମାର୍ଜିତାପୁର ଉଚ୍ଚ ବିଦ୍ୟାଳୟ ଓ ଜେନାପୁର କଲେଜ ପରିସରରେ ମଧ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।


ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।


ସଡ଼କ ସୁରକ୍ଷା ସଚେତନତା ପାଇଁ ଛାତ୍ରଛାତ୍ର ଶପଥ ପାଠ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୧ ଜାନୁୟାରୀ, ୨୦୨୩

**ନଳିନୀ ମହାନ୍ତିଙ୍କ ଜୟନ୍ତୀ ପାଳିତ**

ପଟ୍ଟାମୁଣ୍ଡାଇ,(ସ୍ୱ.ପ୍ର.): ପୂର୍ବତନ ମନ୍ତ୍ରୀ ତଥା ରାଜନଗର ଭୂମିପୁତ୍ର ଦିବଂଗତ ଜନନେତା ନଳିନୀକାନ୍ତ ମହାନ୍ତଙ୍କ ୭୩ ତମ ଜୟନ୍ତୀ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ନଗର କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନଙ୍କ ପୌରୋହିତ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ବହୁ ଛାମୁଆ ନେତା ଯୋଗଦେଇ ନଳିନୀ ବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବ୍ଲକ ସଭାପତି ମଳୟ ଦାସ,ନଗର ଉପସଭାପତି ଅବିନାଶ ଲେଙ୍କା, ସନାତନ ବିଶ୍ୱାଳ,କାଉନସିଲର ମଳୟ ଓଝା, ହିରଣ୍ୟ ରାଉତ, ଆଲୋକ ଧଳ, ସେକ ଅମରୁଲ,ଦିଲ୍ଲୀପ ମହାନ୍ତି, ପୁରୁଷୋତ୍ତମ ଗିରି, ଓଁକାର ମହାନ୍ତି, ଦେବାଶିଷ ମହାନ୍ତି, ବିରଞ୍ଚି ରାୟ, ମନୋରଞ୍ଜନ କର ଯୋଗ ଦେଇଥିଲେ।



## ସଂକ୍ଷେପରେ

### ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ପଟ୍ଟାମୁଣ୍ଡାଇ,୨୦।୧(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ମହିଳା ଉଚ୍ଚମାଧମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଗତ ୧୧ରୁ ଆରମ୍ଭ ହୋଇ ଶୁକ୍ରବାର ଅର୍ଥାତ୍ ୨୦ ତାରିଖରେ ଉଦଯାପିତ ହୋଇଯାଇଛି । ଅଧକ୍ଷା ଡ଼ ରାଜଲକ୍ଷ୍ମୀ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ପ୍ରତ୍ୟୁଷା ପ୍ରିୟଦର୍ଶନୀ ମୁଖ୍ୟଅତିଥି, ବିଦ୍ୟାଳୟର ପ୍ରାକ୍ତନ କର୍ମଚାରୀ ପ୍ରମୋଦ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବାଳିକାମାନଙ୍କ ଆତ୍ମରକ୍ଷା କୌଶଳ ଉପରେ ଆଲୋକପାତ କରିଥିଲେ । ଅଧାପିକା ପୁଷ୍ପାଳୀ ମହାନ୍ତି, ରୀତା ଦାସ,ଭାରତୀ ଦାସ, ରୁଦ୍ରାଣୀ ଦାସ ଓ ଅର୍ଚ୍ଚନା ସାମଲ ପ୍ରମୁଖ ବାଳିକା ଆତ୍ମରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ସଂଯୋଜିକା ଅଧାପିକା ଅଲକା ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ମୁଖ୍ୟଅତିଥି ଶିବିରରେ ଭାଗ ନେଇଥିବା ସମସ୍ତ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ଶେଷରେ ଅଧାପିକା ସୁକାନ୍ତି ଲେଙ୍କା ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ରାଜଲକ୍ଷ୍ମୀ ହାତୀ, ଲମ୍ବୋଦର ପାଢ଼ୀ, ସୁଧାଂଶୁ ଶେଖର ସାମଲ,ଶ୍ରୀବତ୍ସ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

### ନଳିନୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଶିବିର

ରାଜନଗର,୨୦।୧(ଡି.ଏନ.ଏ.): ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳସ୍ଥିତ ନଳିନୀକାନ୍ତ ଉଚ୍ଚ ବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ପକ୍ଷରୁ ଜାତୀୟ ସେବା ଶିବିର ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ପଞ୍ଚାୟତର ବାହାରଗଡ ଗାଁରେ ଏହି ସେବା ଶିବିର ଆରମ୍ଭ କରାଯାଇଛି। ଏହି ଶିବିରକୁ ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବ୍ରହ୍ମାନନ୍ଦ ତ୍ରିପାଠୀ, ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ତ୍ରୈଲୋଚନ ରାଉତ, ବାହାରଗଡ଼ ଗାଁର ମୁରବୀ ରତ୍ନାକର ମହାକୁଡ ପ୍ରମୁଖ ଯୋଗଦେଇଥିଲେ। ଶିବିରାର୍ଥୀମାନେ ଗାଁ ପୋଖରୀ, ନଳକୂପ ଚତୁଃପାର୍ଶ୍ୱ ସଫେଇ କରିବା ସହ ଗାଁ ପରିବେଶକୁ ସଫା ସୁତୁରା ରଖିବା ପାଇଁ ଘରକୁ ଘର ବୁଲି ଲୋକମାନଙ୍କୁ ସଚେତନ କରୁଛନ୍ତି। ଏହି ସେବା ଶିବିର ୨୫ ତାରିଖ ଯାଏ ଚାଲିବ ।

# କଟକ-ଚାନ୍ଦବାଲି ରାସ୍ତା ବୃକ୍ଷଶୂନ୍ୟ


କଟକ-ଚାନ୍ଦବାଲି ରାସ୍ତାରେ ଗୋଟିଏ ବି ଗଛ ନାହିଁ।

- ବନୀକରଣ ଅର୍ଥକୁ ନେଇ ପ୍ରଶ୍ନବାଚୀ
- ଅନଶନ ଓ ଧାରଣା ପରେ ବି ପ୍ରଶାସନ ନୀରବ

କେନ୍ଦ୍ରାପଡ଼ା ଅଫିସ, ୨୦।୧

ଜାନୁୟାରୀ ଅଧାରୁ ଶୀତ ଉଭାନ ହୋଇଛି। ଆଗକୁଆସୁଛିଖରାଦିନ। ସ୍ଥାନୀୟ ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସରେ ପହଞ୍ଚିବା ଏକ ସାଧାରଣ ଘଟଣା । ଏହା ଜାଣିବା ସତ୍ତ୍ୱେ କଟକ ଚାନ୍ଦବାଲି ରାଜ୍ୟ ରାଜପଥରେ ବନୀକରଣ ପାଇଁ ପଦକ୍ଷେପ ନିଆଯାଉ ନାହିଁ । ୧୬ ବର୍ଷ ପୂର୍ବେ ଏହି ରାସ୍ତାର ନବୀକରଣ ସମୟରେ କଟା ଯାଇଥିବା ଗଛ ଅଦ୍ୟାବଧି ଭରଣା ହୋଇ ନ ଥିବାରୁ ଚଳିତ ବର୍ଷ ରାଜ୍ୟ ରାଜପଥର ଯାତ୍ରୀଙ୍କୁ ଖରା ବାଧିବ ବୋଲି ସାଧାରଣ ଲୋକ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପାଢ଼ୀ କହିଛନ୍ତି, ୨୦୦୬ରେ ଏହି ରାସ୍ତାକୁ ରାଜ୍ୟ ରାଜପଥର ମାନ୍ୟତା ଦେଇ ନବୀକରଣ କାର୍ଯ୍ୟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ବର୍ଷ ଟେଣ୍ଡର ହୋଇ ମାତ୍ର ୩ ବର୍ଷ ମଧ୍ୟରେ ପ୍ରଶସ୍ତ ରାସ୍ତା ସହ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଠିକା ସଂସ୍ଥା ସହିତ ଚୁକ୍ତି ହୋଇଥିଲା । ଏଥିପାଇଁ ତତ୍କାଳୀନ ସମୟରେ କଟକ ଓ କେନ୍ଦ୍ରାପଡ଼ା ଜିଲାର ୯୫ଟି ଗ୍ରାମର ଜନବସତିକୁ ସ୍ଥାନାନ୍ତର ସହ ଦୋକାନ ବଜାର ଭଙ୍ଗାଯାଇ ଜମି ଅଧିଗ୍ରହଣ ହୋଇଥିଲା । ଏପରି କି ରାସ୍ତା ପ୍ରଶସ୍ତୀକରଣ ପାଇଁ ୬୪ଟି ଧର୍ମପୀଠ ଓ ଅନୁଷ୍ଠାନକୁ ସ୍ଥାନାନ୍ତର କରାଯାଇଥିଲା । ଏହା ସହିତ କଟକ ଜିଲାର ଜଗତପୁର ଠାରୁ ଭାୟା କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ ଦେଇ ଚାନ୍ଦବାଲି ପର୍ଯ୍ୟନ୍ତ ରାସ୍ତାର ପାର୍ଶ୍ୱରେ ଥିବା ବହୁ ପ୍ରାଚୀନ ଚାକୁଣ୍ଡା, ଆମ୍ବ, ଲିମ୍ବ, କରଞ୍ଜ ଆଦି ଗଛକୁ ହଣା ଯାଇଥିଲା । ଏପରି କି ରାଜକନିକା ବ୍ଲକ ଅଞ୍ଚଳରେ ଥିବା ହଜାର ହଜାର ଫଳନ୍ତି ନଡିଆ ଗଛକୁ କଟାଯାଇଛି। ଏହି ଘଟଣାକୁ ଇତିମଧ୍ୟରେ ୧୬ ବର୍ଷ ବିତିଛି । ବିଭିନ୍ନ କାରଣରୁ କାର୍ଯ୍ୟ ବନ୍ଦ ରହିଥିବା ଏହି ରାସ୍ତାର ନିର୍ମାଣ ୫ ବର୍ଷ ପୂର୍ବେ ସରିଛି। ରାସ୍ତା ନିର୍ମାଣ ପରେ ପାର୍ଶ୍ୱବର୍ତ୍ତୀ ସ୍ଥାନରେ ଗୋଟିଏ ବି ଗଛ ନାହିଁ । ଫଳରେ ଆସନ୍ତା ଖରାଦିନ ଯାତ୍ରୀଙ୍କ ପାଇଁ ଖରାପ ସମୟ ଆସୁଛି ବୋଲି ସେ ମତ ଦେଇଛନ୍ତି । ଏ ସମ୍ପର୍କରେ ସାମାଜିକ କର୍ମୀ ବାନାମ୍ବର ସାହୁ କୁହନ୍ତି, ରାସ୍ତା ନବୀକରଣ ସମୟରେ ପରିବେଶକୁ ବିଶେଷ ଭାବେ ଧ୍ୟାନ ଦିଆଯାଇଥାଏ । ରାସ୍ତା ପାର୍ଶ୍ୱରୁ ଗୋଟିଏ ଗଛ କଟାଗଲେ ୧୦ ଗୁଣା ଗଛ ଲଗାଇବା ପାଇଁ ପ୍ରାବଧାନ ଅଛି । ଯାହା ଜଗତପୁର-ଚାନ୍ଦବାଲି ରାଜ୍ୟ ରାଜପଥରେ ଲାଗୁ ହୋଇନାହିଁ । ଶହ ଶହ ବର୍ଷର ଫଳନ୍ତି ଗଛ କଟାଯାଇଛି । ଏହାର ଭରଣା ହୋଇନାହିଁ । ଅପରପକ୍ଷେ ରାସ୍ତା ନିକଟରେ ସରକାରୀ ଯୋଜନାରେ କେତେକ ଆକାଶୀ ଗଛ ଲଗାଯାଉଛି । ଯାହା ପରିବେଶର ସୁରକ୍ଷା ପାଇଁ ଯଥେଷ୍ଟ ନୁହେଁ । ଗମନାଗମନର ବିକାଶକୁ ସମସ୍ତେ ସ୍ୱାଗତ କରୁଛନ୍ତି । ଆବଶ୍ୟକ ମୁତାବକ ଗଛ କଟାଯାଉଛି । ତେବେ ଏହାର ଭରଣା ହେଉ ନ ଥିବାରୁ ପ୍ରାକୃତିକ ବିପର୍ଯ୍ୟୟର ଶିକାର ଜୀବଜଗତ ହେଉଥିବା ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି । ସେହିପରି ରାଜକନିକାସ୍ଥିତ ସମ୍ଭାବନା ଅନୁଷ୍ଠାନର ସ୍ୱେଚ୍ଛାସେବୀ ଶ୍ରୀକାନ୍ତ ନାୟକ କହିଛନ୍ତି, ବ୍ଲକ ଅଞ୍ଚଳର ଏହି ରାସ୍ତାର ବନୀକରଣ ନାମରେ ଆସିଥିବା ୮୭ ଲକ୍ଷ ଟଙ୍କା ହରିଲୁଟ ହୋଇଛି । ବ୍ଲକ ଅଞ୍ଚଳ ରାସ୍ତାର ଦୁଇ ପାର୍ଶ୍ୱରେ ୩୧୦୦ ନଡିଆ ଗଛ ଲଗାଇବା ପାଇଁ ଦୁଇ ପର୍ଯ୍ୟାୟରେ ନିଷ୍ପତ୍ତି ହୋଇଥିଲା । ତେବେ ନିମ୍ନମାନର ଗଛ ଓ ରକ୍ଷଣାବେକ୍ଷଣ ପାଇଁ ସମୁଦାୟ ୩୧ଟି ଗଛ ମଧ୍ୟ ରାସ୍ତାରେ ନାହିଁ। ଏଥିପାଇଁ ସମ୍ଭାବନା ପକ୍ଷରୁ ଆନ୍ଦୋଳନ ସହିତ ଅନଶନ ହୋଇଥିଲା । ତତ୍କାଳୀନ ଜିଲାପାଳ ରେଘୁଜି ଏହାର ତଦନ୍ତ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଅପରପକ୍ଷେ ନିମ୍ନମାନର କାର୍ଯ୍ୟ ହୋଇଥିବା ବନ ବିଭାଗ ପକ୍ଷରୁ ତଦନ୍ତ ପରେ ଆରଡିସିଙ୍କୁ ରିପୋର୍ଟ ଯାଇଛି । ଏହାକୁ ନେଇ ସମ୍ଭାବନା ଅନୁଷ୍ଠାନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ପ୍ରକାଶ କରିଛନ୍ତି । ଏଡିଏମ୍ ପୀତାମ୍ବର ସାମଲ କହିଛନ୍ତି, ରାଜ୍ୟ ରାଜପଥ ବନୀକରଣକୁ ନେଇ ହୋଇଥିବା ଅଭିଯୋଗର କିଛି ମାତ୍ରାରେ ତଦନ୍ତ ହୋଇଛି । ଏହି ତଦନ୍ତ ଶେଷ ହେଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୨୨ରୁ ମହିପାଳରେ ରାଜ୍ୟସ୍ତରୀୟ ପୁସ୍ତକ ମେଳା

କେନ୍ଦ୍ରାପଡା ଅଫିସ, ୨୦।୧

କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ୍) ପକ୍ଷରୁ ସହରର ମହିପାଳ ଟେଲିକମ ଗ୍ରାଉଣ୍ଡଠାରେ ବିଂଶତମ ରାଜ୍ୟସ୍ତରୀୟ ପୁସ୍ତକ ମେଳା ଆୟୋଜିତ ହୋଇଛି । ଏହା ଆସନ୍ତା ୨୨ରୁ ଆରମ୍ଭ ହୋଇ ୨୯ରେ ଉଦ୍‌ଯାପନ ହେବ । ଅପରାହ୍ନ ୫ଟାରେ ଏହି ମେଳାକୁ ସ୍ତମ୍ଭକାର ହରପ୍ରସାଦ ଦାସ ଉଦ୍‌ଘାଟନ କରିବେ । କେମ୍ ସଭାପତି ଇଂ. ଅକ୍ଷୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ପୁସ୍ତକ ମେଳା ସଭାରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ପ୍ରାବନ୍ଧିକ ଡ. ନଟବର ଶତପଥୀ, ରାଜାରାମ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ । ଏହି ଅବସରରେ କେମ୍‌ର ମୁଖପତ୍ର କେନ୍ଦ୍ରାପଡ଼ା ପରିକ୍ରମାର ପୁରାତନ ମନ୍ଦିର ବିଶେଷାଙ୍କ ଲୋକାର୍ପଣ ହେବ । ସେହିପରି ୨୩ ତାରିଖରେ ରାଷ୍ଟ୍ର ଚେତନାରେ 'ଗାନ୍ଧୀ ଓ ସୁଭାଷ' ଶୀର୍ଷକ ଆଲୋଚନାଚକ୍ର ହେବ । ୨୪ରେ ଚିର ସବୁଜ ଅକ୍ଷୟ ମହାନ୍ତି ସ୍ମୃତି ସନ୍ଧ୍ୟା, ୨୫ରେ ସାହିତ୍ୟ ସଭା ଓ କବିତା ପାଠୋତ୍ସବ, ୨୬ରେ ବିଶ୍ୱ ଗ୍ରାମ ଓ ସାମ୍ପ୍ରତିକ ଓଡ଼ିଆ କବିତା ସମ୍ପର୍କିତ ଆଲୋଚନାଚକ୍ର, ୨୭ରେ ସାହିତ୍ୟ ସଭା ଓ କବିତା ଆସର, ୨୮ରେ ଆସ୍ଥା ଓ ବିଶ୍ୱାସର ନୂତନ ପ୍ରସ୍ଥ ଓ ସମକାଳୀନ ଓଡ଼ିଆ ଗଳ୍ପ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହେବ । ୨୯ ତାରିଖ ଉଦ୍‌ଯାପନୀ ସଭାରେ ପ୍ରାବନ୍ଧିକ ଡ. ପ୍ରଫୁଲ୍ଲ କୁମାର ମହାନ୍ତି, ସୂଚନା ଆୟୁକ୍ତ ଦିଲ୍ଲୀପ ବିଷୋୟୀ, ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ ଓ ବରିଷ୍ଠ କବି ନିରାକାର ଦାସ ଯୋଗ ଦେବେ । ଏହି ପୁସ୍ତକ ମେଳା ଅବସରରେ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ଥିବାବେଳେ ସମ୍ବର୍ଦ୍ଧନା, ପୁସ୍ତକ ଉନ୍ମୋଚନ ଆଦି କାର୍ଯ୍ୟକ୍ରମ ରହିଥିବା ମୁଖ୍ୟ ଉପଦେଷ୍ଟା ଡ. ବିରଜା ରାଉତରାୟ ଓ ସମ୍ପାଦକ ମହମ୍ମଦ ଜାହିଦ ଖାନ ସୂଚନା ଦେଇଛନ୍ତି ।

# ବୋହୂଙ୍କୁ ଧର୍ମ ପରିବର୍ତ୍ତନ ପାଇଁ ବାଧ କରାଯାଇନାହିଁ

## ହ୍ୟୁମାନ୍ ସାଗରଙ୍କ ଘରୋଇ କଳି ପ୍ରସଙ୍ଗ

କଟକ ଅଫିସ,୨୦।୧




କାଉନ୍‌ସେଲିଂ ପରେ କଟକ ମହିଳା ଥାନା ବାହାରକୁ ଆସି ପରସ୍ପରକୁ ଆକ୍ଷେପ-ପ୍ରତିଆକ୍ଷେପ କରିଥିବା ଓଲିଉଡ୍ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମାମଲା ଶୁକ୍ରବାର ଟିକେ ଅଲଗା ଅଲଗା ଲାଗିଛି। ହ୍ୟୁମାନ ଓ ତାଙ୍କ ମା' ଶେଫାଳୀ ସୁନା ବୋହୂ ଶ୍ରୀୟା ମିଶ୍ର ଓ ତାଙ୍କ ବାପାଙ୍କୁ କଟୁକ୍ତି କରିଥିଲେ। ହେଲେ ଏବେ ସମ୍ପୂର୍ଣ୍ଣ ଭାବେ ସଚେତନ ହୋଇ ବୋହୂଙ୍କୁ ଘରକୁ ଫେରାଇ ଆଣିବାକୁ ଚାହୁଁଥିବା ଶେଫାଳୀ କହିଛନ୍ତି। ଏଥିସହ ସେ ଆହୁରି କହିଛନ୍ତି, ବୋହୂଙ୍କୁ ଧର୍ମ ପରିବର୍ତ୍ତନ ପାଇଁ ବାଧ କରାଯାଇନାହିଁ। ସେ ଶାଶୁଘରେ ଜଗନ୍ନାଥ, ଗଣେଶଙ୍କ ମୂର୍ତ୍ତି ରଖି ପୂଜା କରିଥାନ୍ତି। ତାଙ୍କୁ କୌଣସି କାମ ପାଇଁ ବାଧ କରାଯାଇନାହିଁ। ବୋହୂ ଘରେ ସ୍ୱଇଚ୍ଛାରେ ପୂଜା କରିବା ସହ ତାଙ୍କ ମାଆବାପା ଆସିଲେ ସେମାନେ ମଧ ପୂଜା କରିଥାନ୍ତି। ନାତୁଣୀ ଓ ବୋହୂଙ୍କୁ ବେଶି ମନେ ପକାଉଛି। ପୁଅବୋହୂ ଏକାଠି ରୁହନ୍ତୁ, ଏତିକି ଚାହୁଁଛନ୍ତି ବୋଲି ଶେଫାଳୀ କହିଛନ୍ତି। ସେହିପରି ହ୍ୟୁମାନ୍ ସାଗର ଗଣମାଧ୍ୟମକୁ କହିଛନ୍ତି, ଶ୍ରୀୟା ଓ ତାଙ୍କ ପରିବାରକୁ ଆମ ପରିବାର ବହୁତ ଭଲପାଉ। ସବୁ ଧର୍ମକୁ ସମ୍ମାନ କରୁ। କାହାକୁ ଆମ ଧର୍ମକୁ ଆସିବାକୁ ଚାପ ଦେଇନୁ। ଆମେ ଆପୋସ ସମାଧାନ ଚାହୁଁଛୁ। ସେମାନେ ୨ ଦିନ ସମୟ ନେଇଛନ୍ତି। ଅଭିଯୋଗ ଶୁଣି ଚକିତ, ମିଛ ଅଭିଯୋଗ ଲଗାଇଲେ ଦୁଃଖ ଲାଗିବ ବୋଲି ସେ କହିଛନ୍ତି। ତେବେ ହ୍ୟୁମାନ ଓ ଶ୍ରୀୟାଙ୍କ ମଧରେ ଆପୋସ ବୁଝାମଣା ଦ୍ୱାରା ଘରୋଇ କଳି ସମାଧାନ ହେବ ବୋଲି ଚର୍ଚ୍ଚା ହେଉଛି। ଯଦିଓ ଶ୍ରୀୟା ଏ ବାବଦରେ କୌଣସି ମନ୍ତବ୍ୟ ଦେଇନାହାନ୍ତି, ତେବେ ୨ ଦିନର ମହଲତ ଅବଧି ମଧରେ ତାଙ୍କର ମନୋଭାବ ଜଣାପଡ଼ିବ ବୋଲି ଆଶା କରାଯାଉଛି।

# ଦେଶରେ ଆସିକା ଥାନା ଶ୍ରେଷ୍ଠ

## ଟ୍ରଫି ଗ୍ରହଣ କଲେ ଥାନା ଅଧିକାରୀ

ଆସିକା,୨୦।୧(ଡି.ଏନ୍.ଏ.)


କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କଠାରୁ ଆସିକା ଥାନା ଅଧିକାରୀ ଟ୍ରଫି ଗ୍ରହଣ କରୁଛନ୍ତି।

କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ହୋଇଥିବା ସର୍ଭେରେ ଦେଶର ଶ୍ରେଷ୍ଠ ୩ଟି ଥାନା ମଧରେ ଆସିକା ଥାନା ରହିଥିଲା । ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ଜାତୀୟ କୃଷି ବିଜ୍ଞାନ ଭବନ ପରିସରରେ ଅନୁଷ୍ଠିତ ବିଭିନ୍ନ ରାଜ୍ୟର ପୋଲିସ ମହାନିର୍ଦ୍ଦେଶକମାନଙ୍କ ସମ୍ମିଳନୀରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କୁ ଟ୍ରଫି ପ୍ରଦାନ କରିଛନ୍ତି। ଥାନା ଅଧିକାରୀ ସାହୁ ଏହି ସମ୍ମାନ ଗ୍ରହଣ କରିବା ପରେ ଆସିକା ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ୨୦୨୨ରେ ଦେଶର ବିଭିନ୍ନ ଥାନାର କାର୍ଯ୍ୟଦକ୍ଷତା ଉପରେ ସର୍ଭେ କରାଯାଇଥିଲା। ଥାନା ପରିଚାଳନାରେ ବୃତ୍ତିଗତ ପାରଦର୍ଶିତା, ସ୍ୱଚ୍ଛତା, ନିଷ୍ଠାପରତା, ତ୍ୱରିତ କାର୍ଯ୍ୟାନୁଷ୍ଠାନ, ଜନସାଧାରଣଙ୍କ ପ୍ରତି ଉତ୍ତମ ବ୍ୟବହାର, କର୍ତ୍ତବ୍ୟ ପ୍ରତିବଦ୍ଧତା, ଦଣ୍ଡବିଧାନ, ଦଳଗତ କାର୍ଯ୍ୟ, ପ୍ରଯୁକ୍ତି ବିଦ୍ୟା, ପରିବର୍ତ୍ତନ ଏବଂ ସମୟସୀମା ମଧରେ କାର୍ଯ୍ୟ ସମ୍ପାଦନ ଭଳି ୧୬୫ଟି ବିଷୟ ଆଧାରରେ ଉତ୍ତମ ପ୍ରଦର୍ଶନ କରି ଆସିକା ଥାନା ସଫଳତା ହାସଲ କରିଥିଲା। ଯାହାକି ସର୍ବ ଭାରତୀୟ ସ୍ତରରେ ଓଡିଶା ପୋଲିସ ପାଇଁ ଏହା ପ୍ରଥମ ବୋଲି ଜଣାପଡିଛି । ସୂଚନାଯୋଗ୍ୟ, କିଛିଦିନ ପୂର୍ବେ ଓଡ଼ିଶା ଅପରାଧ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପ୍ରଥମ କରି ରାଜ୍ୟର ୬୪୩ ଥାନାର ବିଭିନ୍ନ କାର୍ଯ୍ୟର ସମୀକ୍ଷା ଲାଗି କରାଯାଇଥିବା ପ୍ରଗତି ଡ୍ୟାସ ବୋର୍ଡରେ ଆସିକା ଥାନା ପ୍ରଥମ ସ୍ଥାନ ହାସଲ କରିଥିଲା।

### ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପରଲୋକ

ଆଳି,୨୦।୧(ଡି.ଏନ.ଏ.)

ସ୍ଥାନୀୟ ଶରତ କୁମାର ଦେବ ଉଚ୍ଚ ବିଦ୍ୟାଳୟର ଚତୁର୍ଥଶ୍ରେଣୀ କର୍ମଚାରୀ ଗୋବିନ୍ଦ ଚନ୍ଦ୍ର ରାୟଙ୍କ ଗୁରୁବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୫୯ ବର୍ଷ ହୋଇଥିଲା। ସେ କିଛିଦିନ ହେବ ଅସୁସ୍ଥ ଥିଲେ । ସେ ଆଳି ଗୀତା ଆଶ୍ରମର ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଆଳି ବ୍ଲକ ଅଧକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଦସ୍ୟ ଭୀଷ୍ମ ମହାନ୍ତି, ଶରତ କୁମାର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମଲ୍ଲିକ, ଶିକ୍ଷାବିତ୍ ବନମାଳୀ ସେନାପତି, ଶିବ ପ୍ରସାଦ ସାହୁ, ପ୍ରକାଶ ନାୟକ, ସୁକାନ୍ତ ଦାଶ ପ୍ରମୁଖ ଗୋବିନ୍ଦ ରାୟଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ।

## ମହାବୀର ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ୍

# ଫାଇନାଲରେ ଜଗତ୍‌ସିଂହପୁର ଟିମ୍

ରାଜନଗର,୨୦।୧(ଡି.ଏନ.ଏ.)

ସ୍ଥାନୀୟ ମଦନପୁର ଯଜ୍ଞ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ମଦନପୁର ମହାବୀର ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚରେ ବାଲାବାବା କ୍ରିକେଟ କ୍ଲବ୍ କେନ୍ଦ୍ରାପଡାକୁ ହରାଇ ହିନ୍ଦୁସ୍ଥାନ କ୍ରିକେଟ କ୍ଲବ ଜଗତସିଂହପୁର ୨ୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଜଗତସିଂହପୁର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରୁ ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୦ ରନ କରିଥିଲା। ଦଳର ଚନ୍ଦ୍ରକାନ୍ତ ସାହୁ ୧୯ ବଲରୁ ୫ ଚୌକା ସହାୟତାରେ ୨୮ରନ ଓ କିଶାନ ରଥ ୧୨ ବଲରୁ ଗୋଟିଏ ଛକା ଓ ଗୋଟିଏ ଚୌକା ସହାୟତାରେ ୧୪ ରନ କରିଥିଲା। କେନ୍ଦ୍ରାପଡ଼ାର ପ୍ରତ୍ୟୁଷ ପ୍ରଧାନ ୪ ଓଭରରେ ୩୪ ରନ ଦେଇ ୩ ଉଇକେଟ ଓ ବିଜୟ ଦାସ ୪ ଓଭର ବୋଲିଂ କରି ୨୦ ରନ ଦେଇ ୨ଟି ଉଇକେଟ୍ ହାସଲ କରିଥିଲେ। ୧୨୧ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ବାଲାବାଲା କ୍ରିକେଟ କ୍ଲବ୍ ୧୫.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୧୫ ରନ କରି ପରାଜିତ ହୋଇଥିଲା। ଦଳର ଚିତ୍ତ ରଞ୍ଜନ ପରିଡା ୨୨ ବଲରୁ ୩ ଛକା ଓ ୪ଟି ଚୌକା ସହାୟତାରେ ୩୯ ରନ, ପ୍ରତ୍ୟୁଷ ପ୍ରଧାନ ୧୦ଟି ବଲରେ ୧ଟି ଛକା ୩ଟି ଚୌକା ସହାୟତାରେ ୧୯ ରନ କରିଥିଲେ। ଜଗତସିଂହପୁରର ଲାଲୁ ମହାନ୍ତି ୪ ଓଭର ବୋଲିଂ କରି ୧୪ ରନ ୩ ଉଇକେଟ ଓ ଚନ୍ଦ୍ରକାନ୍ତ ସାହୁ ୪ ଓଭର ବୋଲିଂ କରି ୩୦ ରନ ଦେଇ ୨ ଉଇକେଟ ନେଇଥିଲେ। ଜଗତସିଂହପୁରର ଚନ୍ଦ୍ରକାନ୍ତ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଳ ବଳ, ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟାପିକା ଭଗବତୀ ରାଉତ, ଡାମରପୁରର ପଞ୍ଚାୟତର ସାମାଜିକକର୍ମୀ ବସନ୍ତ ନାଥ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ବଂଶୀଧର ସ୍ୱାଇଁ, ନିରଞ୍ଜନ ଦାସ, ଅଞ୍ଜନ ବେହୁରା ଅମ୍ପାୟାର ଭୂମିକା ତୁଲାଇ ଥିବା ବେଳେ ମହାବୀର ୟୁଥ୍ କ୍ଲବର ସଭ୍ୟମାନେ ଖେଳ ପରିଚାଳନା କରିଥିଲେ।

# ୨୦ ଫୁଟ୍ କେନାଲ ଡେଇଁଲା ବାଇକ୍, ଯୁବକ ମୃତ

ରାଜନଗର,୨୦।୧(ଡି.ଏନ.ଏ.)

ରାଜନଗର ବାଇପାସ୍ ରାସ୍ତାର କାମ ସରିନି। ସେହି ରାସ୍ତା ଉଦ୍‌ଘାଟନ ହେବା ପୂର୍ବରୁ ଦୁର୍ଘଟଣା ଘଟି ଗୁରୁବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ ପଲସର ଚାଳକ ବୁଲାଣିରେ ଗାଡ଼ି ବୁଲାଇବା ପରିବର୍ତ୍ତେ ଗାଡ଼ିରୁ ଭାରସାମ୍ୟ ହରାଇ ବସିଥିଲେ । ଫଳରେ ଗାଡ଼ିଟି ସିଧା ୨୦ ଫୁଟ କେନାଲ ଡେଇଁ ସେପଟେ ପଡିଥିଲା । ଫଳରେ କେନାଲ ବନ୍ଧରେ ପିଟି ହୋଇ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଜନଗର ଥାନା ଅନ୍ତର୍ଗତ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଦକ୍ଷିଣଭେଡା ଗାଁର ଲକ୍ଷ୍ମଣ ରାଉତ (୨୪) । ସୂଚନା ଅନୁଯାୟୀ,ରାଜନଗର ଜୟଗୁରୁ ଆଶ୍ରମଠାରୁ ତାଳଚୁଆକୁ ସଂଯୋଗ କରୁଥିବା ଏହି ନୂତନ ବାଇପାସ୍ ରୋଡ ଏଯାଏ କାର୍ଯ୍ୟକ୍ଷମ ହୋଇନି। ହେଲେ ଗୁରୁବାର ରାତିରେ ଲକ୍ଷ୍ମଣ ଏକ କଳା ପଲସର (ନଂ. ଓଡି ୨୯ ଜେ ୫୨୮୯)ରେ ରାଜନଗର ଆସୁଥିଲେ। ବାଇପାସ୍ ରୋଡରେ ଗାଡ଼ିଟି ଦ୍ରୁତଗତି ଆସୁଥିବାରୁ ଏପରି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି । ଲକ୍ଷ୍ମଣଙ୍କ କାନ, ନାକ ଓ ମୁଣ୍ଡରୁ ରକ୍ତ ସ୍ରାବ ହୋଇଥିବା ପୋଲିସ କହିଛି । ଶୁକ୍ରବାର ସକାଳେ ସ୍ଥାନୀୟ ଲୋକେ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ତଦନ୍ତ ପରେ ମୃତ ଯୁବକଙ୍କ ପରିଚୟ ମିଳିଥିଲା। ଲକ୍ଷ୍ମଣଙ୍କ ପରିବାର ଲୋକେ ପହଞ୍ଚିବା ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଲକ୍ଷ୍ମଣ ଗୁରୁବାର ରାତି ପ୍ରାୟ ସାଢେ ୧୦ଟା ସମୟରେ ଶେଷ କଲ୍ ତାଙ୍କ ଭଉଣୀଙ୍କ ପାଖକୁ କରିଥିଲେ ବୋଲି ରାଜନଗର ଥାନାର ସବ୍‌ଇନ୍ସପେକ୍ଟର ଅଜୟ କୁମାର ସାହୁ ସୂଚନା ଦେଇଛନ୍ତି।

# ନଳିନୀ ମହାନ୍ତିଙ୍କ ଜନ୍ମବାର୍ଷିକ ପାଳିତ

ରାଜନଗର,୨୦।୧(ଡି.ଏନ.ଏ.)


ନଳିନୀ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଉଛି।

ପୂର୍ବତନ ମନ୍ତ୍ରୀ ତଥା ରାଜନଗରର ଭୂମିପୁତ୍ର ସ୍ୱର୍ଗତ ନଳିନୀକାନ୍ତ ମହାନ୍ତିଙ୍କ ୭୩ତମ ଜନ୍ମ ବାର୍ଷିକୀ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ନେତା ଅଶୋକ କୁମାର ବଳ, ସନ୍ତୋଷ କୁମାର ମହାନ୍ତି, ଅନନ୍ତ କୁମାର ସେଠୀ, ପାରେଶ୍ୱର ନାୟକ, ମୋହନ କୁମାର ଦାସ, ସୁକାନ୍ତ କୁମାର ଦାସ, ସରୋଜ କୁମାର ଜେନା, ଶତ୍ରୁଘ୍ନ ପରିଡା, ବିଚିତ୍ର ମଲିକ, ମାଗୁଣି ଲେଙ୍କା ପ୍ରମୁଖ ଯୋଗଦେଇ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଥିବା ନଳିନୀବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ନଳିନୀ ମହାନ୍ତିଙ୍କ ସ୍ୱପ୍ନର ସଶକ୍ତ ଓ ସମୃଦ୍ଧ ରାଜନଗର ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାରେ ଶତାଧିକ ନଳିନୀ ପ୍ରେମୀ ଅଂଶଗ୍ରହଣ କରିବା ସହିତ ସ୍ୱର୍ଗତ ମହାନ୍ତିଙ୍କ ରାଜନଗର ପ୍ରତି ଥିବା ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ତାଙ୍କ ପୁଅ ଅଂଶୁମାନ ମହାନ୍ତିଙ୍କ ନେତୃତ୍ୱରେ ରାଜନଗରର ବିକାଶ କରିବା ପାଇଁ ସମସ୍ତେ ଶପଥ ନେଇଥିଲେ। ଛାତ୍ର କଂଗ୍ରେସ ସଭାପତି ସତ୍ୟବ୍ରତ ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ରାଜନଗରର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରବିନ୍ଦ୍ର କୁମାର ପଢ଼ିହାରୀ ଓ ବିଜୟ କୁମାର ପରିଡ଼ା ପରିଚାଳନା କରିଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ତାଲିକାରେ ଅନିୟମିତତା

ରାଜନଗର,୨୦।୧(ଡି.ଏନ.ଏ.)



ବ୍ଲକ୍ ସମ୍ମୁଖରେ ଧାରଣା ଦେଇଥିବା ହିତାଧିକାରୀ ।

ଗାଁ ଗହଳିରେ ମୁଣ୍ଡ ଗୁଞ୍ଜିବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିବ । ଏଥିପାଇଁ ଗତ ସାଢେ ୩ ବର୍ଷ ହେବ ଲୋକେ ସରକାରଙ୍କ ଆବାସ ତାଲିକାକୁ ଚାହିଁ ରହିଥିଲେ। ସରକାର ଘର ଦେବେ, ମାଟି ଘର ଭାଙ୍ଗିବୁ, କୋଠାଘର ଖଣ୍ଡେ ନିର୍ମାଣ କରିବୁ , ଏମିତି କେତେ ସ୍ୱପ୍ନ ଓ ଆଶା ବାନ୍ଧିଥିଲେ ଗାଁର ଗରିବ ଗୁରୁବା ଲୋକେ। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ଆବାସ ଯୋଜନାକୁ ନେଇ ଟଣା ଓଟରା ଚାଲିଥିବାରୁ ଏଥିପାଇଁ ବହୁ ବିଳମ୍ବ ଘଟିଥିଲା । ହେଲେ ଗତ ୧୬ ତାରିଖରେ ରାଜ୍ୟର ପ୍ରତି ପଞ୍ଚାୟତ ଏବଂ ବ୍ଲକ କାନ୍ଥରେ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନ କରିବା ପାଇଁ ହିତାଧିକାରୀଙ୍କ ତାଲିକା ପ୍ରକାଶ ପାଇଛି। ହେଲେ ସେଥିରେ ବହୁ ହିତାଧିକାରୀ ବାଦ୍ ପଡିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ଶୁକ୍ରବାର ବେଲପାଳ ପଞ୍ଚାୟତର ହିତାଧିକାରୀ ରାଜନଗର ବ୍ଲକ ସମ୍ମୁଖରେ ଆମରଣ ଅନଶନରେ ବସିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ରାଜନଗର

## ବ୍ଲକ୍ ସମ୍ମୁଖରେ ଆମରଣ ଅନଶନ

ବ୍ଲକରେ ୪୦୫୦ ଜଣ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ ହୋଇଥିଲା। ସ୍କ୍ରିନ ପରେ ୩୮୪୦ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି। ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହିତାଧିକାରୀଙ୍କ ବାଦ୍ ଏହି ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନ କରାଯିବ। ପ୍ରଥମ ଦଫାରେ ରାଜନଗର ବ୍ଲକରେ ୩୮୪୦ ହିତାଧିକାରୀଙ୍କ ମଧ୍ୟରୁ ମାତ୍ର ୧୭୨୮ଜଣଙ୍କ ନାଁ ପ୍ରକାଶ ପାଇଛି। ଏହି ୧୭୨୮ଜଣଙ୍କ ମଧ୍ୟରେ କିଏ ଅଯୋଗ୍ୟ, ସେ ନେଇ ଅଭିଯୋଗ ଦେବା ପାଇଁ ସମୟସୀମା ଧାର୍ଯ୍ୟ ହୋଇଛି। ଅବଶିଷ୍ଟ ହିତାଧିକାରୀଙ୍କ ନାଁ ପ୍ରକାଶ ପାଇନାହିଁ। ଦୀର୍ଘ ସାଢେ ୩ ବର୍ଷ ପରେ ପ୍ରଧାନମନ୍ତ୍ରୀ ଆବାସ ମିଳୁଥିବା ବେଳେ ପ୍ରଥମ ଦଫା ତାଲିକାରେ ନାଁ ନ ଥିବାରୁ ବିଭିନ୍ନ ପଞ୍ଚାୟତରେ ଏ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ସେହିପରି ବେଲପାଳ ପଞ୍ଚାୟତରେ ୨୧୩ ହିତାଧିକାରୀଙ୍କ ତାଲିକା ପୂର୍ବରୁ ପ୍ରସ୍ତୁତ ହୋଇଥିଲା। ସେମାନଙ୍କ ମଧ୍ୟରୁ ମାତ୍ର ୭୫ ଜଣଙ୍କ ନାଁ ପ୍ରଥମ ଦଫାରେ ପ୍ରକାଶ ପାଇଛି। ଆମେମାନେ ଗରିବ ଲୋକ, ଆମର କୋଠାଘର ନାହିଁ। ଆମେ ପୂର୍ବରୁ କେବେ ସରକାରୀ ବାସଗୃହ ପାଇନାହୁଁ। ଆମ ନାଁ କିପରି ବାଦ୍ ପଡିଲା ବୋଲି ଅଭିଯୋଗକରି ଆଜି ବେଲପାଳ ପଞ୍ଚାୟତର ହିତାଧିକାରୀ ରାଜନଗର ବ୍ଲକ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ । ସୁଲୋଚନା ବିଶ୍ୱାଳ, ମଞ୍ଜୁଲତା ସାହୁ, ଜାନକୀ ପରିଡା, ଜ୍ୟୋତ୍ସ୍ନାରାଣୀ ପଣ୍ଡା, ଉଷାରାଣୀ ପରିଡା, ଦିଲ୍ଲୀପ ଦାସ, ବିଚିତ୍ର ମହାନ୍ତି ପ୍ରମୁଖ ହିତାଧିକାରୀ ଆମରଣ ଅନଶନରେ ବସିଥିଲେ। ସମସ୍ତଙ୍କ ନାଁ ଅଛି, ଯାହାର ନାଁ କଟିଛି ବୋଲି କହୁଛ, ସମସ୍ତେ ବ୍ୟକ୍ତିଗତ ଭାବେ ଆବେଦନ କରନ୍ତୁ। କୌଣସି ଯୋଗ୍ୟ ବ୍ୟକ୍ତିଙ୍କୁ କଟାଯିବ ନାହିଁ। ୭ଦିନ ଭିତରେ ଏହାର ତଦନ୍ତ କରାଯିବ ବୋଲି ବିଡିଓ ରବିନ୍ଦ୍ର କୁମାର ପ୍ରଧାନ ପ୍ରତିଶ୍ରୁତି ଦେବା ପରେ ହିତାଧିକାରୀମାନେ ଅନଶନରୁ ଉଠିଥିଲେ ।

## ସଂକ୍ଷେପରେ

### ମହେନ୍ଦ୍ରତନୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଆର.ଉଦୟଗିରି,୨୦ା୧(ଡି.ଏନ.ଏ.)- ସ୍ଥାନୀୟ ମହେନ୍ଦ୍ରତନୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦଯାପିତ ହୋଇଯାଇଛି। ଗତ ୧୭ ତାରିଖଠାରୁ ଆରମ୍ଭ ହୋଇଥିବା ବାର୍ଷିକ କ୍ରୀଡ଼ାକୁ ଅଧକ୍ଷ ଦାୟିତ୍ୱରେ ଥିବା ଅଧାପକ ନିଳାଚଳ ପାଣିଗ୍ରାହୀ ଉଦଘାଟନ କରିଥିଲେ । ଛାତ୍ରୀଛାତ୍ରମାନେ ୧୦୦ ମିଟର, ୨୦୦ ମିଟର ଦୌଡ଼, ଲମ୍ଫଡ଼ିଆଁ, ସଟଫୁଟ, ଡିସକସ୍ ଥ୍ରୋ, କବାଡ଼ି, ଭଲିବଲ, କ୍ରିକେଟ, କ୍ୟାରେମ, ରିଙ୍ଗବଲ, ଦୌଡ଼ିଡ଼ିଆଁ, ମ୍ୟୁଜିକାଲ ଚେୟାର ଇତ୍ୟାଦି ଖେଳରେ ଭାଗ ନେଇଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୁମନ୍ତ କୁମାର ବେହେରା ଖେଳଗୁଡ଼ିକୁ ପରିଚାଳନା କରିଥିବା ବେଳେ ଅଧାପକ ନିରଞ୍ଜନ ପାଣିଗ୍ରାହୀ, ଅଧାପିକା ଗାୟତ୍ରୀ ସାବତ, ଅଧାପିକା କୃତାଞ୍ଜଳୀ ରାଇକା, ଡିଇଓ ଦ୍ୱୀତିକୃଷ୍ଣ ପ୍ରଧାନ, ପିଅନ ସୋମନାଥ ପାଇକ, ରାଘବ ନାରାୟଣ ଗନ୍ତାୟତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ପୂର୍ବତନ ପୋଲିସ ଅଧିକାରୀଙ୍କୁ ଛୁରିରେ ଆକ୍ରମଣ ଘଟଣାରେ ଯୁବକ ଗିରଫ

ବୁଗୁଡ଼ା,୨୦ା୧(ଡି.ଏନ.ଏ.)-ବୁଗୁଡ଼ା ବୁଦ୍ଧଖୋଲ ରୋଡ଼ରେ ଦୋକାନ କରିଥିବା ଅବସରପ୍ରାପ୍ତ ପୋଲିସ ଏଏସ୍ଆଇ ବିଜୟ କୁମାର ବିଷୋୟୀଙ୍କୁ ଛୁରିରେ ଆକ୍ରମଣ କରି ଫେରାର ଥିବା ଯୁବକଙ୍କୁ ଶୁକ୍ରବାର ବୁଗୁଡା ପୋଲିସ ଏସ୍ଆଇ ସ୍ନେହା ମଞ୍ଜରୀ ସାହୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଦିଲ୍ଲୀପ କୁମାର ଦାଶ। ପ୍ରକାଶ ଯେ, ଗତ ୩ ତାରିଖ ସନ୍ଧ୍ୟାରେ ବିଜୟ ଦୋକାନରେ ବସିଥିବା ବେଳେ ଦିଲ୍ଲୀପ ଏକ ଥଣ୍ଡା ପାନୀୟ ମାଗିଥିଲେ। ତେବେ ବାକି ଦିଆଯିବ ନାହିଁ ବୋଲି ବିଜୟ କହିବାରୁ ଦିଲ୍ଲୀପ ଘରକୁ ଫେରି ଯାଇ ଏକ ଛୁରି ଧରି ପୁଣି ଆସିଥିଲା ଏବଂ ଥଣ୍ଡା ଦିଅ ବୋଲି ମାଗିଥିଲା। ତେବେ ତମକୁ ଦିଆଯିବ ନାହିଁ ବୋଲି ବିଜୟ ରୋକଠୋକ୍ ଶୁଣାଇବା ପରେ ସେ ଛୁରିରେ ବିଜୟଙ୍କୁ ଆକ୍ରମଣ କରିଥିଲେ।

### ହର ହର ଭେଟ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଖଲ୍ଲିକୋଟ,୨୦ା୧(ଡି.ଏନ.ଏ.)- ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତ ପରିସରରେ କେଶପୁର ଓ ଶ୍ରୀକୃଷ୍ଣଶରଣପୁର ଉଭୟ ପଞ୍ଚାୟତର ମିଳିତ ବୈଠକ ଅନୁଷ୍ଠିତ ହୋଇଛି। ମାଘଶୁକ୍ଳ ସପ୍ତମୀରେ ଚିଲିକା ମଧସ୍ଥ ବାବା ଗୁପ୍ତେଶ୍ୱର ପୀଠରେ ଶକଳେଶ୍ୱର ଓ ଗୁପ୍ତେଶ୍ୱର ମହାଦେବଙ୍କ ଭେଟଯାତ୍ରା ପ୍ରତି ବର୍ଷ ପରି ଚଳିତ ବର୍ଷ ଦେବନୀତି ପ୍ରକାରେ ପାଳନ ପାଇଁ ଆଲୋଚନା ହୋଇଥିଲା। ଏହି ଭେଟଯାତ୍ରା କମିଟିର ସମ୍ପାଦକ ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ମହାରଣାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଶ୍ରୀକୃଷ୍ଣଶରଣପୁର ସରପଞ୍ଚ ପ୍ରତିନିଧି ଭ୍ରମରବର ସାହୁ, ଯାତ୍ରା କମିଟିର ପୂର୍ବତନ ସଭ୍ୟ ତଥା ଖଲ୍ଲିକୋଟ ବ୍ଲକ ଅଧକ୍ଷ ଦୈତାରୀ ବେହେରା, ଶ୍ରୀକୃଷ୍ଣଶରଣପୁର ବ୍ରାହ୍ମଣ ଶାସନ ସଭାପତି ଜୋତିଶ କୁମାର ନନ୍ଦ, ଭେଟଯାତ୍ରା କମିଟି ସଭାପତି ଲଖଣ ରଥ, ସ୍ୱପ୍ନେଶ୍ୱର ପରିଡା, ଜିଲାପରିଷଦ ସଭ୍ୟ ବିନାୟକ ଜାଲୀ, ବିଜୟ ଜାଲୀ, ଅମୀୟ ଜାଲୀ, କେଶପୁର ପୂର୍ବତନ ସରପଞ୍ଚ ବାବୁଲା ପରିଡା, ରାଘବ ଗଉଡ଼, ଅଭିମନ୍ୟୁ ପାହାନଙ୍କ ସମେତ ଉଭୟ ପଞ୍ଚାୟତର ବହୁ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ।

### ବୁଗୁଡ଼ାର ପ୍ରଥମ ସ୍ମାର୍ଟ ପରିସ୍ରାଗାର ଉଦ୍‌ଘାଟିତ

ବୁଗୁଡ଼ା,୨୦ା୧(ଡି.ଏନ.ଏ.)-ବୁଗୁଡ଼ା ସହରରେ ପ୍ରଥମ ସ୍ମାର୍ଟ ପରିସ୍ରାଗାର ଉଦଘାଟିତ ହୋଇଛି। ଏନ୍ଏସିର ୭ ନମ୍ବର ୱାର୍ଡ ଅନ୍ତର୍ଗତ ସହରର ମୁଖ୍ୟ ସଡ଼କସ୍ଥିତ ପ୍ରାଣୀ ଚିକିତ୍ସାଳୟ ନିକଟରେ ଥିବା ବିରଞ୍ଚି ନାରାୟଣ ମାର୍କେଟ କମ୍ପ୍ଲେକ୍ସ ଠାରେ ଏହି ସେନ୍ସର ଯୁକ୍ତ ପରିସ୍ରାଗାରକୁ ଏନଏସି ଅଧକ୍ଷ ଚିତ୍ର ସେନ ପ୍ରଧାନ ଉଦଘାଟନ କରିଥିଲେ। ଉପାଧକ୍ଷା ଗୀତାଞ୍ଜଳି ପାଢ଼ୀ, କାଉନସିଲର ଆଶୁତୋଷ ବଢ଼େଇ, ନଗର ବିଜେଡି ସଭାପତି କେ.ତ୍ରିଲୋଚନ ଦୋରା, ମନୋରଞ୍ଜନ ଦାଶ, ଶଶୀ ଭୂଷଣ ପାତ୍ର, ବାଦଲ ସ୍ୱାଇଁ, ଚନ୍ଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜନସମସ୍ୟା ନେଇ ଆନ୍ଦୋଳନ ନିଷ୍ପତ୍ତି

## ଗଞ୍ଜାମ ଜିଲା ସିପିଆଇ ବୈଠକ

ବ୍ରହ୍ମପୁର ଅଫିସ,୨୦ା୧

ଗଞ୍ଜାମ ଜିଲା ସିପିଆଇର ବୈଠକ ଶୁକ୍ରବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ବିରୋଧୀ ନୀତିର କଡ଼ା ସମାଲୋଚନା କରାଯାଇଥିଲା। ଜିଲାର ମୌଳିକ ସମସ୍ୟା ସମାଧାନରେ ସରକାରଙ୍କ ବିଫଳତାକୁ ନିନ୍ଦା କରାଯିବା ସହ ଏହା ପ୍ରତିବାଦରେ ଜିଲାରେ ଜନ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବରିଷ୍ଠ ନେତା ପ୍ରବୀଣ ଦାସ ଅଧ୍ୟକ୍ଷତା କରିଥିଲେ ଏବଂ ପାର୍ଟିର ପୂର୍ବତନ ରାଜ୍ୟ ସମ୍ପାଦକ ତଥା ଜାତୀୟ ପରିଷଦ ସଦସ୍ୟ ଆଶିଷ କାନୁନଗୋ ଯୋଗ ଦେଇଥିଲେ। ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା ଠାରେ ଅନୁଷ୍ଠିତ ୨୪ତମ ପାର୍ଟି କଂଗ୍ରେସର ସାଙ୍ଗଠନିକ ରାଜନୈତିକ ପ୍ରସ୍ତାବଗୁଡ଼ିକ ସମ୍ପର୍କରେ କାନୁନଗୋ ସମବେତ କର୍ମକର୍ତ୍ତା ଓ କର୍ମୀଙ୍କୁ ସଚେତନ କରାଇଥିଲେ। ଜିଲାରେ ତୃଣମୂଳ ସ୍ତରରୁ ସଂଗଠନକୁ ମଜଭୁତ କରିବାକୁ ଆହ୍ୱାନ ଦେବା ସହ ଆସନ୍ତା ମାର୍ଚ୍ଚ୨୩ରେ ଭୁବନେଶ୍ୱରରେ ହେବାକୁ ଥିବା ମହା ସମାବେଶକୁ ସଫଳ କରାଇବାକୁ ସେ ଗୁରୁତ୍ୱ ଦେଇଥିଲେ।

ଜିଲା ସମ୍ପାଦକ ପ୍ରକାଶ ପାତ୍ର ପ୍ରାରମ୍ଭିକ ସୂଚନା ଦେବା ସହ ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ସଂଘ ରାଜ୍ୟ ସଭାପତି ପ୍ରଦୀପ ସେଠୀଙ୍କ ସମେତ ଶ୍ରୀହର୍ଷ ରଥ, ନୀଳକଣ୍ଠ ଦାସ, ରଙ୍ଗନାଥ ସ୍ୱାଇଁ, ଅଳକ ନାଥ ମିଶ୍ର, ଦଣ୍ଡପାଣି ସାମଲ, ଜନାର୍ଦ୍ଦନ ରେଡ଼ି, କୈଳାସ ପାତ୍ର, କାମଦେବ ନାହାକ, ଗୋପାଳ ଭୂୟାଁ, ଅନନ୍ତରାମ ମହାଙ୍କୁଡ଼, ସୀମାଞ୍ଚଳ ସାହୁ ପ୍ରମୁଖ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ। ଭଗତ ସିଂଙ୍କ ଶହୀଦ ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।

# ପ୍ରଧାନଶିକ୍ଷୟିତ୍ରୀ ନାଚିଲେ, ଛାତ୍ରୀଛାତ୍ରଙ୍କୁ ନଚାଇଲେ



ଛାତ୍ରୀଛାତ୍ରଙ୍କ ନୃତ୍ୟରେ ସାମିଲ ହୋଇଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ

ଗୋପାଳପୁର,୨୦ା୧(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ଅଧିନସ୍ଥ ଗୋଳନ୍ଥରା ଚଟିନୁଆଁ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ସାହୁ ପିଲାଙ୍କ ପାଠପଢ଼ା ସହ ସାଂସ୍କୃତିକ ଓ କ୍ରୀଡ଼ା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଯେପରି ଅଧିକରୁ ଅଧିକ ଯୋଗଦାନ କରି ସଫଳ ହେବେ ସେ ଦିଗରେ ଯତ୍ନବାନ ହେବା ସହ ପ୍ରୟାସ ଜାରି ରଖିଛନ୍ତି। ଗୁରୁବାର ବିଦ୍ୟାଳୟର ବାର୍ଷିକ ଉତ୍ସବରେ ନିଜେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମୁଝେ ମାଫ କରନା ଓମ ସାଇ ରାମ ନାମକ ଏକ ଗୀତରେ ମା' ଭୂମିକାରେ ଅଭିନୟ କରି ପିଲାଙ୍କ ସହ ମଞ୍ଚରେ ନାଚିବା ସହ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କ ଏହିପରି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି। ଏସମ୍ପର୍କିତ ଏକ ଭିଡ଼ିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି।

# ଦେଶରେ ଆସିକା ଥାନା ଶ୍ରେଷ୍ଠ

## ଟ୍ରଫି ଗ୍ରହଣ କଲେ ଥାନା ଅଧିକାରୀ

ଆସିକା,୨୦ା୧(ଡି.ଏନ୍.ଏ.)

କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ହୋଇଥିବା ସର୍ଭେରେ ଦେଶର ଶ୍ରେଷ୍ଠ ୩ଟି ଥାନା ମଧ୍ୟରେ ଆସିକା ଥାନା ରହିଥିଲା । ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ଜାତୀୟ କୃଷି ବିଜ୍ଞାନ ଭବନ ପରିସରରେ ଅନୁଷ୍ଠିତ ବିଭିନ୍ନ ରାଜ୍ୟର ପୋଲିସ ମହାନିର୍ଦ୍ଦେଶକମାନଙ୍କ ସମ୍ମିଳନୀରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କୁ ଟ୍ରଫି ପ୍ରଦାନ କରିଛନ୍ତି। ଥାନା ଅଧିକାରୀ ସାହୁ ଏହି ସମ୍ମାନ ଗ୍ରହଣ କରିବା ପରେ ଆସିକା ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି।



କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କଠାରୁ ଆସିକା ଥାନା ଅଧିକାରୀ ଟ୍ରଫି ଗ୍ରହଣ କରୁଛନ୍ତି।

କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ୨୦୨୨ରେ ଦେଶର ବିଭିନ୍ନ ଥାନାର କାର୍ଯ୍ୟଦକ୍ଷତା ଉପରେ ସର୍ଭେ କରାଯାଇଥିଲା। ଥାନା ପରିଚାଳନାରେ ବୃତ୍ତିଗତ ପାରଦର୍ଶିତା, ସ୍ୱଚ୍ଛତା, ନିଷ୍ଠାପରତା, ତ୍ୱରିତ କାର୍ଯ୍ୟାନୁଷ୍ଠାନ, ଜନସାଧାରଣଙ୍କ ପ୍ରତି ଉତ୍ତମ ବ୍ୟବହାର, କର୍ତ୍ତବ୍ୟ ପ୍ରତିବଦ୍ଧତା, ଦଣ୍ଡବିଧାନ, ଦଳଗତ କାର୍ଯ୍ୟ, ପ୍ରଯୁକ୍ତି ବିଦ୍ୟା, ପରିବର୍ତ୍ତନ ଏବଂ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନ ଭଳି ୧୬୫ଟି ବିଷୟ ଆଧାରରେ ଉତ୍ତମ ପ୍ରଦର୍ଶନ କରି ଆସିକା ଥାନା ସଫଳତା ହାସଲ କରିଥିଲା। ଯାହାକି ସର୍ବ ଭାରତୀୟ ସ୍ତରରେ ଓଡିଶା ପୋଲିସ ପାଇଁ ଏହା ପ୍ରଥମ ବୋଲି ଜଣାପଡିଛି । ସୂଚନାଯୋଗ୍ୟ, କିଛିଦିନ ପୂର୍ବେ ଓଡ଼ିଶା ଅପରାଧ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପ୍ରଥମ କରି ରାଜ୍ୟର ୬୪୩ ଥାନାର ବିଭିନ୍ନ କାର୍ଯ୍ୟର ସମୀକ୍ଷା ଲାଗି କରାଯାଇଥିବା ପ୍ରଗତି ଡ୍ୟାସ ବୋର୍ଡରେ ଆସିକା ଥାନା ପ୍ରଥମ ସ୍ଥାନ ହାସଲ କରିଥିଲା।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଦିଗପହଣ୍ଡି,୨୦ା୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ବମୋକେଇ ଗ୍ରାମସ୍ଥିତ ଚିଦାନନ୍ଦ ସରସ୍ୱତୀ କନିଷ୍ଠ ଓ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦଯାପିତ ହୋଇଯାଇଛି। ଉଦଯାପନୀ କାର୍ଯ୍ୟକ୍ରମରେ ଅଧକ୍ଷ ଦେବଦତ୍ତ ସୁବୁଦ୍ଧି ଅଧକ୍ଷତା କରିଥିଲେ। ଦିଗପହଣ୍ଡି ବ୍ଲକର ପୂର୍ବତନ ଅଧକ୍ଷ ତଥା ଜିଲା ପରିଷଦ ସଦସ୍ୟ ବିପିନ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ପୂର୍ବତନ ସରପଞ୍ଚ କେ.ହରିବନ୍ଧୁ ରେଡ୍ଡୀ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଅଧାପିକା ଦୁଲଣା କୁମାରୀ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମାଷ୍ଟର ଟ୍ରେନର ଭାବେ ପୂଜା ମହାରଣା ଏବଂ ରାକ୍ଷୀ କୁମାରୀ ସାହୁ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ସମ୍ପର୍କିତ ବିଭିନ୍ନ କଳା କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ।

# ବଳାତ୍କାରୀଙ୍କୁ ୫ବର୍ଷ ଜେଲ୍

ବ୍ରହ୍ମପୁର ଅଫିସ ୨୦ା୧

ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ ପୋକ୍‌ସୋ ଜଜ୍ ଗଣେଶ୍ୱର ପତି ଏକ ନାବାଳିକା ବଳାତ୍କାର ମାମଲାର ଦୀର୍ଘ ୮ବର୍ଷ ପରେ ରାୟ ପ୍ରକାଶ କରିଛନ୍ତି। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ମିଳିଥିବାରୁ ସେ ଅଭିଯୁକ୍ତ ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରର ପ୍ରଦୀପ ମହାରଣା ଓରଫ ମୁନାଙ୍କୁ ୫ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଏହାସହ ୧୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୩ମାସ ଜେଲ ଦଣ୍ଡାଦେଶ ନିର୍ଦ୍ଦେଶ ରହିଥିବା ସରକାରୀ ଓକିଲ ମୋହନ ସିଂଘାରୀ ସୂଚନା ଦେଇଛନ୍ତି। ସେହିପରି ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ପ୍ରକାରେ ୨୦୧୪ ନଭେମ୍ବର ୨୮ତାରିଖ ସକାଳେ ଜଣେ ଛାତ୍ରୀ ସ୍କୁଲ ଯାଉଥିବା ବେଳେ ରାସ୍ତାରୁ ତାଙ୍କୁ ଅପହରଣ କରି ପ୍ରଦୀପ ବଳାତ୍କାର କରିଥିଲା। ଘଟଣା ସମ୍ପର୍କରେ ଛାତ୍ରୀ ଜଣଙ୍କ ତାଙ୍କ ମା'ଙ୍କୁ ଜଣାଇଥିଲେ। ପରେ ପୀଡ଼ିତାଙ୍କ ବାପା ଘଟଣାକୁ ନେଇ ଜଗନ୍ନାଥପ୍ରସାଦ ଥାନାରେ ଏତଲା ଦେଇଥିଲେ। ପୋଲିସ ଏ ସଂକ୍ରାନ୍ତରେ ୧୪୫/୨୦୧୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହିବର୍ଷ ଡିସେମ୍ବର ୨ତାରିଖରେ ପୋଲିସ ଅଭିଯୁକ୍ତ ପ୍ରଦୀପ(୨୬)କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୨୦୧୫ ମାର୍ଚ୍ଚ ୨୩ରେ ଅଭିଯୁକ୍ତ ପ୍ରଦୀପକୁ ଜାମିନ୍ ମିଳିଥିଲା। ୨୦୧୫ ଜୁନ୍ ୮ତାରିଖରେ ତଦନ୍ତ ଅଧିକାରୀ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ଏହି ମାମଲାର ବିଚାର ସମୟରେ ୧୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଶୁକ୍ରବାର ରାୟ ପ୍ରକାଶ ସମୟରେ ପ୍ରଦୀପଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଓ ପୋଲିସ ପକ୍ଷରୁ କୋର୍ଟରେ ଦାଖଲ । ଚାର୍ଜସିଟକୁ ଆଧାର କରି ଜଜ୍ ରାୟ ପ୍ରକାଶ କରିଛନ୍ତି।

# ବୋହୂଙ୍କୁ ଧର୍ମ ପରିବର୍ତ୍ତନ ପାଇଁ ବାଧ କରାଯାଇନାହିଁ

## ହ୍ୟୁମାନ୍ ସାଗରଙ୍କ ଘରୋଇ କଳି ପ୍ରସଙ୍ଗ

କଟକ ଅଫିସ,୨୦ା୧

କାଉନ୍‌ସେଲିଂ ପରେ କଟକ ମହିଳା ଥାନା ବାହାରକୁ ଆସି ପରସ୍ପରକୁ ଆକ୍ଷେପ-ପ୍ରତିଆକ୍ଷେପ କରିଥିବା ଓଲିଉଡ୍ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମାମଲା ଶୁକ୍ରବାର ଟିକେ ଅଲଗା ଅଲଗା ଲାଗିଛି। ହ୍ୟୁମାନ ଓ ତାଙ୍କ ମା' ଶେଫାଳୀ ସୁନା ବୋହୂ ଶ୍ରୀୟା ମିଶ୍ର ଓ ତାଙ୍କ ବାପାଙ୍କୁ କଟୁକ୍ତି କରିଥିଲେ। ହେଲେ ଏବେ ସମ୍ପୂର୍ଣ୍ଣ ଭାବେ ସଚେତନ ହୋଇ ବୋହୂଙ୍କୁ ଘରକୁ ଫେରାଇ ଆଣିବାକୁ ଚାହୁଁଥିବା ଶେଫାଳୀ କହିଛନ୍ତି। ଏଥିସହ ସେ ଆହୁରି କହିଛନ୍ତି, ବୋହୂଙ୍କୁ ଧର୍ମ ପରିବର୍ତ୍ତନ ପାଇଁ ବାଧ କରାଯାଇନାହିଁ। ସେ ଶାଶୁଘରେ ଜଗନ୍ନାଥ, ଗଣେଶଙ୍କ ମୂର୍ତ୍ତି ରଖି ପୂଜା କରିଥାନ୍ତି। ତାଙ୍କୁ କୌଣସି କାମ ପାଇଁ ବାଧ କରାଯାଇନାହିଁ। ବୋହୂ ଘରେ ସ୍ୱଇଚ୍ଛାରେ ପୂଜା କରିବା ସହ





ତାଙ୍କ ମାଆବାପା ଆସିଲେ ସେମାନେ ମଧ୍ୟ ପୂଜା କରିଥାନ୍ତି। ନାତୁଣୀ ଓ ବୋହୂଙ୍କୁ ବେଶି ମନେ ପକାଉଛି। ପୁଅବୋହୂ ଏକାଠି ରୁହନ୍ତୁ, ଏତିକି ଚାହୁଁଛନ୍ତି ବୋଲି ଶେଫାଳୀ କହିଛନ୍ତି। ସେହିପରି ହ୍ୟୁମାନ୍ ସାଗର ଗଣମାଧ୍ୟମକୁ କହିଛନ୍ତି, ଶ୍ରୀୟା ଓ ତାଙ୍କ ପରିବାରକୁ ଆମ ପରିବାର ବହୁତ ଭଲପାଉ। ସବୁ ଧର୍ମକୁ ସମ୍ମାନ କରୁ। କାହାକୁ ଆମ ଧର୍ମକୁ ଆସିବାକୁ ଚାପ ଦେଇନୁ। ଆମେ ଆପୋସ ସମାଧାନ ଚାହୁଁଛୁ। ସେମାନେ ୨ ଦିନ ସମୟ ନେଇଛନ୍ତି। ଅଭିଯୋଗ ଶୁଣି ଚକିତ, ମିଛ ଅଭିଯୋଗ ଲଗାଇଲେ ଦୁଃଖ ଲାଗିବ ବୋଲି ସେ କହିଛନ୍ତି। ତେବେ ହ୍ୟୁମାନ ଓ ଶ୍ରୀୟାଙ୍କ ମଧ୍ୟରେ ଆପୋସ ବୁଝାମଣା ଦ୍ୱାରା ଘରୋଇ କଳି ସମାଧାନ ହେବ ବୋଲି ଚର୍ଚ୍ଚା ହେଉଛି। ଯଦିଓ ଶ୍ରୀୟା ଏ ବାବଦରେ କୌଣସି ମନ୍ତବ୍ୟ ଦେଇନାହାନ୍ତି, ତେବେ ୨ ଦିନର ମହଲତ ଅବଧି ମଧ୍ୟରେ ତାଙ୍କର ମନୋଭାବ ଜଣାପଡ଼ିବ ବୋଲି ଆଶା କରାଯାଉଛି।

# ଜନ୍ମଦିନରେ ରକ୍ତଦାନ, ସ୍ୱାସ୍ଥ୍ୟ ଶିବିର



ଶିବିରରେ ଉପସ୍ଥିତ ଅତିଥି ବୃନ୍ଦ।

ବ୍ରହ୍ମପୁର ଅଫିସ,୨୦ା୧

ରାଧାକୃଷ୍ଣ ବଣିକ ସଂଘ ଓ ଫ୍ରେଣ୍ଡସ ଫର ଏଭର ପକ୍ଷରୁ ଶୁକ୍ରବାର ପୂର୍ବତନ କର୍ପୋରେଟର ତଥା ଅର୍ବାନ ବ୍ୟାଙ୍କ ସଭାପତି ଆର ମୂରଲୀ ମୋହନଙ୍କ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରାଯାଇଛି। ଏହି ଅବସରରେ ୧୫ନଂ ୱାର୍ଡଠାରେ ରକ୍ତଦାନ ଶିବିର ସହ ମାଗଣା ଚକ୍ଷୁ ପରୀକ୍ଷା ଶିବିର ହୋଇଥିଲା। ଶିବିରରେ ୨୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏଥିସହ ୫୦୦ରୁ ଉର୍ଦ୍ଧ୍ୱ ଜଣଙ୍କ ରକ୍ତଚାପ ଓ ମଧୁମେହ ପରୀକ୍ଷା କରାଯାଇଥିଲା। ୧୨୦ ଜଣଙ୍କ ଚକ୍ଷୁ ପରୀକ୍ଷା ସହ ୫୦ ଜଣଙ୍କ ଚକ୍ଷୁ ଅସ୍ତ୍ରୋପଚାର ନିମନ୍ତେ ଡାକ୍ତର ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ରୂପେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ବିଜେଡି ଜିଲା ସଭାପତି ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ ବିବେକ ରେଡ୍ଡୀ, ବରିଷ୍ଠ ବିଜେଡି ନେତା ଭୀମସେନ ଦଳେଇ, ସମାଜିକ କର୍ମୀ ଅରକ୍ଷିତ ଜେନା ଓ ମୂରଲୀ ମୋହନଙ୍କ ମା' ଆର. ସାବିତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ଉଭୟ ସଂଘ ପକ୍ଷରୁ ବ୍ରହ୍ମପୁର ବଡ ଡାକ୍ତରଖାନାରେ ରୋଗୀ ଓ ସମ୍ପର୍କୀୟଙ୍କୁ ଖାଦ୍ୟ ବଣ୍ଟାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମନୋଜ କୁମାର ସାହୁ, ତିରୁପତି ସୁବୁଦ୍ଧି, ଶ୍ରୀକାନ୍ତ ପାଣିଗ୍ରାହୀ, ପଞ୍ଚାନନ ରାଉତ, ସନ୍ତୋଷ ଦଳାଇ, ସନ୍ତୋଷ ସୁବୁଦ୍ଧି, ରମେଶ ନାୟକ, ମନୋରଞ୍ଜନ ପଟ୍ଟନାୟକଙ୍କ ସମେତ ବହୁ କର୍ପୋରେଟର ଏବଂ ୧୫ ନଂ ୱାର୍ଡର ବହୁ ବାସିନ୍ଦା ଉପସ୍ଥିତ ଥିଲେ।

# କିନ୍ନରଙ୍କ ଅଧିକାର ସମ୍ପର୍କିତ ସଚେତନତା

ବ୍ରହ୍ମପୁର ଅଫିସ,୨୦ା୧

ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସିଭିଲ୍ କୋର୍ଟ କ୍ୟାମ୍ପସରେ 'କିନ୍ନରଙ୍କ ଅଧିକାର' ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଜିଲାଜଜ୍ ଆନନ୍ଦ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କିନ୍ନରମାନେ ସାମାଜିକ ବାସନ୍ଦର ଶିକାର ହେଉଛନ୍ତି। ନିଜ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାର କିନ୍ନରମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବାକୁ ବହୁ ଯୋଜନା କରିଥିଲେ ମଧ୍ୟ ସଚେତନତା ଅଭାବରୁ ସେମାନେ ସରକାରୀ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ଗଞ୍ଜାମ କିନ୍ନର ସଂଘ ଉପସଭାପତି ଶାନ୍ତି ପଣ୍ଡା ସରକାରୀ ଯୋଜନା କେବଳ ଫାଇଲରେ ଅଛି ବୋଲି କହିଥିଲେ। କିନ୍ନରଙ୍କୁ ଅନେକ ଲୋକ ଏବେ ବି ଘୃଣା କରୁଛନ୍ତି। କେବଳ ବୈଠକ କରି କିନ୍ନରମାନଙ୍କୁ ଡକାଯାଉଛି ଏବଂ ଯୋଜନା ସମ୍ପର୍କରେ କହୁଛନ୍ତି। କିନ୍ତୁ କିଭଳି ସବୁ ଯୋଜନାର ଲାଭ ପାଇବେ ସେଥିପ୍ରତି କାହାର ନଜର ରହୁନାହିଁ ବୋଲି ଶାନ୍ତି କହିଥିଲେ। ସହ ସମ୍ପାଦକ ବାବୁଲା ମହାପାତ୍ର ମଧ୍ୟ କିନ୍ନରମାନେ ସାମାଜିକ ଆକ୍ରୋଶର ଶିକାର ହେଉଥିବା ସମ୍ପର୍କରେ କହିଥିଲେ। ପ୍ରାଧିକରଣ ସଚିବ କୈଳାସ ଚନ୍ଦ୍ର ସାହୁ ଅତିଥି ପରିଚୟ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ କଲ୍ୟାଣୀ ଦାସ କିନ୍ନରଙ୍କ ପାଇଁ ରାଜ୍ୟ ସରକାର କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। କିନ୍ନର ପିଲାଙ୍କ ପାଠ ପଢ଼ା ପାଇଁ ସହାୟତା ଯୋଗାଇ ଦିଆଯାଉଛି ଏବଂ ସୁରକ୍ଷା ପାଇଁ କିନ୍ନରଙ୍କ ଜନ୍ମରୁ ୧୮ବର୍ଷ ପର୍ଯ୍ୟନ୍ତ ମାସକୁ ୧ହଜାର ଲେଖାଏଁ ସହାୟତା ରାଶି ଯୋଗାଇ ଦିଆଯାଉଛି ବୋଲି କହିଥିଲେ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ବୁଗୁଡା/ରାମଗିରି/ ଭଞ୍ଜନଗର,୨୦ା୧(ଡି.ଏନ.ଏ.)

ବୁଗୁଡା ପିପୁଲ୍ସ କଲେଜ ପରିସରରେ ଆୟୋଜିତ ଛାତ୍ରୀମାନଙ୍କ ଆତ୍ମରକ୍ଷା ତାଲିମ୍ ଶିବିର ଗୁରୁବାର ଉଦଯାପିତ ହୋଇଯାଇଛି। ଉକ୍ତ ଶିବିରରେ +୨ ପ୍ରଥମ ବର୍ଷର ୨୦୩ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ରଜନୀକାନ୍ତ ଦାଶ ଅଧକ୍ଷତା କରିଥିଲା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଖଲ୍ଲିକୋଟ କଲେଜର ପ୍ରଫେସର ଅମ୍ରିତ କୁମାର ସେଠୀ, ସମ୍ମାନିତ ଅତିଥି ଭାବେ ଅଧାପକ ପ୍ରଦୀପ କୁମାର ଦାଶ ଓ ହରିକୃଷ୍ଣ ନାୟକ ଯୋଗଦେଇ ତାଲିମ୍ ଗ୍ରହଣର ଉପାଦେୟତା ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ରଶ୍ମିତା କୁମାରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଉକ୍ତ ଶିବିରରେ ମାଷ୍ଟର ଟ୍ରେନର୍ ଭାବେ ପୂଜାରାଣୀ ସ୍ୱାଇଁ ଓ ସମିତା ଜେନା ଯୋଗଦେଇ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ସେହିପରି ଗଜପତି ଜିଲା ଆର.ଉଦୟଗିରି ବ୍ଲକ ରାମଗିରି ସ୍ଥିତ ମହେନ୍ଦ୍ରଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଚାଲିଥିବା ଛାତ୍ରୀମାନଙ୍କ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଗୁରୁବାର ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ପ୍ରିୟଦର୍ଶିନୀ ପଟ୍ଟନାୟକ ଏବଂ




ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ଆୟୋଜିତ ତାଲିମ ଶିବିରରେ ଉପସ୍ଥିତ ଅତିଥି।

କାର୍ଯ୍ୟକ୍ରମ ସଂଯୋଜିକା ସୌଦାମିନୀ ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମରେ ୧୨୬ ଜଣ ପ୍ରଥମ ବର୍ଷର ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ମାଷ୍ଟର ଟ୍ରେନର ଭାବେ ବିଦ୍ୟାଳୟର ପୁରାତନ ଛାତ୍ରୀ ରୀନା ପ୍ରଧାନ ନିୟୋଜିତ ହୋଇଥିଲେ। ସେହିପରି ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ୮ ଦିନ ଧରି ଚାଲିଥିବା ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅଧକ୍ଷ ଡ. ଜୟରାମ ସେନାପତି ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଉପଜିଲାପାଳ ଜ୍ୟୋତିଶଙ୍କର ରାୟ ଯୋଗଦେଇ ବର୍ତ୍ତମାନ ସମୟରେ ଛାତ୍ରୀମାନେ ଆତ୍ମରକ୍ଷା ତାଲିମ ନେବା ଆବଶ୍ୟକ ବୋଲି କହିଥିଲେ। ପ୍ରାଧାପକ ଗୋବିନ୍ଦ ରାଓ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଉପରେ କହିଥିଲେ। ଯୁକ୍ତ ୨ ସଂଯୋଜିକା ଜୟଲକ୍ଷ୍ମୀ ରଥ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ପ୍ରିୟଙ୍କା ସ୍ୱାଇଁ ଓ ସଙ୍ଗୀତା ସ୍ୱାଇଁ ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ। ସୁବାସିନୀ ଦେବୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଯୁକ୍ତ ୩ର ସଂଯୋଜକ ଅମୂଲ୍ୟ ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ରଙ୍ଗେଇଲୁଣ୍ଡା ବ୍ଲକରେ ଜିଏସ୍‌ଟି ଅଧିକାରୀ

ଗୋପାଳପୁର,୨୦ା୧(ଡି.ଏନ୍.ଏ.)

ବ୍ୟବସାୟ ପ୍ରତିଷ୍ଠାନ ନ ଥାଇ ଜିଏସ୍‌ଟି ନମ୍ବର ନେଇ ରଙ୍ଗେଇଲୁଣ୍ଡା ବ୍ଲକରେ ଭେଣ୍ଡର ଭାବେ ପଞ୍ଜୀକୃତ କରି କେତେଜଣ ଲକ୍ଷାଧିକ ଟଙ୍କା ବିଲ୍ କରିଥିବା ସୂଚନା ଅଧିକାର କର୍ମୀ ବିଶ୍ୱମ୍ଭର ପାତ୍ର ଜିଏସ୍‌ଟି ବିଭାଗରେ ଅଭିଯୋଗ କରିଥିଲେ। ଜିଏସ୍‌ଟିର ଆଡିସନାଲ ସିଟିଓଙ୍କ ନେତୃତ୍ୱରେ ୨ ଜଣ ଅଧିକାରୀ ଶୁକ୍ରବାର ବ୍ଲକକୁ ଆସି ଭେଣ୍ଡର ଲିଷ୍ଟ ସହ କେତେକ ବିଲ୍ ମାଗିଥିବା ଜଣାପଡିଛି।

ଅଭିଯୋଗ ଅନୁଯାୟୀ ବ୍ଲକର ଏମଜିଏନ୍‌ଆର୍‌ଇଜିଏସରେ କାର୍ଯ୍ୟରତ କେତେଜଣ କର୍ମଚାରୀ ସେମାନଙ୍କ ପରିବାର ସଦସ୍ୟଙ୍କ ନାମରେ ଭେଣ୍ଡର ଭାବେ ବ୍ଲକରେ ପଞ୍ଜୀକୃତ କରିଛନ୍ତି । ସେମାନେ ବହୁ ଟଙ୍କାର ମେଟେରିଆଲ ବିଲ ବ୍ୟକ୍ତି ବିଶେଷଙ୍କ ନାମରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟ୍ରାନସଫର କରାଇ ଅର୍ଥ ଆତ୍ମସାତ କରିଥିବା ଅଭିଯୋଗ ହେଉଥିଲା। କିଛିମାସ ତଳେ ସୂଚନା ଅଧିକାର କର୍ମୀ ପାତ୍ର ବ୍ଲକର ୩୨ଟି ପଞ୍ଚାୟତରେ ଗତ ୩ ଆର୍ଥିକ ବର୍ଷରେ ଏମଜିଏନ୍‌ଆର୍‌ଇଜିଏସରେ ହୋଇଥିବା ସମସ୍ତ କାର୍ଯ୍ୟର ମେଟେରିଆଲ କାମ ବାବଦରେ କେତେ ଟଙ୍କା କେଉଁ କେଉଁ ଭେଣ୍ଡରଙ୍କ ଖାତାକୁ ପଠାଯାଇଛି, ସେମାନଙ୍କ ନାମ, ଠିକଣା, ବ୍ୟବସାୟ ପ୍ରତିଷ୍ଠାନର ନାମ ଆଦି ଆର୍‌ଟିଆଇରେ ବ୍ଲକକୁ ତଥ୍ୟ ମାଗିଥିଲେ। ବ୍ଲକ ପ୍ରଶାସନ ୬ମାସ ଲାଗିବ କହି ତଥ୍ୟ ଦେଇନଥିଲା। ପରେ ପାତ୍ର ଏହି ପ୍ରସଙ୍ଗକୁ ଜିଏସଟି ରାଜ୍ୟ କମିଶନର କଟକ ଓ ବ୍ରହ୍ମପୁର ଜିଏସଟି ଟେରିଟୋରିଏଲ ରେଞ୍ଜରେ ଗତ ନଭେମ୍ବର ମାସରେ ଅଭିଯୋଗ କରି ବିଧିବଦ୍ଧ ତଦନ୍ତ ଦାବି କରିଥିଲେ। ତଥାପି ଏହାର ତଦନ୍ତ କରାଯାଇନଥିଲା । ଶେଷରେ ପାତ୍ର ବାଧ ହୋଇ ଆର୍‌ଟିଆଇରେ ଅଭିଯୋଗ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ତଥ୍ୟ ମାଗିବାରୁ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

## ଖସିଲା ଶେୟାର ବଜାର କାରବାର

ନୂଆଦିଲ୍ଲୀ: କ୍ରମାଗତ ୨ୟ ଦିନ ଲାଗି ଭାରତୀୟ ଇକ୍ୱିଟି ବଜାରରେ କାରବାର ହ୍ରାସ ପାଇଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ଶେୟାର ବଜାରର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୩୭ (୨୩୬.୬୬) ପଏଣ୍ଟ ଖସି ୬୦,୬୨୨(୬୦,୬୨୧.୭୭) ଅଙ୍କରେ ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୮୦ (୮୦.୨୦) ପଏଣ୍ଟ ହ୍ରାସ ଘଟି ୧୮,୦୨୮(୧୮,୦୨୭.୬୫) ଅଙ୍କରେ ବଜାର କାରବାର ବନ୍ଦ କରିଥିଲା।

# ଓଡ଼ିଶା ହେଉଛି ଦେଶର ଖଣି ରାଜଧାନୀ




ଭୁବନେଶ୍ୱର,୨୦।୧

ଦେଶର ଭୌଗୋଳିକ ମାନଚିତ୍ରକୁ ଭଲ ଭାବେ ଅଧ୍ୟୟନ କଲେ ସ୍ପଷ୍ଟ ଭାବେ ଭାରତର ଖଣିଜ ସମ୍ପଦର ବିସ୍ତୃତ ମାନଚିତ୍ର ଦେଖାଯାଉଛି। ଏପରିକି ଖଣିଜ ସମ୍ପଦର କଥା ପଡ଼ିଲେ ଓଡ଼ିଶାର କଥା ଆଗ ଉଠିଥାଏ। କାରଣ ଓଡ଼ିଶା ହେଉଛି ଦେଶର ଖଣି ରାଜଧାନୀ ବୋଲି ବେଙ୍ଗଲ ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ (ବିସିସିଆଇ)ର ଦିନିକିଆ ମିନେରାଲ, ମାଇନିଂ ଆଣ୍ଡ ମେଟାଲସ କନ୍‌କ୍ଲେଭରେ ମୁଖ୍ୟବକ୍ତା ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବରିଷ୍ଠ ପ୍ରଶାସକ ତଥା ଖଣି ମନ୍ତ୍ରଣାଳୟର ସଚିବ ବିବେକ ଭରଦ୍ୱାଜ ଏଭଳି କିଛି ମତପ୍ରକାଶ କରିଛନ୍ତି। ସେହିଭଳି ସାରା ଦେଶରେ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ୨୦୨୨ରେ ଶତପ୍ରତିଶତ କ୍ରୋମାଇଟ ଉତ୍ପାଦନ କରିଥିବା ବେଳେ ବକ୍ସାଇଟ ୭୫%, ଆଇରନ ଓର୍ ୫୦% ଏବଂ କୋଇଲା ୨୫% ଉତ୍ପାଦନ କରିଛି। ଏପରିକି ୨୦୧୪-୧୫ରେ କେନ୍ଦ୍ର ସରକାର ଖଣିଜ ସମ୍ପଦର ସୁବିନିଯୋଗ ସହ ଏଥିରେ ସ୍ୱଚ୍ଛତା ଅବଲମ୍ବନ ପାଇଁ ଖଣିଜ ସାମଗ୍ରୀ ଉତ୍ତୋଳନଠାରୁ ନିଲାମୀ ପର୍ଯ୍ୟନ୍ତ ସବୁ ସ୍ତରରେ ନୂତନ ବ୍ୟବସ୍ଥା ଓ ନୀତିରେ ଯଥେଷ୍ଟ ପରିବର୍ତ୍ତନ କରିଛନ୍ତି। ଫଳରେ ସରକାର ୫୦୦୦ କୋଟି ଟଙ୍କାର ରାଜସ୍ୱ ବଦଳରେ ବର୍ତ୍ତମାନ ୫୦,୦୦୦ କୋଟି ଟଙ୍କାର ରାଜସ୍ୱ ଖଣି କ୍ଷେତ୍ରରୁ ସଂଗ୍ରହ କରୁଛନ୍ତି। ବିଶେଷକରି ସ୍ଥାନୀୟ ସରକାର ସିଂହଭାଗ ରାଜସ୍ୱ ପାଉଛନ୍ତି, ଉକ୍ତ ରାଜସ୍ୱ ସମ୍ପୃକ୍ତ ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ,ପରିବେଶ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବିନିଯୋଗ ହେଉଛି ବୋଲି ଭରଦ୍ୱାଜ ମତପ୍ରକାଶ କରିଥିଲେ। ସେହିପରି ଉକ୍ତ କର୍ମଶାଳାରେ ରାଜ୍ୟ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଭର୍ଚୁଆଲରେ ଯୋଗଦେଇ ରାଜ୍ୟ ସରକାରଙ୍କ ଖଣି ବିଭାଗର ଆଭିମୁଖ୍ୟ ଓ ସରକାରଙ୍କ ବିଭିନ୍ନ ପଦକ୍ଷେପ ସାଙ୍ଗକୁ ବିଗତ ଦିନର ସଫଳତା ଓ ଖଣିଜ ସାମଗ୍ରୀର ଉତ୍ପାଦନ ଏବଂ ଉତ୍ପାଦିତ ସାମଗ୍ରୀରୁ ସଂଗ୍ରହ ରାଜସ୍ୱ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଅପରପକ୍ଷରେ ବିସିସିଆଇର ଅଧ୍ୟକ୍ଷ ତୁହିନୀ କୁମାର ମୁଖାର୍ଜୀ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ କର୍ମଶାଳାର ଆଭିମୁଖ୍ୟ ଓ ବର୍ତ୍ତମାନର ଖଣି ନିଲାମୀ ଓ ଖଣିଜ ସମ୍ପଦ ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ଟାଟା ଷ୍ଟିଲ୍ ମାଇନିଂର ଏମ୍‌ଡି ପଙ୍କଜ ସତିଜା ପୂର୍ବର ଖଣି ଓ ଖଣିଜ ସମ୍ପଦର ବ୍ୟବସ୍ଥା ଏବଂ ବର୍ତ୍ତମାନର ବ୍ୟବସ୍ଥା ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଧି ବ୍ୟବସ୍ଥା ଓ ସହଯୋଗ ସମ୍ପର୍କରେ ମତପ୍ରକାଶ କରିଥିଲେ। ସେହିପରି ନାଲ୍‌କୋର ସିଏମ୍‌ଡି ଶ୍ରୀଧର ପାତ୍ର କେନ୍ଦ୍ର ସରକାରଙ୍କ ଖଣି ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ଖଣି ବିଭାଗର ନୀତି ଓ ସୁବିଧା ସହ ନାଲ୍‌କୋର କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଉଲ୍ଲେଖଯୋଗ୍ୟ, ଏହି ଦିନିକିଆ ମିନେରାଲ, ମାଇନିଂ ଆଣ୍ଡ ମେଟାଲସ କନ୍‌କ୍ଲେଭରେ ଟାଟା ଷ୍ଟିଲ୍, ନାଲ୍‌କୋ, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍, ଆଦିତ୍ୟ ବିର୍ଲା, ସେଲ୍ ଏବଂ ଏସ୍‌ଏନ୍‌ଏମ୍ ଗ୍ରୁପ୍ ଭଳି ୧୦ରୁ ଅଧିକ ଘରୋଇ ସଂସ୍ଥା ଉକ୍ତ କର୍ମଶାଳାରେ ଯୋଗଦେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ।

# ପୁରୀରେ ଏୟାରଟେଲ୍ ୫ଜି ପ୍ଲସ୍ ସେବାର ଶୁଭାରମ୍ଭ

ଭୁବନେଶ୍ୱର,୨୦।୧

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ଭାରତୀ ଏୟାରଟେଲ୍ ପକ୍ଷରୁ ପୁରୀରେ ଏୟାରଟେଲ ୫ଜି ପ୍ଲସ୍ ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ପୁରୀରେ ଅଲ୍‌ଟ୍ରାଫାଷ୍ଟ ଏୟାରଟେଲ୍ ୫ଜି ପ୍ଲସ୍ ସେବା ଉପଲବ୍ଧ ବୋଲି ଏୟାରଟେଲ୍ ପକ୍ଷରୁ କୁହାଯାଇଛି। ବିଶେଷକରି କମ୍ପାନୀ ତା'ର ନେଟ୍‌ୱର୍କ ସ୍ଥାପନ ଓ ରୋଲ୍‌ଆଉଟ୍ ସମ୍ପୂର୍ଣ୍ଣ କରିବା କାର୍ଯ୍ୟ ଜାରି ରଖିଥିବାରୁ ଏୟାରଟେଲ୍ ୫ଜି ପ୍ଲସ୍ ସେବାଗୁଡିକ ଗ୍ରାହକଙ୍କ ପାଇଁ ପର୍ଯ୍ୟାୟକ୍ରମେ ଉପଲବ୍ଧ ହେବ। ଏ ସମ୍ପର୍କରେ ଭାରତୀ ଏୟାରଟେଲ୍ ଓଡିଶା ୟୁନିଟ୍‌ର ସିଓଓ ସୌମେନ୍ଦ୍ର ସାହୁ କହିଛନ୍ତି, ପୁରୀ ସହରରେ ଏୟାରଟେଲ୍ ୫ଜି ପ୍ଲସ୍‌ର ଶୁଭାରମ୍ଭ ଘୋଷଣା କରି ଆମେ ବେଶ୍ ଉତ୍ସାହିତ। ବର୍ତ୍ତମାନ ଓଡ଼ିଶାର ୪ଟି ସହରରେ ଏୟାରଟେଲ୍ ଗ୍ରାହକମାନେ ଅଲ୍‌ଟ୍ରାଫାଷ୍ଟ ନେଟ୍‌ୱର୍କର ଅନୁଭୂତି ପାଇପାରିବେ ଏବଂ ବିଦ୍ୟମାନ ୪ଜି ସ୍ପିଡ୍ ତୁଳନାରେ ୨୦ରୁ ୩୦ ଗୁଣ ଅଧିକ ସ୍ପିଡ୍ ଉପଭୋଗ କରିପାରିବେ।

# ବିଓବି ସମ୍ବଲପୁର କ୍ଷେତ୍ର ପକ୍ଷରୁ ସ୍ୱଚ୍ଛତା ପକ୍ଷ



ଭୁବନେଶ୍ୱର,୨୦।୧

ବ୍ୟାଙ୍କ ଅଫ୍ ବରୋଦା(ବିଓବି)ର ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ନିକଟରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏପରିକି ବିଓବି ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ସୁରେନ୍ଦ୍ର ଗୋଣ୍ଡ଼ଙ୍କ ଅଧ୍ୟକ୍ଷତାରେ ସହରବାସୀଙ୍କୁ ସ୍ୱଚ୍ଛତାର ଅଭ୍ୟାସ ଓ ଏକକ ବ୍ୟବହାର ପ୍ଲାଷ୍ଟିକର ଉପଯୋଗ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ନିମନ୍ତେ ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା। ଅପରପକ୍ଷରେ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ଦ୍ୱାରା ଆଖପାଖର ସ୍ଥାନୀୟ ବିକ୍ରେତାମାନଙ୍କୁ ମଧ୍ୟ ସ୍ୱଚ୍ଛତାର ଅଭ୍ୟାସକୁ ବଢ଼ାଇବା ନିମନ୍ତେ ଡଷ୍ଟବିନ୍ ପ୍ରଦାନ କରାଯାଇଥିଲା। ସେହିଭଳି ସ୍ଥାନୀୟ ବିଓବି ଶାଖାଗୁଡ଼ିକ ଦ୍ୱାରା ବ୍ୟାଙ୍କ ପରିସରକୁ ଆସୁଥିବା ଗ୍ରାହକମାନଙ୍କୁ କନା ବ୍ୟାଗ୍, ହ୍ୟାଣ୍ଡ ସାନିଟାଇଜର, ମାସ୍କ ଆଦି ମଧ୍ୟ ପ୍ରଦାନ କରାଯାଇଥିଲା। ବିଶେଷକରି ଆଗାମୀ ଦିନରେ ପଖୱାଡାର ଶେଷ କାର୍ଯ୍ୟକ୍ରମରେ ଶାନ୍ତି ନଗର ସରକାରୀ ପ୍ରାଇମେରି ସ୍କୁଲର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସ୍ୱଚ୍ଛତାର ଅଭ୍ୟାସକୁ ବଜାୟ ରଖିବା ପାଇଁ କନା ବ୍ୟାଗ୍, ହ୍ୟାଣ୍ଡ ସାନିଟାଇଜର ଏବଂ ମାସ୍କ ଆଦି ପ୍ରଦାନ କରାଯିବ ବୋଲି କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ ,ସ୍ୱଚ୍ଛତା ପକ୍ଷ ଅବସରରେ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ସଂସ୍ଥାନ ପକ୍ଷରୁ ଚଳିତ ବର୍ଷ ଜାନୁୟାରୀ ୩୧ ପର୍ଯ୍ୟନ୍ତ ଏହି ପକ୍ଷ ପାଳନ ହେଉଛି।

# ରିଲାଏନ୍ସ ଜିଓର ୩ୟ ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ,୨୦।୧

ଦେଶର ପ୍ରମୁଖ ଦୂରସଞ୍ଚାର କମ୍ପାନୀ ରିଲାଏନ୍ସ ଜିଓ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ଆର୍ଥିକ ବର୍ଷର ଅକ୍ଟୋବରରୁ ଡିସେମ୍ବର ଶେଷ ସୁଦ୍ଧା କମ୍ପାନୀର ନେଟ୍ ଲାଭ ଗତ ବର୍ଷ ତୁଳନାରେ ୨୮.୩% ବୃଦ୍ଧି ଘଟି ୪,୬୩୮ କୋଟି ଟଙ୍କାରେ ପହଞ୍ଚିଛି। ଗତ ବର୍ଷ ସମାନ ଅବଧି ମଧ୍ୟରେ କମ୍ପାନୀର ନେଟ୍ ଲାଭ ୩,୬୧୫ କୋଟି ଟଙ୍କା ରହିଥିଲା। ସେହିଭଳି ଗତବର୍ଷର ତୃତୀୟ ତ୍ରୈମାସ ତୁଳନାରେ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ କମ୍ପାନୀର ମୋଟ ପରିଚାଳନାଗତ ରାଜସ୍ୱ ଆୟ ୨୨,୯୯୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏପରିକି ଏହି ତ୍ରୈମାସରେ ଜିଓ ଉପଭୋକ୍ତାଙ୍କ ସଂଖ୍ୟା ବୃଦ୍ଧି ପାଇ ୪୩.୨୯ କୋଟିରେ ପହଞ୍ଚିଥିବା ବେଳେ ଗ୍ରାହକ ପିଛା ପ୍ରତିମାସ ରାଜସ୍ୱ ୧୭୮.୨ ଟଙ୍କାକୁ ବୃଦ୍ଧି ପାଇଛି। ସେହିଭଳି ଏହି ତ୍ରୈମାସରେ ଜିଓ ନେଟ୍‌ୱର୍କରେ ଡାଟା ଟ୍ରାଫିକ ୨୯ ବିଲିଅନ ଜିବିକୁ ବୃଦ୍ଧି ପାଇଥିବା ବେଳେ ଭଏସ୍ ଟ୍ରାଫିକ ୧.୨୭ ଟ୍ରିଲିଅନ ମିନିଟ୍‌କୁ ବୃଦ୍ଧି ପାଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି। ଏ ସମ୍ପର୍କରେ ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ଅଧ୍ୟକ୍ଷ ଆକାଶ ଅମ୍ବାନୀ କହିଛନ୍ତି, ଭାରତ ଭଳି ବିଶାଳ ଦେଶରେ ଦ୍ରୁତ ୫ଜି ସମ୍ପ୍ରସାରଣ କାର୍ଯ୍ୟ ଜିଓ ଜାରି ରଖିଛି, ମାତ୍ର ୩ ମାସ ଅବଧି ମଧ୍ୟରେ କମ୍ପାନୀ ଦେଶର ୧୩୪ ସହରରେ ଜିଓ ଟ୍ରୁ ୫ଜି ସେବା ଆରମ୍ଭ କରିଥିବା ବେଳେ ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ଉକ୍ତ ସେବା ଦେଶବ୍ୟାପୀ ସମ୍ପ୍ରସାରଣ ପାଇଁ ଜିଓ କାର୍ଯ୍ୟ କରୁଛି।




ରାଜ୍ୟର ପ୍ରମୁଖ ମନୋରଞ୍ଜନଭିତ୍ତିକ ଘରୋଇ ଚ୍ୟାନେଲ ଜୀ ସାର୍ଥକ ପକ୍ଷରୁ ଶୁକ୍ରବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜୀ ସାର୍ଥକ ଫିଲ୍ମସର ନୂଆ ଚଳଚ୍ଚିତ୍ର 'କନ୍ୟାଦାନ'ର ଅଡିଓ ଓ ପୋଷ୍ଟର ରିଲିଜ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଚ୍ୟାନେଲର ବରିଷ୍ଠ ଅଧିକାରୀଙ୍କ ସମେତ ଆମନ୍ତ୍ରିତ କଳାକାର ଓ ଅନ୍ୟମାନେ ଚଳଚ୍ଚିତ୍ରର ପୋଷ୍ଟର ରିଲିଜ କରୁଛନ୍ତି।

# ମୁମ୍ବାଇ ମେଟ୍ରୋ ପ୍ରକଳ୍ପକୁ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଯୋଗାଣ

ନୂଆଦିଲ୍ଲୀ,୨୦।୧



ଜିନ୍ଦଲ ଷ୍ଟେନ୍‌ଲେସ୍‌ଲିମିଟେଡ୍(ଜେଏସ୍‌ଏଲ୍) ପକ୍ଷରୁ ମୁମ୍ବାଇ ମେଟ୍ରୋ ରେଳ ପ୍ରକଳ୍ପକୁ ଆବଶ୍ୟକ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଯୋଗାଣ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଭାରତ ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପକୁ ଉତ୍ସାହ ପ୍ରଦାନ କରି ପ୍ରଧାନମନ୍ତ୍ରୀ ମୁମ୍ବାଇ ମେଟ୍ରୋ ଲାଇନ ୨ଏ ଓ ୭ ର ୨ୟ ପର୍ଯ୍ୟାୟ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଦେଶର ବିକାଶ ପଥରେ ସାମିଲ ହେବା ଆମ ପାଇଁ ଗର୍ବର ବିଷୟ ହୋଇଥିଲେ ମଧ୍ୟ ଆମେ ସଦାସର୍ବଦା ସରକାରଙ୍କ ସହ କାର୍ଯ୍ୟ କରିବାକୁ ପସନ୍ଦ କରିଥାଉ। ଏପରିକି ମୁମ୍ବାଇ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଆବଶ୍ୟକ ସମ୍ପୂର୍ଣ୍ଣ ତଥା ପୂର୍ଣ୍ଣ ବ୍ୟବହାରଯୋଗ୍ୟ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଉଛି। ବିଶେଷକରି ମେଟ୍ରୋ ଓ ରେଳ ପ୍ରକଳ୍ପ ପାଇଁ ସରକାରଙ୍କ ସହ ସହଭାଗୀ ହୋଇଥିବାରୁ ଆମେ ସର୍ବଦା ଗର୍ବିତ ଏବଂ ସ୍ୱଳ୍ପ ବର୍ଜ୍ୟବସ୍ତୁ ବୃତ୍ତିଗତ ଅର୍ଥନୀତିକୁ ସକ୍ଷମ କରାଇବା ପାଇଁ ଷ୍ଟେନ୍‌ଲେସ୍ ଷ୍ଟିଲ୍ ହେଉଛି ସାମଗ୍ରୀର ସବୁଠାରୁ ସ୍ଥାୟୀ ପସନ୍ଦ। ଆମର କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣି ଉନ୍ନତମାନର ସାମଗ୍ରୀ ଯୋଗାଇବା ପାଇଁ ଆମେ ପ୍ରତିବଦ୍ଧ। ଅତୀତରେ ଜିନ୍ଦଲ ଷ୍ଟେନ୍‌ଲେସ୍ ଦିଲ୍ଲୀ, କୋଲକାତା, ବାଙ୍ଗାଲୋର, ଚେନ୍ନାଇ ଓ ଅନ୍ୟାନ୍ୟ ମେଟ୍ରୋ ପ୍ରକଳ୍ପ ବ୍ୟତୀତ ସିଡ୍‌ନୀ ଓ କୁଇନ୍‌ସଲାଣ୍ଡର ମେଟ୍ରୋ ପ୍ରକଳ୍ପ ପାଇଁ ସାମଗ୍ରୀ ଯୋଗାଇଛି।

## ଫୁର୍‌ସତ୍

# ୧୦ କୁମ୍ଭୀର ମମି ଠାବ

କାଇରୋ



ପ୍ରତ୍ନତତ୍ତ୍ୱବିତ୍‌ମାନେ ଇଜିପ୍ଟରେ ୨୫୦୦ ବର୍ଷ ପୂର୍ବର ୧୦ଟି କୁମ୍ଭୀର ମମି ଠାବ କରିଛନ୍ତି। ଇଜିପ୍ଟ ପରମ୍ପରାରେ କୁମ୍ଭୀରଙ୍କ ପ୍ରମୁଖ ଭୂମିକା ରହିଥିବାରୁ ପ୍ରଥା ଅନୁସାରେ ସେମାନଙ୍କ ମୃତଦେହକୁ ପୋତା ଯାଉଥିଲା। ଠାବ ହୋଇଥିବା ଉକ୍ତ ୧୦ କୁମ୍ଭୀର ପ୍ରାପ୍ତବୟସ୍କ। ନୀଳ ନଦୀର ପଶ୍ଚିମ ଘାଟରେ ଥିବା କୁବତ ଅଲ୍ ହୱାର ସମାଧି ସ୍ଥଳରେ ସେହି ମମିଗୁଡ଼ିକ ଠାବ ହୋଇଛି। ସେଠାରେ କୁମ୍ଭୀରଙ୍କ ୨ ପ୍ରଜାତି ଥିବା ଜଣାପଡ଼ିଛି। ଏମାନଙ୍କ ସହ ଉକ୍ତ ସମାଧି ସ୍ଥଳରେ ବୃହଦାକାର ବାନର, ବିଲେଇ, ଲମ୍ବା ବେକ ଥିବା ବଗକୁ ପୋତା ଯାଇଥାଏ। ରୟାଲ୍ ବେଲ୍‌ଜିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନାଚୁରାଲ୍ ସାଇନ୍ସେସ୍ ଏବଂ ସହଲେଖକ ବିଏ ଡି କୁପେରେ କହିଛନ୍ତି, ସମାଧି ସ୍ଥଳରେ ୧୦ଟି କୁମ୍ଭୀର ମମି ମିଳିବା ଏକ ବିଶେଷ କଥା।

# ମାର୍ଚ୍ଚ ୧୭ରେ 'ଜ୍ୱିଗାଟୋ'




ମୁମ୍ବାଇ: ନିଜ କମେଡିରେ ସମସ୍ତଙ୍କୁ ହସାଇ ବେଦମ କରୁଥିବା କପିଲ ଶର୍ମା କିଛି ବର୍ଷ ପରେ ପୁଣି ଫିଲ୍ମ ଇଣ୍ଡଷ୍ଟ୍ରିକୁ କମ୍‌ବ୍ୟାକ କରୁଛନ୍ତି । ନନ୍ଦିତାଙ୍କ ଆଗାମୀ ସିନେମା 'ଜ୍ୱିଗାଟୋ'ରେ କପିଲ ତାଙ୍କ ଅଭିନୟର ଯାଦୁ ଦେଖାଇବେ। ଆପ୍‌ଲାଉଜ୍ ଏଣ୍ଟରଟେନ୍‌ମେଣ୍ଟ ଦ୍ୱାରା ନିର୍ମିତ ଉକ୍ତ ଚଳଚ୍ଚିତ୍ରକୁ ନିକଟରେ ଟରଣ୍ଟୋ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ସାମିଲ କରାଯାଇଥିଲା। ଏବେ 'ଜ୍ୱିଗାଟୋ'ର ରିଲିଜ୍ ତାରିଖ ଜାରି ହୋଇଛି। ଆସନ୍ତା ମାର୍ଚ୍ଚ ୧୭ରେ ଏହି ଚଳଚ୍ଚିତ୍ର ବଡ଼ ପରଦାରେ ମୁକ୍ତିଲାଭ କରିବ। ଏଥିରେ କପିଲ ଜଣେ ଫୁଡ୍ ଡେଲିଭରି ବୟ ଭୂମିକାରେ ନଜରକୁ ଆସିବେ, ଯିଏକି ନିଜ ଆବଶ୍ୟକତାକୁ ପୂରଣ କରିବାକୁ ସଂଘର୍ଷ କରୁଥିବା ଦେଖିବାକୁ ମିଳିଛି। ଏନେଇ ଆପ୍‌ଲାଉଜ୍ ଏଣ୍ଟରଟେନ୍‌ମେଣ୍ଟ ଏହାର ସୋସିଆଲ ମିଡିଆ ଆକାଉଣ୍ଟରେ ବାଇକ୍‌ରେ ଡେଲିଭରି ନେଇ ଯାଉଥିବା କପିଲଙ୍କ ଫଟୋ ଶେୟାର କରିଛି। ଫିଲ୍ମରେ କପିଲଙ୍କ ସ୍ତ୍ରୀ ଭୂମିକାରେ ଶାହାନା ଗୋସ୍ୱାମୀ ନଜରକୁ ଆସିବେ। ବୁସାନ ଫିଲ୍ମ ଫେଷ୍ଟିଭାଲରେ ଏହାର ସ୍କ୍ରିନିଂ ପୂର୍ବରୁ କପିଲ ଶର୍ମା ଇନ୍‌ଷ୍ଟାଗ୍ରାମ୍‌ରେ 'ଜ୍ୱିଗାଟୋ'ର ଟ୍ରେଲର ଶେୟାର କରିଥିଲେ। ପୂର୍ବରୁ ସେ କେତେକ କମେଡ଼ି ଫିଲ୍ମରେ କାମ କରିଛନ୍ତି।

# ୨.୭ କେଜିର ବେଙ୍ଗ



କାନବେରା

ଉତ୍ତର ଅଷ୍ଟ୍ରେଲିଆର କୁଇନ୍ସଲାଣ୍ଡ ଜିଲାରେ ଅବସ୍ଥିତ କନ୍‌ୱେ ଜାତୀୟ ଉଦ୍ୟାନରୁ ଏକ ବିଶାଳକାୟ ବିଷାକ୍ତ ବେଙ୍ଗ ଉଦ୍ଧାର ହୋଇଛି। ସେହି ବେଙ୍ଗର ଓଜନ ୨.୭ କିଲୋଗ୍ରାମ, ଯାହାକି ଜଣେ ନବଜାତ ଶିଶୁର ଓଜନ ସହ ସମାନ। ଅଷ୍ଟ୍ରେଲୀୟ ରେଞ୍ଜର ଏହି ବେଙ୍ଗକୁ ଠାବ କରିଛନ୍ତି। ଏ ପର୍ଯ୍ୟନ୍ତ ଠାବ ହୋଇଥିବା ଉଭୟଚର ପ୍ରାଣୀଙ୍କ ମଧ୍ୟରେ ଏହି ବେଙ୍ଗ ଆକୃତି ଏବଂ ଆକାରରେ ବହୁତ ବଡ଼। ବେଙ୍ଗ ସାଧାରଣତଃ ଆକାରରେ ୫.୯ ଇଞ୍ଚ ହୋଇଥିବାବେଳେ ଠାବ ହୋଇଥିବା ଏହି ବେଙ୍ଗର ଲମ୍ବ ୩୯.୩ ସେଣ୍ଟିମିଟର। ତେବେ ୧୯୯୧ରେ ଠାବ ହୋଇଥିବା ୨.୬ କେ.ଜି. ଓଜନର ବେଙ୍ଗ ସବୁଠାରୁ ବଡ଼ ବେଙ୍ଗ ଭାବେ ଗିନିଜ୍ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଥିଲା। ରେଞ୍ଜର କେଲି ଗେ ଜଙ୍ଗଲରେ ଯାଉଥିବାବେଳେ ସେହି ବେଙ୍ଗକୁ ଝୁଣ୍ଟିଥିଲେ। ସେ ପ୍ରଥମ ଥର ପାଇଁ ଏପରି ଏକ ବଡ଼ ବେଙ୍ଗକୁ ଦେଖି ବିଶ୍ୱାସ କରିପାରି ନ ଥିଲେ।

# ୧୨୪ ଏକରରେ ମେସିଙ୍କ ଚିତ୍ର

ବ୍ୟୁନସ୍ ଆୟର୍ସ



ଗତ ମାସରେ କାତାରରେ ଆୟୋଜିତ ଫିଫା ୱାର୍ଲ୍ଡ କପ୍‌ରେ ଆର୍ଜେଣ୍ଟିନା ଚାମ୍ପିୟନ ହୋଇଥିଲା। ଏଥିରେ ଲିଓନେଲ ମେସିଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଏହି ବିଜୟ ପାଇଁ ଦେଶରେ ଅନେକ ପ୍ରକାର ଉତ୍ସବ ଅନୁଷ୍ଠିତ ହୋଇଥିଲା। ତେବେ ଆର୍ଜେଣ୍ଟିନାର ଚାଷୀ ଏହି ବିଜୟ ଏକ ଭିନ୍ନ ଉପାୟରେ ପାଳନ କରିଛନ୍ତି। ସେମାନେ ଲସ୍ କଣ୍ଡୋରେସ୍‌ର ୧୨୪ ଏକର କ୍ଷେତରେ ମକା ଗଛ ଲଗାଇ ସେଥିରେ ମେସିଙ୍କ ଛବି ତିଆରି କରିଛନ୍ତି।

# ରିଲିଜ୍ ଆଗରୁ ବୁକିଂରେ ୧୨ କୋଟି ରୋଜଗାର




ମୁମ୍ବାଇ

ବଲିଉଡ୍ ସୁପରଷ୍ଟାର ଶାହରୁଖ୍ ଖାନ୍‌ଙ୍କ ଆଗାମୀ ଚଳଚ୍ଚିତ୍ର 'ପଠାନ'କୁ ନେଇ ଅନେକ ବିବାଦ ଦେଖାଦେଇଥିଲା। ଏହା ମଧ୍ୟରେ ଫିଲ୍ମ ଆସନ୍ତା ୨୫ରେ ରିଲିଜ୍ ହେଉଛି। ଦର୍ଶକ ଏହାକୁ ନେଇ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ବିଦେଶରେ 'ପଠାନ' ଆଡଭାନ୍ସ ଟିକେଟ୍ ବୁକିଂରେ ବମ୍ପର ରୋଜଗାର କରିଛି। ଭାରତରେ ଏହି ଚଳଚ୍ଚିତ୍ର ପାଇଁ ଆଡ୍‌ଭାନ୍ସ ଟିକେଟ୍ ବୁକିଂ ଗୁରୁବାରଠାରୁ ଆରମ୍ଭ ହୋଇଛି। ସିନେମାର ଆଡ୍‌ଭାନ୍ସ ବୁକିଂରୁ ୧୨ କୋଟି ଟଙ୍କା ରୋଜଗାର ହୋଇଛି। ତେବେ ଶାହରୁଖଙ୍କ 'ପଠାନ' ବକ୍ସ ଅଫିସରେ ଉଦ୍‌ଘାଟନୀ ଦିନରେ ରେକର୍ଡ ସୃଷ୍ଟି କରିପାରିବ ବୋଲି କୁହାଯାଉଛି ।

# କିଏ କେଉଁଠି ପତାକା ଉତ୍ତୋଳନ କରିବେ

## ସାଧାରଣତନ୍ତ୍ର ଦିବସ: ୨୦ ଜିଲାରେ ମନ୍ତ୍ରୀ, ୧୦ ଜିଲାରେ ଜିଲାପାଳ

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ରାଜ୍ୟର ୨୦ ଜିଲାରେ ମନ୍ତ୍ରୀ ଏବଂ ଅବଶିଷ୍ଟ ୧୦ ଜିଲାରେ ଜିଲାପାଳ ପତକା ଉଡ଼ାଇବେ। ସେହିପରି ବ୍ରହ୍ମପୁରରେ ଦକ୍ଷିଣାଞ୍ଚଳ ଆର୍‌ଡିସି, ରାଉରକେଲା ଉତ୍ତରାଞ୍ଚଳ ଆର୍‌ଡିସି ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ। ଏ ନେଇ ଶୁକ୍ରବାର ତାଲିକା ପ୍ରକାଶ ପାଇଛି। ଗଜପତିରେ ଏସ୍‌ସି/ଏସ୍‌ଟି ମନ୍ତ୍ରୀ ଜଗନ୍ନାଥ ସାରକା, କଟକରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଗଞ୍ଜାମରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସୁବର୍ଣ୍ଣପୁରରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍, ଜଗତ୍‌ସିଂହପୁରରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, କେନ୍ଦୁଝରରେ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, କେନ୍ଦ୍ରାପଡ଼ାରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ପତାକା ଉତ୍ତୋଳନ କରିବେ। ସେହିପରି ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ପୁରୀରେ, ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଢେଙ୍କାନାଳରେ, ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ କଳାହାଣ୍ଡିରେ, ପରିବହନ ମନ୍ତ୍ରୀ ଟୁକୁନି ସାହୁ ମାଲକାନଗିରିରେ, ସାମାଜିକ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୟୂରଭଞ୍ଜରେ, ଯୋଜନା ଓ ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ବରଗଡ଼ରେ, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ବାଲେଶ୍ୱରରେ ପତାକା ଉତ୍ତୋଳନ କରିବା କାର୍ଯ୍ୟକ୍ରମ ରହିଛି। ଅନୁରୂପ ଭାବେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ସୁନ୍ଦରଗଡ଼ରେ, ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ କନ୍ଧମାଳରେ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା କୋରାପୁଟରେ, ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ବଲାଙ୍ଗୀରରେ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ସମ୍ବଲପୁରରେ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଦେବଗଡ଼ରେ ପତାକା ଉତ୍ତୋଳନ କରିବେ। ଅନୁଗୋଳ, ଭଦ୍ରକ, ବୌଦ୍ଧ, ଯାଜପୁର, ଝାରସୁଗୁଡ଼ା, ଖୋର୍ଦ୍ଧା, ନୂଆପଡ଼ା, ନବରଙ୍ଗପୁର, ନୟାଗଡ଼ ଓ ରାୟଗଡ଼ା ଜିଲାରେ ଜିଲାପାଳମାନେ ପତାକା ଉତ୍ତୋଳନ କରିବେ ବୋଲି କାର୍ଯ୍ୟକ୍ରମ ସ୍ଥିର କରାଯାଇଛି।

## ବାପାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

**କରଞ୍ଜିଆ,୨୦।୧:** ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଧୋକଟା ଗାଁରେ ଶୁକ୍ରବାର ବାପାଙ୍କୁ ଟାଙ୍ଗିଆରେ ହାଣି ପୁଅ ହତ୍ୟା କରିଥିବା ଚର୍ଚ୍ଚାର ବିଷୟ ହୋଇଛି। ମୃତକ ହେଲେ ପଞ୍ଚାନନ ନାଏକ। ହତ୍ୟାକାଣ୍ଡ ପରେ ପୁଅ ବିକାଶ ଚଢେଇଭୋଳ ଫାଣ୍ଡିରେ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି। ହତ୍ୟାର କାରଣ ଅସ୍ପଷ୍ଟ ଥିବା ବେଳେ ପାରିବାରିକ କଳହରୁ ଏଭଳି ଘଟଣା ଘଟିଥିବା ପୋଲିସ କହିଛି। ପୋଲିସ ତଦନ୍ତ ଜାରି ରଖିଛି।

# ଉଦ୍‌ଘାଟିତ ହେଲା ଶିଶୁ ସଂସାଧନ ପାଠାଗାର

## ରବିବାର, ଅନ୍ୟ ସରକାରୀ ଛୁଟି ଦିନରେ ବି ପିଲାଙ୍କ ଲାଗି ଖୋଲା ରହିବ

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ଆଇଆର୍‌ସି ଭିଲେଜ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଏକ ଶିଶୁ ସଂସାଧନ ପାଠାଗାର ଉଦ୍‌ଘାଟିତ ହୋଇଛି। ରାଜ୍ୟ ସରକାରଙ୍କ ମୋ ସ୍କୁଲ୍ ଅଭିଯାନ ଅଧୀନରେ ନିର୍ମିତ ହୋଇଥିବା ଏହି ପାଠାଗାରକୁ ମୋ ସ୍କୁଲ୍ ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ ଉଦ୍‌ଘାଟନ କରିବା ସହ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ସହ ଭାବର ଆଦାନପ୍ରଦାନ କରିଛନ୍ତି। ମୋ ସ୍କୁଲ୍ ଦ୍ୱାରା ଏକ ମଡେଲ୍ ସେଣ୍ଟର ଭାବେ ନିର୍ମିତ ଏହି ପାଠାଗାରରେ ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ପ୍ରକାର ଶିକ୍ଷଣ ଉପକରଣ ଉପଲବ୍ଧ କରାଯାଇଛି। ଛାତ୍ରୀଛାତ୍ରଙ୍କ ପାଇଁ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଏଠାରେ ଯୋଗାଇ ଦିଆଯାଇଛି। ଛୋଟ ପିଲାମାନେ ଯେପରି ଶବ୍ଦ, ସଂଖ୍ୟା, ବାକ୍ୟ ଗଠନ, ଖଣ୍ଡବାକ୍ୟ, କାହାଣୀ, ହସକଥା ଓ କବିତା ଆଦି ସହଜରେ ଶିଖିପାରିବେ ତାହାକୁ ଦୃଷ୍ଟିରେ ରଖି ଖେଳରେ ଖେଳରେ ଶିକ୍ଷାକୁ ଅଧିକ ପ୍ରୋତ୍ସାହନ ଦେଉଛନ୍ତି। ଏଠାକାର ଶିକ୍ଷୟିତ୍ରୀ, ଶିକ୍ଷକ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଏଠାରେ ବିଭିନ୍ନ ପ୍ରକାର ଶିକ୍ଷାମୂଳକ ଉପକରଣ ରହିଛି। ସେହିଭଳି ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପାଇଁ ମଧ୍ୟ ଅନେକ ଉପାଦେୟ ପୁସ୍ତକ ଏହି ମଡେଲ୍ ପାଠାଗାରରେ ଉପଲବ୍ଧ ଅଛି। ଏହି ସଂସାଧନ କେନ୍ଦ୍ର ରବିବାର ଓ ଅନ୍ୟାନ୍ୟ ସରକାରୀ ଛୁଟିଦିନ ଗୁଡିକରେ ମଧ୍ୟ ପିଲାମାନଙ୍କ ପାଇଁ ଖୋଲା ରହିବ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ପିଲାମାନେ ମଧ୍ୟ ଛୁଟିଦିନ ଗୁଡିକରେ ଆସି ସେଠାରେ ଶିକ୍ଷାଲାଭ କରିପାରିବେ ବୋଲି ଶିକ୍ଷୟିତ୍ରୀ ରତ୍ନମଞ୍ଜରୀ ଦାସ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ତଥା ମୋ ସ୍କୁଲ୍ ଅଭିଯାନ ସଦସ୍ୟ ସଚିବ ଅନୁପମ ସାହା ଯୋଗଦେଇ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି।

# ଖୋଲିଲା ପାରଦର୍ଶୀ ପୋର୍ଟାଲ

## ୪୨,୦୦୦ ପିଲାଙ୍କୁ ନିଃଶୁଳ୍କ ଶିକ୍ଷା ଲକ୍ଷ୍ୟ

**ଭୁବନେଶ୍ୱର,୨୦।୧(ବ୍ୟୁରୋ):** ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଆର୍ଥିକ ଦୁର୍ବଳବର୍ଗର ପିଲାମାନେ ଘରୋଇ ବିଦ୍ୟାଳୟରେ ନିଃଶୁଳ୍କ ପାଠ ପଢ଼ିପାରିବେ। ଏଥିପାଇଁ ୨୫% ସିଟ୍ ସଂରକ୍ଷିତ ରହିଛି। ତେବେ ବହୁ ବେସରକାରୀ ଶିକ୍ଷାନୁଷ୍ଠାନ ଉକ୍ତ ନିର୍ଦ୍ଦେଶ ପାଳନ କରୁ ନ ଥିବା ଅଭିଯୋଗ ହୋଇଆସୁଥିଲା। ଦୀର୍ଘଦିନର ଦାବିପରେ ନାମଲେଖାରେ ସ୍ୱଚ୍ଛତା ରକ୍ଷା ଲାଗି ପାରଦର୍ଶୀ ପୋର୍ଟାଲ ଖୋଲାଯାଇଛି। ଚଳିତବର୍ଷ ୪୨,୦୦୦ ପିଲାଙ୍କୁ ନିଃଶୁଳ୍କ ଶିକ୍ଷାଦାନ ଦିଆଯିବା ଲକ୍ଷ୍ୟ ରଖାଯାଇଛି। ଏଥିଲାଗି ଫେବୃଆରୀ ୧୩ରୁ ୧୬ ପର୍ଯ୍ୟନ୍ତ ନାମ ପଞ୍ଜୀକରଣ ହେବ। ଏ ସଂକ୍ରାନ୍ତରେ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ କୁହାଯାଇଛି, ତୀବ୍ର ଆନ୍ଦୋଳନ ପରେ ସରକାର ଦାବିକୁ ମାନିଛନ୍ତି। ଏହାର ଫାଇଦା ସବୁ ଅଭିଭାବକ ନେବା ଉଚିତ। ବାର୍ଷିକ ଆୟ ୧ ଲକ୍ଷ ୮୦ ହଜାର ଟଙ୍କାରୁ କମ୍ ଆୟକାରୀ ପରିବାରର ପିଲାମାନେ ଏହାର ସୁବିଧା ନେଇପାରିବେ। ୨୦୨୦-୨୧ରେ ପ୍ରାୟ ୫୦୦୦ ଏବଂ ୨୦୨୧-୨୨ରେ ୧୪ ହଜାର ୫୦୦ରୁ ଊର୍ଦ୍ଧ୍ୱ ପିଲା ଏହାର ଲାଭ ଉଠାଇଥିଲେ। ଚଳିତବର୍ଷ ସୁବିଧାରେ ନାମ ଲେଖାଇବା ଲାଗି ୨ ମାସ ହେଲା ପିଲାଙ୍କ ଚିହ୍ନଟ ପ୍ରକ୍ରିୟା ଚାଲିଛି। ଆଇନ ଠିକ୍ ଭାବେ କାର୍ଯ୍ୟକାରୀ କରିବା ଲାଗି ଗତ ୧୨ ତାରିଖରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ବାସଭବନ ଆଗରେ ୭ ଦଫା ଦାବିରେ ଅନଶନ କରାଯାଇଥିଲା। ଦାବିଗୁଡ଼ିକ ଠିକଣା ଢଙ୍ଗରେ କାର୍ଯ୍ୟକାରୀ ନ ହେଲେ ଫେବୃଆରୀ ପ୍ରଥମ ସପ୍ତାହରେ ମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯିବ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗ, ୨ ଅଟକ

**ଭଞ୍ଜନଗର,୨୦।୧(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଞ୍ଚଳରେ ଗୁରୁବାର ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ପୀଡ଼ିତାଙ୍କ ଅଭିଯୋଗକ୍ରମେ ପୋଲିସ ୨ ବିବାହିତ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ପ୍ରକାଶ ଯେ, ନାବାଳିକା ଜଣଙ୍କ ନିଜ ବଡ଼ ମା'ଙ୍କ ଘରେ ଥିବାବେଳେ ଅଭିଯୁକ୍ତଦ୍ୱୟ ତାଙ୍କୁ ଡାକି ଧାନଗଦାରେ ପଲିଥିନ ଘୋଡ଼ାଇ ଦେବାପାଇଁ କହିଥିଲେ। ପରେ ସେମାନେ ନାବାଳିକାଙ୍କୁ ଟେକି ନେଇ ବଳାତ୍କାର କରିଥିଲେ। ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ମତାମତ ମିଳିପାରିନାହିଁ।


WORKS DEPARTMENT
OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE

No. B-1159 e-mail: seec_bls@rediffmail.com

Government of Odisha "e" Procurement Notice

Bid Identification No. CCEEC-25/2022-23

No. 277 Dt.16.01.2023

Nature of Work : Building & Road Works
Number of Works : 03 (Three) Nos. Building & 3 Nos. Road Work
Amount put to tender : Rs.242.24 lakh to Rs.509.02 lakh
Class of Contractor : "B" Class/ "A" Class
Date & time of availability of bid document in the portal : Dt.30.01.2023 at 10.00 A.M.
Last date/time of receipt of bid in the portal : Dt.13.02.2023 upto 05.00 P.M.
Date of Opening of Bid : Dt.14.02.2023 at 11.00 A.M.
Name & address of the Office Inviting Bid : Chief Construction Engineer, Eastern Circle (R&B), Balasore

The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in". All future corrigendum will be available on ONLINE mode only.

Sd./- R. Rout
Chief Construction Engineer
Eastern Circle (R&B), Balasore

OIPR-34026/11/0029/2223



GOVERNMENT OF ODISHA, "e" PROCUREMENT NOTICE
OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
WORKS DEPARTMENT
TENDER CALL NOTICE

E-mail: rbcirclekhurda@gmail.com

Bid Identification No. CCE-Khordha (R&B) Circle - 23/2022-23

Memo No. 89 Dt.18.01.2023

No. B-1164: The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Road works as detailed in the table below:

1. Nature of work : Road Works
2. No. of work : 4 Nos.
3. Tender Cost : Rs.10,000.00 (Online)
4. Class of Contractor : A Class and Spl. Class
5. Available of Bid document in the website : From Dt.30.01.2023 10.00 A.M. to Dt.10.02.2023 05.00 P.M.
6. Date of opening of Bid : Dt.13.02.2023 at 11.30 A.M.
7. The bidders have to participate in ONLINE bidding only. Further details can be seen from the website https://tenderodisha.gov.in. Any Addendum/Corrigendum/Cancellation of tender can also be seen in the said website.

Chief Construction Engineer
Khordha (R&B) Circle, Khordha

OIPR-34127/11/0033/2223



OFFICE OF THE DEAN & PRINCIPAL
DHARANIDHAR MEDICAL COLLEGE & HOSPITAL, KEONJHAR - 758001

Email: keonjharmc@gmail.com

Order No. 181/DMCH, Keonjhar Dt.: 19.01.2023

TENDER FOR HIRING OF VEHICLES

No. E-845: Sealed quotations/tenders are invited from reputed travel agency private indivisuals for providing one Tiago/Bolt/Celerio (AC/Non AC) Petrol driven vehicle or any model of similar mileage and one 32 seater Bus. The quotation paper so as to reach in the office of the undersigned on or before 09.02.2023 by 2 P.M. The details are available in the website: www.gmchkeonjhar.odisha.gov.in and kendujhar.nic.in. Interested bidders can submit tender/quotation documents accordingly. Incomplete quotations/tenders document in any respect shall not be entertained. The undersigned reserves the right to cancel the tender in full or parts any time without assigning any reason thereof. Sealed tenders through Speed Post/Registered Post/Courier shall only be acceptable.

Sd./- Dean & Principal
Dharanidhar Medical College, Keonjhar

OIPR-10203/11/0001/2223



No. MM-432

FOREST DEPARTMENT ODISHA
OFFICE OF THE DIVISIONAL FOREST OFFICER
JHARSUGUDA FOREST DIVISION

Email: dfo.jharsuguda@gov.in, Ph.: 06645-295040

TENDER CALL NOTICE

Tender Call Notice No. 11 Dated: 18.01.2023

**Sub.:** Tender Call Notice for Supply and Commissioning of Boating Service between Rampaluga and Suakani Reserve Forest during 2022-23 under Eco Tourism Project in Jharsuguda Forest Division.

Sealed tenders are invited from reputed Manufacturer/Distributorship/Authorized dealership for supply and Commissioning of Boating Service between Rampaluga and Suakani Reserve Forest during 2022-23 so as to reach in the O/o the Divisional Forest Officer, Jharsuguda Forest Division **on or before 07.02.2023 upto 05.00 P.M.**

The application form of tender containing Technical Bid & Financial Bid information and Supply and Commissioning of Boating Service between Rampaluga and Suakani Reserve Forest during 2022-23 will be available from **18.01.2023 to 07.02.2023 in the website: www.dfojharsuguda.org/www.jharsuguda.nic.in** on deposit **of Rs.6,000/- (Rupees Six Thousand Only) in shape of Non-Refundable Demand Draft from any State bank of India in favour of "Divisional Forest Officer, Jharsuguda Froest Division"** towards tender paper cost in the sealed bid document should be submitted, failing which the bidding in tender process is liable for rejection.

The last date of submission of sealed tender by the Registered/Speed Post/Courier Service/by hand is **07.02.2023 upto 05.00 P.M. The Technical Bids will be opened on 08.02.2023 at 11.00 A.M. & Financial Bid will be opened on 10.02.2023 at 11.00 A.M.** in presence of the bidder or his authorized representatives in the office of the undersigned. The financial bids shall be opened after evaluation of the technical bids by the Tender Selection Comittee. Final selection of the bidder shall be done on L1 basis based on quality and cost of the materials. The undersigned reserves the right to reject any or all tender without assigning any reason thereof.

Sd./- Divisional Forest Officer
Jharsuguda Forest Division

OIPR-08054/11/0011/2223



GOVERNMENT OF ODISHA No. B-1158
OFFICE OF THE CHIEF CONSTRUCTION ENGINEER
SOUTHERN (R&B) CIRCLE, BERHAMPUR

Phone: 0680-2281582, e-mail: ccescbam@gmail.com

INVITATIONS FOR BIDS (IFB) [e-Procurement]

Bid Identification No. CCE, S.C. (R&B)-BAM-18/2022-23

No. 190 Date: 16.01.2023

1. The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites **Percentage Rate Bid** in Double Cover System in **ONLINE MODE** from eligible contractors for construction of **Road/Building Works** as detailed in the table below.
2. Nature of Work : Road/Building Works
3. No. of Work : 04 Nos.
4. Tender Cost : Rs.10,000/- (Online)
5. Class of Contractor : "B" Class, "A" Class & Special Class
6. Availability of Bid document in the website : From 31.01.2023, 10.00 A.M. to 15.02.2023, 5.30 P.M.
7. Date of Opening of Bid : 16.02.2023 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.
9. Any addendum/corrigendum/cancellation of tender can also be seen in the said website only.

Sd./- (D.C. Behera)
Chief Construction Engineer
Southern (R&B) Circle, Berhampur

OIPR-34103/11/0020/2223



GOVERNMENT OF ORISSA No. O-1667
OFFICE OF THE EXECUTIVE ENGINEER, RURAL WORKS DIVISION, RAYAGADA

Email: rw_rayagada@yahoo.co.in, Phone No.: 06856-222188

E-Procurement Notice

No. 190 Bid Identification No. EERWRGD-Online-10/2022-23 Date: 18.01.2023

1. Name of the Work : Repair & Maintenance of Buildings & Road Works for the year 2022-23.
2. Total No. of Works : 13 Nos. (Percentage rate tender)
3. Estimated Cost : 1.69 to 17.50 lakhs
4. Class of Contractor : "D", "C"
5. Time of Completion : Specified in DTCN
6. Mode of submission of tender : Tender should be submitted only in online https://www.tendersodisha.gov.in.
7. Other details : The work will be financially closed on 25th of March in the Financial year 2022-23 & no more further extention will be allowed & Detailed tender condition specified in DTCN.

| Procurement Officer | Bid Identification No. | No. of Works | Availability of Tender Online for Bidding | | Date & Time of opening of tender |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Rayagada | EERWRGD Online - 10/2022-23 | 13 (Thirteen) Nos. | 01.02.2023 at 11.00 A.M. | 09.02.2023 upto 5.00 P.M. | 10.02.2023 at 11.00 A.M. |

Further details can be seen from the website: www.tendersodisha.gov.in.

OIPR-25072/11/0017/2223 Sd./- Executive Engineer, R.W. Division, Rayagada



ODISHA CONSTRUCTION CORPORATION LIMITED
BHUBANESWAR, ODISHA
PIN: 751012, Tel.No. (0674) 2562020
e-Mail: theoccltd@odishaconstruction.com
GSTIN- 21AAACO2571K2ZM

DESIGNED TO EXCEL

No.CAD-4569:-

'e'-Procurement Notice No.-40/OCCL/2022-23 (Online)

Online percentage rate tenders are invited for the following works

| Sl. No. | Name of work | Bid Identification No. | Approx. value of work (Rs. in Crores) | Bid Security (through online transfer) (in Rs.) | Period of completion | Availability of tender (online) | Submission of tender (online) |
|---|---|---|---|---|---|---|---|
| 01 | Improvement of Service Road with black topping Right Extension main Canal and off-taking branch canal, distributaries canal under RCD No.-II, Junagarh. | OCCL-TSP/07/2022-23 | Rs.28.81 Crores | Rs.28,81,000/- | 12 (twelve) calendar months | From 24.01.2023, 03.30 P.M. to 07.02.2023, 5.30 P.M. | From 24.01.2023, 03.30 P.M. to 07.02.2023, 5.30 P.M. |
| 02 | Improvement to Service Road with black topping in between RD 0.00 Km. to RD 11.92 Km. of 11.92 Km. of Chilchila Branch Canal and in between RD 2.97 Km. to RD 42.84 Km. of Golamunda distributary. | OCCL-TSP/08/2022-23 | Rs.22.23 Crores | Rs.22,23,000/- | 09 (nine) calendar months | From 24.01.2023, 03.30 P.M. to 07.02.2023, 5.30 P.M. | From 24.01.2023, 03.30 P.M. to 07.02.2023, 5.30 P.M. |

Procurement Officer: Managing Director, OCCL
Date of opening of the technical bid: **08.02.2023, 12.00 Noon**
Further details can be seen from the e-procurement portal: https://www.tendersodisha.gov.in

Sd./- MANAGING DIRECTOR

OIPR-34120/11/0040/2223



ODISHA STATE SEEDS CORPORATION LIMITED
(A GOVERNMENT UNDERTAKING)
SANTARAPUR,BHUBANESWAR- 751002
Tel-MD 0674-2340573, Tel Fax-2340096
Email:mdossclt d456@gmail.com
NIT No.OSSC/Mktg-34/2023

e-Tender Call Notice for Procurement of Certified Onion Seed during Kharif-2023

**No.CAD-4592:**OSSC Ltd. invites e-Tender only from Producers (and in case of GOI PSUs, their authorized Agencies) on item wise rate contract basis in double cover system through online mode only for the works below.

| | |
|---|---|
| Name of the Work | Purchase of Certified Onion Seeds Variety AFDR, Bhima Shakti, Bhima Super, Bhima Red and Arka Kalyan during Kharif-2023. |
| Nos. of Work | One |
| Availability of bid documents in portal | 15 hours on 21.01.2023 to 17 hours of 13.02.2023 |
| Last date of receipt of tender in portal | 17 hours of 13.02.2023 |
| Date and time of opening of Bid | 11 hours of 14.02.2023 |

The detailed descriptions of crops, varieties, quantity, parameters, terms and conditions specified in the tender schedule would be available in the e-Tender portal www.tendersodisha.gov.in. Any addendum/corrigendum/ cancellation can also be seen in the said website.

Sd./- Managing Director
OSSC Ltd.

OIPR-01106/11/0017/2223



See Career Appointment on every Wednesday & Saturday



GOVERNMENT OF ODISHA No. B-1161
OFFICE OF THE CHIEF CONSTRUCTION ENGINEER
JEYPORE (R&B) CIRCLE, JEYPORE

e-mail ID: supenger_rbjyp@yahoo.co.in, Phone No.: 06854-231528

INVITATIONS FOR BIDS (IFB)

Bid Identification No. C.C.E.J.C. (R&B) - 16/2022-23

No. 224 Date: 18.01.2023

1. Nature of the Work : BRIDGE WORKS
2. Total No. of Works : 02 (Two) Nos.
3. Estimated Cost : Rs.346.45 lakhs to 581.85 lakhs as per works
4. Period of Completion : 10 (Ten) Months to 11 (Eleven) Months as per Sl. No. 04 of IFB.
5. Cost of Bid Document : Rs.10,000/- each
6. Bid Security (EMD) : As per Column No. - 06 of IFB
7. Class of Contrator : "A" Class as per Cl. No. 05 of TCN & according to Financial eligibility
8. Date & time of availability of bid document in the portal : From 10.00 hours of 06.02.2023 to 17.00 hours of 20.02.2023
9. Last date/time for receipt of bids in the portal : 17.00 hours of 20.02.2023
10. Opening date of Bid : 10.00 hours of 21.02.2023
11. Name and address of the Officer Inviting Bid : Chief Construction Engineer, Jeypore (R&B) Circle, Jeypore

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in the said website only.

Sd./- Chief Construction Engineer
Jeypore (R&B) Circle, Jeypore

OIPR-34108/11/0019/2223



O/O CHIEF DISTRICT MEDICAL & PUBLIC HEALTH OFFICER
DISTRICT PROGRAMME MANAGEMENT UNIT
NATIONAL HEALTH MISSION
BALASORE

e-mail:- dpmubal@gmail.com

**No.E-846:-** Sealed Tenders are invited by the CDM & PHO cum District Mission Director, NHM, Balasore from the established and reputed Printers/Agencies for the following purposes.

**All kinds of Printing activities & Erection of Hoarding.**

Interested bidders may send their completed bids in double cover system (Technical & Financial) superscribing the Tender Notification No. **1016** and date: **20.01.23** on the top of the Bid envelope addressing clearly to the CDM & PHO, Balasore, Pin: 756001. Bidders are advised to visit the District website: www.baleswar.nic.in for detailed tender requirements. Last date for receipt of Tender is **03.02.2023 latest by 5.30 PM** only through Speed Post/Regd. Post and the bids so received will be opened on 04.02.2023 at 11.30 A.M. in the official chamber of the CDM & PHO, Balasore. The bidders are advised to keep in touch with the district website for addendum or corrigendum if at all required till the last date. No publication in the newspaper will further be made for the same. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

Sd./- CDM & PHO cum District Mission Director
NHM Balasore

O/O CHIEF DISTRICT MEDICAL & PUBLIC HEALTH OFFICER
DISTRICT PROGRAMME MANAGEMENT UNIT
NATIONAL HEALTH MISSION
BALASORE

e-mail:- dpmubal@gmail.com

Sealed Tenders are invited by the CDM & PHO cum District Mission Director, NHM, Balasore from the established and reputed Agencies/ Suppliers for the following purpose.

**Supply of Office Stationary.**

Interested bidders may send their completed bids separately for each category in double cover system (Technical & Financial) superscribing the Tender Notification No. **1017** and date: **20.01.23** on the top of the Bid envelope addressing clearly to the CDM & PHO, Balasore, Pin: 756001. Bidders are advised to visit the District website: www.baleswar.nic.in for detailed tender requirements. Last date for receipt of Tender is **03.02.23 latest by 5.30 PM** only through **Speed Post/Regd. Post and the bids so received will be opened on 04.02.23 at 11.30 A.M. in the official chamber of the CDM & PHO, Balasore.** The bidders are advised to keep in touch with the district website for addendum or corrigendum if at all required till the last date. No publication in the newspaper will further be made for the same. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

Sd./- CDM & PHO cum District Mission Director
NHM Balasore

OIPR-10032/11/0020/2223



GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER, CENTRAL IRRIGATION CIRCLE, BHUBANESWAR

No.A-1048: 'e' Procurement Notice No. ACECIC - 06 / 2022-23

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs) | Class of Contractor Rs | Bid documents available online for bidding | | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACE CIC, Bhubaneswar | NID-06/2022-23 | Cement Concrete Lining to Nimapara Branch Canal from RD 0.00 Km to 3.10 Km. | 815.10 | 815200/- (Online) | 10000/- (Online) | "A" & Special | 21.01.2023 At 10.00 Hours | 04.02.2023 At 17.00 Hours | 06.02.2023 At 11.00 Hours | 12 (Twelve Calendar Months) |
| | NID-07/2022-23 | Improvement to Service Road on Left Bank of Gop Branch Canal from RD 42.500 Km to 49.500 Km. | 736.48 | 736500/- (Online) | 10000/- (Online) | "A" & Special | 21.01.2023 At 10.00 Hours | 04.02.2023 At 17.00 Hours | 06.02.2023 At 11.00 Hours | 12 (Twelve Calendar Months) |
| | NID-08/2022-23 | Improvement to Nuagaon Distributary from RD 0.00 Km to 3.350 Km of Chandanpur Branch Canal System | 792.18 | 792200/- (Online) | 10000/- (Online) | "A" & Special | 21.01.2023 At 10.00 Hours | 04.02.2023 At 17.00 Hours | 06.02.2023 At 11.00 Hours | 12 (Twelve Calendar Months) |
| | NID-09/2022-23 | Improvement to Nuagaon Distributary from RD 5.760 Km to 9.147 Km of Chandanpur Branch Canal System | 791.61 | 791700/- (Online) | 10000/- (Online) | "A" & Special | 21.01.2023 At 10.00 Hours | 04.02.2023 At 17.00 Hours | 06.02.2023 At 11.00 Hours | 12 (Twelve Calendar Months) |
| | PID-12/2022-23 | Renovation of Posal Minor (Ex-Delanga Distributary) from RD 0.00 Km to 5.100 Km of Sakhigopal Branch Canal System | 823.48 | 823500/- (Online) | 10000/- (Online) | "A" & Special | 21.01.2023 At 10.00 Hours | 04.02.2023 At 17.00 Hours | 06.02.2023 At 11.00 Hours | 12 (Twelve Calendar Months) |
| | PID-13/2022-23 | Renovation of Posal Minor (Ex-Delanga Distributary) from RD 5.100 Km to 10.580 Km of Sakhigopal Branch Canal System | 819.30 | 819400/- (Online) | 10000/- (Online) | "A" & Special | 21.01.2023 At 10.00 Hours | 04.02.2023 At 17.00 Hours | 06.02.2023 At 11.00 Hours | 12 (Twelve Calendar Months) |
| | PID-14/2022-23 | Renovation of Delanaga Distributary from RD 18.640 Km to 24.395 Km of Sakhigopal Branch Canal System | 739.50 | 739600/- (Online) | 10000/- (Online) | "A" & Special | 21.01.2023 At 10.00 Hours | 04.02.2023 At 17.00 Hours | 06.02.2023 At 11.00 Hours | 12 (Twelve Calendar Months) |

e-mail ID:- secic_dowr@yahoo.com
Further details conditions can be seen from Govt. website www.tenderorissa.gov.in.

OIPR-32160/11/0010/2223 Sd./- Additional Chief Engineer, Central Irrigation Circle

**୨୨ରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ**

ଭୁବନେଶ୍ୱର,(ବ୍ୟୁରୋ): ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ୨୨ ତାରିଖରେ ଅନୁଷ୍ଠିତ ହେବ। ରାଜ୍ୟର ସାମ୍ପ୍ରତିକ ରାଜନୈତିକ ଓ ସାମାଜିକ ପ୍ରସଙ୍ଗକୁ ନେଇ ବୈଠକରେ ମୁଖ୍ୟତଃ ନିଷ୍ପତ୍ତି ନିଆଯିବ। ତେବେ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ପଦାଧିକାରୀ, ଜିଲା ସଭାପତି ଓ ପ୍ରଭାରୀ ବୈଠକ ଶନିବାର ଅପରାହ୍ନରେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ୨୨ ତାରିଖରେ ହେବାକୁ ଥିବା ରାଜ୍ୟ କାର୍ଯ୍ୟକାରିଣୀ ଭୁବନେଶ୍ୱରର ଏକ ଘରୋଇ ହୋଟେଲଠାରେ ଅନୁଷ୍ଠିତ ହେବ ବୋଲି ଦଳର ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି।


**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୪ ପାଇଁ ଗୁରୁମନ୍ତ୍ର ଦେଲେ କେନ୍ଦ୍ରମନ୍ତ୍ରୀ



ଭାଜପା କର୍ମୀ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।

**ପାଟଣା,୨୦ା୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ମଲାରପଦା ପଞ୍ଚାୟତର ଖୁଣ୍ଟାପିଙ୍ଗୁଠାରେ ଭାଜପାର ବୁଥ୍‌ସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ ବୁଥ୍‌ର ଏକ ହଜାରରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଯୋଗଦେଇ ୨୦୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପୁଣି ଥରେ କ୍ଷମତାସୀନ କରିବାକୁ ଗୁରୁମନ୍ତ୍ର ଦେଇଥିଲେ। ଏଥିସହ ଉଭୟ ପାଟଣା ନିର୍ବାଚନା ମଣ୍ଡଳୀ ଓ କେନ୍ଦୁଝର ଏମ୍‌ପି ସିଟ୍‌ରେ ଭାଜପା ପ୍ରାର୍ଥୀଙ୍କୁ ଜିତାଇବାକୁ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ତଥା ବିରୋଧୀ ଦଳ ଉପମୁଖ୍ୟ ସଚେତକ ମୋହନ ଚରଣ ମାଝି, ରାଜ୍ୟ ଭାଜପା ମୁଖପାତ୍ର ବିରଞ୍ଚି ତ୍ରିପାଠୀ, ଜିଲା ପ୍ରଭାରୀ ସଞ୍ଜୀବ ମହାନ୍ତି, ନିର୍ବାଚନ ମଣ୍ଡଳୀ ପ୍ରଭାରୀ କୃପାସିନ୍ଧୁ ମହାନ୍ତ, ସୁଦର୍ଶନ ମହାନ୍ତ, ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ହେମ ରଞ୍ଜନ ବାରିକ, ରାଜ୍ୟ ଏସ୍‌ଟି ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟବ୍ରତ ନାଏକ, ଜିଲା ସମ୍ପାଦିକା ବିଜୟ ଲକ୍ଷ୍ମୀପାତ୍ର, ସ୍ଥାନୀୟ ସରପଞ୍ଚ ଦୌଲତି ଗାଗ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ଅଧକ୍ଷା ମମିତା ନାଏକଙ୍କ ସଂଯୋଜନାରେ ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ତୃଣମୂଳସ୍ତରରୁ ସଂଗଠନକୁ ସୁଦୃଢ଼ କରିବାକୁ କର୍ମୀଙ୍କୁ କହିଥିଲେ।

# ସରକାର ଲୋକଙ୍କ ଧ୍ୟାନ ହଟାଇ ଲୁଟ୍ କରୁଛନ୍ତି: ରାହୁଲ

## ଜମ୍ମୁ-କଶ୍ମୀରରେ ଭାରତ ଯୋଡ଼ୋ ଯାତ୍ରା

**ଲଖନପୁର,୨୦ା୧**

କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ଶେଷ ପର୍ଯ୍ୟାୟରେ ଜମ୍ମୁ-କଶ୍ମୀରରେ ପ୍ରବେଶ କରିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଏଠାରେ ଏକ ସଭାକୁ ସମ୍ବୋଧନ କରିବା ଅବସରରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। କେନ୍ଦ୍ର ସରକାରକୁ ସେ ଗଣଲୁଟେରା କରିଛନ୍ତି। ଲୋକଙ୍କ ଧ୍ୟାନ ହଟାଇବା ପରେ ସେମାନଙ୍କୁ ଲୁଟାଯାଉଛି ବୋଲି କଂଗ୍ରେସ ନେତା ଅଭିଯୋଗ କରିଛନ୍ତି। କନ୍ୟାକୁମାରୀରୁ ଆରମ୍ଭ ହୋଇଥିବା ପଦଯାତ୍ରା ଶେଷରେ କଶ୍ମୀରରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ରାହୁଲ ହଜାର ହଜାର ଲୋକଙ୍କ ସହ କଥା ହୋଇଛନ୍ତି। ପ୍ରବଳ ଥଣ୍ଡାରେ ତାଙ୍କ ସହ ହଜାର ହଜାର ଲୋକ ଚାଲିଛନ୍ତି। ଭାଜପା ଏବଂ ଆର୍‌ଏସ୍‌ଏସ୍ ଦେଶରେ ଘୃଣାର ପ୍ରସାର କରୁଛନ୍ତି। ଦେଶବାସୀ ଘୃଣା, ହିଂସା, ବେରୋଜଗାରି ଏବଂ ମୂଲ୍ୟବୃଦ୍ଧି ଆଦିକୁ ଦୈନନ୍ଦିନ ସାମ୍ନା କରୁଛନ୍ତି। ହେଲେ ଗଣମାଧ୍ୟମ ସେଗୁଡ଼ିକର ପ୍ରଚାର କରୁ ନ ଥିବାରୁ ରାହୁଲ ଏହାର ନିନ୍ଦା କରିଥିଲେ। ଲୋକଙ୍କ ଧ୍ୟାନ ହଟାଇବା ପାଇଁ ବଲିଉଡ୍ ଷ୍ଟାର୍ ଐଶ୍ୱର୍ଯ୍ୟା ରାୟ ଏବଂ ଅକ୍ଷୟ କୁମାରଙ୍କ ବିଷୟକୁ ଗଣମାଧ୍ୟମ ପ୍ରଚାର କରୁଛନ୍ତି ବୋଲି ରାହୁଲ କହିଥିଲେ।

ଜମ୍ମୁ-କଶ୍ମୀରର ସୀମାନ୍ତ କଠୁଆ ଜିଲାରୁ ଭାରତ ଯୋଡ଼ୋ ଯାତ୍ରା ଆରମ୍ଭ ହୋଇଥିଲାବେଳେ ଏଥିରେ ଶିବସେନା (ୟୁବିଟି)ର ସଞ୍ଜୟ ରାଉତଙ୍କ ସମେତ ଅନେକ ନେତା ସାମିଲ ହୋଇଛନ୍ତି। ଦଳ ତରଫରୁ ସେ ଯାତ୍ରାରେ ଯୋଗଦେଇଥିବା କହିଛନ୍ତି। ଦେଶର ରାଜନୈତିକ ବାତାବରଣ ଦ୍ରୁତ ଗତିରେ ବଦଳୁଛି। ବାସ୍ତବ ପ୍ରସଙ୍ଗ ଉପରେ କଂଗ୍ରେସ ନେତା ରାହୁଲ ହିଁ ସ୍ୱର ଉଠାଉଥିବା ସେ ଦେଖୁଛନ୍ତି ବୋଲି ସଞ୍ଜୟ କହିଛନ୍ତି। ପ୍ରବଳ ଥଣ୍ଡା ଯୋଗୁ ଶୁକ୍ରବାର ସକାଳେ ଘଣ୍ଟାଏ ୧୫ ମିନିଟ୍ ବିଳମ୍ବରେ ପଦଯାତ୍ରା ଆରମ୍ଭ ହୋଇଥିଲା। ଗତବର୍ଷ ସେପ୍ଟେମ୍ବର ୭ରେ କନ୍ୟାକୁମାରୀରୁ ଆରମ୍ଭ ହୋଇଥିବା ଭାରତ ଯୋଡ଼ୋ ଯାତ୍ରା ପଞ୍ଜାବ ଅତିକ୍ରମ କରି ଗୁରୁବାର ସନ୍ଧ୍ୟାରେ ଜମ୍ମୁ-କଶ୍ମୀରରେ ପ୍ରବେଶ କରିଥିଲା। ଆସନ୍ତା ୩୦ ତାରିଖରେ ଶ୍ରୀନଗରଠାରେ ପଦଯାତ୍ରା ଶେଷ ହେବ।



ଜମ୍ମୁ-କଶ୍ମୀରର କଠୁଆ ଜିଲାରେ ଶୁକ୍ରବାର ଭାରତ ଯୋଡ଼ୋ ଯାତ୍ରା ପ୍ରବେଶ ଅବସରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଶିବସେନା(ୟୁଟିବି) ନେତା ସଞ୍ଜୟ ରାଉତ ଓ ଅନ୍ୟମାନେ।

# ରାଜ୍ୟ ସରକାର ଆବାସ ଘର ବଣ୍ଟନରେ ସାଧୁତା ଅବଲମ୍ବନ କରନ୍ତୁ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୦ା୧(ବ୍ୟୁରୋ):** କେନ୍ଦ୍ର ସରକାର ଓଡ଼ିଶାକୁ ପର୍ଯ୍ୟାପ୍ତ ଘର ଦେଇଛନ୍ତି। ତେଣୁ ରାଜ୍ୟ ସରକାର ଗରିବ ଲୋକଙ୍କ ଉପରେ ଚାପ ନ ପକାଇ ତାଲିକାରେ ସାଧୁତା ଅବଲମ୍ବନ କରନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏ ସମ୍ପର୍କରେ ଶୁକ୍ରବାର ଧର୍ମେନ୍ଦ୍ର ଗଣମାଧ୍ୟମକୁ କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ନାମ ଭର୍ତ୍ତି କରିବା ପାଇଁ ଓଡ଼ିଶା ଲାଗି ନିୟମ କୋହଳ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ। ୨୦୧୮ରୁ ୨୦୧୯ର ଅଧା ସମୟ ପର୍ଯ୍ୟନ୍ତ ଆବାସ ପ୍ଲସ ପୋର୍ଟାଲ ଖୋଲା ରହିଲା। ସେହି ସମୟରେ ରାଜ୍ୟ ସରକାର ଯୋଗ୍ୟ ହିତାଧିକାରୀଙ୍କ ନାମ ସାମିଲ କଲେ ନାହିଁ। ପରବର୍ତ୍ତୀ ପର୍ଯ୍ୟାୟରେ ବାରମ୍ବାର ଆବାସ ପ୍ଲସ୍ ପୋର୍ଟାଲ ଖୋଲିବା ପରେ ଅତିରିକ୍ତ ୮ ଲକ୍ଷ ଘର ଓ ଫନୀ କ୍ଷତିଗ୍ରସ୍ତଙ୍କୁ ୧.୫ ଲକ୍ଷ ଘର ଦେବାକୁ ନିଷ୍ପତ୍ତି ହେଲା। ରାଜ୍ୟରେ ପିଏମ୍ ଆବାସ ଯୋଜନା ନେଇ ବିଭିନ୍ନ ଟିପ୍ପଣୀ ହେବା କାରଣରୁ ସାଢ଼େ ୯ ଲକ୍ଷ ଘର ଯୋଗ୍ୟ ହିତାଧିକାରୀଙ୍କୁ ଦେବା ପାଇଁ କେନ୍ଦ୍ର ସରକାର ରଖିଥିବା ସର୍ତ୍ତରେ ରାଜ୍ୟ ସରକାର ସମ୍ମତି ଜଣାଇଲେ। ଏବେ ଅନେକ ଯୋଗ୍ୟ ଲୋକଙ୍କ ନାମ ତାଲିକାରେ ନ ଥିବା ଅଭିଯୋଗ ସାମ୍ନାକୁ ଆସୁଛି। ବର୍ତ୍ତମାନ ଯେଉଁ ସାଢ଼େ ୯ ଲକ୍ଷ ଘର ଆସିଛି ତାହା ଯୋଗ୍ୟ ଲୋକଙ୍କୁ ମିଳୁ ବୋଲି ଧର୍ମେନ୍ଦ୍ର କହିଛନ୍ତି।


# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଜୟକୃଷ୍ଣ ପଣ୍ଡା**

ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ୧୯୩୨ ଜାନୁୟାରୀ ୨୯
ତିରୋଧାନ: ୨୦୨୨ ଫେବୃୟାରୀ ୦୧

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଆପଣଙ୍କ ଅମ୍ଳାନ ସ୍ମୃତିରେ....
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୨୫୪୫

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶ୍ରୀ ଲକ୍ଷ୍ମୀଧର ମିଶ୍ର**

(ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ)
ଆବିର୍ଭାବ: ୦୭।୦୩।୧୯୪୦
ତିରୋଧାନ: ୧୧।୦୧।୨୦୨୩
ପୁରୁଷୋତ୍ତମପୁର, ବାଲିଖଣ୍ଡ

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ପତ୍ନୀ, ପୁତ୍ର, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।

ଧ-୨୫୬୭

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।।"



**୰ ଲକ୍ଷ୍ମୀପ୍ରିୟା ମହାନ୍ତି**

ବାରାଗୋଧି, କୁଡ଼େଇ, ସୋର, ବାଲେଶ୍ୱର
ଆବିର୍ଭାବ: ୨୪.୦୬.୧୯୨୯ | ତିରୋଧାନ: ୧୧.୦୧.୨୦୨୩

ଆପଣଙ୍କର ଅବର୍ତ୍ତମାନରେ ସବୁ କିଛି ଓଲଟା ପାଲଟା ତଥାପି ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ନିଷ୍ଠା ଆମ ପାଇଁ ସର୍ବଦା ଚିରସ୍ମରଣୀୟ ହୋଇ ରହିବ। ଆଜିର ଏହି ଏକାଦଶାହ ଦିବସରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ଶ୍ରଦ୍ଧାଞ୍ଜଳି।

ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୬୭୫୬୬

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ରଜନୀକାନ୍ତ ପାଠୀ**

(ପୂର୍ବତନ ଶିକ୍ଷାବିତ୍)
ସ୍ଥାନ: କଳାରାହାଙ୍ଗ, ପଟିଆ
ଆବିର୍ଭାବ-୦୧।୦୬।୧୯୩୬
ତିରୋଧାନ- ୧୦।୦୧।୨୦୨୩

ଆପଣଙ୍କର ଗୁରୁ ହିସାବରେ ଶିକ୍ଷା, କର୍ତ୍ତବ୍ୟନିଷ୍ଠା, ସ୍ନେହ, ଭଲ ପାଇବା, ଅମ୍ଳାନ ସ୍ମୃତି, ଆଦର୍ଶ ସଦାସର୍ବଦା ଚିର କାଳ ପାଇଁ ଆମ୍ଭମାନଙ୍କର ହୃଦୟରେ ପ୍ରେରଣାର ଝର ଅକ୍ଷର ହୋଇ ରହିବ। ଆପଣଙ୍କର ସ୍ୱର୍ଗୀୟ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ସପରିବାର, ଆତ୍ମୀୟସ୍ୱଜନ, ବନ୍ଧୁ ପରିଜନବର୍ଗ।

ଧ-୫୯୫୫୦

CLASSIFIED DISPLAY ALL EDITION - B/W (Everyday)
MORE SPACE ! SAME PRICE
TARIFF
For Booking Contact 0674-2580385

10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଜିଲାପାଳ ସ୍ୱାଗତ କଲେନି ବୋଲି ରାଗିଗଲେ ଏମ୍‌ପି

## ଦିଶା କମିଟି ବୈଠକ ସ୍ଥାନ ପରିବର୍ତ୍ତନ କଲେ

**ବଲାଙ୍ଗୀର ଅଫିସ,୨୦ା୧**

ଜିଲାପାଳ ସ୍ୱାଗତ କଲେନି ବୋଲି ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ରାଗିଯିବା ଏବଂ ଦିଶା କମିଟି ବୈଠକ ସ୍ଥାନ ପରିବର୍ତ୍ତନ କରିବା ଚର୍ଚ୍ଚାର ବିଷୟ ହୋଇଛି। ଜିଲା ଉନ୍ନୟନ, ସମନ୍ୱୟ ଏବଂ ପର୍ଯ୍ୟବେକ୍ଷଣ (ଦିଶା) କମିଟି ବୈଠକ ଶୁକ୍ରବାର ସ୍ଥାନୀୟ ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ସମ୍ମିଳନୀ କକ୍ଷରେ ହେବା ପାଇଁ ସ୍ଥିର ହୋଇଥିଲା। ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଏମ୍‌ପି ସିଂଦେଓ ଉକ୍ତ କୋଠା ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ ତାଙ୍କୁ ସ୍ୱାଗତ କରିଥିଲେ। ତେବେ ସେହି ସମୟରେ ଜିଲାପାଳ ଚଞ୍ଚଳ ରାଣା ନ ଥିବାରୁ ସେ କୁଆଡ଼େ ଗଲେ ବୋଲି ଏମ୍‌ପି ସିଂଦେଓ ପ୍ରଶ୍ନ କରିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ସିଂ ଆଜି (ଶୁକ୍ରବାର) ଲୋକ ଉତ୍ସବ ଆରମ୍ଭ ହେଉଥିବାରୁ ଜିଲାପାଳ ମଞ୍ଚ ପୂଜାରେ ବସିଛନ୍ତି ବୋଲି କହିଥିଲେ। ଏହା ଶୁଣି ଏମ୍‌ପି ବିରକ୍ତି ପ୍ରକାଶ କରି ବୈଠକ ଥିବା ବେଳେ ସେ କିଭଳି ଲୋକ ଉତ୍ସବ ପୂଜାରେ ବସିଛନ୍ତି ବୋଲି କହିଥିଲେ। ସୌଜନ୍ୟତା ଦୃଷ୍ଟିରୁ ଏହା ଠିକ୍ କି ବୋଲି ପ୍ରଶ୍ନ କରି ଅସନ୍ତୋଷ ବ୍ୟକ୍ତ କରିଥିଲେ। ପରେ ଏହି ପଞ୍ଚାୟତ କୋଠାରେ କ'ଣ ଦିଶା ବୈଠକ ହେବ କହି ସେଠାରୁ ସର୍କିଟ୍ ହାଉସ୍‌କୁ ଚାଲିଯାଇଥିଲେ। ଏହାପରେ ଦିଶା କମିଟି ବୈଠକ ସର୍କିଟ୍ ହାଉସରେ ହୋଇଥିଲା। ବୈଠକ ସ୍ଥାନ ପରିବର୍ତ୍ତନ ହେବାରୁ ସମସ୍ତ ସଦସ୍ୟ ଓ ଅଧିକାରୀ ସର୍କିଟ୍ ହାଉସ୍‌କୁ ଯାଇଥିଲେ। ଜିଲାପାଳ ରାଣା ମଧ୍ୟ ଉକ୍ତ ବୈଠକକୁ ଆସିବା ପରେ ସେ କାହିଁକି ତାଙ୍କୁ ସ୍ୱାଗତ କଲେନାହିଁ ବୋଲି ସାଂସଦ ପ୍ରଶ୍ନ କରିଥିଲେ। ଲୋକ ଉତ୍ସବ କଥା କହି ଜିଲାପାଳ ରାଣା ଏମ୍‌ପିଙ୍କୁ ବୁଝାଇଥିବା ଦେଖିବାକୁ ମିଳିଥିଲା। ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗ ଉଠାଇ ଏମ୍‌ପି ସିଂଦେଓ ଅଧିକାରୀଙ୍କ ଉପରେ ବର୍ଷିଥିଲେ।



ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ସହ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଆଲୋଚନା କରୁଛନ୍ତି।


# Classified Everyday

**0674-2580101, 2549949**



REAL ESTATE

**SALE**

Gharabari plot size 1200sqft. onwards price Rs399/-sqft., 30'road, instant possession and registration infront of Trahiachyuta Ashram, Balakati 19km from Bhubaneswar Railwaystation. Whatsapp-9438288800 (finance available upto 70%). D-73365

ସତ୍ୟନଗରରେ ୧୦୦ଫୁଟ ରୋଡ୍‌କୁ ଲାଗି ୨୦୦୦୦ ବର୍ଗଫୁଟ ଘରବାରି ପ୍ଲଟ୍ ବିକ୍ରିହେବ। Contact: 9778928492. D-73675

ଝିଅ ବିଭାଘର ପାଇଁ ଗଙ୍ଗପଡ଼ାରେ ୩୦ ଫୁଟ ରୋଡ୍ ଥାଇ ୧୦ ଗୁଣ୍ଠ ଘରବାଡ଼ି ଜମି ବିକ୍ରି ହେବ (ଗୁଣ୍ଠ- 7,50,000/-)। 9853150290. D-74193

**30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941.** D-74195

ଗଙ୍ଗପଡ଼ା NHରୁ 700mtr. distance (per sqft-500/-), 200mtr. ଦୂରତାରେ (per sqft-1000/-) ଘର କଲାଭଳି boundary ସହ ପ୍ଲଟ୍ ମିଳୁଅଛି। 6372555493. D-2502

ଭୁବନେଶ୍ୱର ପିତାପଲ୍ଲୀ ଛକରୁ **200mtr** ଦୂରରେ **BDA yellowzone** ପ୍ଲଟ୍ **boundary** ସହ ମିଳୁଅଛି। **8338932027, 7978676652.** D-74192

ଭୁବନେଶ୍ୱର ହଂସପାଳଛକରୁ **5 K.M.** ମଧ୍ୟରେ ବେଣ୍ଟପୁରରେ **30'** ରାସ୍ତାକୁ ଲାଗି ଘରବାରି, ପାଚେରି, ଇଲେକ୍ଟ୍ରିସିଟି, ନାମ ଫଳକ ସହ ପ୍ଲଟ୍ ବିକ୍ରିହେବ। **6371364640, 9776366322.** D-74184

One gharabari plot with Boundary sale at Pratapanagar, Cuttack 4050 sqft near Suzuki showroom 62lakhs. -9938812818. D-73366

Duplex project at Retang Medical Station near CV Raman University, Tamando, Bhubaneswar. 7008459987. D-74185

ଭୁବନେଶ୍ୱର ରସୁଲଗଡ଼, ନଖରା, ମଞ୍ଚେଶ୍ୱର, ହଂସପାଳ, ପାତ୍ରପଡ଼ା, ବାଳକାଟୀ, ମନ୍ଦାରବସ୍ତ, ବାରଙ୍ଗ ନିକଟରେ **flat, duplex, simplex plot** ଘରବାଡ଼ି) ସୁଲଭ ମୂଲ୍ୟରେ (ମିଳୁଛି। **7978671232 Whatsapp-8908710655.** D-74189

କଟକ-ଭୁବନେଶ୍ୱର (Twincity)ର ମଧ୍ୟଭାଗରେ ନିର୍ମିତ Grandbazar NH-16 ରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି plot ଶସ୍ତାରେ କିଣନ୍ତୁ। ଗୃହନିର୍ମାଣ କରନ୍ତୁ। 8249422604. D-74191

କଳାରାହାଙ୍ଗ **(New Railway Station)** ପାଖରେ **SC, General plot** ମିଳୁଛି। **7008492511.** D-2509

Schedulecaste ପ୍ଲଟ୍ ଝାଁଳା 1200sqft., 9,60,000/-, ଅରଗୁଳ ଷ୍ଟେସନ 4000sqft. 14,00,000/-, ନଖରା ବ୍ରାହ୍ମଣଝରିଲୋ 2400sqft. 24,00,000/-. 8260032051. D-74194

ଭୁବନେଶ୍ୱର ଖଣ୍ଡଗିରି **AMRI Hospital** ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ **Madanpur, Gita/Gandhi College** ପାଖରେ **Sqft. 650/-**ରେ ମିଳୁଛି - **9348767829.** D-74173

ଭୁବନେଶ୍ୱର ବାଲିଅନ୍ତା ପୋଲିସ ଷ୍ଟେସନ ପାଖରେ ଘରବାରି ପ୍ଲଟ୍ 30'Road, Electricity ଥାଇ ମିଳୁଛି। (Boundary, registration free). 9337922588. D-74190

ଭୁବନେଶ୍ୱର ରସୁଲଗଡ଼ **3BHK flat,** ନଖରା ଛକ, ହଂସପାଳ ଛକ, **3BHK Duplex,** ଘରବାରି ପ୍ଲଟ୍ ସାଇ ମନ୍ଦିର, ରଙ୍ଗବଜାର, ବାଳକାଟୀ ନିକଟରେ ମିଳୁଛି। **8327785834, 9658122456.** D-74188



Newly open full body massage ladies and gents. 8327740003, 8093860513. D-74631

Asribadaa Panchakarma herbal SPA Kesarimall, Bhubaneswar. Contact: 8926173473. D-74632

Newly open health benefits SPA special offer@999Nayapalli. 7846814019. D-73676

Full body massage in homely Atmospher all therapy. Mob: 8114881641. D-73420

Revitalize your-self with our ayurvedic massage and refreshment. Contact: 8984068198. D-74509

**Full body massage by experience therapist @ 999 only. 9078484455 (Bhubaneswar).** D-2453

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com



CONSTRUCTION

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74186



BUSINESS

ନୂଆ କିମ୍ବା ପୁରୁଣାଘରେ ଉଇ, ଅସରପା, ଝିଟିପିଟିମାନଙ୍କଠାରୁ ସୁରକ୍ଷିତ ରହିବା ପାଇଁ ଯୋଗାଯୋଗ। PPC Pvt. Ltd. 7008004207, 9337237147. D-74196

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରେଲିଆ

**ରାଉରକେଲା ଅଫିସ/ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୨୦।୧**

ତିନିଥର ଚାମ୍ପିୟନ ଓ ଦୁଇଥର ରନରଅପ୍ ଅଷ୍ଟ୍ରେଲିଆ ପ୍ରଭାବୀ ପ୍ରଦର୍ଶନ ବଜାୟ ରଖି ଚଳିତ ହକି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ପୁଲ୍ 'ଏ'ର ଏକ ମ୍ୟାଚରେ ଏହି ଦଳ ଦକ୍ଷିଣ ଆଫ୍ରିକାକୁ ବୃହତ୍ ବ୍ୟବଧାନ ୯-୨ ଗୋଲରେ ପରାସ୍ତ କରିଛି। ବ୍ଲେକ୍ ଗୋଭର୍ସ ୩,

## ବ୍ଲେକ୍ ଗୋଭର୍ସଙ୍କ ହ୍ୟାଟ୍ରିକ

୧୪, ୧୮ ଓ ୧୯ତମ ମିନିଟରେ ହ୍ୟାଟ୍ରିକ ସହ ୪ଟି ଗୋଲ ଦେଇ ଅଷ୍ଟ୍ରେଲିଆର ବୃହତ୍ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହା ମଧ୍ୟରେ ଏକ ପେନାଲ୍ଟି ଷ୍ଟ୍ରୋକ୍ ଗୋଲ ସାମିଲ। ଦ୍ୱିତୀୟ କ୍ୱାର୍ଟର ଅର୍ଥାତ୍ ମ୍ୟାଚର ୧୮ତମ ମିନିଟରେ ଡି' ଏରିଆ ମଧ୍ୟରେ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଅଷ୍ଟ୍ରେଲିଆକୁ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ଦିଆଯାଇଥିଲା। ଗୋଭର୍ସ ଏହାକୁ ଗୋଲରେ ପରିଣତ କରିବାରେ କୌଣସି ତ୍ରୁଟି କରି ନ ଥିଲେ। ତାଙ୍କ ବ୍ୟତୀତ ଟମ୍ କ୍ରେଗ୍ ୯ମ, ଜ୍ୟାକ ହାର୍ଭି ୨୧, ଡାନିଏଲ ବାଲେ ୨୭, ଜେରେମି ହେୱାର୍ଡ ୩୧ ଓ ଟିମ୍ ବ୍ରାଣ୍ଡ ୪୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଏନ୍‌କୋବିଲେ ଏନ୍‌ଟୁଲି ୭ମ ଏବଂ ଟେଭିନ୍ କୋକ୍ ୫୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିବାକୁ ସକ୍ଷମ ହୋଇଥିଲେ। ବିଶୃଙ୍ଖଳିତ ଆଚରଣ ପାଇଁ ଦକ୍ଷିଣ ଆଫ୍ରିକାର ନିକୋଲାସ ସ୍ପୁନରଙ୍କୁ ୩୨ତମ ମିନିଟରେ ୟେଲୋ ଏବଂ ଏନ୍‌କୋବିଲେ ଏନ୍‌ଟୁଲିଙ୍କୁ ୪୭ତମ ମିନିଟରେ ଗ୍ରୀନ୍ କାର୍ଡ ମିଳିଥିଲା। ଗୋଭର୍ସ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।



ମ୍ୟାଚ ଜିତିବା ପରେ ଉଲ୍ଲସିତ ଅଷ୍ଟ୍ରେଲିଆ ଖେଳାଳି।

## ଦକ୍ଷିଣ ଆଫ୍ରିକାର ବିଦାୟ

ପୁଲ୍ 'ଏ'ର ଗ୍ରୁପ୍ ପର୍ଯ୍ୟାୟ ଶେଷରେ ଅଷ୍ଟ୍ରେଲିଆ ୩ ମ୍ୟାଚରୁ ୨ ବିଜୟ ଓ ୧ ଡ୍ର ସହ ୭ ପଏଣ୍ଟ ପାଇ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସମାନ ସଂଖ୍ୟକ ମ୍ୟାଚ ଖେଳିଥିବା ଆର୍ଜେଣ୍ଟିନା ୧ ବିଜୟ ଓ ୨ ଡ୍ର ସହ ୫ ଏବଂ ଫ୍ରାନ୍ସ ୩ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ସହିତ ୪ ପଏଣ୍ଟ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଫଳରେ ଏହି ଦୁଇ ଦଳ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅନ୍ୟପକ୍ଷରେ ୩ ମ୍ୟାଚରୁ ୩ ପରାଜୟ ସହ ଦକ୍ଷିଣ ଆଫ୍ରିକା ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଛି। ଏହି ଦଳ ଏବେ ପୋଜିଶନ ପାଇଁ କ୍ଲାସିଫିକେଶନ ମ୍ୟାଚ ଖେଳିବ। ଫ୍ରାନ୍ସକୁ ୮-୦ ଗୋଲରେ ହରାଇ ଦମ୍‌ଦାର ଭାବେ ଅଭିଯାନ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ମ୍ୟାଚକୁ ଆର୍ଜେଣ୍ଟିନା ସହିତ ୩-୩ ଗୋଲରେ ଡ୍ର ରଖିଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷରେ ୯-୨ ଗୋଲରେ ବିଜୟ ଫଳରେ ଏହି ଦଳର ଗୋଲ ବ୍ୟବଧାନ +୧୫ ହୋଇଯାଇଛି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକାକୁ ୧-୦ ଗୋଲରେ ହରାଇ ଅତ୍ୟନ୍ତ ଦୁର୍ବଳ ଆରମ୍ଭ କରିଥିବା ଆର୍ଜେଣ୍ଟିନା ଦ୍ୱିତୀୟ ମ୍ୟାଚରେ ଅଷ୍ଟ୍ରେଲିଆକୁ ଟକ୍କର ଦେଇଥିଲେ ହେଁ ତୃତୀୟ ମ୍ୟାଚକୁ ଅପେକ୍ଷାକୃତ ଦୁର୍ବଳ ଫ୍ରାନ୍ସ ବିପକ୍ଷରେ ୫-୫ ଗୋଲରେ ଡ୍ର ରଖିଛି। ଫ୍ରାନ୍ସ କିନ୍ତୁ ନିଜର ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆଠାରୁ ବଡ଼ ବ୍ୟବଧାନରେ ହାରିଥିଲେ ମଧ୍ୟ ପରେ ସଫଳ ପ୍ରତ୍ୟାବର୍ତ୍ତନ କରି କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି।

## ହକି ବିଶ୍ୱକପ ପଏଣ୍ଟ ଟେବୁଲ

| ଦଳ | ଖେଳିଛି | ବିଜୟ | ଡ୍ର | ପରାଜୟ | ସ.ଗୋଲ | ବି.ଗୋଲ | ଗୋ.ବ୍ୟବଧାନ | ପଏଣ୍ଟ |
|---|---|---|---|---|---|---|---|---|
| ପୁଲ୍ 'ଏ' | | | | | | | | |
| ଅଷ୍ଟ୍ରେଲିଆ | ୩ | ୨ | ୧ | ୦ | ୨୦ | ୫ | +୧୫ | ୭ |
| ଆର୍ଜେଣ୍ଟିନା | ୩ | ୧ | ୨ | ୦ | ୯ | ୮ | +୧ | ୫ |
| ଫ୍ରାନ୍ସ | ୩ | ୧ | ୧ | ୧ | ୭ | ୧୪ | -୭ | ୪ |
| ଦକ୍ଷିଣ ଆଫ୍ରିକା | ୩ | ୦ | ୦ | ୩ | ୩ | ୧୨ | -୯ | ୦ |
| ପୁଲ୍ 'ବି' | | | | | | | | |
| ବେଲଜିୟମ | ୩ | ୨ | ୧ | ୦ | ୧୪ | ୩ | +୧୧ | ୭ |
| ଜର୍ମାନୀ | ୩ | ୨ | ୧ | ୦ | ୧୨ | ୪ | +୮ | ୭ |
| ଦକ୍ଷିଣ କୋରିଆ | ୩ | ୧ | ୦ | ୨ | ୪ | ୧୩ | -୯ | ୩ |
| ଜାପାନ | ୩ | ୦ | ୦ | ୩ | ୨ | ୧୨ | -୧୦ | ୦ |
| ପୁଲ୍ 'ସି' | | | | | | | | |
| ନେଦରଲାଣ୍ଡସ | ୩ | ୩ | ୦ | ୦ | ୨୨ | ୦ | +୨୨ | ୯ |
| ନ୍ୟୁଜିଲାଣ୍ଡ | ୩ | ୨ | ୦ | ୧ | ୬ | ୮ | -୨ | ୬ |
| ମାଲେସିଆ | ୩ | ୧ | ୦ | ୨ | ୫ | ୮ | -୩ | ୩ |
| ଚିଲି | ୩ | ୦ | ୦ | ୩ | ୩ | ୨୦ | -୧୭ | ୦ |
| ପୁଲ୍ 'ଡି' | | | | | | | | |
| ଇଂଲଣ୍ଡ | ୩ | ୨ | ୧ | ୦ | ୯ | ୦ | +୯ | ୭ |
| ଭାରତ | ୩ | ୨ | ୧ | ୦ | ୬ | ୨ | +୪ | ୭ |
| ସ୍ପେନ୍ | ୩ | ୧ | ୦ | ୨ | ୫ | ୭ | -୨ | ୩ |
| ୱେଲ୍ସ | ୩ | ୦ | ୦ | ୩ | ୩ | ୧୪ | -୧୧ | ୦ |

# ବୁନ୍‌ଙ୍କ ୫ ଗୋଲ: କ୍ୱାର୍ଟରରେ ବେଲଜିୟମ



ଜାପାନ ବିପକ୍ଷ ମ୍ୟାଚ ଅବସରରେ ବେଲଜିୟମ ପକ୍ଷରୁ ୫ ଗୋଲ ଦେଇଥିବା ଟମ୍ ବୁନ୍ (ବାମ)।

**ରାଉରକେଲା ଅଫିସ/ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୨୦।୧**

ଗତଥରର ଚାମ୍ପିୟନ ବେଲଜିୟମ ଏଥର ମଧ୍ୟ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ହକି ବିଶ୍ୱକପର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ପୁଲ୍ 'ବି'ର ଏକ ମ୍ୟାଚରେ ଏହି ଦଳ ୭-୧ ଗୋଲରେ ଏସୀୟ ଦଳ ଜାପାନକୁ ପରାସ୍ତ କରିଛି। ତାରକା ଖେଳାଳି ଟମ୍ ବୁନ୍ ୨୧, ୨୬, ୨୭, ୫୦ ଓ ୫୫ତମ ମିନିଟରେ ଏକାକୀ ୫ଟି ଗୋଲ ଦେଇ ବେଲଜିୟମକୁ ବୃହତ୍ ବିଜୟ ଦେବାରେ ମୁଖ୍ୟ ଭୂମିକା ତୁଲାଇଥିଲେ। ସେ ୪ଟି ଫିଲ୍ଡ ଗୋଲ ଦେଇଥିବାବେଳେ ୫୫ତମ ମିନିଟରେ ଜାପାନ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ବେଲଜିୟମକୁ ମିଳିଥିବା ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗର ସଦ୍‌ବ୍ୟବହାର କରିଥିଲେ। ବିଜୟୀ ଦଳ ପକ୍ଷରୁ ସେଡ୍ରିକ ଚାର୍ଲେର ୧୭ ଏବଂ ସେବାଷ୍ଟିଆନ ଡୋକେର ୫୧ତମ ମିନିଟରେ ଅନ୍ୟ ୨ଟି ଗୋଲ ଦେଇଥିଲେ। ଜାପାନ ପକ୍ଷରୁ କେନ୍ତାରୋ ଫୁକୁଡା ୪୫ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ୩ ମ୍ୟାଚରୁ ୨ ବିଜୟ ଓ ୧ ଡ୍ର ସହ ୭ ପଏଣ୍ଟ ପାଇ ବେଲ୍‌ଜିୟମ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଜର୍ମାନୀ ସମାନ ୭ ପଏଣ୍ଟ ପାଇଥିଲେ ହେଁ ଗୋଲ ବ୍ୟବଧାନ ଦୃଷ୍ଟିରୁ ଦ୍ୱିତୀୟ ସ୍ଥାନରେ ରହିଛି। ବେଲଜିୟମର ଗୋଲ ବ୍ୟବଧାନ +୧୧ ଥିବାବେଳେ ଜର୍ମାନୀର +୮ ରହିଛି। ଫଳରେ ଜର୍ମାନୀ ଦ୍ୱିତୀୟ ଏବଂ ଦକ୍ଷିଣ କୋରିଆ ୩ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ରହି କ୍ରସ୍ ଓଭର ଖେଳିବାକୁ ଯୋଗ୍ୟତା ପାଇଛନ୍ତି। ଅନ୍ୟପକ୍ଷରେ ଜାପାନ ୩ ମ୍ୟାଚରୁ ତୃତୀୟ ବିଜୟ ସହ ବିଦାୟ ନେଇଛି। ଏବେ ଏହି ଦଳ କ୍ଲାସଫିକେଶନ ମ୍ୟାଚ ଖେଳିବ। ବେଲଜିୟମ ପ୍ରଥମ ମ୍ୟାଚରେ ୫-୦ରେ ଦକ୍ଷିଣ କୋରିଆକୁ ହରାଇଥିବାବେଳେ ଜର୍ମାନୀ ବିପକ୍ଷ ଦ୍ୱିତୀୟ ମ୍ୟାଚକୁ ୨-୨ ଗୋଲରେ ଡ୍ର ରଖିଥିଲା। ତୃତୀୟ ମ୍ୟାଚରେ ବୃହତ୍ ବିଜୟ ହାସଲ କରି ଏହି ଦଳ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ଟାଇଟଲ ବଜାୟ ରଖିବା ଦିଗରେ ଗୋଟିଏ ପାଦ ଆଗକୁ ବଢ଼ିଛି।



ଜଣେ ମହିଳା ତାଙ୍କ ସନ୍ତାନ ମୁହଁକୁ ଚିତ୍ରିତ କରାଉଛନ୍ତି।



ବେଲଜିୟମ ଦଳର ନିଆରା ସମର୍ଥକ କ୍ରିସ୍।

## ମିଡିଆ ଗ୍ୟାଲେରିରେ ମ୍ୟାଚ୍ ଦେଖିଲେ ଜିଲାପାଳ

ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଶୁକ୍ରବାର ୪ଟି ମ୍ୟାଚ୍ ଖେଳାଯାଇଥଲା। ତେବେ ଫ୍ରାନ୍ସ ଓ ଆର୍ଜେଣ୍ଟିନା ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଚାଲିଥିବାବେଳେ ସୁନ୍ଦରଗଡ଼ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି ମିଡିଆ ଗ୍ୟାଲେରିକୁ ଆସିଥିଲେ। ସେଠାରେ ସେ ଖବରଦାତାଙ୍କ ସହ ମତ ବିନିମୟ କରି କିଛି ସମୟ ମ୍ୟାଚ୍ ଦେଖିବା ପରେ ଚାଲିଯାଇଥିଲେ। ପ୍ରଥମ ଥର ଜିଲାରେ ଏଭଳି ବିଶ୍ୱସ୍ତରୀୟ ହକି ମ୍ୟାଚ୍ ଖେଳାଯାଉଥିବାରୁ ଉକ୍ତ ଖେଳକୁ ସମର୍ଥନ କରିଥିବା ଜିଲା ତଥା ସହରବାସୀଙ୍କୁ ଜିଲାପାଳ ଗାଭାଲି ଶୁଭେଚ୍ଛା ଜଣାଇଥିଲେ।

## ରାଜଗାଙ୍ଗପୁରରୁ ଆସି ମ୍ୟାଚ୍ ଦେଖିଲେ ଭିନ୍ନକ୍ଷମ

ହକିର ଗଡ଼ ସୁନ୍ଦରଗଡ଼ରେ ହକି ମ୍ୟାଚ୍ ଆୟୋଜନକୁ ନେଇ ଜିଲାର କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଶୁକ୍ରବାର ମ୍ୟାଚ୍ ଦେଖିବା ପାଇଁ ରାଜଗାଙ୍ଗପୁରରୁ ଆଦିତ୍ୟ ସିଂ ଖୁସ୍‌ବା ବିର୍ସା ମୁଣ୍ଡା ଷ୍ଟାଡିୟମକୁ ଆସିଥିଲେ। ସେ ଷ୍ଟାଡିୟମର ଇଷ୍ଟ ନର୍ଥ ଭିନ୍ନକ୍ଷମ ଗ୍ୟାଲେରିରେ ବସି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଦିତ୍ୟ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ପିଲାଟି ଦିନରୁ ତାଙ୍କର ହକି ପ୍ରତି ରୁଚି ରହିଛି। ସେ ଗ୍ୟାଲେରିରେ ବସି ବେଲଜିୟମ ଓ ଅଷ୍ଟ୍ରେଲିଆ ଦଳକୁ ସମର୍ଥନ କରିଥିଲେ।

## ରାଉରକେଲା ଗସ୍ତ ସାର୍ଥକ ହେଲା

ହକି ବିଶ୍ୱକପ୍ ଦେଖିବା ପାଇଁ ଗତ ଚାରି ସପ୍ତାହ ହେବ ବେଲଜିୟମରୁ ଓଡ଼ିଶା ଆସିଛନ୍ତି କ୍ରିସ୍। ସେ ଶୁକ୍ରବାର ନିଜ ଦେଶ ବେଲଜିୟମ ସମର୍ଥନରେ ଦେଶର ଜାତୀୟ ପତାକା ହାତରେ ଧରି ବିର୍ସା ମୁଣ୍ଡା ଷ୍ଟାଡିୟମକୁ ଯାଇଥିଲେ। ତାଙ୍କ ଦଳ ସୁନିଶ୍ଚିତ ଜିତିବ ଏବଂ ଦଳର ଫରୱାର୍ଡ ଖେଳାଳି କ୍ରେଡ୍‌ରିକ ଚାରଲିୟର ଓ ଅଧିନାୟକ ଫେଲିକ୍ସ ଡେନିୟର ବିପକ୍ଷ ଦଳ ଜାପାନ ଉପରେ ଭାରି ପଡ଼ିବେ ବୋଲି ସେ କହିଥିଲେ। କ୍ରିସ୍ ଷ୍ଟାଡିୟମର ଦକ୍ଷିଣ ଷ୍ଟାଣ୍ଡରେ ବସି ବେଲଜିୟମ ଦଳକୁ ସମର୍ଥନ କରିଥିଲେ। ଦଳ ବିଜୟୀ ହେବା ପରେ ତାଙ୍କର ରାଉରକେଲା ଆସିବା ସାର୍ଥକ ହେଲା ବୋଲି କ୍ରିସ୍ ମତପ୍ରକାଶ କରିଥିଲେ।

-ରିପୋର୍ଟ: ଦିନେଶ ମିଶ୍ର

# କ୍ରସ୍ ଓଭରରେ ଆର୍ଜେଣ୍ଟିନା, ଫ୍ରାନ୍ସ

**ରାଉରକେଲା ଅଫିସ/ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୨୦।୧**

ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଆର୍ଜେଣ୍ଟିନା-ଫ୍ରାନ୍ସ ହକି ବିଶ୍ୱକପ୍ ମ୍ୟାଚ ୫-୫ ଗୋଲରେ ଡ୍ର ରହିଛି। ଆର୍ଜେଣ୍ଟିନା (୯ମ) ତୁଳନାରେ ଫ୍ରାନ୍ସ (୧୧ଶ) ର୍‍ୟାଙ୍କିଙ୍ଗ୍‌ରେ ନିମ୍ନରେ ଥିଲେ ହେଁ ଏହି ମ୍ୟାଚରେ କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ଦଳର ଅଧିନାୟକ ଭିକ୍ଟର ଚାର୍ଲେଟ ପ୍ରକୃତ ସେନାନାୟକ ଭଳି ପ୍ରଦର୍ଶନ କରିଥିଲେ। ସେ ୩୫, ୩୭, ୪୮ ଓ ୫୯ତମ ମିନିଟରେ ଏକାକୀ ୪ଟି ଗୋଲ ସ୍କୋର କରିଥିଲେ। ଏଥିରୁ ୨ଟି ଗୋଲ ପେନାଲ୍ଟି କର୍ନର ଓ ଅନ୍ୟ ୨ଟି ପେନାଲ୍ଟି ଷ୍ଟ୍ରୋକ୍‌ରୁ ଆସିଥିଲା। ୩୫ ଓ ୫୯ତମ ମିନିଟରେ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଆର୍ଜେଣ୍ଟିନାକୁ ଦଣ୍ଡସ୍ୱରୂପ ଫ୍ରାନ୍ସକୁ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ଦିଆଯାଇଥିଲା। ଚାର୍ଲେଟ ସଫଳତାର ସହ ଏହାକୁ ଗୋଲରେ ପରିଣତ କରିଥିଲେ। ଇଟିନେ ଟେନ୍‌ଭେଜ ୧୦ମ ମିନିଟରେ ଦଳ ପକ୍ଷରୁ ଅନ୍ୟ ଗୋଲଟି ସ୍କୋର କରିଥିଲେ। ଆର୍ଜେଣ୍ଟିନା ପକ୍ଷରୁ ନିକୋଲାସ ଡେଲା ଟୋରେ ୩୩, ୪୧ ଓ ୫୯ତମ ମିନିଟରେ ପେନାଲ୍ଟି କର୍ନରରୁ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ନିକୋଲାସ କିନାନ ୨ୟ ଏବଂ ମାର୍ଟିନ ଫେରେରୋ ୫୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଗ୍ରୁପ୍ ପର୍ଯ୍ୟାୟ ଶେଷରେ ପୁଲ୍ 'ଏ' ରୁ ଅଷ୍ଟ୍ରେଲିଆ ପଛକୁ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହି ଆର୍ଜେଣ୍ଟିନା ଓ ଫ୍ରାନ୍ସ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୩ଟି ଲେଖାଏ ମ୍ୟାଚ ଖେଳି ସାରିଥିବାବେଳେ ଆର୍ଜେଣ୍ଟିନା ଓ ଫ୍ରାନ୍ସ ଯଥାକ୍ରମେ ୫ ଓ ୪ ପଏଣ୍ଟ ପାଇ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। କ୍ରସ୍ ଓଭର ମ୍ୟାଚ ଜିତିଲେ ଏହି ଦୁଇ ଦଳ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହେବେ।

# କୋରିଆକୁ ୭-୨ରେ ହରାଇଲା ଜର୍ମାନୀ

**ରାଉରକେଲା ଅଫିସ/ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୨୦।୧**

ହକି ବିଶ୍ୱକପର ଶେଷ ଗ୍ରୁପ୍ ମ୍ୟାଚରେ ଶୁକ୍ରବାର ଦକ୍ଷିଣ କୋରିଆକୁ ୭-୨ ଗୋଲରେ ଜର୍ମାନୀ ପରାସ୍ତ କରିଛି। ମାତ୍ର ଏହି ବଡ଼ ବିଜୟ ଜର୍ମାନୀକୁ ସିଧାସଳଖ କ୍ୱାର୍ଟର ଫାଇନାଲ ଯୋଗ୍ୟତା ଦେଇ ପାରିନାହିଁ। ପୁଲ୍ 'ବି'ରେ ଦ୍ୱିତୀୟ ସ୍ଥାନରେ ରହିଥିବାରୁ ଜର୍ମାନୀ କ୍ରସ୍ ଓଭର ଖେଳିବ। ତୃତୀୟ ସ୍ଥାନ ହାସଲ କରିଥିବା କୋରିଆ ମଧ୍ୟ କ୍ରସ୍ ଓଭର ମ୍ୟାଚରେ ଅବତୀର୍ଣ୍ଣ ହେବ। ଜର୍ମାନୀ ସମକକ୍ଷ ୭ ପଏଣ୍ଟ ପାଇଥିଲେ ହେଁ ଏହି ଗ୍ରୁପ୍‌ରୁ ବେଲ୍‌ଜିୟମ ଗୋଲ ବ୍ୟବଧାନରେ ଆଗରେ ରହି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କୋରିଆ ବିପକ୍ଷ ମ୍ୟାଚରେ ଜର୍ମାନୀ ପକ୍ଷରୁ ନିକ୍ଲାସ ୱେଲେନ ୧ମ, ୧୬ ଓ ୪୦ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଞ୍ଜାଲୋ ପିଲାଟ ୪୨, ଜୁସଟୁସ ୱେଗାଣ୍ଡ ୫୦, ମ୍ୟାଟ୍ସ ଗ୍ରାମବୁଶ୍ଚ ୫୨ ଓ ମୋରିଜ ଲୁଡୱିଗ୍ ୫୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦକ୍ଷିଣ କୋରିଆ ପକ୍ଷରୁ ଜାଙ୍ଗ୍ ଜୋଙ୍ଗହ୍ୟୁନ ୧୪ ଓ ୫୯ତମ ମିନିଟରେ ୨ଟି ଗୋଲ ପରିଶୋଧ କରିଥିଲେ। ୨୩ ତାରିଖରେ ଆର୍ଜେଣ୍ଟିନା ବିପକ୍ଷରେ କୋରିଆ ଏବଂ ଫ୍ରାନ୍ସ ବିପକ୍ଷରେ ଜର୍ମାନୀ କ୍ରସ୍ ଓଭର ମ୍ୟାଚ ଖେଳିବ।




ବିର୍ସା ମୁଣ୍ଡା ଷ୍ଟାଡିୟମକୁ ଶୁକ୍ରବାର ମ୍ୟାଚ ଦେଖିବା ପାଇଁ ପ୍ରବେଶ ଅବସରରେ ମହିଳା ଦର୍ଶକ। (ଫଟୋ: ବିବେକ ମହାନ୍ତି)



ଆର୍ଜେଣ୍ଟିନା-ଫ୍ରାନ୍ସ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଅଧୁରା ସ୍ୱପ୍ନ

**ଗଳ୍ପ**

**ଶରତ କୁମାର ରାଉତ**

ଡାକ୍ତରଖାନାରୁ ଫେରି ଜୟନ୍ତୀ ରୋହିତର ଚିଠି ଖୋଲି ପଢ଼ିଲେ। ସବୁ ପୁରୁଣା କଥା... "ହଁ, କେମିତି ଅଛ? ସେହି ପାହାଡ଼ଘେରା ଅଞ୍ଚଳରେ କ'ଣ କେବେ ମୋ' କଥା ମନେପଡ଼େ? ସତର୍କ ହୋଇ ଚଳୁଥିବ! ଇତି, ତୁମର ରୋହିତ।"

ଜୀବନର ହଜିଲା ମୁହୂର୍ତ୍ତ ସବୁ ତାଙ୍କ ସ୍ମୃତିପଟରେ ଭାସିଆସିଲା। ରୋହିତ ସହିତ ସେ ପଢୁଥିଲେ ମେଡିକାଲ କଲେଜରେ। ଖୁବ୍ ସୁନ୍ଦର, ସୁସ୍ଥ, ଶାନ୍ତ ଥିଲା ରୋହିତ। ଶ୍ରେଣୀର ସବୁଠୁ ଅଧିକ ପ୍ରତିଭାବାନ୍, ଆଦରଣୀୟ। ଦିନେ ସେ ମତେ କହିଲା, 'ତୁମେ ମତେ ଖୁବ୍ ଭଲ ଲାଗୁଛ ଜୟନ୍ତୀ! ମୁଁ ତୁମକୁ ବିବାହ କରିବାକୁ ଚାହେଁ।'

ରାଗରେ ଜୟନ୍ତୀ କହିଲେ, "ମୋର ଆଦୌ ବିବାହ କରିବାର ନାହିଁ। ପାଠପଢ଼ିଛି, ନିଜେ ରୋଜଗାର କରି ସ୍ୱାଧୀନ ହୋଇପାରିବି।" ବିବାହ ନ କରିବାକୁ ପିଲାଟିବେଳୁ ତାଙ୍କର ପ୍ରତିଜ୍ଞା ଥିଲା। ଫୋନ୍ ରିଂ ହେଲା। ହସ୍ପିଟାଲ୍‌ରୁ ନର୍ସ କହୁଥିଲା, 'ମାଡାମ୍, ବାର ନମ୍ବର ବେଡ୍ ରୋଗୀର ଅବସ୍ଥା ଭାରି ସାଂଘାତିକ'। ସଙ୍ଗେ ସଙ୍ଗେ ଜୟନ୍ତୀ ଚାଲିଗଲେ ହସ୍ପିଟାଲ।

ଜୟନ୍ତୀଙ୍କର ଜୀବନ ସୀମିତ ରହିଯାଇଥିଲା ହସ୍ପିଟାଲ ଓ ଘର ମଧ୍ୟରେ। ହସ୍ପିଟାଲରେ ଭିଡ଼, ରୋଗୀ ଓ ସେମାନଙ୍କର ସମ୍ପର୍କୀୟ ଆଉ ଘରେ ନିର୍ଜନତା। ଅବଶ୍ୟ ବେଳେବେଳେ ଘରକୁ ବାପା ମା' କି କୌଣସି ସାଙ୍ଗ ଆସୁଥିଲେ।

"ମା', ରୋହିତ ନାମକ ଜଣେ କେହି ଆସିଛନ୍ତି।" ବାହାରୁ ଆସି ଖବର ଦେଲା ଚାକରାଣୀ।

'ତାକୁ ଭିତରକୁ ଡାକିଆଣ।' ସେ ଚାକରାଣୀକୁ ଆଦେଶ ଦେଲେ।

ରୋହିତ ଆସିଲା। ବୟସ ବୃଦ୍ଧି ସତ୍ତ୍ୱେ ସେ ପୂର୍ବ ପରି ସୁନ୍ଦର ଦେଖାଯାଉଥିଲା।

'ଦେହ ଭଲଅଛି ନା?' ରୋହିତ ପଚାରିଲା। କିନ୍ତୁ ଜୟନ୍ତୀ ନୀରବ। କେବଳ ଦୁହେଁ ପରସ୍ପରକୁ ଚାହିଁଥିଲେ।

କିଛି ସମୟ ପରେ ରୋହିତ କହିଲା, "ମୁଁ ଗାଧୋଇବି ମାଡାମ୍, ଗାଡ଼ିରେ ବସିବସି ଏକଦମ୍ କ୍ଳାନ୍ତ।"

'ମାଡାମ୍' ଶବ୍ଦ ଶୁଣି ଜୟନ୍ତୀ ରୋହିତ ଆଡ଼େ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ। କିଛି ବର୍ଷ ତଳର ସେହି ପୁରୁଣା କଥା ଜୟନ୍ତୀ ଭାବୁଥିଲେ... "ଜୟନ୍ତୀ, ଭଲ ଭାବେ ଚିନ୍ତାକର, ଅନେକ ପୁଅ ତ ମିଳିଯିବେ ତମକୁ, ହେଲେ ମୋ' ଭଳି ମିଳିବେନି।"

"ଆପଣଙ୍କ ଘର ଖୁବ୍ ଭଲ ଲାଗୁଛି ମାଡାମ୍।" ଗାଧୋଇ ଆସି ତଉଲିଆରେ ଓଦାବାଳ ପୋଛୁଥିଲେ ରୋହିତ।

ଜୟନ୍ତୀ ତା' ପସନ୍ଦର ଟିଫିନ୍ ଟେବୁଲ୍ ଉପରେ ରଖିଦେଇଥିଲେ। ରୋହିତ କେବଳ ଜୟନ୍ତୀଙ୍କ ଭିତରେ ପରିବର୍ତ୍ତନ ସମ୍ପର୍କରେ ଭାବୁଥିଲା। ଯଦିଓ ଜୟନ୍ତୀ ଟିକେ ଅସୁସ୍ଥ ଥିଲେ, ତଥାପି ତାଙ୍କର ଝଟକୁଥିବା ସୌନ୍ଦର୍ଯ୍ୟ ରୋହିତକୁ ମୁଗ୍ଧ କରୁଥିଲା।

'ଆପଣ ଖାଇବେନି କି ମାଡାମ୍?'

'ମୁଁ ତମ ପାଇଁ କେବେଠୁଁ ମାଡାମ୍ ହୋଇଗଲିଣି!' ସେ ଭାବୁଥିଲେ ପଚାରିବାକୁ।

ରୋହିତ ଭାବନାତ୍ମକ ଦୃଷ୍ଟିରେ ଜୟନ୍ତୀଙ୍କର ରୁଗ୍‌ଣ ଦେହ ଓ ଶୁଷ୍କ ଓଠକୁ ଚାହିଁଥିଲା।

ଆଜିଯାଏ ସେ ଯାହାକୁ ଏଡ଼ାଇ ଚାଲିଥିଲା, ସେ ପୁଣି ତା' ହୃଦୟକୁ ଅକ୍ତିଆର କରିନେଉଥିବା ଜୟନ୍ତୀ ଅନୁଭବ କରୁଥିଲେ।

ରୋହିତ ଆସିବା ଦିନରୁ ରାତି ଦିନ କିଛି ଜାଣିପାରୁ ନାହାନ୍ତି ଜୟନ୍ତୀ। ଯଦିଓ ସେ ଖୁବ୍ ଶାଳୀନତାରେ କଥା କହୁଥିଲେ, ତଥାପି ତା'ର ସାନ୍ନିଧ୍ୟ ଜୟନ୍ତୀଙ୍କୁ ଖୁବ୍ ଭଲ ଲାଗୁଥିଲା। ପ୍ରତି ମୁହୂର୍ତ୍ତ ନୂଆ ଲାଗୁଥିଲା। ଜୟନ୍ତୀଙ୍କୁ ଲାଗୁଥିଲା ସୂର୍ଯ୍ୟଙ୍କର କିରଣ ତାଙ୍କର ଗୋଟିଏ ଘରେ ପଡ଼ିଛି, ଆଉ ଘରର ସବୁ ଅନ୍ଧାର, ସବୁ ନିର୍ଜନତା ଉଭେଇଯାଇଛି!

ହସ ଖେଳରେ ବିତିଗଲା ଗୋଟିଏ ସପ୍ତାହ। ରୋହିତ କହିଲା, 'ମୁଁ ଏବେ ଯିବି।'

'ସତରେ ତୁମେ ପଳେଇବ ରୋହିତ!'

ରୋହିତ ଜୟନ୍ତୀଙ୍କ ମୁହଁର ତରଙ୍ଗାୟିତ ଭାବକୁ ପଢ଼ିବାରେ ଲାଗିଲା ଓ ନୀରବତାର ଭାବାର୍ଥକୁ ତା' ଭିତରୁ ଖୋଜିବାରେ ଲାଗିଲା। 'ତମ ଦେହ ଏବେ ପୂରା ଠିକ୍ ତ ଜୟନ୍ତୀ?' ରୋହିତ ନିଜ ପାପୁଲି ତାଙ୍କ ମଥା ଉପରେ ରଖିଲା। ହୁଏତ ସେ ଜୟନ୍ତୀଙ୍କ ଦେହ-ମନର ତାପମାତ୍ରାକୁ ମାପୁଥିଲା। ଆଉ ଜୟନ୍ତୀ ତା' ପାପୁଲି ସ୍ପର୍ଶରେ ଯେମିତି ରୋମାଞ୍ଚିତ ହୋଇଉଠୁଥିଲେ।



'ଭାବୁଛି ଆଉ କିଛିଦିନ ଛୁଟି ବଢ଼େଇଦେବି!' ରୋହିତ ଯେମିତି ଜୟନ୍ତୀଙ୍କ ହୃଦୟର କଥା ବୁଝିପାରି କହିଦେଲା। ଏବେ ଜୟନ୍ତୀଙ୍କ ମୁହଁରେ ଖୁସିର ଢେଉ ସ୍ପଷ୍ଟ ଦେଖାଗଲା। ସେ ଯେମିତି ସତେଜ ହୋଇଉଠିଲେ।

ଜୟନ୍ତୀଙ୍କୁ ହସ୍ପିଟାଲ ଛାଡ଼ିବାକୁ ଯାଉଥିଲା ରୋହିତ। ପାହାଡ଼ିରାସ୍ତାରେ ଗାଡ଼ି ଚଳାଇବାରେ ଅଭ୍ୟସ୍ତ ନଥିଲା ସିଏ। ଘାଟି ରାସ୍ତାର ଉପରୁ ତଳକୁ ଗାଡ଼ି ଆଗେଇ ଚାଲିଥିଲା ହ୍ରଦର କୂଳେ କୂଳେ। ଗାଡ଼ି ଦ୍ରୁତ ବେଗରେ ଚାଲିଥିବାରୁ ଜୟନ୍ତୀଙ୍କ ମନରେ ଭୟ ହେଉଥିଲା। ହଠାତ୍ ସେ ଚିଲେଇ ଉଠିଲେ। ରୋହିତ ଗାଡ଼ିର ବେଗ କମାଇ ଦେଇ କହିଲା, 'ଏତେ ଡରୁଛ ତ ଏତେ ବଡ଼ ସହରରେ ଏକା ରହୁଛ କିପରି?' ଏହି ରାସ୍ତା ଜୟନ୍ତୀଙ୍କ ପାଇଁ ନୂଆ ନଥିଲା। କିନ୍ତୁ ଆଜି ଏହି ରାସ୍ତା ତାଙ୍କୁ ଖୁବ୍ ମନୋରମ ଲାଗୁଥିଲା।

ଚାକରାଣୀ ଓ ସାଥୀ ଡାକ୍ତରମାନେ ବି କହୁଥିଲେ, 'ଆଗଠାରୁ ଖୁବ୍ ସ୍ମାର୍ଟ ଲାଗୁଛନ୍ତି ଆପଣ।' "ତେବେ କ'ଣ ପୁରୁଷ ସହ ରହିଲେ ସୌନ୍ଦର୍ଯ୍ୟ ବଢ଼ିଯାଏ? ଆଉ ଏକା ରହିବା ଜୀବନର ସଂଜ୍ଞା ନୁହେଁ? ହୁଏତ ବାସ୍ତବ କଥା କହୁଥିଲା ରୋହିତ। ମୁଁ ଭୁଲିଯାଇଥିଲି ଯେ, ସ୍ତ୍ରୀ-ପୁରୁଷ ପରସ୍ପରର ପରିପୂରକ ବୋଲି! ଜୀବନ ଧାରାରେ ସୁ-ପ୍ରବାହ ପାଇଁ ହିଁ ଆବଶ୍ୟକ ଉଭୟଙ୍କ ମିଳନ।"

ଆଜି ରୋହିତ ଚାଲିଯିବ! ଜୟନ୍ତୀଙ୍କର ସୁନ୍ଦର ମୁହଁଟା ମଳିନ ଓ ଉଦାସରେ ଆଚ୍ଛାଦିତ। ତଥାପି ଜୟନ୍ତୀ ଖୁସି। ସେ ସ୍ଥିର କରି ନେଇଥିଲେ ଯେ, ସେ ରୋହିତକୁ ବିବାହ କରିବେ ଓ ପ୍ରସ୍ତୁତି ପାଇଁ ବାପାଙ୍କ ପାଖକୁ ଫୋନ୍ କରିବେ।

ରୋହିତକୁ ଛାଡ଼ିବାକୁ ଜୟନ୍ତୀ ଷ୍ଟେସନ୍ ଯାଉଥିଲେ। ପୁରୁଣା ନୀଳ ଶାଢ଼ି ପିନ୍ଧିଥିଲେ- ଯାହାକୁ ଦେଖି ଦିନେ ରୋହିତ କହିଥିଲା, 'ଏହି ଶାଢ଼ି ତୁମକୁ ଭଲ ମାନୁଛି ଜୟନ୍ତୀ।' ଆଜି ବହୁ ବର୍ଷ ପରେ ମଧ୍ୟ ସେହି ଶାଢ଼ି ଦେଖି ରୋହିତ କହଲା, "ସତରେ ଏ ଶାଢ଼ି ତୁମକୁ ବେଶ୍ ମାନୁଛି! ଆମର ବିବାହ ପରେ ସବୁବେଳେ ମୁଁ ଏଭଳି ଶାଢ଼ି ହିଁ ତୁମ ପାଇଁ କିଣି ଆଣିବି!"

ମନେମନେ ଖୁସି ହେଲା ଜୟନ୍ତୀ। ଭାବିଲା, "ଅଧା ବୟସ ଭିତରେ ସେ ନିଜେ ହିଁ ନିଜର ଶାଢ଼ି କିଣିଛି, ହେଲେ ଏବେ ଆଉ ନିଜ ପସନ୍ଦର ନୁହେଁ, ରୋହିତ ପସନ୍ଦରେ ହିଁ ସେ ପିନ୍ଧିବେ।'

ଷ୍ଟେସନ୍‌ରେ ଗାଡ଼ି ଛିଡ଼ାହେଲା। ରୋହିତ କମ୍ପାର୍ଟମେଣ୍ଟ ଭିତରକୁ ଚାଲିଗଲା। ଜୟନ୍ତୀ ଝରକା ପାଖରେ ଛିଡ଼ା ହୋଇଥିଲେ। ଟ୍ରେନ୍ ଚାଲିବା ଆରମ୍ଭ କଲା। କାହିଁକି କେଜାଣି ଟ୍ରେନ୍‌ର ହର୍ଣ୍ଣ ଶୁଣି ନିଜ ହୃଦୟରେ ତୀରବିଦ୍ଧ ପରି ଅନୁଭବ କଲେ ଜୟନ୍ତୀ।

ସେତେବେଳକୁ ଧୀରେଧୀରେ ମହାମାରୀ କରୋନା ସାରା ଭାରତରେ ପହଞ୍ଚି ସାରିଥିଲା। ଦେଶକୁ ଲକ୍‌ଡାଉନ ଅବସ୍ଥାରେ ରଖାଯାଇଥିଲା। ଲୋକମାନେ ସାମାଜିକ ଦୂରତା ରକ୍ଷା କରିବା ସହ ବନ୍ଦ ଘର ଭିତରେ ରହୁଥିଲେ।

ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଜୀବନକୁ ପାଣି ଛଡ଼ାଇ କରୋନା ରୋଗୀଙ୍କର ଚିକିତ୍ସାରେ ନିୟୋଜିତ ଥିଲେ। ଏପର୍ଯ୍ୟନ୍ତ ରୋହିତ ଓ ଜୟନ୍ତୀଙ୍କ ମଧ୍ୟରେ କେବଳ ଚିଠି ଦିଆନିଆ ହେଉଥିଲା। ହେଲେ ଉଭୟ ବିବାହ ପାଇଁ ରାଜି ହୋଇଗଲା ପରେ ଆଉ ଚିଠିର ଆବଶ୍ୟକତା ନଥିଲା। ବିବାହ ତାରିଖ ମଧ୍ୟ ଧାର୍ଯ୍ୟ ହୋଇ ସାରିଥିଲା। ରୋହିତ ମୁମ୍ବାଇର ଏକ ସରକାରୀ ହସ୍ପିଟାଲରେ କାର୍ଯ୍ୟରତ ଥିଲା ଓ ଜୟନ୍ତୀ ଥିଲେ ହାଇଦ୍ରାବାଦର ଏକ ସରକାରୀ ହସ୍ପିଟାଲରେ। ଦେଶ ପାଇଁ କର ବା ମର ସ୍ଥିତିରେ ଦୁହେଁ ନିଜ ନିଜର କର୍ତ୍ତବ୍ୟକୁ ଉଲ୍ଲଂଘନ କରନ୍ତେ ବା କିପରି? ରୋଗୀଙ୍କୁ ଉନ୍ନତ ଚିକିତ୍ସା ସେବା ଓ କରୋନାର ତାଜା ସ୍ଥିତି ହିଁ ସେମାନଙ୍କ ପାଇଁ ପ୍ରମୁଖ ଖବର ଥିଲା। ଅବଶ୍ୟ ମୋବାଇଲ୍ ଫୋନ୍‌ରେ ବେଳେବେଳେ ଦୁହେଁ ଅଳ୍ପ କିଛି କଥା ହୁଅନ୍ତି। ମାତ୍ର ପାଖେଇ ଆସୁଥିବା ନିଜର ବିବାହ ତିଥି, ଆତ୍ମୀୟସ୍ୱଜନଙ୍କ ଭଲ ମନ୍ଦ ସମ୍ପର୍କରେ କଥା ହେବାକୁ ସେମାନଙ୍କର ସମୟ ନଥିଲା।

ଚାହୁଁଚାହୁଁ ଦୁହିଙ୍କ ଭିତରେ ଯୋଗାଯୋଗ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ଜଣେ ଅନ୍ୟର କଥା ଜାଣିପାରିଲେ ନାହିଁ।

ହଠାତ୍ ଦିନେ ମୁମ୍ବାଇ ଓ ହାଇଦ୍ରାବାଦର ସରକାରୀ ହସ୍ପିଟାଲରୁ ଦୁହିଁଙ୍କ ଘରେ ଖବର ପହଞ୍ଚିଲା ଯେ, କରୋନା ରୋଗୀଙ୍କ ଚିକିତ୍ସା କରିକରି ଦିହିଁକିଦିହେଁ ଭୟଙ୍କର ଭାବେ ସଂକ୍ରମିତ ହୋଇଗଲେ। ଆଉ ସ୍ଥାନୀୟ କିଛି ଡାକ୍ତରଙ୍କ ସମେତ କରୋନାର ଆଁ ଭିତରକୁ ଚାଲିଗଲେ।

ମୋ: ୯୩୩୭୩୬୯୪୪୮

---

# କବିତା

## ଅନ୍ତର୍ଦାହ

**ମଞ୍ଜୁଲତା ସିଂ**

ଘନ ଅନ୍ଧକାରର ନିଃଶବ୍ଦତାରେ
ମୋର ପୁଣ୍ୟତକ ହଜିଯିବା ପରେ
ମୁଁ ଏବେ ଚାଲୁଛି
କିଛି ଅବସୋସର
ପାଦଚିହ୍ନ ପରେ
ଅଙ୍କାବଙ୍କା ଦିଶୁଥିବା ରାସ୍ତାର
କେତେ ବାଙ୍କ ବୁଲାଣି ପାର ହୋଇ
ମୁଁ ଖୋଜି ଚାଲିଛି ସେଇ
ମହାର୍ଘ ମୁହୂର୍ତ୍ତ ସବୁକୁ
ଯିଏ ମୋତେ ପିନ୍ଧାଇ ଦେଇଥିଲା
ମୋ ଇପ୍ସିତ ଜରି ଧଡ଼ିର ସେଇ
ନୀଳ ସିଫନ ଶାଢ଼ି
ରୁମୁଝୁମୁ ହଲେ ପାଦ ପାଉଁଜି
ଖୁବ୍ ସୁନ୍ଦର ଦିଶୁଥିଲା
ଜଳ ତରଙ୍ଗରେ ବିମ୍ବିତ ମୋ ଛବି।

ପ୍ରସ୍ତ ପ୍ରସ୍ତ ଫିଟି ପଡ଼ିଥିଲି କେବେ
ବଣର ଅଚିହ୍ନା ଫୁଲ ପରି
ଝରି ବି ଗଲି ଯେବେ ଟପ ଟପ
ଅଦିନିଆ ବର୍ଷା ଟୋପା ପରି
କେମିତି ବି ବହିଗଲି
ଧାରେ ଉଚ୍ଛୁଳା ନଈଟିଏ ହୋଇ
ସବୁ ଶୃଙ୍ଖଳ କାଟି ଭିଡ଼ଭାଡ଼ ଟପି
ଉଡ଼ିଗଲି ଉଡ଼ା ପକ୍ଷୀ ହୋଇ
ମେଘମୟ ସଞ୍ଜରେ
ଅଜଣା ଏକ ଇଲାକାକୁ।
ମୋ ଚଉଠେ ବିଶ୍ୱାସକୁ
ନା ଉତାରି ପାରିଲି
ମନରୁ ହୃଦୟରୁ ନା ଆତ୍ମାରୁ।
ଏବେ ମୋ
ଝୁଣ୍ଟି ପଡୁଥିବା ସ୍ୱପ୍ନମାନଙ୍କର
ଏକ ବିଷାଦଭରା
ନିଃସର୍ତ୍ତ ଚୁକ୍ତିନାମା
କିଛି ପ୍ରାପ୍ତି ଅପ୍ରାପ୍ତିର
ଜୀବନକୁ ବୁଝିବା ବି
କେଡ଼େ କଷ୍ଟ ସତେ!

ଦରପୋଡ଼ା ସଳିତାର ପାଉଁଶରେ
ଅଧାଜଳା ସ୍ମୃତିର ଅବଶେଷ
ଝରକା ସେପାଖେ ନିରନ୍ଧ୍ର ଅନ୍ଧକାର
ଗହନ ଅନ୍ଧାରରୁ ମୁଁ ଏବେ ଖୋଜୁଛି
ମୋ ହଜେଇଥିବା ପୁଣ୍ୟତକ
ଯାହା ପୋଛି ନେବ
କିଛି କୁହୁଳା ଦୀର୍ଘଶ୍ୱାସ ଆଉ
ଏକ ପୁଞ୍ଜୀଭୂତ ଅନ୍ତର୍ଦାହ।

ମୋ: ୮୮୪୭୮୫୨୯୧୭

## ଭିକ

**ସମରେନ୍ଦ୍ରନାଥ ମହାପାତ୍ର**

ମାଗିଥିଲି ତ
ଦିନପାଇଁ ମୁଠେ ଭାତ
ରାତିପାଇଁ ଟିକେ ସ୍ୱପ୍ନ,
ବେଶି କ'ଣ ମାଗିଦେଲି କି
ଫେରେଇଦେଲ
ଲୁହରେ ଭିଜେଇ ମୋତେ
ସାରା ଜୀବନ।

ମାଗିଥିଲି ତ
ଟିକେ ଖରା, ଟିକେ ଛାଇ
ଛୋଟ ଗୋଟେ ମୋଲାଏମ୍ ମନ
ବେଶି କ'ଣ ମାଗିଦେଲି ଯେ
ଦୋହଲିଗଲା
ତୁମ ସିଂହାସନ!

ଛୋଟ ଗୋଟେ ଆଶା ନେଇ
ତୋଳିଥିଲି ଝାଟିର କୁଡ଼ିଆ
ମାଟିର ମଣିଷ ମୁଁ
ବଢ଼େଇଥିଲି କି ଆକାଶକୁ ହାତ?
ଚାହିଁଥିଲି କି ଉଡ଼ିବାକୁ
ନକ୍ଷତ୍ରମଣ୍ଡଳ?
ତଥାପି କାହିଁକି ଏତେ ରାଗ
ମୁଁ କ'ଣ ତୁମ ସଂପତ୍ତିରେ
ବସେଇଥିଲି କି ଭାଗ?

ମୋ: ୭୦୦୮୩୩୦୭୪୫

**ଗୀତି କବିତା**

## ଚଉପଦୀ

**ବିଷ୍ଣୁ ମୋହନ**

୧॥ କେବେ ନିଦାଘର ବଣନିଆଁ ସମ
ହୁତୁହୁତୁ ଜଳୁଥାଅ
ଆଷାଢ଼ୀ ମେଘର ପହିଲି ଛୁଆଁରେ
ପ୍ରୀତିସ୍ନାତ ହୋଇଯାଅ।

୨॥ ଶରତ ଆକାଶ ଆଲୋକ ଛଟାରେ
ଦିଶ ଚନ୍ଦ୍ରମା ପରି
ଜୋଛନା ଜୁଆର ଶୀତଳ ପ୍ରଲେପ
ଦେହେ ଯାଏ ସଞ୍ଚରି।

୩॥ ଫଗୁଣର ଧୀର ମଳୟ ପବନ
ଛୁଇଁଯାଏ ଯେବେ ଦେହ
ପୀରତି ବିଭୋର ହୋଇ ସେବେ ତୁମେ
ପ୍ରେମିକକୁ ଖୋଜୁଥାଅ।

୪॥ ଚଇତର ଯେବେ ଉଦାସ ଆକାଶ
ପରି ତୁମେ ହୋଇଯାଅ
ପ୍ରେମ କବିତାରେ ପଡ଼େ ପୂର୍ଣ୍ଣଚ୍ଛେଦ
ଅନ୍ଧାରେ ରହିଥାଅ।

ଏ/୫୮, କ୍ରିଷ୍ଣାଗାର୍ଡନ୍-୨,
ଖଣ୍ଡଗିରି, ଭୁବନେଶ୍ୱର

---

# ପୁସ୍ତକ ପରିଚୟ

## ଜେଜେମା'ଙ୍କ ଗପପେଡ଼ି




**ମୂଳ ଅହମିୟା:** ଲକ୍ଷ୍ମୀନାଥ ବେଜବରୁଆ
**ଓଡ଼ିଆ ଅନୁବାଦ:** ନିର୍ମାଳି ମହନ୍ତ
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୨୫୦/-

ଅହମିୟା ଭାଷାର ବିଶିଷ୍ଟ ଲେଖକ ଲକ୍ଷ୍ମୀନାଥ ବେଜବରୁଆଙ୍କ ଲିଖିତ ଶିଶୁ ଲୋକଗଳ୍ପ ପୁସ୍ତକ 'ବୁଢ଼ୀ ଆଇ ସାଧୁ'ର ଓଡ଼ିଆ ଅନୁବାଦ ହେଉଛି "ଜେଜେମା'ଙ୍କ ଗପପେଡ଼ି"। ମୋଟ ୩୦ଟି ଗଳ୍ପ ବହିଟିରେ ସଂଗୃହୀତ ଓ ସଂକଳିତ। ସମ୍ବଲପୁରରେ ଲେଖକଙ୍କ ଦୀର୍ଘ ଅବଧି ଅବସ୍ଥାନ କେତେକ ସ୍ଥାନୀୟ ସତ୍ୟଘଟିତ ଘଟଣାକୁ ଗଳ୍ପରୂପ ଦେବାରେ ଅନୁପ୍ରେରଣା ସାଜିଥିଲା। ଅନୂଦିତ ଏହି ପୁସ୍ତକଟିରେ 'ରତନ ମୁଣ୍ଡା' ଓ 'ବାଡ଼ି ଛୁଆ' ଆଦି ଗଳ୍ପଗୁଡ଼ିକ ଏହାର ଦୃଷ୍ଟାନ୍ତ। ବେଜବରୁଆଙ୍କ ଗଳ୍ପ ସପକ୍ଷରେ କହିବାକୁ ଯାଇ ଡ. କୁଳଧର ସାଇକିଆ କହନ୍ତି: "Most of the stories of Bezbaroa's are fine examples of the genre of short stories with a well defined plot, character, setting and progression through relevant incidents and dialogues." ବେଜବରୁଆ କହୁଥିଲେ- 'ମହାନଦୀରେ ମୁଁ ବ୍ରହ୍ମପୁତ୍ରକୁ ଦେଖେ'। ଏହି ସାଂସ୍କୃତିକ ସମ୍ପର୍କକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ "ଜେଜେମା'ଙ୍କ ଗପପେଡ଼ି" ପୁସ୍ତକର ପରିକଳ୍ପନା ବୋଲି ପ୍ରଫେସର ପ୍ରଦୀପ କୁମାର ପଣ୍ଡା ମତ ଦିଅନ୍ତି। ବହିରେ ଥିବା ତିରିଶଟିଯାକ ଗପ ଏକୁଆରେକ ବଳି ଘଟଣାପ୍ରବାହ ଓ ଭାଷା ବିଧାନରେ। ପ୍ରତ୍ୟେକ ଗଳ୍ପରେ ବକ୍ତବ୍ୟ ଥାଏ ଓ ସେଇ ବକ୍ତବ୍ୟଟିକୁ ବେଜବରୁଆ ସାଧାରଣ ଲୋକ ବୁଝିବା ଭାଷାରେ ଏପରି ଲେଖନ୍ତି ଯେ, ତାହା ପାଠୁଆ ଅପାଠୁଆ ସମସ୍ତଙ୍କ ମନରେ ବହୁଦିନଯାଏ ବସାବାନ୍ଧି ରହେ। ନିର୍ମାଳିଙ୍କ ଅନୁବାଦ ଖୁବ୍ ଜୀବନ୍ତ। ଆଶା, ବହିଟି ବିପୁଳ ପାଠକୀୟ ଆଦୃତି ଲାଭ କରିବ।

## ୨୦୨୯ ଭାରତବର୍ଷ




**ଲେଖକ:** ରମେଶ ପଟ୍ଟନାୟକ
**ପ୍ରକାଶକ:** କାହାଣୀ, କଲ୍ୟାଣୀ ନଗର, କଟକ-୧୩
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୨୦/-

ମୋଟ ୧୯ଟି ଗଳ୍ପ ଆଲୋଚ୍ୟ ପୁସ୍ତକରେ ସଂକଳିତ। ଗାଳ୍ପିକ ଛପା ଗଣମାଧ୍ୟମରେ ବୃତ୍ତିଜୀବୀ ଭାବେ ଦୀର୍ଘକାଳ ବିତାଇଥିବାରୁ ସେ ପାଠକଙ୍କ ମନ ଓ ହୃଦୟକୁ ଅତି ନିକଟରୁ ପଢ଼ିପାରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି, ଯାହା ଗଳ୍ପ ରଚନା ବେଳେ ତାଙ୍କୁ କାହାଣୀ ସଂରଚନା ଓ ଭାଷା ବିନ୍ୟାସରେ ସହାୟତା କରିଛି। ଗଳ୍ପଗୁଡ଼ିକ ପାଠକଲେ ଗାଳ୍ପିକଙ୍କ ସାମାଜିକ ଓ ମାନବୀୟ ଜୀବନଧାରାର ସୂକ୍ଷ୍ମ ପର୍ଯ୍ୟବେକ୍ଷଣରେ ବିସ୍ମିତ ହେବାକୁ ପଡ଼େ। ଗୋଟିଏ ଗଳ୍ପର ଉଦାହରଣ ନେବା। ଗଳ୍ପଟି ହେଉଛି 'ଲକ୍‌ଡାଉନ କାଳରେ ପ୍ରଭୁଙ୍କ ଚିଟାଉ'। ଗଳ୍ପର ଆରମ୍ଭରେ ରହିଛି ଡେଭିଡ୍ ବାଇରନ୍‌ଙ୍କ କବିତାରୁ ଏକ ଉଦ୍ଧୃତି, ଯାହା ପରୋକ୍ଷରେ ଗଳ୍ପର ମର୍ମ ସହ ସମ୍ପର୍କିତ। କରୋନା ପୀଡ଼ିତ ମଣିଷମାନଙ୍କ ପାଖକୁ ବ୍ରହ୍ମଲୋକରୁ ଚିଠିଟିଏ ଆସିଛି, ଯେଉଁଥିରେ ସମାଜର ଅବକ୍ଷୟ ପାଇଁ ମଣିଷର ପ୍ରକୃତି ବିରୋଧୀ ଜୀବନଶୈଳୀକୁ ଦାୟୀ କରାଯାଇଛି। ପରମପିତା କହୁଛନ୍ତି: "କେବଳ ଯୋଗ ଓ ନୀରବତାର ଶକ୍ତି ଦ୍ୱାରା ବିଜ୍ଞାନ ସକ୍ରିୟ ହୋଇପାରେ। ପ୍ରକୃତିକୁ ଧ୍ୱଂସ ନ କରି ଯେଉଁ ବିଜ୍ଞାନ ମଣିଷକୁ ସୁଖ ଓ ଶାନ୍ତି ଦେଇପାରିବ, ତାହା ନୀରବତାରୁ ଜନ୍ମନେବ। ତାହା ହେବ ମୋ' ପ୍ରକୃତିର ନିୟମ। ଆଉ ସାଇନ୍ସ ନୁହଁ, ସାଇଲେନ୍ସ...।" ଏଇଥିରୁ ଚିହ୍ନିହୁଏ ଗାଳ୍ପିକ ରମେଶଙ୍କ ନିଆରାପଣକୁ ଓଡ଼ିଆ ଗଳ୍ପରେ। ବହିଟିର ସବୁ ଗଳ୍ପ ନିଜ ନିଜ ବାଗରେ ସ୍ୱତନ୍ତ୍ର ଓ ଚରିତ୍ରରେ ପାଠକମୁଖୀ। ଆଶା, ବହିଟିର ପାଠକୀୟତାରେ ବିଘ୍ନ ଘଟିବ ନାହିଁ।

---

# ପଙ୍ଗୁ ମାନସିକତା

**ମିନି ଗଳ୍ପ**

**ଅମୃତା ମିଶ୍ର**

କଲେଜ ପରିସର ଥିଲା ଲୋକାରଣ୍ୟ। ଭିଡ଼ ଜମେଇଥିବା ଲୋକମାନେ ଭିନ୍ନଭିନ୍ନ ମତ ଦେଉଥିଲେ। ଏଇ ସମୟରେ ଝିଅର ମା'ବାପା ଆସି ପହଞ୍ଚିଗଲେ। ଗାଆଁରୁ ସହର ଦୁଇଘଣ୍ଟାର ରାସ୍ତାକୁ ସେମାନେ କେମିତି ଅତିକ୍ରମ କଲେ ଜାଣିପାରିଲେନି। ବାପାର ଶେତା ପଡ଼ିଯାଇଥିବା ମୁହଁ କୋହକୁ ଚାପି ରଖିଥିଲା। ମାଆ ବାରମ୍ବାର ମୂର୍ଚ୍ଛା ଯାଉଥିଲା। କ'ଣ ବା ଭୁଲ୍ ସେମାନେ କରିଥିଲେ ଯେ, ଆଜି ଏଇ ଦଣ୍ଡ ଭୋଗିବାକୁ ପଡୁଛି? କାହାକୁ ବା ଦୋଷ ଦେବେ? ଝିଅ ଭୁବନେଶ୍ୱରର ବଡ଼ କଲେଜରେ ହଷ୍ଟେଲରେ ରହି ପଢୁଛି ବୋଲି ଗର୍ବରେ ତାଙ୍କର ଛାତି ଫୁଲି ଉଠୁଥିଲା। ଲୋକେ ଭାବୁଥିଲେ ଏଇ ଝିଅ ତାଙ୍କ ଗାଆଁର ସୁନାମ ରଖିବ। ହେଲେ ଆଜି ଝିଅର ମୃତ ଶରୀର ହଷ୍ଟେଲ କୋଠରିର ଛାତରେ ଝୁଲୁଛି। ଏପରି ଅଘଟଣ ପାଇଁ କଲେଜ ଦୋଷ ଦେଉଥିଲା ମାତାପିତାଙ୍କୁ। ମାତାପିତା ଦୋଷ ଦେଉଥିଲେ ପ୍ରଶାସନକୁ, ପ୍ରଶାସନ ଦୋଷ ଦେଉଥିଲା କଲେଜ ହଷ୍ଟେଲ୍ ପରିଚାଳନା ବ୍ୟବସ୍ଥାକୁ।

ଉପସ୍ଥିତ ଦର୍ଶକମାନଙ୍କ ନୀରବ ପ୍ରୋତ୍ସାହନରେ ଏହି ତ୍ରିକୋଣୀୟ ଯୁକ୍ତି ଚାଲିଥିଲା ଦୁଇଘଣ୍ଟା। ବ୍ୟବଚ୍ଛେଦ ପରେ ଶବଦାହ ହେଲା। କିନ୍ତୁ ମାଆ ଗାଆଁକୁ ନ ଫେରି ବସିରହିଲା କଲେଜ ଆଗରେ ନ୍ୟାୟ ଅପେକ୍ଷାରେ। ପ୍ରଶାସନ ଚାପରେ ଦଣ୍ଡପାଇଲେ କଲେଜର କିଛି ତଳିଆ ନିରୀହ କର୍ମଚାରୀ। ଦିନ ପରେ ଦିନ ଗଡ଼ିଚାଲିଲା, କିନ୍ତୁ ମାଆକୁ ନ୍ୟାୟ ମିଳିଲାନି କି ଝିଅ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିଲାନି। ଅପାଠୋଇ ମାଆ ଆଶାଶୂନ୍ୟ ହୋଇ ଭାଗ୍ୟକୁ ଦୋଷ ଦେଇ ଶେଷରେ ଗାଆଁକୁ ଫେରିଗଲା। ପରଦିନ ଗାଆଁର ଜଣେ ଶିକ୍ଷିତ ବୟସ୍କ ଲୋକ ଖବରକାଗଜଟିଏ ଆଣି ମାଆକୁ ଦେଖାଇଲା, ଯେଉଁଥିରେ ମୃତ ଝିଅଟିର ଫଟୋ ବାହାରିଥିଲା। ଫଟୋ ପାଖରେ ଥିବା ଲେଖାର ସାରମର୍ମ ହେଲା, ପଙ୍ଗୁ ମାନସିକତା, ଯାହା ଆଜିର ଯୁବସମାଜକୁ ଅକାଳ ମୃତ୍ୟୁ ଆଡ଼କୁ ଟାଣିନେଉଛି। ମାଆ ତା' ପାଖରେ ବସିଥିବା ସ୍ୱାମୀକୁ ପଚାରିଲା- ପଙ୍ଗୁ ମାନସିକତା ବୋଇଲେ କ'ଣ? ସେଥିପାଇଁ ଆମେ କେମିତି ଦାୟୀ ହେବା? କୋହରୁଦ୍ଧ କଣ୍ଠକୁ ସଜାଡ଼ି ଦେଇ



ଦାର୍ଶନିକ ପରି ବାପା କହିଲେ, ଆଜିର ଅସଜଡ଼ା ଶିକ୍ଷା ଓ ସାମାଜିକ ବ୍ୟବସ୍ଥା ମଣିଷକୁ କରିଦେଉଛି ଟଙ୍କା ରୋଜଗାରର ମେଶିନ୍। ଟଙ୍କା ନିଶା ଆଜିର ଯୁବପିଢ଼ିକୁ ମାନବିକତାଶୂନ୍ୟ କରିଦେଉଛି ଆଉ ତାଙ୍କ ଭିତରେ ଭରିଦେଉଛି ପଙ୍ଗୁ ମାନସିକତା।

ମୋ: ୯୪୩୭୨୬୦୨୭୧

---

# କାଳକାଳକୁ

**"ଯଦି ତୁମେ ମୋତେ ମନେରଖିଚ, ତେବେ ଆଉ କିଏ ଭୁଲିଗଲା, ସେ ନେଇ ମୋର ପରବାୟ ନାହିଁ।"**
**- ହାରୁକି ମୁରାକାମି**



**ହାରୁକି ମୁରାକାମିଙ୍କ** ଜନ୍ମ ୧୨ ଜାନୁୟାରୀ ୧୯୪୯ରେ, ଜାପାନରେ। ଜାପାନର ସେ ସବୁଠୁଁ ବେଶି ବିକ୍ରିତ ବହିର ଲେଖକ। ଜାପାନୀ ଗଳ୍ପ ଓ ଉପନ୍ୟାସରେ ହାରୁକି ହେଉଛନ୍ତି କୁହୁକ ବାସ୍ତବତାର ଚର୍ଚ୍ଚିତ ଉଦ୍‌ଗାତା। ମାନବ-ଜୀବନ-ଏଷଣାର ଏହି ଦୂରଦର୍ଶୀ କଥାଶିଳ୍ପୀଙ୍କର ବହୁପ୍ରସିଦ୍ଧ ଉପନ୍ୟାସ ମଧ୍ୟରୁ କେତୋଟି ହେଉଛି- 'A wild Sheep Chase', 'The Wind-Up Bird Chronicle', 'Norwegian wood' ଓ 'Hard-Boiled Wonderland and the End of the World.' ସାହିତ୍ୟର ବିକଳ୍ପ ସ୍ୱରୂପ ଶାନ୍ତି ପାଇଁ ନୋବେଲ ନିମିତ୍ତ ମୁରାକାମିଙ୍କ ନାମ ସଂକ୍ଷିପ୍ତ ତାଲିକାଭୁକ୍ତ ହେବା ସତ୍ତ୍ୱେ ସେ ଏଥିରୁ ଓହରିଯାଇ କହିଥିଲେ- "ପୁରସ୍କାର ନୁହେଁ, ଲେଖାଲେଖିରେ ମୁଁ ଧ୍ୟାନସ୍ଥ ହେବାକୁ ଚାହେଁ।" ସେ ଏକଦା କହିଥିଲେ- "କେବେକେବେ ଭାଗ୍ୟ ଏକ ଛୋଟ ବାଲିଝଡ଼ ପରି ଜୀବନର ଦିଗ ବଦଳାଇଦିଏ।"

---

# ସପତ୍ନୀ

**ଲଘୁଗଳ୍ପ**

**କିଶୋର ମିଶ୍ର**

ରେଣୁ ସବୁ ଝରକାରୁ ତାରଜାଲି ଫିଟାଇଦେଲେ। ଯେଉଁସବୁ ଝରକା ଭିତରପଟୁ ଖୋଲୁଥିଲା, ସେଗୁଡ଼ିକରେ କିଛି ଅସୁବିଧା ନ ଥିଲା। ବାହାର ପଟକୁ ଖୋଲୁଥିବା ଝରକାରେ ଟିକିଏ ଅସୁବିଧା ଥିଲା ଖୋଲିବା ଓ ବନ୍ଦ କରିବାକୁ ନେଇ। ହୁକ ଥିବା ଜାଗାରେ ତାରଜାଲିକୁ ଟିକିଏ କାଟିବାକୁ ପଡୁଥିଲା। ବାସ୍, ଏଥର ବିଲେଇ ଆସିବାର ସବୁ ରାସ୍ତା ବନ୍ଦ। ବହୁତ ହରକତ କରୁଥିଲେ ବିଲେଇ ପଞ୍ଝାକ। କେତେବେଳେ କ୍ଷୀର ଖାଇଦିଅନ୍ତି ତ କେତେବେଳେ ମାଛ। ଆମେସବୁ ଅତିଷ୍ଠ ହେଉଥିଲୁ ସେମାନଙ୍କ ଦୌରାତ୍ମ୍ୟରେ।

ଆମ ପଡ଼ୋଶୀ ଶମ୍ଭୁନାଥ ହିଁ ଏଇସବୁ ବିଲେଇ ପୋଷିଥିଲେ। ଶମ୍ଭୁନାଥ ବିଲେଇମାନଙ୍କ ପାଇଁ କନାର ପୋଷାକ ବି ତିଆରି କରିଥିଲେ। ତାଙ୍କର ସେଇ ମୋଟୀ ବାଙ୍ଗରା ଝିଅଟା ତିନି ତିନିଟା ବିଲେଇ ଛୁଆ ଧରି ଖେଳୁଥାଏ। ଆମେ ସେ ଝିଅଟାକୁ ବି କେବେ ଆମ ଘରକୁ ଡାକୁ ନ ଥିଲୁ।

ଦିନେ ପଡ଼ୋଶୀ ଘରର ପାଚେରି ଡେଇଁଲାବେଳେ ତା'ର ଗୋଟାଏ ପୁଷି ବିଲେଇ ପାଚେରି ଲୁହାରଡ଼ର ମୁନିଆଁ କଣ୍ଟା ଉପରେ ପଡ଼ି ରକ୍ତାକ୍ତ ହୋଇଥିଲା। ଶମ୍ଭୁନାଥ ବେଶ୍ କିଛି ସମୟଯାଏଁ ବଡ଼ପାଟିରେ ସାହିର ଲୋକମାନଙ୍କ ପାଇଁ ଅଭିସମ୍ପାତ ବର୍ଷଣ କଲେ। ସେଦିନଠାରୁ ତାଙ୍କୁ ଡରି କେହି କିଛି କୁହନ୍ତି ନାହିଁ।

ଝର୍କା ବନ୍ଦ କଲେ ବି କବାଟ ଯଦି ଟିକିଏ ଦରଆଉଜା ଅଛି ବିଲେଇ ଗଳି ପଶି ଆସନ୍ତି। ସେମାନଙ୍କର ଦୌରାତ୍ମ୍ୟ ଉତ୍କଟ ରୂପ ଧାରଣ କଲା, ଯେତେବେଳେ ପୁଅ ଭଡ଼ି ପୋଷିଥିବା ଲଭ୍ ବାର୍ଡ ଦୁଇଟାକୁ ପଞ୍ଜୁରିରୁ ଟାଣି ବିଲେଇ ଖାଇଦେଲା। ଆଉ ଗୋଟାଏ ପକ୍ଷୀ ଏକାକୀ ହୋଇ ଶୂନ୍ୟେ ଶୂନ୍ୟେ ଟଳିପଡ଼ିଲା। ସେଦିନ ହିଁ ରେଣୁ ଜିଦ୍ କଲା ତାରଜାଲିସବୁ ଝର୍କାରେ ଲଗାଇବାକୁ। ପରେ ପରେ ଆଉ ଚାରୋଟି ଲଭ୍ ବାର୍ଡ କିଣା ହୋଇ ଆସିଲେ ଘରକୁ।

ଆମ୍ଭେମାନେ ସତର୍କ ହୋଇଗଲୁ। ଯେତେବେଳେ ବି ବିଲେଇମାନେ ଆସିଲେ ଆମେ ତାଙ୍କୁ ତଡ଼ିବାରେ ଲାଗିଗଲୁ। ଗୋଟିଏ ପୁଷି କିନ୍ତୁ ଆମେ ଯେତେ ତଡ଼ିଲେ ବି ବାରମ୍ବାର ଆସେ। କେବେ ଖଟତଳେ ତ କେବେ ଟେବୁଲ୍ ତଳେ ଲୁଚିଥାଏ। ମ୍ୟାଉଁ ମ୍ୟାଉଁ କରେ। ତା'ର ଆଖି କେବଳ ମାଛ ଉପରେ ଲାଖିଥାଏ। ରେଣୁ ଥରେ କହିଲେ, "ତୁମର ପୂର୍ବତନ ପତ୍ନୀ ପରା ମାଛ ଖାଇବାକୁ ଭଲ ପାଉଥିଲେ। ସେ ଆଉ ଯେ ପୁଷି ହୋଇ ଆସି ନାହାନ୍ତି ତ!" ମୁଁ ଚମକିପଡ଼ିଲି। କ୍ରୋଧ ସମ୍ବରଣ କଲି। ଚୁପ୍ ରହିଲି। ଥରେ ରେଣୁ ମାଛଭଜା କରି କୌଣସି କାମରେ ବ୍ୟାଙ୍କକୁ ଗଲେ। କବାଟ ଫାଙ୍କରୁ ଗଳିଆସି ପୁଷି ଖଟତଳେ ଲୁଚିଥାଏ। ମୁଁ ତାକୁ ଦେଖିଲେ ବି କେଜାଣି କାହିଁକି ଘଉଡ଼ାଇ ନ ଥିଲି। ତେଣୁ ଯିବା ପରେ ପୁଷି ସାହସ କରି ଆସିଲା, ମୋ ପାଖରେ ବସିଲା, ମୋତେ ଦେଖି ମୁଣ୍ଡ ଟୁଙ୍ଗାରିଲା, ମ୍ୟାଉଁ ମ୍ୟାଉଁ କଲା। ମୁଁ ତାକୁ ମାଛଭଜା ଖଣ୍ଡେ ଦେଲି। ଆଗ୍ରହରେ ଖାଇଲା ଓ ମୋତେ ଜୁଳୁଜୁଳୁ ହୋଇ ଅନାଇ ରହିଲା।

ମୋର ପରଲୋକଗତା ପତ୍ନୀ ରୀତାଙ୍କର ମାଛ ଖାଇବା ସଉକ ମୋର ମନେପଡ଼ିଗଲା। ତାଙ୍କ ସ୍ମୃତିରେ ଆଖି ଜକେଇ ଆସିଲା। ପୁଷିକୁ ଆଉ ଗୋଟାଏ ଭଜା ଦେଲି। ମୁଁ ବି ଗୋଟାଏ ଭଜା ଆଣି ଖାଇଲି। ଯେମିତି ରୀତା ସହ ଆମେ ଦୁହେଁ ମାଛଭଜା ଖିଆଖୋଇ ହେଉଥିଲୁ। ସବୁ କଣ୍ଟା ଓ ଖାଇବା ସ୍ଥାନ ସଫା କଲି। ରେଣୁ ଆସି ଭାତ ବାଢ଼ିବାକୁ ଗଲାବେଳେ କହିଲେ, "ଶୁଣୁଛ, ଚାରୋଟି ଭଜା ତାଉଆରେ ନାହିଁ। ଯେ ନିଆଁଲଗା ପୁଷିଟା ଖାଇଦେଇଛି।" ମୁଁ ହସିହସି କହିଲି, "ତୁମ ସଉତୁଣୀ ଖାଇଦେଇଛନ୍ତି। ଅବଶିଷ୍ଟ ତୁମ ଭାଗଟା ଅଛି, ଖାଇନିଅ।" ରେଣୁ ଚୁପି ଚୁପି ହସୁଥିଲେ।

ମୋ: ୯୪୩୭୩୨୭୫୦୨



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଜାନୁୟାରୀ ୨୧/୨୦୨୩ Bhubaneswar, Saturday, January 21/ 2023

# ମେଡଭେଡେଭଙ୍କୁ ହରାଇଲେ କୋର୍ଡା

**ଅଷ୍ଟ୍ରେଲିଆନ ଓପନ ଟେନିସ**

ମେଲବୋର୍ନ,୨୦।୧(ଏପି)

ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ଆମେରିକାର ଯୁବ ଖେଳାଳି ସେବାଷ୍ଟିଆନ କୋର୍ଡା ଏଠାରେ ଦୁଇଥର ରନରଅପ୍ ଡାନିଲ ମେଡଭେଡେଭଙ୍କୁ ୭-୬ (୭), ୬-୩, ୭-୬ (୪) ରେ ହରାଇ ଦେଇଛନ୍ତି। ଏଠାରେ ୨୯ତମ ସିଡ୍ ଫ୍ଲୋରିଡାର ୨୨ ବର୍ଷୀୟ କୋର୍ଡା ୧୯୯୮ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ପିଟରଙ୍କ ପୁତ୍ର। ପୂର୍ବତନ ଖେଳାଳି ଆନ୍ଦ୍ରେ ଆଗାସୀ ହେଉଛନ୍ତି ତାଙ୍କର ଜଣେ ମେଣ୍ଟର। ପ୍ରଥମ ଗ୍ରାଣ୍ଡସ୍ଲାମ କ୍ୱାର୍ଟରଫାଇନାଲରେ ପ୍ରବେଶ କରିବାକୁ ହେଲେ କୋର୍ଡାଙ୍କୁ ରବିବାର ୧୦ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ହୁବର୍ଟ ହୁର୍କାଜଙ୍କୁ ଅତିକ୍ରମ କରିବାକୁ ହେବ। ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇଥିବା ଅନ୍ୟ ପୁରୁଷ ଖେଳାଳିମାନେ ହେଲେ ଷ୍ଟିଫାନସ ସିତ୍‌ସିପାସ୍, ଜାନିକ ସିନର, ଫେଲିକ୍ସ ଅଗର-ଅଲିଆସିମ୍, ଜିରି ଲେହେକା, କାରେନ କାଚାନୋଭ ଓ ୟୋଶିହିତୋ ନିଶିଓକା। ମହିଳା ସିଙ୍ଗଲ୍ସରେ ଆମେରିକାର ଟାଇଟଲ ଫେଭରାଇଟ୍ ଜେସିକା ପେଗୁଲା ଓ କୋକୋ ଗଫ୍ ସେମାନଙ୍କ ତୃତୀୟ


ସେବାଷ୍ଟିଆନ କୋର୍ଡା

ରାଉଣ୍ଡ ମ୍ୟାଚରେ ସହଜ ବିଜୟ ହାସଲ କରିଛନ୍ତି। ମେଲବୋର୍ନ ପାର୍କରେ ଗତ ଦୁଇବର୍ଷର କ୍ୱାର୍ଟରଫାଇନାଲିଷ୍ଟ ତୃତୀୟ ସିଡ୍ ପେଗୁଲା ୬-୦-୬-୨ରେ ମାର୍ଟା କୋଷ୍ଟିଉକ୍‌ଙ୍କୁ ପରାସ୍ତ କରିଥିବା ବେଳେ ୭ମ ସିଡ୍ ଗଫ୍ ୬-୩, ୬-୨ରେ ବର୍ନାଡା ପେରାଙ୍କୁ ହରାଇ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିବା ଅନ୍ୟ ଖେଳାଳିମାନେ ହେଲେ ନମ୍ବର ୱାନ ଇଗାସ୍ୱିଟେକ୍, ଏଲେନା ରିବାକିନା, ବାର୍‌ବୋରା କ୍ରେଜିକୋଭା, ଜେଲେନା ଓଷ୍ଟାପେଙ୍କୋ, ଭିକ୍ଟୋରିଆ ଆଜାରେଙ୍କା।

## ଓପନିଂ ମ୍ୟାଚରେ ଭାରତ ବିଜୟୀ

**ଇଷ୍ଟ ଲଣ୍ଡନ (ଦକ୍ଷିଣ ଆଫ୍ରିକା), ୨୦।୧ (ପି.ଟି.):** ପଦାର୍ପଣକାରୀ ଅମନଜୋତ୍ କୌର (୩୦ ବଲ୍‌ରୁ ୪୧ରନ), ଅଲରାଉଣ୍ଡର ଦୀପ୍ତି ଶର୍ମା (୩୩ ରନ ଓ ୩ ଉଇକେଟ)ଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ଏଠାରେ ଚାଲିଥିବା ତ୍ରିରାଷ୍ଟ୍ରୀୟ ଅନ୍ତର୍ଜାତୀୟ ମହିଳା ଟି୨୦ ସିରିଜରେ ଭାରତ ଏହାର ଓପନିଂ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ୨୭ ରନରେ ପରାସ୍ତ କରିଛି। ସ୍ଥାନୀୟ ବଫାଲୋ ପାର୍କର ଶୁଷ୍କ ଓ ଧିମା ପିଚ୍‌ରେ ଟସ୍ ଜିତିବା ପରେ ଦକ୍ଷିଣ ଆଫ୍ରିକା ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୧୨ ଓଭର ଭିତରେ ମାତ୍ର ୬୯ରନରେ ଏହାର ଅଧା ବ୍ୟାଟରଙ୍କୁ ହରାଇବସିଥିଲା। ପରେ ଦୀପ୍ତି ଏକ ଦାୟିତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ସେ ୨୩ ବଲ୍‌ରୁ ୩୩ ରନ ସଂଗ୍ରହ କରିଥିଲେ। ସେ ଓ ୨୩ ବର୍ଷୀୟା ଅମନଜିତ୍ ପାର୍ଟନରଶିପ୍‌ରେ ୫୦ ବଲ୍‌ରୁ ୭୬ ରନ ଯୋଗ କରିଥିଲେ, ଫଳରେ ଭାରତ ୧୪୭/୬ ସ୍କୋର କରିପାରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ଓଭରରେ ୯ଉଇକେଟ ବିନିମୟରେ ୧୨୦ ରନ କରିଥିଲା। ଭାରତ ତରଫରୁ ଦୀପ୍ତି ୩୦ ରନ ବିନିମୟରେ ୩ ଉଇକେଟ ନେଇଥିଲେ।

## ହକି ବିଶ୍ୱକପ୍

### କ୍ରସ୍ ଓଭର କାର୍ଯ୍ୟସୂଚୀ

**ଜାନୁୟାରୀ ୨୨: ମାଲେସିଆ ବନାମ ସ୍ପେନ୍**
ସମୟ: ଅପରାହ୍ନ ୪ଟା ୩୦
**ଭାରତ ବନାମ ନ୍ୟୁଜିଲାଣ୍ଡ**
ସମୟ: ରାତି ୭ଟା, ସ୍ଥାନ: କଳିଙ୍ଗ ଷ୍ଟାଡିୟମ
**ଜାନୁୟାରୀ ୨୩: ଆର୍ଜେଣ୍ଟିନା ବନାମ ଦକ୍ଷିଣ କୋରିଆ**
ସମୟ: ଅପରାହ୍ନ ୪ଟା ୩୦
**ଜର୍ମାନୀ ବନାମ ଫ୍ରାନ୍ସ**
ସମୟ: ରାତି ୭ଟା, ସ୍ଥାନ: କଳିଙ୍ଗ ଷ୍ଟାଡିୟମ

### କ୍ୱାର୍ଟର ଫାଇନାଲ କାର୍ଯ୍ୟସୂଚୀ

**ଜାନୁୟାରୀ ୨୪: ଅଷ୍ଟ୍ରେଲିଆ ବନାମ ପ୍ରଥମ କ୍ରସ୍ ଓଭରର ବିଜେତା**
ସମୟ: ଅପରାହ୍ନ ୪ଟା ୩୦
**ବେଲଜିୟମ ବନାମ ଦ୍ୱିତୀୟ କ୍ରସ୍ ଓଭରର ବିଜେତା**
ସମୟ: ରାତି ୭ଟା, ସ୍ଥାନ: କଳିଙ୍ଗ ଷ୍ଟାଡିୟମ
**ଜାନୁୟାରୀ ୨୫: ନେଦରଲାଣ୍ଡ୍ସ ବନାମ ତୃତୀୟ କ୍ରସ୍ ଓଭରର ବିଜେତା**
ସମୟ: ଅପରାହ୍ନ ୪ଟା ୩୦
**ଇଂଲଣ୍ଡ ବନାମ ଚତୁର୍ଥ କ୍ରସ୍ ଓଭରର ବିଜେତା**
ସମୟ: ରାତି ୭ଟା, ସ୍ଥାନ: କଳିଙ୍ଗ ଷ୍ଟାଡିୟମ




## ରଞ୍ଜିତ-ଜ୍ଞାନ ଚାମ୍ପିୟନ


ପୁରସ୍କାର ସହ ରଞ୍ଜିତ କୁମାର ବାଣ୍ଡ ଓ ଜ୍ଞାନ ଚାନ୍ଦ।

ଭୁବନେଶ୍ୱର, ୨୦।୧
(କ୍ରୀଡ଼ା ପ୍ରତିନିଧି)

ରାଜସ୍ଥାନର ଉଦୟପୁରରେ ଅନୁଷ୍ଠିତ ଆନ୍ତଃ ମାଷ୍ଟର ଡବଲ୍ସ ରାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ରଞ୍ଜିତ କୁମାର ବାଣ୍ଡ ଓ ଜ୍ଞାନ ଚାନ୍ଦ ଯୋଡ଼ି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଏପରି ଏକ ସମ୍ମାନଜନକ ଟୁର୍ନାମେଣ୍ଟରେ ଚାମ୍ପିୟନ ହେବା ଓଡ଼ିଶା ପ୍ରତିଯୋଗୀଙ୍କ କ୍ଷେତ୍ରରେ ପ୍ରଥମ। ରଞ୍ଜିତ ଓ ଜ୍ଞାନ ଚାନ୍ଦ ଫାଇନାଲରେ ଟପ୍ ସିଡ୍ କର୍ଣାଟକର ରାଘବନ୍ ଏବଂ ତାଙ୍କ ପାର୍ଟନରଙ୍କୁ ପରାସ୍ତ କରିଥିଲେ। ଦୁହେଁ ଆମେଚର ବ୍ୟାଡ୍‌ମିଣ୍ଟନ କ୍ଲବର ସଦସ୍ୟ।

## ଫୁଟ୍‌ବଲର ଆଲ୍‌ଭେସ୍ ସ୍ପେନ୍‌ରେ ଗିରଫ

**ବାର୍ସିଲୋନା, ୨୦।୧ (ଏପି):** ବ୍ରାଜିଲ ଫୁଟ୍‌ବଲ ଖେଳାଳି ଡାନି ଆଲ୍‌ଭେସ୍ ଶୁକ୍ରବାର ଗିରଫ ହୋଇଛନ୍ତି। ସ୍ପେନ୍‌ରେ ସେ ଜଣେ ମହିଳାଙ୍କୁ ଟଣାଓଟରା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ଡିସେମ୍ବର ୩୧ରେ ବାର୍ସିଲୋନାସ୍ଥିତ ଏକ ନାଇଟ୍ କ୍ଲବରେ ଘଟିଥିଲା। ଆଲ୍‌ଭେସ୍‌ଙ୍କୁ କୋର୍ଟରେ ହାଜର କରାଯିବ। ୩୯ ବର୍ଷୀୟ ଆଲଭେସ୍ ଜଣେ ଅନ୍ୟତମ ସଫଳ ଫୁଟ୍‌ବଲ ଖେଳାଳି। ସେ ତାଙ୍କ ଲମ୍ବା କ୍ୟାରିୟରରେ ବହୁ ଏଲିଟ୍ କ୍ଲବ ଯଥା ବାର୍ସିଲୋନା, ଜୁଭେଣ୍ଟସ ଓ ପ୍ୟାରିସ ସେଣ୍ଟ-ଜର୍ମେନ ସହ ଅନେକ ପ୍ରମୁଖ ଟୁର୍ନାମେଣ୍ଟ ଟାଇଟଲ ଜିତିଛନ୍ତି।



ବର୍ତ୍ତମାନ ସେ ମେକ୍ସିକାନ କ୍ଲବ ପୁମାସ୍ ତରଫରୁ ଖେଳୁଛନ୍ତି। ଏହି ଡିଫେଣ୍ଡର ବାର୍ସିଲୋନାର ସୁବର୍ଣ୍ଣ ବର୍ଷ (୨୦୦୮-୧୬)ରେ ଦଳର ଜଣେ ପ୍ରମୁଖ ଖେଳାଳି ଥିଲେ। ସେ ଲିଓନେଲ ମେସିଙ୍କ ସହ ରାଇଟ୍ ଫ୍ଲାଙ୍କ୍‌ରେ ଖେଳୁଥିଲେ। କାଟାଲାନ କ୍ଲବ ସହ ସେ ୩ଥର ଚାମ୍ପିୟନ୍ସ ଲିଗ୍ ଜିତିଛନ୍ତି।

## ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଦିନିକିଆ ଆଜି

ରାୟପୁର, ୨୦।୧ (ପି.ଟି.)

ଭାରତ ଓ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଏଠାରେ ଶନିବାର ଖେଳାଯିବ। ଏଥିରେ ବିଜୟ ଲାଭ କରି ୨-୦ରେ ଅଗ୍ରଣୀ ସହ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ କବ୍‌ଜା କରିନେବାକୁ ଚାହିଁବ। ରାୟପୁର ସହର ପ୍ରଥମ ଥର ଏକ ଆନ୍ତର୍ଜାତୀୟ ମ୍ୟାଚ ଆୟୋଜନ କରିବାକୁ ଯାଉଛି। ଖେଳାଳିଙ୍କୁ ଉତ୍ସାହିତ କରିବା ଲାଗି ଷ୍ଟାଡିୟମରେ ୬୦,୦୦୦ରୁ ଊର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ରହିବେ ବୋଲି ଆଶା କରାଯାଉଛି। ଏହି ମ୍ୟାଚରେ ଭାରତ ମିଡିଲ ଅର୍ଡରରୁ ଅଧିକ ରନ ଆଶା କରିବ। ପୁନଶ୍ଚ ଡେଥ୍ ଓଭରଗୁଡ଼ିକରେ ଶୃଙ୍ଖଳିତ ବୋଲିଂ କରିବାକୁ ହେବ। ଗତ ମ୍ୟାଚରେ ୩୫୦ ରନର ବିଜୟ ଲକ୍ଷ୍ୟ ଚେଜ୍ କରୁଥିବା ବେଳେ ନ୍ୟୁଜିଲାଣ୍ଡ ଦଳ ଏକଦା ୧୩୧ ରନ୍‌ରେ ୬ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ମାତ୍ର ଦଳ ପରେ ଲଢୁଆ ପ୍ରତ୍ୟାବର୍ତ୍ତନ କରି ୨୦୬ ରନ ଯୋଗ କରିବାରେ ସମର୍ଥ ହୋଇଥିଲା, ଯାହାକି ଭାରତ ପାଇଁ ଚିନ୍ତାର ବିଷୟ। ଭ୍ରମଣକାରୀ ଦଳ ଏପରିକି ବିଜୟ ସମ୍ଭାବନା ସୃଷ୍ଟି କରିଥିଲା। ମାତ୍ର ମହମ୍ମଦ ସିରାଜ ଚମତ୍କାର ବୋଲିଂ କରି ସେଥିରେ ଅଙ୍କୁଶ ଲଗାଇଥିଲେ। ମ୍ୟାଚରେ ଶୁବମନ ଗିଲ୍‌ଙ୍କ ଚିତାକର୍ଷକ ଦ୍ୱିଶତକ ଯୋଗୁ ଭାରତ ଏକ ବଡ଼ ସ୍କୋର କରିପାରିଥିଲା। ବିରାଟ କୋହଲି, ଅଧିନାୟକ ରୋହିତ ଶର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଇଶାନ କିଶନ ଆଶାନୁରୂପ ବ୍ୟାଟିଂ କରିପାରି ନ ଥିଲେ। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଗତ ମ୍ୟାଚରୁ କିଛି ଶିକ୍ଷା ଲାଭ କରିଛି। ଏଥର ସେଥିରେ ସୁଧାର ଆଣିବାକୁ ଚେଷ୍ଟା କରିବ। ପ୍ରଥମ ଦିନିକିଆରେ ଫିନ୍ ଆଲେନ୍ କେତୋଟି ଭଲ ଶଟ୍ ଖେଳିଥିଲେ ମାତ୍ର ବଡ଼ ସ୍କୋର କରିପାରି ନ ଥିଲେ। କେନ୍ ୱିଲିୟମ୍ସଙ୍କ ଅନୁପସ୍ଥିତିରେ ଜଣେ କେହି କ୍ରିଜ୍‌ରେ ଅଧିକ ସମୟ ମହଜୁଦ ରହି ଦଳର ଇନିଂସକୁ ଆଗେଇ ନେବା ଆବଶ୍ୟକତା ରହିଛି। ଗିଲ୍‌ଙ୍କଠାରୁ ପ୍ରହାର ଖାଇଥିଲେ ମଧ୍ୟ ହେନ୍‌ରୀ ଶିପ୍‌ଲୀ, ଲୋକି ଫର୍ଗୁସନ ଓ ବ୍ଲେୟାର ଟିକ୍‌ନର ଶନିବାର ମ୍ୟାଚରେ ଉନ୍ନତ ବୋଲିଂ କରିବାକୁ ଚେଷ୍ଟା କରିବେ। ଦଳ ପାଇଁ କର ଅବା ମର ମ୍ୟାଚ ପାଇଁ ଇଶ୍ ସୋଧି ସମ୍ପୂର୍ଣ୍ଣ ଫିଟ୍ ନେସ ଫେରିପାଉଛନ୍ତି କି ନା ତାହା ଶନିବାର ସ୍ପଷ୍ଟ ହେବ।

**ମ୍ୟାଚ ଆରମ୍ଭ: ଅପରାହ୍ନ ୧ଟା ୩୦**

## ଡ୍ର ମ୍ୟାଚରେ ଶୁଭ୍ରାଂଶୁଙ୍କ ଶତକ

**ରଣଜୀ ଟ୍ରଫି**

ଭୁବନେଶ୍ୱର, ୨୦।୧
(କ୍ରୀଡ଼ା ପ୍ରତିନିଧି)

ମିରୁଟରେ ଶୁକ୍ରବାର ଶେଷ ହୋଇଥିବା ଓଡ଼ିଶା-ଉତ୍ତର ପ୍ରଦେଶ ରଣଜୀ ଟ୍ରଫି ମ୍ୟାଚ ଡ୍ର ରହିଛି। ଓଡ଼ିଶା ଦଳର ଅଧିନାୟକ ଶୁଭ୍ରାଂଶୁ ସେନାପତି ଶତକ ହାସଲ କରି ଉଲ୍ଲେଖନୀୟ ସଫଳତା ପାଇଥିବାବେଳେ ଓପନର ଅନୁରାଗ ଷଡ଼ଙ୍ଗୀ ୯୧ ରନର ଇନିଂସ ଖେଳିଛନ୍ତି। ତେବେ ପ୍ରଥମ ଇନିଂସରେ ଅଗ୍ରଣୀ ରହିଥିବାରୁ ଉତ୍ତର ପ୍ରଦେଶ ୩ ପଏଣ୍ଟ ହାସଲ କରିଛି। ଓଡ଼ିଶାକୁ ମାତ୍ର ୧ ପଏଣ୍ଟ ମିଳିଛି। ତୃତୀୟ ଦିବସର ଅସମାପ୍ତ



ସ୍କୋର ୧୫୨/୧ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ୪ର୍ଥ ଦିବସ ଖେଳ ଶେଷ ବେଳକୁ ୪ ଉଇକେଟ ହରାଇ ୩୩୫ ରନ ସଂଗ୍ରହ କରିଥିଲା। ଶୁଭ୍ରାଂଶୁ ୧୭୯ ବଲ୍‌ରୁ ୨୦ ଚୌକା ଓ ୨ ଛକା ସହାୟତାରେ ସର୍ବାଧିକ ୧୪୫ ରନ ସଂଗ୍ରହ କରିଥିଲେ। ୯ ରନପାଇଁ ଶତକରୁ ବଞ୍ଚିତ ହୋଇଥିବା ଅନୁରାଗ ଷଡ଼ଙ୍ଗୀ ୯୧ ରନର ଇନିଂସ ମଧ୍ୟରେ ୧୦ ଚୌକା ଓ ୨ ଛକା ମାରିଥିଲେ। ଗୋବିନ୍ଦ ପୋଦ୍ଦାର ୫୩ ଓ ରାଜେଶ ଧୂପର ୨୨ ରନରେ ଅପରାଜିତ ରହିଥିଲେ। ଉତ୍ତର ପ୍ରଦେଶ ପକ୍ଷରୁ ସୌରଭ କୁମାର ୨ଟି ଏବଂ ଶିବମ୍ ମାଭି ଓ କରନ ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ ୨୨୬। ଉତ୍ତର ପ୍ରଦେଶ ପ୍ରଥମ ଇନିଂସ: ୩୬୨। ଓଡ଼ିଶା ଦ୍ୱିତୀୟ ଇନିଂସ: ୩୩୫/୪ (ଶୁଭ୍ରାଂଶୁ ସେନାପତି-୧୪୫, ଅନୁରାଗ ଷଡ଼ଙ୍ଗୀ-୯୧, ଗୋବିନ୍ଦ ପୋଦ୍ଦାର-୫୩*, ସୌରଭ କୁମାର-୨/୯୮, ଶିବମ୍ ମାଭି-୧/୧/୫୨, କରନ ଶର୍ମା-୧/୭୩)।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ